

ରଜନୀକାନ୍ତଙ୍କୁ ପଛରେ ପକାଇଲେ ରଣବୀର

▶ପୃଷ୍ଠା ୧୧ ଦେଖନ୍ତୁ...

RNI REGD NO: 42041/83
www.sakalaepaper.com
/sakalanews
/sakalanews
www.thesakala.in

# ସକାଳ
# THE SAKALA

PRINTED AT BHUBANESWAR ■ JEYPORE ■ SAMBALPUR ■ PANIKOILI

◆VOLUME- 44 ◆ISSUE-01 ◆THURSDAY ◆25 JUNE 2026 ◆PAGE-12 ◆₹ 7.00 | BHUBANESWAR | ◆ବର୍ଷ-୪୪ ◆ସଂଖ୍ୟା-୦୧ ◆ଗୁରୁବାର ◆୨୫ ଜୁନ୍ ୨୦୨୬ ◆ପୃଷ୍ଠା-୧୨ ◆ଟ.୭.୦୦


## ନୂଆ ବିଏସ୍-୬ ଗାଡ଼ି ପାଇଁ ୩ ବର୍ଷ ପିୟୁସିସି ଭ୍ୟାଲିଡିଟି

### ବଦଳିବ ପଲ୍ୟୁସନ୍ ସାର୍ଟିଫିକେଟ୍ ନିୟମ

■ ନୂଆଦିଲ୍ଲୀ, ୨୪।୬ (ଏଜେନ୍ସି): କେନ୍ଦ୍ର ସରକାର ୨୦୨୦ ରେ ବିଏସ୍-୫(ଭାରତ ଷ୍ଟେଜ୍-୫)କୁ ବାଦ୍ ଦେଇ ସିଧାସଳଖ ବିଏସ୍-୬ ନିୟମ ଲାଗୁ କରିଥିଲେ। କାରଣ ଏହି ଗାଡ଼ିଗୁଡ଼ିକ ବେଶ ପରିବେଶ ଅନୁକୂଳ ଥିଲା। ଏହାର ଅତ୍ୟାଧୁନିକ ଜ୍ଞାନକୌଶଳ ତଥା ପରିବେଶ ଅନୁକୂଳ ଇଞ୍ଜିନ୍ ଯୋଗୁଁ ନୂଆ ଗାଡ଼ିଗୁଡ଼ିକର ବାରମ୍ବାର ପଲ୍ୟୁସନ ଯାଞ୍ଚ ନିୟମ।।ରେ କୋହଳ କରିବାକୁ ସରକାର ଯୋଜନା ଚଳାଇଛନ୍ତି। ବର୍ତ୍ତମାନ କେନ୍ଦ୍ର ସରକାର ବିଏସ୍-୬ ଇଞ୍ଜିନ୍ ଥିବା ଗାଡ଼ିଗୁଡ଼ିକ ପାଇଁ 'ପଲ୍ୟୁସନ ଅଣ୍ଡର କଣ୍ଟ୍ରୋଲ୍ (ପିୟୁସି) ସାର୍ଟିଫିକେଟ୍‌ର ବୈଧତା ୧ ବର୍ଷରୁ ୩ ବର୍ଷକୁ ବୃଦ୍ଧି କରିବା ନେଇ ବିଚାର କରୁଛନ୍ତି। ୨୦୨୦ ଏପ୍ରିଲ୍ ପହିଲା ପରେ କିଣାଯାଇଥିବା ଯାନବାହାନ ପାଇଁ ଏହି ନିୟମ ଲାଗୁ ହେବ, କିନ୍ତୁ ପୁରୁଣା ଗାଡ଼ିଗୁଡ଼ିକ ପାଇଁ ନିୟମ ଆହୁରି କଡ଼ାକଡ଼ି କରାଯିବ।

ପିୟୁସି ସାର୍ଟିଫିକେଟ ନ ଥିଲେ ପ୍ରଥମ ଥର ପାଇଁ ଚାଳକଙ୍କର ୧,୦୦୦ରୁ ୧୦,୦୦୦ ଟଙ୍କା ପର୍ଯ୍ୟନ୍ତ ଚାଲାଣ କଟିପାରେ। ସେହିପରି ବାରମ୍ବାର ଭୁଲ୍ କଲେ ପ୍ରତିଥର ଅତିରିକ୍ତ ୨,୦୦୦ ଟଙ୍କା ଫାଇନ୍ ଦେବାକୁ ପଡ଼ିବା ସହିତ ଡ୍ରାଇଭିଂ ଲାଇସେନ୍ସକୁ ୩ ମାସ ପର୍ଯ୍ୟନ୍ତ ବାତିଲ ମଧ୍ୟ କରାଯାଇପାରେ। ବାଣିଜ୍ୟିକ ବିଏସ୍-୬ ଯାନଗୁଡ଼ିକ ପାଇଁ ନିୟମ ଭିନ୍ନ ହୋଇପାରେ। ସରକାର କହିଛନ୍ତି ଯେ ବିଏସ୍-୬ ଯାନଗୁଡ଼ିକ ପୁରୁଣା ମଡେଲ ତୁଳନାରେ ଯଥେଷ୍ଟ କମ୍ ପ୍ରଦୂଷଣ ▶ପୃଷ୍ଠା-୧୦

## କୋଲକାତାରେ ନିର୍ମାଣାଧୀନ ଗୋଦାମ ଭୁଶୁଡ଼ି ୭ ମୃତ



### ଏବେ ବି ଫସି ରହିଛନ୍ତି ୧୫ ଶ୍ରମିକ

■ କୋଲକାତା, ୨୪।୬ (ଏଜେନ୍ସି): କୋଲକାତାର ତାରାତଲା ଅଞ୍ଚଳରେ ବୁଧବାର ଏକ ନିର୍ମାଣାଧୀନ ତିନି ମହଲା ଗୋଦାମ ଘର ହଠାତ୍ ଭୁଶୁଡ଼ି ପଡ଼ିଛି। ଫଳରେ ୭ ଜଣ ଶ୍ରମିକ ଏଥିରେ ଚାପି ହୋଇ ପ୍ରାଣ ହରାଇଛନ୍ତି ଏବଂ ଅନେକ ଆହତ ହୋଇଛନ୍ତି। ଅତିକମ୍‌ରେ ୧୫ ଶ୍ରମିକ ଭଗ୍ନସ୍ତୂପ ତଳେ ଚାପି ହୋଇ ରହିଥିବା ଅନୁମାନ କୁହାଯାଇଛି। ପ୍ରଶାସନ ପକ୍ଷରୁ ଯୁଦ୍ଧକାଳୀନ ଭିତ୍ତିରେ ଉଦ୍ଧାର କାର୍ଯ୍ୟ ଜାରି ରହିଛି। ଉଦ୍ଧାର କାର୍ଯ୍ୟରେ ଭାରତୀୟ ସେନାର ୪ଟି ଦଳ ସାମିଲ ହୋଇଛନ୍ତି। ଏହା ସହିତ ଏନ୍‌ଡିଆରଏଫ, ଏସଡିଆରଏଫ, କୋଲକାତା ପୁଲିସ ଏବଂ ଅଗ୍ନିଶମ ବାହିନୀ ମିଳିତ ଭାବେ କାର୍ଯ୍ୟ କରୁଛନ୍ତି। ଭଗ୍ନସ୍ତୂପ ତଳେ ଜୀବିତ ଥିବା ଲୋକଙ୍କୁ ଖୋଜିବା ପାଇଁ ସନ୍ଧାନୀ କୁକୁର ଏବଂ ଡ୍ରୋନ ସାହାଯ୍ୟ ▶ପୃଷ୍ଠା-୧୦

### ପିଲାଙ୍କ ପଢ଼ା ବହିରେ ତ୍ରୁଟି


# ସରିଲା ତଦନ୍ତ; କାର୍ଯ୍ୟାନୁଷ୍ଠାନ କେବେ ?

## ସାର୍ବଜନୀନ ହେବ ତ ରିପୋର୍ଟ !

■ ଭୁବନେଶ୍ୱର, ୨୪।୬ (ସମିସ): ପିଲାଙ୍କ ପଢ଼ା ବହିରେ ମାଳମାଳ ତ୍ରୁଟି ଘଟଣାର ତଦନ୍ତ ପାଇଁ ଉନ୍ନୟନ କମିସନର ଦେଓ ରଞ୍ଜନ କୁମାର ସିଂହଙ୍କ ନେତୃତ୍ୱରେ ଗଠିତ ୩ ଜଣିଆ କମିଟିର ଅବଧି ଆଜି ସରିଛି। ୭ ଦିନ ଧରି ତନାଘନା କରିବା ପରେ ପୁସ୍ତକ ପ୍ରସ୍ତୁତିରେ କାହାର ଭୂମିକା କ'ଣ ରହିଥିଲା ଓ କିଏ ଉତ୍ତରଦାୟୀ, କମିଟି ତାହା ଅନୁଧ୍ୟାନ କରିଛି। ଆଜି ସକାଳେ କମିଟିର ଅନ୍ୟତମ ସଦସ୍ୟ ତଥା ଓଡ଼ିଆ ଭାଷା ସାହିତ୍ୟ ଓ ସଂସ୍କୃତି ବିଭାଗ ସଚିବ ବିଜୟ କେତନ ଉପାଧ୍ୟାୟ ଏବଂ ଗଣଶିକ୍ଷା ବିଭାଗ ସଚିବ ଏନ୍ ତିରୁମାଳା ନାୟକଙ୍କ ସହ ଏସ୍‌ସିଇଆର୍‌ଟି କାର୍ଯ୍ୟାଳୟରେ ପହଞ୍ଚି ତନାଘନା କରିଛନ୍ତି। ଦୀର୍ଘ ସମୟ ପର୍ଯ୍ୟନ୍ତ ବିଭିନ୍ନ ତଥ୍ୟ ଯାଞ୍ଚ କରିବା ପରେ ଏକାଧିକ ଫାଇଲ ନେଇଛନ୍ତି। ମୁଖ୍ୟତଃ କଣ୍ଟେଣ୍ଟ ପ୍ରସ୍ତୁତି ଓ ବିକଶିତ କରାଯାଇଥିବା ଦସ୍ତାବିଜ୍‌କୁ ତନ୍ନତନ୍ନ କରି ଯାଞ୍ଚ କରିଛନ୍ତି।

ମୁଖ୍ୟମନ୍ତ୍ରୀଙ୍କ ପୂର୍ବ ନିର୍ଦ୍ଦେଶକ୍ରମେ କମିଟି ଆସନ୍ତାକାଲି ଚୂଡ଼ାନ୍ତ ତଦନ୍ତ ରିପୋର୍ଟ ଦାଖଲ କରିପାରେ ବୋଲି ବିଶ୍ୱସ୍ତ ସୂତ୍ରରୁ ଜଣାପଡ଼ିଛି। ତଦନ୍ତ ସରିବା ପରେ ଅଧିକାରୀଙ୍କ ମଧ୍ୟରେ ଛନକା ପଶିଛି। କେଉଁ ଅଧିକାରୀଙ୍କ ବିରୋଧରେ କେବେ ଓ କ'ଣ କାର୍ଯ୍ୟାନୁଷ୍ଠାନ ହେବ, ତାହାକୁ ନେଇ କ୍ଷମତା କରିଡରରେ ଆଲୋଚନା ଜୋର୍ ଧରିଛି। ଦିନକୁ ଦିନ ପୁସ୍ତକରେ ଥିବା ମାଳମାଳ ତ୍ରୁଟି ଲୋକଲୋଚନକୁ ଆସୁଥିବାରୁ ସରକାର ଅକଳରେ ▶ପୃଷ୍ଠା-୧୦

## ଇଂରାଜୀ ବହିରେ ଓଡ଼ିଆ ରଜଦୋଳି ଗୀତ !




■ ଭୁବନେଶ୍ୱର, ୨୪।୬ (ସମିସ): ପ୍ରଥମରୁ ଅଷ୍ଟମ ଶ୍ରେଣୀ ବହିରେ ମାଳମାଳ ତ୍ରୁଟି ପାଇଁ ସରକାର ଏବେ ବିଭିନ୍ନ ମହଲରେ କଡ଼ା ସମାଲୋଚନାର ଶିକାର ହୋଇଛନ୍ତି। ବିଦ୍ୟାଳୟ ଓ ଗଣଶିକ୍ଷା ମନ୍ତ୍ରୀ ଏହାକୁ ସାମାନ୍ୟ ଓ ସାଧାରଣ କଥା ବୋଲି ଉଲ୍ଲେଖ କରି ଢ଼ାଙ୍କିବାକୁ ଉଦ୍ୟମ କରିଥିଲେ ବି ଏହି ପ୍ରସଙ୍ଗ ଏବେ ଜାତୀୟ ଗଣମାଧ୍ୟମରେ ଶିରୋନାମା ପାଲଟିଛି। ପ୍ରତିଦିନ ଓଡ଼ିଆ ବହିରେ ରହିଥିବା ଭୁଲକୁ ନେଇ ସାମାଜିକ ଗଣମାଧ୍ୟମରେ ନୂଆନୂଆ କଥା ଶୁଣିବାକୁ ମିଳୁଛି। ଏହି କ୍ରମରେ ପଞ୍ଚମ ଶ୍ରେଣୀ ଇଂରାଜୀ ବହିରେ ଓଡ଼ିଆ ରଜ ଦୋଳିଗୀତ ସ୍ଥାନ ପାଇଥିବା ଜଣା ପଡ଼ିବା ପରେ ଅଭିଭାବକ ଓ ସାଧାରଣ ଲୋକେ ସରକାରଙ୍କୁ ସିଧା ନିଶାଣ କରିଛନ୍ତି। ଓଡ଼ିଆ ଅସ୍ମିତା ଇଂରାଜୀ ଆଡ଼କୁ ମାଡ଼ିଗଲା ବୋଲି ବି ସମାଲୋଚନା କରିଛନ୍ତି। ଏପରିକି ବିଦ୍ୟାଳୟ ଓ ଗଣଶିକ୍ଷା ବିଭାଗ ଓଡ଼ିଆ ଅସ୍ମିତା ଓ ଓଡ଼ିଆ ଭାଷାର ବସ୍ତ୍ରହରଣ କରିଥିବା ▶ପୃଷ୍ଠା-୧୦

### ଯୁଦ୍ଧ ବନ୍ଦ ପାଇଁ ଆମେରିକା ସଂସଦର ନିର୍ଦ୍ଦେଶ

# ମୁଁ ମାନିବାକୁ ବାଧ୍ୟ ନୁହେଁ



■ ୱାଶିଂଟନ, ୨୪।୬ (ଏଜେନ୍ସି): ଆମେରିକା ରାଷ୍ଟ୍ରପତି ଡୋନାଲ୍ଡ ଟ୍ରମ୍ପଙ୍କୁ ଏକ ବଡ଼ ରାଜନୈତିକ ଝଟକା ଦେଇ ଦେଶର ସଂସଦ ଇରାନ ବିରୋଧରେ ଚାଲିଥିବା ସାମରିକ କାର୍ଯ୍ୟାନୁଷ୍ଠାନ ବନ୍ଦ କରିବାକୁ ପ୍ରସ୍ତାବ ପାରିତ କରିଛି। ପୂର୍ବରୁ ପ୍ରତିନିଧି ସଭାରେ ପାସ୍ ହୋଇଥିବା ଏହି ପ୍ରସ୍ତାବକୁ ଗତକାଲି ସିନେଟ୍ ମଧ୍ୟ ଅନୁମୋଦନ ପ୍ରଦାନ କରିଛି। ତେବେ ଟ୍ରମ୍ପ ସଂସଦର ଏହି ଆଦେଶକୁ ସମାଲୋଚନା କରିବା ସହିତ ଏହାକୁ ମାନିବା ଲାଗି ସେ ବାଧ୍ୟ ନୁହନ୍ତି ବୋଲି କହିଛନ୍ତି।

ଗତକାଲି ସିନେଟରେ ହୋଇଥିବା ମତଦାନରେ ରାଷ୍ଟ୍ରପତି ଟ୍ରମ୍ପଙ୍କ ରିପବ୍ଲିକାନ ପାର୍ଟିର କିଛି ସଦସ୍ୟ ମଧ୍ୟ ବିରୋଧୀଙ୍କ ସହ ହାତ ମିଳାଇଥିବା ଦେଖିବାକୁ ମିଳିଛି। ସିନେଟରେ ଏହି ଯୁଦ୍ଧ କ୍ଷମତା ସଂକ୍ରାନ୍ତୀୟ ପ୍ରସ୍ତାବ ୫୦-୪୮ ଭୋଟରେ ଗୃହୀତ ହୋଇଛି। ଟ୍ରମ୍ପଙ୍କ ରିପବ୍ଲିକାନ ପାର୍ଟିର ୪ ଜଣ ସଦସ୍ୟ ଦଳୀୟ ଆଭିମୁଖ୍ୟ ବିରୋଧରେ ଯାଇ ଡେମୋକ୍ରାଟ ପ୍ରସ୍ତାବ ସପକ୍ଷରେ ଭୋଟ ଦେଇଛନ୍ତି। ଏହା ପୂର୍ବରୁ ଚଳିତ ମାସ ଆରମ୍ଭରେ ନିମ୍ନ ସଦନ ପ୍ରତିନିଧି ସଭା ମଧ୍ୟ ୨୧୫-୨୦୮ ଭୋଟରେ ଏହି ପ୍ରସ୍ତାବକୁ ଅନୁମୋଦନ କରିଥିଲା। ଫଳରେ ସଂସଦ ଏହି ପ୍ରସ୍ତାବ ପାସ୍ କରି ଟ୍ରମ୍ପଙ୍କ ଉପରେ ଯୁଦ୍ଧ ଅଙ୍କୁଶ ଲଗାଇଦେଇଛି।

ଯୁଦ୍ଧ ବନ୍ଦ କରିବା ଲାଗି ଇରାନ ସହିତ ଚୂଡ଼ାନ୍ତ ଚୁକ୍ତି ପାଇଁ କଥାବାର୍ତ୍ତା ଚାଲିଥିବା ବେଳେ ସଂସଦର ଏଭଳି ପ୍ରସ୍ତାବ ଟ୍ରମ୍ପଙ୍କ ପାଇଁ ଅପ୍ରୀତିକର ପରିସ୍ଥିତି ସୃଷ୍ଟି କରିଛି। କଥାବାର୍ତ୍ତା ବେଳେ ଇରାନ ଟ୍ରମ୍ପ ପ୍ରଶାସନକୁ ବିଶେଷ ଗୁରୁତ୍ୱ ଦେଇନପାରେ ବୋଲି କୁହାଯାଉଛି। କାରଣ ଯୁଦ୍ଧ ପାଇଁ ଆମେରିକାର ସଂସଦ ଟ୍ରମ୍ପଙ୍କ ହାତ ବାନ୍ଧିଦେଇଥିବାରୁ ଏଥିରୁ ଇରାନ ଫାଇଦା ନେବାକୁ ଉଦ୍ୟମ କରିପାରେ। ସେଥିପାଇଁ ଟ୍ରମ୍ପ ଏହି ପ୍ରସ୍ତାବର ସମାଲୋଚନା କରି କହିଛନ୍ତି ଯେ ଏଭଳି ସମୟରେ ଏହି ପ୍ରସ୍ତାବ ଆସିବାର ନଥିଲା।

୧୯୭୩ର 'ୱାର ପାୱାର୍ସ ଆକ୍ଟ' ଅନୁଯାୟୀ ଆମେରିକା ଇତିହାସରେ ଏହା ପ୍ରଥମ ଥର, ଯେଉଁଠାରେ ସଂସଦର ଉଭୟ ଗୃହ ଜଣେ ରାଷ୍ଟ୍ରପତିଙ୍କୁ ସାମରିକ କାର୍ଯ୍ୟାନୁଷ୍ଠାନ ବନ୍ଦ କରିବାକୁ ନିର୍ଦ୍ଦେଶ ଦେଇଛନ୍ତି। ଗତ ଫେବୃଆରୀ ୨୮ରୁ ଇରାନ ସହ ଆରମ୍ଭ ▶ପୃଷ୍ଠା-୧୦

## ସାମୁଦ୍ରିକ ବାଣିଜ୍ୟ ପ୍ରଗତିର ପ୍ରବେଶ ପଥ: ମୁଖ୍ୟମନ୍ତ୍ରୀ




### ସଂଘୀୟ ବ୍ୟବସ୍ଥା ପ୍ରତି ପ୍ରଧାନମନ୍ତ୍ରୀଙ୍କ ଆଭିମୁଖ୍ୟ ପ୍ରତିଫଳିତ

■ ଭୁବନେଶ୍ୱର, ୨୪।୬ (ସମିସ): ବୁଧବାର ଲୋକସେବା ଭବନରେ ଅନୁଷ୍ଠିତ ହୋଇଛି ଚତୁର୍ଦ୍ଦଶ ମଲ୍ଟି ଏଜେନ୍ସି ମାରିଟାଇମ୍ ସିକ୍ୟୁରିଟି ଗ୍ରୁପ୍ (ପଲିସି) ବୈଠକ। ପ୍ରଥମ ଥର ପାଇଁ ଦିଲ୍ଲୀ ବାହାରେ ଅନୁଷ୍ଠିତ କାର୍ଯ୍ୟକ୍ରମକୁ ଉଦ୍‌ଘାଟନ କରି ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ କହିଛନ୍ତି ଯେ ଆମର ସମୁଦ୍ର କେବଳ ଏକ ଭୌଗୋଳିକ ସୀମା ନୁହେଁ; ଏହା ବ୍ୟାପକ ସୁଯୋଗ, ସମୃଦ୍ଧି ଏବଂ ଆନ୍ତର୍ଜାତୀୟ ସହଭାଗିତାର ପ୍ରବେଶ ପଥ। ଭାରତ ଆଜି ବିଶ୍ୱରେ ଏକ ପ୍ରମୁଖ ସାମୁଦ୍ରିକ ଶକ୍ତି ଭାବେ ଉଭା ହେଉଛି। ଓଡ଼ିଶାରେ ଏହି ଉଚ୍ଚସ୍ତରୀୟ ଜାତୀୟ ବୈଠକର ଆୟୋଜନ ହେବା ଦେଶର ସଂଘୀୟ ବ୍ୟବସ୍ଥା ପ୍ରତି ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀଙ୍କ ଆଭିମୁଖ୍ୟକୁ ପ୍ରତିଫଳିତ କରୁଛି ବୋଲି ସେ କହିଛନ୍ତି।

ମୁଖ୍ୟମନ୍ତ୍ରୀ କହିଛନ୍ତି ଯେ ଆମର ସମୁଦ୍ର, ବନ୍ଦର, ମତ୍ସ୍ୟ ସମ୍ପଦ ଏବଂ ନୀଳ ଅର୍ଥନୀତି ଆମର ମହତ୍ତ୍ୱପୂର୍ଣ୍ଣ ଜାତୀୟ ସମ୍ପତ୍ତି। ଏଗୁଡ଼ିକର ସୁରକ୍ଷା କେବଳ ଦେଶର ସୁରକ୍ଷା ପାଇଁ ଜରୁରୀ ନୁହେଁ, ବରଂ ଆର୍ଥିକ ବିକାଶ ଓ ସମୁଦ୍ର ଉପରେ ନିର୍ଭର କରୁଥିବା ଲକ୍ଷ ଲକ୍ଷ ଉପକୂଳବାସୀଙ୍କ ଜୀବିକାର କଲ୍ୟାଣ ପାଇଁ ଅତ୍ୟନ୍ତ ଜରୁରୀ। ଆଜିର ସମୟରେ ସାମୁଦ୍ରିକ ସୁରକ୍ଷା କେବଳ ପାରମ୍ପରିକ ଆଇନ-ଶୃଙ୍ଖଳା ମଧ୍ୟରେ ସୀମିତ ନାହିଁ, ବରଂ ଏଥିରେ ଭିତ୍ତିଭୂମିର ସୁରକ୍ଷା, ସାଇବର ସୁରକ୍ଷା, ବିପର୍ଯ୍ୟୟ ପରିଚାଳନା ଏବଂ ପରିବେଶ ସୁରକ୍ଷା ଭଳି ଅନେକ ଆହ୍ୱାନ ରହିଛି। ବଙ୍ଗୋପସାଗର ତଟରେ ଓଡ଼ିଶାର ପ୍ରାୟ ୫୭୫ କିଲୋମିଟର ଦୀର୍ଘ ତଟରେଖା ରହିଛି। ବର୍ତ୍ତମାନ ଭାରତର ସାମୁଦ୍ରିକ ବିକାଶ ଗାଥାରେ ଓଡ଼ିଶା ପ୍ରମୁଖ ଭୂମିକା ଗ୍ରହଣ କରୁଛି। ରାଜ୍ୟର ସାମୁଦ୍ରିକ ରଣନୀତିକ ସ୍ଥିତିକୁ ଅଧିକ ମଜବୁତ କରିବା ପାଇଁ ଗଞ୍ଜାମଠାରେ ଏକ ▶ପୃଷ୍ଠା-୧୦

### ବାଣ ଭିଡ଼ିବା ବେଳେ ବିସ୍ଫୋରଣ

## ପୁଅ ମୃତ; ବାପା, ମାଆ ଗୁରୁତର



■ ସାନଖେମୁଣ୍ଡି ୨୪।୬ (ସମିସ): ଗଞ୍ଜାମ ଜିଲ୍ଲା ସାନଖେମୁଣ୍ଡି ବ୍ଲକ ପାଟପୁର ଥାନା ସିଙ୍ଗିପୁର ଗ୍ରାମରେ ବାଣ ବିସ୍ଫୋରଣ।।ରେ ପୁଅ ପ୍ରାଣ ହରାଇଥିବା ବେଳେ ବାପା-ମାଆ ଗୁରୁତର ଆହତ ହୋଇଛନ୍ତି। ମୃତକ ହେଲେ ସିଙ୍ଗିପୁର ଗ୍ରାମର ଆକାଶ ଦାସ (୨୧), ଗୁରୁତର ବାପା ଜଣଙ୍କ ହେଲେ ସନ୍ତୋଷ ଦାସ ଓ ମାଆ ବିଷ୍ଣୁ ପ୍ରିୟା ଦାସ। ସୂଚନା ମୁତାବକ ବୁଧବାର ସନ୍ଧ୍ୟାରେ ସନ୍ତୋଷ ଦାସଙ୍କ ଘରେ ଅଚାନକ ବାଣ ବିସ୍ଫୋରଣ ହୋଇଥିଲା। ଏହି ସମୟରେ ଘରେ ଥିବା ଆକାଶ ଦାସଙ୍କ ମୃତ୍ୟୁ ଘଟିଥିଲା। ତାଙ୍କ ବାପା ସନ୍ତୋଷ ଦାସ ଓ ମାଆ ବିଷ୍ଣୁ ପ୍ରିୟା ଦାସ ଗୁରୁତର ଆହତ ହୋଇଥିଲେ। ଘର ଛପର ସମ୍ପୂର୍ଣ୍ଣ ଉଡ଼ି ଯାଇଥିବା ବେଳେ ପଡ଼ିଶା ଘର କାନ୍ଥ ମଧ୍ୟ ଭାଙ୍ଗି ନଷ୍ଟ ହୋଇଯାଇଛି। ପାଟପୁର ପୋଲିସ ଆହତ ଓ ମୃତକକୁ ଉଦ୍ଧାର କରି ଦିଗପହଣ୍ଡି ଗୋଷ୍ଠୀ ସ୍ୱାସ୍ଥ୍ୟ କେନ୍ଦ୍ରରେ ଭର୍ତ୍ତି କରିଥିଲେ। ସନ୍ତୋଷ ଦାସ ବାଣ ଭିଡୁଥିବା ବେଳେ ବିସ୍ଫୋରଣ ହୋଇଥିବା ସନ୍ଦେହ କରାଯାଉଛି।

### ରଥ ପୂର୍ବରୁ ପୁରୀ ଅଶାନ୍ତ

## ହୋଟେଲ ମାଲିକଙ୍କୁ ହତ୍ୟା



ଅଭିଯୁକ୍ତକୁ ପୁଲିସ୍‌ର ଏନ୍‌କାଉଣ୍ଟର

■ ପୁରୀ, ୨୪।୬ (ସମିସ): ଆଗକୁ ମହାପ୍ରଭୁଙ୍କ ପବିତ୍ର ରଥଯାତ୍ରା। ଶୃଙ୍ଖଳିତ ଘୋଷଯାତ୍ରା ପାଇଁ ପୁଲିସ ପ୍ରସ୍ତୁତି ଚଳାଇଥିବା ବେଳେ ଅଶାନ୍ତ ହୋଇପଡ଼ିଛି ପୁରୀ। ଆଇନ ଶୃଙ୍ଖଳା ପାଇଁ ତୁହାକୁ ତୁହା ବୈଠକ ଚାଲିଛି, କିନ୍ତୁ ଅପରାଧୀମାନେ ଏହାକୁ ଖୋଲାଖୋଲି ଚାଲେଞ୍ଜ କରିବାରେ ଲାଗିଛନ୍ତି। ଗତକାଲି ବିଳମ୍ବିତ ରାତିରେ ଘଟିଥିବା ହତ୍ୟାକାଣ୍ଡରୁ ଏହା ସ୍ପଷ୍ଟ ହୋଇଯାଇଛି।

ମଙ୍ଗଳବାର ବିଳମ୍ବିତ ରାତିରେ ବଳିଆପଣ୍ଡା ଥାନା ଅଞ୍ଚଳରେ ହୋଟେଲ ମାଲିକଙ୍କୁ ବୀଭତ୍ସ ଭାବେ ହତ୍ୟା କରାଯାଇଛି। ମୃତକ ହେଉଛନ୍ତି ବଳିଆପଣ୍ଡା ଥାନା ଧବଳେଶ୍ୱର ମନ୍ଦିର ନିକଟରେ ଥିବା ହୋଟେଲ 'ମନୋରମା' ରେସିଡେନ୍ସିର ମାଲିକ ପବିତ୍ର ନାୟକ। ତେବେ ହତ୍ୟାକାଣ୍ଡର କେଇଘଣ୍ଟା ମଧ୍ୟରେ ପୁଲିସ ଅଭିଯୁକ୍ତକୁ ଏନକାଉଣ୍ଟର କରିଛି। ହତ୍ୟାର ମୁଖ୍ୟ ଅଭିଯୁକ୍ତ କୁହାଯାଉଥିବା ସେହି ହୋଟେଲର ମ୍ୟାନେଜର ଚନ୍ଦନ କୁମାର ପଲ୍ଲାରକୁ ଏନ୍‌କାଉଣ୍ଟର କରିଛି ପୁଲିସ। ତେବେ ହତ୍ୟାକାଣ୍ଡର ପ୍ରକୃତ କାରଣ ସ୍ପଷ୍ଟ ହୋଇ ନ ଥିବାବେଳେ ସେହି ହୋଟେଲ ପାଇଁ ଏହି ହତ୍ୟାକାଣ୍ଡ ଘଟିଥିବା ପୁଲିସ ଅନୁସନ୍ଧାନରୁ ଜଣାପଡ଼ିଛି। ଅଭିଯୁକ୍ତ ▶ପୃଷ୍ଠା-୧୦




### ତଦନ୍ତରେ ସୀମିତ କାର୍ଯ୍ୟାନୁଷ୍ଠାନ

# ଜେଲ୍‌ବାବୁଙ୍କୁ ବାନ୍ଧିବ କିଏ ?

### ସବୁ ଦେଖି ନିରବ ରହୁଛନ୍ତି ବିଭାଗୀୟ ମୁଖିଆ
### ବଡ଼ବଡ଼ିଆଙ୍କୁ ସୁରକ୍ଷା ପାଇଁ ତଳତଳିଆଙ୍କୁ ବଳି

■ ଭୁବନେଶ୍ୱର ୨୪।୬ (ସମିସ): ରାଜ୍ୟର ଜେଲ୍ ବିଭାଗକୁ ଶନି ଦଶା ପଡ଼ିଛି। କେତେବେଳେ ପାଚେରି ଡେଇଁ କଏଦୀ ଫେରାର ହୋଇ ଯାଉଛନ୍ତି ତ ଆଉ କେତେବେଳେ ଗ୍ୟାଙ୍ଗଷ୍ଟରର ଗାଡ଼ି ଜେଲ୍ ଭିତରକୁ ପଶୁଛି। ପୁଣି କେତେବେଳେ ନିଶା ବଟିକା ଓ କଫସିରପ୍ ଖାଇ ଅଧ ଡଜନ ଅନ୍ତେବାସୀ ଅସୁସ୍ଥ ହୋଇ ଯାଉଛନ୍ତି। ଏଇଭଳି ଅଘଟଣ ଜେଲ୍ ସୁରକ୍ଷାରେ ତ୍ରୁଟି ପରିଲକ୍ଷିତ ହେଉଥିବା ସ୍ପଷ୍ଟ ହୋଇଛି। ବାରମ୍ବାର ତ୍ରୁଟି ସାମ୍ନାକୁ ଆସୁଥିଲେ ମଧ୍ୟ କାର୍ଯ୍ୟାନୁଷ୍ଠାନ କେବଳ 'ତଦନ୍ତ' ମଧ୍ୟରେ ସୀମିତ ରହିଯାଉଛି। ଆଉ ସବୁଠାରୁ ଆଶ୍ଚର୍ଯ୍ୟଜନକ କଥା ହେଉଛି, ତଦନ୍ତ ରିପୋର୍ଟ ପାଇ ମଧ୍ୟ ମୁଖିଆ ଚୁପ୍ ବସିଛନ୍ତି। କେବଳ ଘଟଣା ଉପରୁ ନଜର ହଟାଇବା ଲାଗି ସମୟ ସମୟରେ ତଳିଆ କର୍ମଚାରୀଙ୍କୁ ବଳି ପକାଇ ଦିଆଯାଉଥିବା ବେଳେ ବଡ଼ବଡ଼ିଆଙ୍କ ଦେହରେ କେହି ଟିପ ମାରୁନାହାନ୍ତି ।

ଖୋର୍ଦ୍ଧା ଜେଲରେ ନିଶା କାରବାର ଖବରପାଇ ଗତମାସ ୨୭ ତାରିଖ ଦିନ ଜେଲ୍ ବିଭାଗର ବରିଷ୍ଠ ଅଧିକାରୀମାନେ ଚଢ଼ଉ କରିଥିଲେ। ଅନ୍ତେବାସୀ ରହୁଥିବା ବିଭିନ୍ନ ୱାର୍ଡରୁ ବିପୁଳ ପରିମାଣର ବ୍ରାଉନସୁଗର ଓ ମୋବାଇଲ ଫୋନ୍ ଜବତ କରିଥିଲେ। ବେଆଇନ ବ୍ରାଉନସୁଗର ଜବତ ହୋଇଥିଲେ ମଧ୍ୟ ଜେଲ୍ ପକ୍ଷରୁ ସ୍ଥାନୀୟ ଥାନାରେ ଏତଲା ଦିଆଯାଇନଥିଲା। କେବଳ ଘଟଣାରୁ ନଜର ହଟାଇବାକୁ ୨ ଜଣ ତଳିଆ ଅଧିକାରୀଙ୍କୁ ଅନ୍ୟ ଜେଲକୁ ବଦଳି କରି ଦିଆଯାଇଥିଲା। ପାଣିକୋଇଲି ଅଳଙ୍କାର ଦୋକାନ ଲୁଟ୍ ଓ ହତ୍ୟା ଘଟଣାର ଅଭିଯୁକ୍ତ ମଧୁକାନ୍ତ ରଣା ଓ ରାଜା ସାହାଣୀ ଗତବର୍ଷ ଅକ୍ଟୋବର ୩ ତାରିଖ ରାତିରେ ଚୌଦ୍ୱାର ଜେଲ୍ ପାଚେରି ଡେଇଁ ଫେରାର ହୋଇଯାଇଥିଲେ। ବିଭାଗର ନିର୍ଦ୍ଦେଶ କ୍ରମେ ଜେଲ୍ ଡିଆଇଜି ବିଭାଗୀୟ ତଦନ୍ତ କରି ଦାଖଲ କରିଥିବା ରିପୋର୍ଟରେ ସାଙ୍ଘାତିକ କଥା ଉଲ୍ଲେଖ କରିଥିଲେ। ପୂର୍ବରୁ ମଧୁକାନ୍ତ ଓ ରାଜା ପୂର୍ବରୁ ମଧ୍ୟ ଜେଲରୁ ଖସିଯିବା ପାଇଁ ଉଦ୍ୟମ କରିଥିବା ଚୌଦ୍ୱାର ଜେଲ୍ କର୍ତ୍ତୃପକ୍ଷ ଜାଣିଥିଲେ। ଖାଲି ଜାଣି ନ ଥିଲେ, ସେମାନେ ରହୁଥିବା ହାଇ ସିକ୍ୟୁରିଟି ସେଲ୍ କାନ୍ଥରେ ୮/୯ ଇଞ୍ଚର ଗାତ ଠାବ କରିଥିବା ବେଳେ ୨ଟି ନୂଆ ଆରି, ଗୋଟିଏ ନୂଆ ବ୍ଲେଡ୍, ହାତ ତିଆରି ଛୁରି ଜବତ କରିଥିଲେ। ଘଟଣାର ପୂର୍ବଦିନ ଅର୍ଥାତ୍ ୨ ତାରିଖ ଦିନ ସକାଳେ ଜେଲର ବରିଷ୍ଠ ଅଧୀକ୍ଷକ ସୁଜିତ ରାଉଳ ମାତ୍ର ଘଣ୍ଟାକ ପାଇଁ ଅଫିସ୍ ଆସି ପୁଣି ଫେରି ଯାଇଥିଲେ। ସିସିଟିଭି କ୍ୟାମେରା ଫୁଟେଜ ଓ ଇନ୍ ▶ପୃଷ୍ଠା-୧୦

## ୪ରେ ଖାମେନେଇଙ୍କ ଅନ୍ତ୍ୟେଷ୍ଟି; ପ୍ରଧାନମନ୍ତ୍ରୀ ମୋଦୀଙ୍କୁ ନିମନ୍ତ୍ରଣ

ତେହେରାନ, ୨୪।୬(ଏଜେନ୍ସି): ଇରାନର ପୂର୍ବତନ ସର୍ବୋଚ୍ଚ ନେତା ଆୟାତୋଲ୍ଲା ଅଲି ଖାମେନେଇଙ୍କ ରାଷ୍ଟ୍ରୀୟ ଅନ୍ତ୍ୟେଷ୍ଟିକ୍ରିୟାରେ ଯୋଗଦେବା ପାଇଁ ଇରାନ ରାଷ୍ଟ୍ରପତି ମାସୁଦ ପେଜେସ୍କିଆନ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀଙ୍କୁ ନିମନ୍ତ୍ରଣ କରିଛନ୍ତି। ଜୁଲାଇ ୪ରୁ ଏହି ଶୋକ ସଭା କାର୍ଯ୍ୟକ୍ରମ ଆରମ୍ଭ ହେବ। ଗତ ଫେବୃଆରୀ ୨୮ରେ ଇସ୍ରାଏଲ ଏବଂ ଆମେରିକାର ମିଳିତ ବାୟୁସେନା ଆକ୍ରମଣରେ ଖାମେନେଇଙ୍କ ମୃତ୍ୟୁ ଘଟିଥିଲା। ପୂର୍ବରୁ ମାର୍ଚ୍ଚ ୪ରେ ତାଙ୍କର ଅନ୍ତ୍ୟେଷ୍ଟିକ୍ରିୟା ହେବାର ଥିଲା। କିନ୍ତୁ ଯୁଦ୍ଧ ପରିସ୍ଥିତି ଏବଂ ପ୍ରବଳ ଜନସମାଗମ ଆଶଙ୍କାରେ ଏହାକୁ ସ୍ଥଗିତ ରଖାଯାଇଥିଲା। ତେବେ ପ୍ରଧାନମନ୍ତ୍ରୀ ମୋଦୀ ଏହି କାର୍ଯ୍ୟକ୍ରମରେ ଯୋଗ ଦେବେ କି ନାହିଁ ସେ ନେଇ କୌଣସି ଆଧିକାରିକ ଘୋଷଣା କରାଯାଇ ନାହିଁ।

## ସଂସଦରେ ଅଫିସ ହରାଇବ 'ସେନା'

ନୂଆଦିଲ୍ଲୀ, ୨୪।୬(ଏଜେନ୍ସି): ଉଦ୍ଧବ ଠାକରେଙ୍କ ନେତୃତ୍ୱାଧୀନ ଶିବସେନା (ୟୁବିଟି)ର ୬ ଜଣ ଲୋକସଭା ସାଂସଦ ଉପମୁଖ୍ୟମନ୍ତ୍ରୀ ଏକନାଥ ସିନ୍ଦେଙ୍କ ଗୋଷ୍ଠୀରେ ସାମିଲ ହୋଇଛନ୍ତି। ଏହାପରେ ଦଳ ସଂସଦ ଭବନ ପରିସରରେ ଥିବା ଦଳୀୟ କାର୍ଯ୍ୟାଳୟ ହରାଇବା ସ୍ଥିତିରେ ପହଞ୍ଚିଛି। ଉଦ୍ଧବଙ୍କ ଶିବସେନାର ସଦସ୍ୟ ସଂଖ୍ୟା ୩କୁ ଖସିଛି। ନିୟମ ଅନୁଯାୟୀ, ଦଳର ୫ କିମ୍ବା ଊର୍ଦ୍ଧ୍ୱ ସାଂସଦ ଥିଲେ ହିଁ ସଂସଦ ଭବନ ପରିସରରେ ସ୍ୱତନ୍ତ୍ର କାର୍ଯ୍ୟାଳୟ ଆବଣ୍ଟନ କରାଯାଇଥାଏ। ବର୍ତ୍ତମାନ ଶିବସେନା (ୟୁବିଟି) ର ସଂସଦୀୟ କାର୍ଯ୍ୟାଳୟ ପୁରୁଣା ସଂସଦ ଭବନ ବା 'ସମ୍ବିଧାନ ସଦନ'ର ରୁମ୍ ନମ୍ବର ୧୨୮ଏରେ ପରିଚାଳିତ ହେଉଛି।


ମୁମ୍ବଇ


ଅରୁଣାଚଳ ପ୍ରଦେଶ

## ମୁମ୍ବଇ ବେହାଲ, ଅରୁଣାଚଳରେ ବର୍ଷାର ତାଣ୍ଡବ

■ ମୁମ୍ବଇ ଜଳବନ୍ଦୀ, ବସ-ଟ୍ରେନ ସେବାରେ ବାଧା
■ ଅରୁଣାଚଳରେ ବନ୍ୟା ଯୋଗୁଁ ଅନେକ ଗ୍ରାମ ଜଳମଗ୍ନ, ଭାସିଗଲା ଘର

ମୁମ୍ବଇ, ୨୪।୬ (ଏଜେନ୍ସି): ପ୍ରାୟ ୧୩ ଦିନ ବିଳମ୍ବରେ ମୁମ୍ବଇରେ ଦକ୍ଷିଣ-ପଶ୍ଚିମ ମୌସୁମୀ ବର୍ଷା ପହଞ୍ଚିଛି। ମାତ୍ର ପ୍ରଥମ ଦିନରେ ହିଁ ସହରରେ ବିପର୍ଯ୍ୟୟ ସୃଷ୍ଟି କରିଛି। ଗତ ୨୪ ଘଣ୍ଟା ମଧ୍ୟରେ ମୁମ୍ବଇର କେତକ ଅଞ୍ଚଳରେ ୩୦୦ ମିଲିମିଟରରୁ ଅଧିକ ବର୍ଷା ରେକର୍ଡ କରାଯାଇଛି। ଫଳରେ ସମଗ୍ର ସହରରେ ଜଳବନ୍ଦୀ ସମସ୍ୟା ଉପୁଜିବା ସହ ରେଳ ଓ ସଡ଼କ ପରିବହନ ଗୁରୁତର ଭାବେ ବାଧାପ୍ରାପ୍ତ ହୋଇଛି। ପ୍ରବଳ ବର୍ଷା ଯୋଗୁଁ ମୁମ୍ବାଇର ଜୀବନରେଖା କୁହାଯାଉଥିବା ଲୋକାଲ୍ ଟ୍ରେନ୍ ସେବା ବିଶେଷ ଭାବେ ପ୍ରଭାବିତ ହୋଇଛି। କେନ୍ଦ୍ରୀୟ ରେଳବାଇର କେତକ ଷ୍ଟେସନରେ ଅତ୍ୟଧିକ ଜଳ ପ୍ରବାହ ଯୋଗୁଁ ରେଳ ଧାରଣା ଧସିଯାଇଥିବା ସୂଚନା ମିଳିଛି। ଫଳରେ ଥାନେ-ୱାଶି ସେକ୍ସନରେ ଟ୍ରେନ୍ ଚଳାଚଳ ବହୁ ସମୟ ଧରି ବନ୍ଦ ରହିଥିଲା। ପଶ୍ଚିମ ରେଳବାଇ ସେବା ସ୍ୱାଭାବିକ ଥିଲେ ମଧ୍ୟ ଯାତ୍ରୀମାନେ ପ୍ରବଳ ଭିଡ଼ ଓ ବିଳମ୍ବର ସମ୍ମୁଖୀନ ହୋଇଛନ୍ତି। ସହରର ତଳିଆ ଅଞ୍ଚଳ ସମ୍ପୂର୍ଣ୍ଣ ଜଳମଗ୍ନ ହୋଇଛି। ଅନ୍ଧେରୀ ସବୱେକୁ ସୁରକ୍ଷା ଦୃଷ୍ଟିରୁ ସାମୟିକ ଭାବେ ବନ୍ଦ କରିଦିଆଯାଇଛି। ପାଣିପାଗ ବିଭାଗ ଅନୁଯାୟୀ, ମାଲଭାନୀ ଫାୟାର ଷ୍ଟେସନରେ ସର୍ବାଧିକ ୩୩୪ ମିଲିମିଟର ଏବଂ ଏଫ-ସାଉଥ ୱାର୍ଡରେ ୩୨୮ ମିଲିମିଟର ବର୍ଷା ହୋଇଛି। ବର୍ଷା ଯୋଗୁଁ ଭିଖ୍ରୋଲି ପଶ୍ଚିମରେ ଏକ ଆବାସିକ କୋଠାର କାନ୍ଥ ଭୁଶୁଡି ପଡ଼ିଛି। ସହରର ବିଭିନ୍ନ ସ୍ଥାନରେ ଗଛ ଉପୁଡି ଯାନବାହାନ ନଷ୍ଟ ହୋଇଥିବା ଖବର ମଧ ମିଳିଛି। ଭାରତୀୟ ପାଣିପାଗ ବିଭାଗ ପକ୍ଷରୁ ମୁମ୍ବଇ ଓ ପାଲଘର ପାଇଁ ପୂର୍ବରୁ ଜାରି କରାଯାଇଥିବା ରେଡ୍ ଆଲର୍ଟକୁ ପରେ ଅରେଞ୍ଜ ଆଲର୍ଟରେ ପରିବର୍ତ୍ତନ କରାଯାଇଛି। ସମୁଦ୍ରରେ ଜୁଆର ଆସିବା ସମ୍ଭାବନା ଥିବାରୁ ବିଏମ୍‌ସି ଓ ବିପର୍ଯ୍ୟୟ ପରିଚାଳନା ଟିମ୍‌କୁ ସତର୍କ ରହିବାକୁ ନିର୍ଦ୍ଦେଶ ଦିଆଯାଇଛି।

ସେହିପରି ଅରୁଣାଚଳ ପ୍ରଦେଶର କେତକ ଅଞ୍ଚଳରେ ପ୍ରବଳ ବର୍ଷା ହୋଇଛି। ଫଳରେ ସୃଷ୍ଟି ହୋଇଥିବା ଆକସ୍ମିକ ବନ୍ୟା ବ୍ୟାପକ ଧ୍ୱଂସଲୀଳା ରଚିଛି। ରାଜ୍ୟର ଲୋୟର ସୁବନସିରି ଏବଂ କେୟି ପାନ୍ୟୋର ଜିଲ୍ଲାରେ ମାତ୍ର କେଇ ଘଣ୍ଟାର ପ୍ରବଳ ବର୍ଷା ଯୋଗୁଁ ଅନେକ ଗ୍ରାମ ଜଳମଗ୍ନ ହୋଇଛି। ଏହାସହ ଘରଦ୍ୱାର, ଭିତ୍ତିଭୂମି ଓ ଚାଷଜମିର ବହୁଳ କ୍ଷୟକ୍ଷତି ଘଟିଛି। କେୟି ପାନ୍ୟୋର ଜିଲ୍ଲାର ୟାଜାଲି ସ୍ଥିତ ଏକ କଲୋନୀରେ ବନ୍ୟା ଜଳ ପ୍ରବେଶ କରି ୧୫ଟି ଆବାସିକ କ୍ୱାର୍ଟର୍ସ ସମ୍ପୂର୍ଣ୍ଣ ରୂପେ ନଷ୍ଟ ହୋଇଛି। ଏହା ସହିତ ଏକ ପ୍ରମୁଖ ହାଇୱେ ବ୍ରିଜ୍ ବନ୍ୟା ଜଳରେ ଭାସିଯାଇଛି। ତେଣୁ ସେହି ଅଞ୍ଚଳରେ ଯୋଗାଯୋଗ ସମ୍ପୂର୍ଣ୍ଣ ବିଚ୍ଛିନ୍ନ ହୋଇଛି। ଅନେକ ଗ୍ରାମଗୁଡିକରେ ମଧ୍ୟ ବନ୍ୟା ଯୋଗୁଁ ବହୁ ବାସଗୃହ କ୍ଷତିଗ୍ରସ୍ତ ହୋଇଛି। ଚାଷ କାର୍ଯ୍ୟ ମଧ ଗମ୍ଭୀର ଭାବେ ପ୍ରଭାବିତ ହୋଇଥିବା ବେଳେ ବ୍ୟାପକ ଫଳ ବଗିଚା ଗୁଡ଼ିକ ବନ୍ୟା ଜଳରେ ଧୋଇଯାଇଛି।

## ଫ୍ରାନ୍ସ ମହୋତ୍ସବରେ ଦୁଷ୍କର୍ମ, ସିରିଞ୍ଜ୍ ଆକ୍ରମଣ



ପ୍ୟାରିସ୍, ୨୪।୬ (ଏଜେନ୍ସି): ଫ୍ରାନ୍ସର ପାରମ୍ପରିକ ବାର୍ଷିକ ସଙ୍ଗୀତ ମହୋତ୍ସବ 'ଫେଟେ ଡି ଲା ମ୍ୟୁଜିକ୍' ପାଳନ ଅବସରରେ ବ୍ୟାପକ ହିଂସା, ଦୁଷ୍କର୍ମ, ଅସଦାଚରଣ ଏବଂ ମହିଳାମାନଙ୍କୁ ସିରିଞ୍ଜରେ ଆକ୍ରମଣ କରାଯାଇଥିବା ଜଣାପଡ଼ିଛି। ଗତ ରାତିରେ ପ୍ୟାରିସ୍ ସମେତ ଫ୍ରାନ୍ସର ବିଭିନ୍ନ ସହରରେ ଆୟୋଜିତ ଏହି କାର୍ଯ୍ୟକ୍ରମରେ ଫ୍ରାନ୍ସ ତଥା ଅନ୍ୟ ଦେଶର ପର୍ଯ୍ୟଟକ ଯୋଗ ଦେଇଥିଲେ। ଏହି ସମୟରେ ପ୍ରାୟ ମହିଳାଙ୍କୁ ଦୁଷ୍କର୍ମ କରାଯାଇଥିବା ନେଇ ଅଭିଯୋଗ ହୋଇଛି। ଏହାସହ ଅନେକ ମହିଳାଙ୍କୁ ସିରିଞ୍ଜ୍‌ରେ ଫୋଡ଼ି ଆକ୍ରମଣ କରାଯାଇଥିବା ଜଣାପଡ଼ିଛି। ଅନେକ ମହିଳାଙ୍କ ସହ ଅସଦାଚରଣ, ଯୌନ ଉତ୍ପୀଡ଼ନ ଏବଂ ଛୁରାମାଡ ହୋଇଥିବା ମଧ୍ୟ ଅଭିଯୋଗ ରହିଛି। ଭିଡ଼ ଭିତରେ ହଠାତ୍ ଛୁଞ୍ଚି ଫୋଡ଼ି ହେବା ପରେ କିଛି ପୀଡ଼ିତାଙ୍କୁ ଡାକ୍ତରଖାନାରେ ଭର୍ତ୍ତି କରାଯାଇଛି। ପ୍ୟାରିସର 'ଚାଟେଲେଟ୍' ପରି କେତେକ ଅଞ୍ଚଳରେ ପ୍ରବଳ ଭିଡ଼ ଓ ଗୋଷ୍ଠୀ ସଂଘର୍ଷ ଯୋଗୁଁ ଆତଙ୍କର ସୃଷ୍ଟି ହୋଇଥିଲା। ଏହି ଘଟଣା ପରେ ମୋଟ ୨୪୩ ଜଣଙ୍କୁ ବିଶୃଙ୍ଖଳା କରିବା ଅଭିଯୋଗରେ ଗିରଫ କରାଯାଇଛି।

## ଇରାନର 'ଜେଲିଫିସ୍' ଡ୍ରୋନ୍ ଆକ୍ରମଣ



ୱାସିଂଟନ/ତେହେରାନ, ୨୪।୬(ଏଜେନ୍ସି):ଇରାନ ସହିତ ସଂଘର୍ଷ ସମୟରେ ଗତ ଏପ୍ରିଲରେ ଆମେରିକାର ଶକ୍ତିଶାଳୀ ଏଫ୍-୧୫ଇ ଷ୍ଟ୍ରାଇକ୍ ଇଗଲ୍ ଯୁଦ୍ଧ ବିମାନ ଖସିଥିଲା। ଏଥିରୁ ଉଦ୍ଧାର ହୋଇଥିବା ଆମେରିକୀୟ ପାଇଲଟ ବିମାନ ଖସିବା ନେଇ ଚାଞ୍ଚଲ୍ୟକର ବୟାନ ଦେଇଛନ୍ତି। ତାଙ୍କ ଅନୁଯାୟୀ, ବିମାନଟି କୌଣସି ମିସାଇଲ୍ ଦ୍ୱାରା ନୁହେଁ, ବରଂ 'ଜେଲିଫିସ୍' ଭଳି ଦେଖାଯାଉଥିବା ଅତ୍ୟାଧୁନିକ ଡ୍ରୋନ୍ ସମୂହର ଆକ୍ରମଣ ଯୋଗୁଁ ଦୁର୍ଘଟଣାଗ୍ରସ୍ତ ହୋଇଥିଲା। ଏହି ଦାବି ସତ୍ୟ ପ୍ରମାଣିତ ହେଲେ ଏହା ଇରାନର ଯୁଦ୍ଧ କୌଶଳର ନୂତନ ଦିଗ ଉନ୍ମୋଚିତ କରିବ। ପାଇଲଟଙ୍କ ସୂଚନା ଅନୁସାରେ, ଆକାଶରେ ଅନେକ ଗୁଡ଼ିଏ ଡ୍ରୋନ୍ ଏକାଠି ଗତି କରୁଥିଲେ। ଏହା ଦୂରରୁ ସାମୁଦ୍ରିକ 'ଜେଲିଫିସ୍' ଭଳି ଦେଖାଯାଉଥିଲା। ଏଥିରେ ଏକ ବଡ଼ 'ମଦରଶିପ୍' ଡ୍ରୋନ୍ ଉପରେ ରହିଥିବା ବେଳେ ତା' ତଳେ ଅନେକ ଛୋଟ ଡ୍ରୋନ୍ ଗୋଡ଼ ଭଳି ଝୁଲି ରହିଥିଲେ। ପାଇଲଟ୍ ଏହାକୁ 'ପୁରା ଏଲିଅନ୍ସ (ଅନ୍ୟ ଗ୍ରହର ଜୀବ) ମାନଙ୍କ କାମ ଭଳି ବୋଲି ବର୍ଣ୍ଣନା କରିଛନ୍ତି। ଏହି ଡ୍ରୋନ୍ ସମୂହ ଆକାଶରେ ଏକ 'ମାଇନଫିଲ୍ଡ' ଭଳି କାମ କରନ୍ତି, ଯାହା ଶତ୍ରୁ ପକ୍ଷର ବିମାନକୁ ଘେରିଯାଇ ଆକ୍ରମଣ କରିଥାନ୍ତି। ଏଗୁଡ଼ିକ କମ୍ ଉଚ୍ଚତାରେ ଉଡ଼ିପାରୁଥିବାରୁ ରାଡାର ଏବଂ ଏୟାର୍ ଡିଫେନ୍ସ ସିଷ୍ଟମ୍ ପକ୍ଷରେ ଏହାକୁ ଚିହ୍ନଟ କରିବା ବଡ଼ ଆହ୍ୱାନ ହୋଇଥାଏ। ଏହାର ଅଦ୍ଭୁତ ଆକୃତି ଶତ୍ରୁ ପାଇଲଟଙ୍କ ମଧ୍ୟରେ ଭୟ ସୃଷ୍ଟି କରିବା ପାଇଁ ଯଥେଷ୍ଟ। ବିଶେଷଜ୍ଞଙ୍କ ମତରେ, ଏହି ସମୂହରୁ କିଛି ଡ୍ରୋନ୍ ନଷ୍ଟ ହେଲେ ମଧ୍ୟ ଅନ୍ୟ ଡ୍ରୋନ୍ ଗୁଡ଼ିକ ସଙ୍ଗେ ସଙ୍ଗେ ସେହି ସ୍ଥାନ ପୂରଣ କରି ଆକ୍ରମଣ ଜାରି ରଖିପାରନ୍ତି। ପୂର୍ବରୁ ଏହିଭଳି ଅତ୍ୟାଧୁନିକ ଟେକ୍ନୋଲୋଜି କେବଳ ଚୀନ୍ ଏବଂ ରୁଷିଆ ପାଖରେ ଥିବା ବିଶ୍ୱାସ କରାଯାଉଥିଲା।

## ଗ୍ରୀଷ୍ମ ତାଣ୍ଡବ; ପାଣିରେ ବୁଡ଼ି ୪୦ ମୃତ



ଲଣ୍ଡନ,୨୪।୬(ଏଜେନ୍ସି): ୟୁରୋପରେ ଭୟଙ୍କର ଗ୍ରୀଷ୍ମ ପ୍ରବାହ ଜନଜୀବନକୁ ଅସ୍ତବ୍ୟସ୍ତ କରିଦେଇଛି। ଫ୍ରାନ୍ସରେ ଅତ୍ୟଧିକ ଗରମ ଯୋଗୁଁ ୫୮ ଜଣଙ୍କ ମୃତ୍ୟୁ ଘଟିଥିବା ବେଳେ ସମଗ୍ର ୟୁରୋପରେ ଅତ୍ୟଧିକ ଗ୍ରୀଷ୍ମ ପ୍ରବାହ ଅନୁଭୂତ ହୋଇଛି। ସ୍ପେନ, ଇଟାଲୀ, ବ୍ରିଟେନ, ଫ୍ରାନ୍ସ ସମେତ ୧୪ଟି ଦେଶରେ ରେଡ୍ ଆଲର୍ଟ ଜାରି କରାଯାଇଛି। ଫ୍ରାନ୍ସରେ ଗରମରୁ ରକ୍ଷା ପାଇବା ପାଇଁ ଲୋକମାନେ ନଦୀ, ହ୍ରଦ ଓ କେନାଲରେ ଗାଧୋଇବାକୁ ଯାଇ ପାଣିରେ ବୁଡ଼ି ମୃତ୍ୟୁବରଣ କରିଛନ୍ତି। ଗ୍ରୀଷ୍ମ ପ୍ରବାହ ଯୋଗୁଁ ୧୮ ଜଣଙ୍କ ମୃତ୍ୟୁ ଘଟିଥିବାବେଳେ ପାଣିରେ ବୁଡ଼ି ୪୦ରୁ ଊର୍ଦ୍ଧ୍ୱ ମୃତ୍ୟୁବରଣ କରିଛନ୍ତି।। ପରିସ୍ଥିତି ଏତେ ଗମ୍ଭୀର ହୋଇଛି ଯେ ଫ୍ରାନ୍ସର ଗୋଲଫେଶ ପରମାଣୁ ବିଦ୍ୟୁତ କେନ୍ଦ୍ରକୁ ବନ୍ଦ କରିବାକୁ ପଡ଼ିଛି। ୧୩୫୦ରୁ ଅଧିକ ବିଦ୍ୟାଳୟ ବନ୍ଦ କରାଯାଇଛି। ପ୍ୟାରିସ ସମେତ ଦେଶର ଅନେକ ସ୍ଥାନରେ ତାପମାତ୍ରା ୪୩ ଡିଗ୍ରୀ ସେଲସିୟସ୍ ପର୍ଯ୍ୟନ୍ତ ପହଞ୍ଚିଛି। ଚଳିତ ବର୍ଷର ଗ୍ରୀଷ୍ମ ପ୍ରବାହ ୨୦୦୩ ମସିହା ଗ୍ରୀଷ୍ମ ପ୍ରବାହ ସହ ସମାନ ହୋଇଛି। ତେବେ ୨୦୦୩ରେ ୧୬ ଦିନ ଧରି ଚାଲିଥିବା ଭୟଙ୍କର ଗରମରେ ପ୍ରାୟ ୧୫ ହଜାର ଲୋକଙ୍କ ମୃତ୍ୟୁ ଘଟିଥିଲା।

## ତେଜୁଛି ରାମ ମନ୍ଦିର ଚାନ୍ଦା ଚୋରି ବିବାଦ

■ ଏସ୍‌ଆଇଟି ରିପୋର୍ଟରେ ୧୭ ଜଣଙ୍କ ନାମ
■ ଏଫ୍‌ଆଇଆର୍ ଦାଖଲ ପାଇଁ ସୁପାରିସ
■ ସନ୍ଦେହ ଘେରରେ ଟ୍ରଷ୍ଟ ସମ୍ପାଦକ ଚମ୍ପତ ରାୟ



ଲକ୍ଷ୍ନୌ, ୨୪।୬ (ଏଜେନ୍ସି): ଅଯୋଧ୍ୟାର ରାମ ମନ୍ଦିରରେ ସାତ କୋଟି ଟଙ୍କାର ଦାନ ଓ ଦକ୍ଷିଣା ଚୋରି ମାମଲା ଦିନକୁ ଦିନ ବିସ୍ଫୋରକ ହେବାରେ ଲାଗିଛି। ପ୍ରଭୁ ରାମଙ୍କ ନାମରେ ଆସିଥିବା କୋଟି କୋଟି ଟଙ୍କା ଘୋଟାଲାରେ ମନ୍ଦିର ଟ୍ରଷ୍ଟର ଅନେକ ବଡ଼ ବଡ଼ କର୍ମକର୍ତ୍ତା ସାମିଲ ଅଛନ୍ତି। ଏହି ଘଟଣାର ତଦନ୍ତ ଲାଗି ରାଜ୍ୟ ସରକାର ଦ୍ୱାରା ଗଠିତ ଏସ୍‌ଆଇଟି ଇତିମଧ୍ୟରେ ଯେଉଁ ପ୍ରାଥମିକ ରିପୋର୍ଟ ଦେଇଛି, ତାହା ସମସ୍ତଙ୍କର ହୋସ୍ ଉଡ଼ାଇ ଦେଇଛି। ଏଥିରେ ୧୭ ଜଣଙ୍କୁ ଅଭିଯୁକ୍ତ କରାଯିବା ସହିତ ସେମାନଙ୍କ ବିରୋଧରେ ତୁରନ୍ତ ଏଫ୍‌ଆଇଆର ଦାଖଲ ପାଇଁ କୁହାଯାଇଛି। କିନ୍ତୁ ପ୍ରଶାସନ ଏପର୍ଯ୍ୟନ୍ତ ଏଫଆଇଆର ଦାଖଲ କରିନଥିବାରୁ ତୀବ୍ର ଅସନ୍ତୋଷ ପ୍ରକାଶ ପାଇଛି। ରିପୋର୍ଟରେ ଯେଉଁ ୧୭ ଜଣଙ୍କୁ ଅଭିଯୁକ୍ତ କରାଯାଇଛି, ସେମାନଙ୍କ ମଧ୍ୟରେ ରାମ ଜନ୍ମଭୂମି ଟ୍ରଷ୍ଟର ଅନେକ ବରିଷ୍ଠ ଓ ପ୍ରଭାବଶାଳୀ କର୍ମକର୍ତ୍ତା ଥିବା କୁହାଯାଉଛି। ମନ୍ଦିର ଟ୍ରଷ୍ଟ ଭାଙ୍ଗି ନୂଆ ପ୍ରଶାସକ ନିଯୁକ୍ତ ଲାଗି ମଧ ଏସ୍‌ଆଇଟି ସୁପାରିସ କରିଥିବା ଜଣପେଡ଼ିଛି।

ନିର୍ଭରଯୋଗ୍ୟ ସୂତ୍ରରୁ ମିଳିଥିବା ଖବର ଅନୁଯାୟୀ ଅଯୋଧ୍ୟାରେ ପ୍ରାରମ୍ଭିକ ସରଜମିନ ଯାଞ୍ଚ ପରେ ଏସଆଇଟି ଯେଉଁ ରିପୋର୍ଟ ଦେଇଛି, ସେଥିରେ ଟ୍ରଷ୍ଟର ସାଧାରଣ ସଂପାଦକ ଚମ୍ପତ ରାୟ ଏବଂ ତାଙ୍କର ଅନେକ ସହଯୋଗୀଙ୍କ ନାମ ରହିଛି। ରିପୋର୍ଟରେ ୧୫୦ରୁ ଅଧିକ ସେବାଦାର ଏବଂ କର୍ମଚାରୀଙ୍କୁ ସନ୍ଦିଗ୍ଧ ତାଲିକାରେ ରଖିବା ସହିତ ସେମାନଙ୍କ ବିରୋଧରେ ମଧ ଏଫ୍‌ଆଇଆର ଦାଖଲ କରିବାକୁ କୁହାଯାଇଛି। ମନ୍ଦିର ଦାନ ବାକ୍ସର ଚାବି ରାମ ଶଙ୍କର ଯାଦବ ଓରଫ ଟିନ୍ନୁ ଯାଦବ ପାଖରୁ ମିଳିଛି। ଟିନ୍ନୁ ହେଉଛି ଚମ୍ପତ ରାୟଙ୍କ ଡ୍ରାଇଭର। ତାଙ୍କ ଘରୁ ମଧ ବିପୁଳ ପରିମାଣର ସଂପତ୍ତି ଜବତ ହୋଇଥିବାର ଖବର ମିଳିଛି। ଟିନ୍ନୁ ଜଣେ ଟେମ୍ପୋ ଡ୍ରାଇଭର ଥିଲେ। ରାମ ମନ୍ଦିର ନିର୍ମାଣ ଆରମ୍ଭ ବେଳେ ସେ ଚମ୍ପତ ରାୟଙ୍କ ଗାଡ଼ି ଡ୍ରାଇଭର ଭାବେ ଯୋଗ ଦେଇଥିଲେ। ଏହାପରେ ତାଙ୍କର ସଂପତ୍ତି ପରିମାଣ କୋଟି କୋଟି ଟଙ୍କାରେ ପହଞ୍ଚିଛି। ଜଣେ ଗାଡ଼ି ଡ୍ରାଇଭର ପାଖରେ ଦାନ ବାକ୍ସଗୁଡ଼ିକର ଚାବି କେମିତି ଆସିଲା ବୋଲି ଏସ୍‌ଆଇଟି ପ୍ରଶ୍ନ କରିଛି। କେବଳ ଟିନ୍ନୁ ନୁହେଁ, ଟ୍ରଷ୍ଟର ଅନେକ କର୍ମଚାରୀ ଓ କର୍ମକର୍ତ୍ତାଙ୍କ ଭାଗ୍ୟ ମଧ ବଦଳିଯାଇଛି। ରାତାରାତି ସେମାନେ କୋଟିପତି ହୋଇଯାଇଛନ୍ତି। ଚମ୍ପତ ରାୟଙ୍କର ଆଉ ଜଣେ ସହଯୋଗୀ ଫୁଲକାନ୍ତ ମିଶ୍ରଙ୍କ ସଂପତ୍ତି ମଧ୍ୟ ସନ୍ଦିଗ୍ଧ ଭାବେ ରାତାରାତି କୋଟି କୋଟି ଟଙ୍କା ହୋଇଯାଇଛି। ଏହି ସମସ୍ତ ଘୋଟାଲାର ମୁଖ୍ୟ କାର୍ଫଟଦାର ଚମ୍ପତ ରାୟ ବୋଲି ବିରୋଧୀମାନେ ଅଭିଯୋଗ କରିବା ସହିତ ତାଙ୍କ ବିରୋଧରେ ତୁରନ୍ତ କାର୍ଯ୍ୟାନୁଷ୍ଠାନ ପାଇଁ ଦାବି କରିଛନ୍ତି।

ଆହୁରି ଅଭିଯୋଗ ହୋଇଛି ଯେ ମନ୍ଦିର ନିର୍ମାଣ ଦିନ ଠାରୁ ଟ୍ରଷ୍ଟରେ ଏଭଳି ଘୋଟାଲା ଚାଲିଥିବା ନେଇ ଅନେକ ସେବାଦାର ଜାଣିଥିଲେ। କିନ୍ତୁ ଏଥିରେ ପ୍ରଭାବଶାଳୀ ଲୋକ ସଂପୃକ୍ତ ଥିବାରୁ ଏହା ବିରୋଧରେ ସେମାନେ ମୁହଁ ଖୋଲୁନଥିଲେ। ଆହୁରି ଅଭିଯୋଗ ହୋଇଛି ଯେ ମନ୍ଦିରରୁ ୧୨୫୦ଟି ସୁନା, ରୁପା ଓ ହିରା ଖଚିତ ଏବଂ ଅଷ୍ଟଧାତୁ ଇଟା ମଧ ଗାଏବ ହୋଇଯାଇଛି।

## ସୀମାରେ ପାକିସ୍ତାନର ସାମରିକ ପ୍ରସ୍ତୁତି

ନୂଆଦିଲ୍ଲୀ, ୨୪।୬(ଏଜେନ୍ସି): ପାକିସ୍ତାନ ଭାରତ ବିରୋଧରେ ଯୁଦ୍ଧ ଧମକ ଦେଇଥିବା ବେଳେ ସୀମାରେ ସାମରିକ ପ୍ରସ୍ତୁତିକୁ ବ୍ୟାପକ କରିଛି। ପାକିସ୍ତାନ ସେନାର ୮ମ ବ୍ରିଗେଡ଼୍ ନିୟନ୍ତ୍ରଣ ରେଖା ନିକଟରେ ୩୫ଟି ଆଣ୍ଟି-ଡ୍ରୋନ୍ ୟୁନିଟ୍ ମୁତୟନ କରିଛି। ସୀମାରେ ନଜର ରଖିବା ଓ ଶତ୍ରୁପକ୍ଷକୁ ଟାର୍ଗେଟ୍ କରିବା ପାଇଁ ଏଆଇ କ୍ଷମତା ସମ୍ପନ୍ନ ଫେନସିଂ କରିଛି। ବାଲୋଚିସ୍ତାନ ଓ ଖାଇବର ପଖ୍ତୁନଖ୍ୱାରେ ଦୁଇଟି ନୂତନ ଏୟାରବେସ୍ ନିର୍ମାଣ ହେଉଛି। ଚୀନ ପାକିସ୍ତାନକୁ ୩୬ଟି ଜେ ସିରିଜ୍ ମଲ୍ଟିରୋଲ୍ ଯୁଦ୍ଧ ବିମାନ ଯୋଗାଇ ଦେଇଛି ଏବଂ ୫ମ ପିଢ଼ିର ଜେ-୩୫ ଷ୍ଟେଲଥ୍ ଫାଇଟର ଜେଟ୍ ମଧ ମିଳିବାର ସମ୍ଭାବନା ରହିଛି।

## ପାକିସ୍ତାନ ସୀମାରେ ଏୟାର ଇଣ୍ଡିଆ ବିମାନ

ନୂଆଦିଲ୍ଲୀ, ୨୪।୬(ଏଜେନ୍ସି): ଦିଲ୍ଲୀରୁ ଅମୃତସର ଯାଉଥିବା ଏୟାର ଇଣ୍ଡିଆର ଯାତ୍ରୀବାହୀ ବିମାନ ଅଳ୍ପ ସମୟ ପାଇଁ ପାକିସ୍ତାନ ବାୟୁସୀମାରେ ପ୍ରବେଶ କରିଥିବା ଜଣାପଡ଼ିଛି। ଅମୃତସରରେ ଅବତରଣ କରିବା ପାଇଁ 'ଗୋ-ଆରାଉଣ୍ଡ' କରିବା ବେଳେ ଏପରି ଘଟିଥିବା ଏୟାରଲାଇନ୍ସ ବୁଧବାର ସ୍ପଷ୍ଟ କରିଛି। ଏୟାର ଇଣ୍ଡିଆର ବିମାନ ଏଆଇ୪୭୯ ଅଟ୍ଟାରୀ ନିକଟରେ ଥିବା ଅନ୍ତର୍ଜାତୀୟ ସୀମା ଅତିକ୍ରମ କରି ପାକିସ୍ତାନ ସୀମା ମଧ୍ୟରେ ପ୍ରାୟ ୨ମିନିଟ ଯାଏଁ ରହିଥିଲା। ତୁରନ୍ତ ପୁଣି ଭାରତୀୟ ସୀମାକୁ ଫେରି ଆସିଥିଲା।

## ଶୁଭେନ୍ଦୁଙ୍କ ପ୍ରଶଂସାରେ ଶତମୁଖ ମହୁଆ



କଲିକତା, ୨୪।୬(ଏଜେନ୍ସି): ପଶ୍ଚିମବଙ୍ଗ ରାଜନୀତିରେ ଟିଏମ୍‌ସିର ଶକ୍ତିଶାଳୀ ନେତ୍ରୀ ତଥା ସାଂସଦ ମହୁଆ ମୈତ୍ର, ରାଜ୍ୟର ମୁଖ୍ୟମନ୍ତ୍ରୀ ତଥା ବିଜେପି ନେତା ଶୁଭେନ୍ଦୁ ଅଧିକାରୀଙ୍କୁ ଖୋଲାଖୋଲି ଭାବେ ପ୍ରଶଂସା କରିଛନ୍ତି। ମମତା ବାନାର୍ଜୀଙ୍କ ଅତ୍ୟନ୍ତ ବିଶ୍ୱସ୍ତ ଭାବେ ଜଣାଶୁଣା ମହୁଆ, ଶୁଭେନ୍ଦୁଙ୍କ ସହ ତାଙ୍କର ବେଶ୍ ଭାବପ୍ରବଣ ସମ୍ପର୍କ ଥିବା କଥା ବୁଧବାର କହିଛନ୍ତି। ବିବିସିକୁ ଦେଇଥିବା ଏକ ସାକ୍ଷାତକାରରେ ମହୁଆ କହିଛନ୍ତି ଯେ, ୨୦୧୪ରେ ତାଙ୍କୁ ଲୋକସଭା ଟିକେଟ ମିଳିନଥିଲା। ସେହି ସମୟରେ ସେ ଦୁଃଖରେ ଭାଙ୍ଗିପଡ଼ି ସାରା ରାତି କାନ୍ଦିଥିଲେ। ସେତେବେଳେ କେବଳ ଶୁଭେନ୍ଦୁ ହିଁ ତାଙ୍କୁ ସାନ୍ତ୍ୱନା ଦେବା ସହ ସାହାଯ୍ୟର ହାତ ବଢ଼ାଇଥିଲେ। ଏପରିକି ୨୦୧୬ରେ ମଧ ସେ କରିମପୁରରୁ ପ୍ରଥମ ଥର ବିଧାନସଭା ନିର୍ବାଚନ ଲଢୁଥିବା ବେଳେ ଦଳର କୌଣସି ବରିଷ୍ଠ ନେତା ତାଙ୍କ ପାଇଁ ପ୍ରଚାର କରିବାକୁ ଆସିନଥିଲେ। କିନ୍ତୁ କେବଳ ଶୁଭେନ୍ଦୁ ହିଁ ତାଙ୍କର ପ୍ରଥମ ନିର୍ବାଚନୀ ସଭା କରିଥିଲେ। ବର୍ତ୍ତମାନ ଟିଏମସି ମଧ୍ୟରେ ବଡ଼ ଧରଣର ବିଦ୍ରୋହ ଦେଖାଦେଇଛି। ଏହି ପରିପ୍ରେକ୍ଷୀରେ ମହୁଆ ବିଜେପିର କାର୍ଯ୍ୟଶୈଳୀ ଓ ଶୃଙ୍ଖଳାକୁ ପ୍ରଶଂସା କରିବା ସହ ଟିଏମସିରୁ ଅଯୋଗ୍ୟ ନେତା ମାନଙ୍କୁ ବାହାର କରି ଦଳର ଶୁଦ୍ଧିକରଣ କରିଥିବାରୁ ଶୁଭେନ୍ଦୁଙ୍କୁ ଧନ୍ୟବାଦ ଜଣାଇଛନ୍ତି। ଯଦିଓ ମହୁଆ ଶୁଭେନ୍ଦୁଙ୍କୁ ପ୍ରଶଂସା କରିଛନ୍ତି, ତଥାପି ସେ ତୃଣମୂଳ କଂଗ୍ରେସ ଛାଡ଼ିବା କିମ୍ବା ଦଳ କଂଗ୍ରେସ ସହ ମିଶ୍ରଣ ହେବା ଖବରକୁ ସମ୍ପୂର୍ଣ୍ଣ ରୂପେ ଖଣ୍ଡନ କରିଛନ୍ତି।

## ୟୁକ୍ରେନରେ ଭାରତୀୟ ସେନା ମୁତୟନ ପ୍ରସ୍ତାବକୁ ହସରେ ଉଡ଼ାଇଲେ ଟ୍ରମ୍ପ

ୱାସିଂଟନ, ୨୪।୬(ଏଜେନ୍ସି): ରୁଷ-ୟୁକ୍ରେନ ଯୁଦ୍ଧ ସମାପ୍ତ କରିବା ପାଇଁ ଶାନ୍ତି ରକ୍ଷାକାରୀ ମିଶନ ପାଇଁ ଭାରତୀୟ ସେନାଙ୍କୁ ମୁତୟନ କରିବାକୁ ଉପରାଷ୍ଟ୍ରପତି ଜେଡି ଭାନ୍ସଙ୍କ ପ୍ରସ୍ତାବକୁ ରାଷ୍ଟ୍ରପତି ଡୋନାଲ୍ଡ ଟ୍ରମ୍ପ ହସରେ ଉଡ଼ାଇ ଭାରତ ଏଥିପାଇଁ କେବେ ଅର୍ଥ ନଷ୍ଟ କରିବ ନାହିଁ ବୋଲି କହିଥିଲେ। ଦି ନ୍ୟୁୟର୍କ ଟାଇମ୍ସର ସାମ୍ବାଦିକ ମ୍ୟାଗି ହାବରମ୍ୟାନ ଏବଂ ଜୋନାଥନ ସ୍ୱାନଙ୍କ ଦ୍ୱାରା ଲିଖିତ 'ରେଜିମ ଚେଞ୍ଜ' (ସତ୍ତା ପରିବର୍ତ୍ତନ) ନାମକ ପୁସ୍ତକରେ ଏହି ଦାବି କରାଯାଇଛି। ୨୦୨୫ରେ ଓଭାଲ ଅଫିସରେ ଏକ ବୈଠକ ଅନୁଷ୍ଠିତ ହୋଇଥିଲା। ୟୁକ୍ରେନକୁ ଟ୍ରମ୍ପଙ୍କ ସ୍ୱତନ୍ତ୍ର ପ୍ରତିନିଧି କିଥ କେଲଗ ଫ୍ରାନ୍ସ, ବ୍ରିଟେନ ଏବଂ ନେଦରଲ୍ୟାଣ୍ଡ ପରି ୟୁରୋପୀୟ ଦେଶଗୁଡ଼ିକରୁ ଶାନ୍ତି ରକ୍ଷାକାରୀ ବାହିନୀ ପଠାଇବାକୁ ପ୍ରସ୍ତାବ ଦେଇଥିଲେ। କିନ୍ତୁ ଜେଡି ଭାନ୍ସ ଯୁକ୍ତି ବାଢିଥିଲେ ଯେ, ନାଟୋ ସଦସ୍ୟ ଦେଶଙ୍କ ସେନା ୟୁକ୍ରେନରେ ମୁତୟନ ହେଲେ ରୁଷ ଏହାକୁ ବିପଦ ଭାବେ ଗ୍ରହଣ କରିବ। ଏହାର ବିକଳ୍ପ ଭାବେ ଭାନ୍ସ ଭାରତ ଏବଂ ସାଉଦି ଆରବ ପରି ଅଣ-ୟୁରୋପୀୟ ଦେଶଗୁଡ଼ିକୁ ଏହି ଦାୟିତ୍ୱ ଦେବାକୁ କହିଥିଲେ। ପୁସ୍ତକ ଅନୁଯାୟୀ, ଟ୍ରମ୍ପ ଏହି ପ୍ରସ୍ତାବ ଶୁଣି ହସିଥିଲେ ଏବଂ କହିଥିଲେ, 'ଭାରତୀୟମାନେ ଏହା କରିବେ ନାହିଁ। ସେମାନେ ଏଭଳି କୌଣସି କାମ ପାଇଁ ଅର୍ଥ ଦେବେ ନାହିଁ'। ତେବେ ଟ୍ରମ୍ପ ସ୍ୱୀକାର କରିଥିଲେ ଯେ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀଙ୍କ ସହ ତାଙ୍କର ଉତ୍ତମ ସମ୍ପର୍କ ରହିଛି।



## ନ୍ୟୁୟର୍କ ସିଟିରେ ଭାରତୀୟ କିଶୋରଙ୍କ ସ୍ମୃତିରେ 'ରୋମାଞ୍ଚ୍‌ସ ଲ'

ନ୍ୟୁୟର୍କ, ୨୪।୬(ଏଜେନ୍ସି): ଆମେରିକାର ନ୍ୟୁୟର୍କ ସିଟିର ସେଣ୍ଟ୍ରାଲ୍ ପାର୍କରେ ଘୋଡ଼ା ଗାଡ଼ି ଦୁର୍ଘଟଣାରେ ପ୍ରାଣ ହରାଇଥିବା ୧୮ ବର୍ଷୀୟ ଭାରତୀୟ କିଶୋର ରୋମାଞ୍ଚ ମହାଜନଙ୍କ ସମ୍ମାନାର୍ଥେ ସହରର ଘୋଡ଼ା ଗାଡ଼ି ନିଷେଧ ବିଲ୍‌ର ନାମ ପରିବର୍ତ୍ତନ କରାଯାଇଛି। ପୂର୍ବରୁ 'ରାଇଡର୍ସ ଲ' ନାମରେ ଜଣାଶୁଣା ଏହି ବିଲ୍ ଏବେ 'ରୋମାଞ୍ଚ୍‌ସ ଲ' ଭାବେ ନାମିତ ହୋଇଛି। ଗତ ସପ୍ତାହରେ ସେଣ୍ଟ୍ରାଲ୍ ପାର୍କରେ ରୋମାଞ୍ଚ ତାଙ୍କ ପରିବାର ସହ ଘୋଡ଼ା ଗାଡ଼ିରେ ଭ୍ରମଣ କରୁଥିଲେ। ଏହି ସମୟରେ ଘୋଡ଼ାଟି କୌଣସି କାରଣରୁ ଡରିଯାଇ ଦ୍ରୁତ ଗତିରେ ଦୌଡ଼ିବାକୁ ଲାଗିଥିଲା। ଫଳରେ ରୋମାଞ୍ଚଙ୍କ ମାଆ ଗାଡ଼ିରୁ ପଡ଼ିଯାଇଥିଲେ ଏବଂ ତାଙ୍କୁ ରକ୍ଷା କରିବା ପାଇଁ ରୋମାଞ୍ଚ ଗାଡ଼ିରୁ ଡେଇଁ ପଡ଼ିଥିଲେ। ଏହି ଦୁର୍ଘଟଣାରେ ଗୁରୁତର ଆହତ ହୋଇ ସେ ଚିକିତ୍ସାଧୀନ ଅବସ୍ଥାରେ ପ୍ରାଣ ହରାଇଥିଲେ। ତାଙ୍କ ପରିବାରର ଅନ୍ୟ ସଦସ୍ୟମାନେ ସାମାନ୍ୟ ଆହତ ହୋଇଥିବା ସୂଚନା ମିଳିଛି। ନ୍ୟୁୟର୍କ ସିଟି କାଉନସିଲ୍ ସଦସ୍ୟ କ୍ରିଷ୍ଟୋଫର ମାର୍ଟେ ସୋମବାର ଆୟୋଜିତ ଏକ ଶୋକସଭାରେ ଏହି ନାମ ପରିବର୍ତ୍ତନ ବିଷୟରେ ଘୋଷଣା କରିଥିଲେ। ଏହି ପ୍ରସ୍ତାବିତ ନିୟମ ଅନୁଯାୟୀ, ସହରରେ ନୂତନ ଘୋଡ଼ା ଗାଡ଼ି ଲାଇସେନ୍ସ ପ୍ରଦାନ ବନ୍ଦ କରାଯିବ ଏବଂ ୨୦୨୮ ଜୁନ୍ ୧ ସୁଦ୍ଧା ଏହି ଶିଳ୍ପକୁ ସମ୍ପୂର୍ଣ୍ଣ ରୂପେ ନିଷେଧ କରାଯିବ। ପୂର୍ବରୁ ଏହି ବିଲ୍ 'ରାଇଡର୍' ନାମକ ଏକ ୨୬ ବର୍ଷୀୟ ଘୋଡ଼ାର ନାମରେ ନାମିତ ଥିଲା। ୨୦୨୨ରେ କାର୍ଯ୍ୟରତ ଅବସ୍ଥାରେ ରାଇଡର୍ ଅସୁସ୍ଥ ହୋଇ ମୃତ୍ୟୁବରଣ କରିଥିଲା। ସୂଚନାଯୋଗ୍ୟ, ବିଗତ ୧୩ ମାସ ମଧ୍ୟରେ ୮ଟି ଘୋଡ଼ା ଜନିତ ଦୁର୍ଘଟଣା ଘଟିସାରିଛି।

## ୧୨୨.୪ ଡେସିବଲ୍ ତୀବ୍ରତାରେ ଚିତ୍କାର କରି ବିଶ୍ୱ ରେକର୍ଡ



କାନ୍‌ବେରା, ୨୪।୬(ଏଜେନ୍ସି): ଜଣେ ଅଷ୍ଟ୍ରେଲୀୟ ବ୍ୟକ୍ତି ବିଶ୍ୱର ସବୁଠାରୁ ଉଚ୍ଚ ସ୍ୱରରେ ଚିତ୍କାର କରୁଥିବା ବ୍ୟକ୍ତି ଭାବେ ଗିନିଜ୍ ୱାର୍ଲ୍ଡ ରେକର୍ଡରେ ନିଜ ନାମ ଲେଖାଇଛନ୍ତି। ଅଷ୍ଟ୍ରେଲିଆର ରାଜଧାନୀ କାନ୍‌ବେରାର ବାସିନ୍ଦା ୫୮ ବର୍ଷୀୟ ଜୋସେଫ୍ ମ୍ୟାକଗ୍ରେଲ୍-ବ୍ୟାଟଅପ୍ ୧୨୨.୪ ଡେସିବଲ୍ ତୀବ୍ରତାରେ ନାଓ ଶବ୍ଦଟିକୁ ଚିତ୍କାର କରି ଏହି ନୂତନ କୀର୍ତ୍ତିମାନ ସ୍ଥାପନ କରିଛନ୍ତି। ଏହି ସଫଳତା ସହ ଜୋସେଫ୍ ପ୍ରାୟ ୩୦ ବର୍ଷର ପୁରୁଣା ରେକର୍ଡକୁ ଭାଙ୍ଗିଛନ୍ତି। ଏହା ପୂର୍ବରୁ ୧୯୯୪ରେ ଉତ୍ତର ଆୟର୍ଲାଣ୍ଡର ଜଣେ ଶିକ୍ଷୟିତ୍ରୀ ଆନାଲିସା ଫ୍ଲାନାଗାନ୍ ୧୨୧.୭ ଡେସିବଲ୍ ତୀବ୍ରତାରେ 'କ୍ୱାଏଟ୍' ଶବ୍ଦ ଚିତ୍କାର କରି ବିଶ୍ୱ ରେକର୍ଡ କରିଥିଲେ। ଗିନିଜ୍ ୱାର୍ଲ୍ଡ ରେକର୍ଡ ଅନୁଯାୟୀ, ଜୋସେଫ୍‌ଙ୍କ ଏହି ଚିତ୍କାରର ଶବ୍ଦ ଏକ ଚେନ୍-ସ (ମୋଟର କରତ), ନିକଟରେ ଯାଉଥିବା ଆମ୍ବୁଲାନ୍ସ ସାଇରନ୍ କିମ୍ବା ଏକ ଜେଟ୍ ବିମାନ ଉଡ଼ାଣ ସମୟରେ ସୃଷ୍ଟି ହେଉଥିବା ଶବ୍ଦ ସହ ସମାନ। ଜୋସେଫ୍ ପେଶାରେ ଜଣେ ଏୟାର କଣ୍ଡିସନର ମିସ୍ତ୍ରୀ ଭାବେ କାମ କରନ୍ତି। ଜୋସେଫ୍ କହିଛନ୍ତି ଯେ, ଏହି ରେକର୍ଡ ପାଇଁ ଅଭ୍ୟାସ କରିବା ସମ୍ଭବ ନୁହେଁ। ଏହି ରେକର୍ଡ ପାଇଁ ତାଙ୍କୁ ୭ ଥର ଚେଷ୍ଟା କରିବାକୁ ପଡ଼ିଥିଲା। ଏଥିପାଇଁ ପ୍ରାୟ ଦୁଇ ଦିନ ପର୍ଯ୍ୟନ୍ତ ତାଙ୍କ ସ୍ୱର ବସି ଯାଇଥିଲା। ତେବେ ଜୋସେଫ୍ ବର୍ତ୍ତମାନ ବିଶ୍ୱର ସବୁଠାରୁ ଉଚ୍ଚ ସ୍ୱରର ବ୍ୟକ୍ତି ଭାବେ ରେକର୍ଡ କରିଥିବା ବେଳେ ଫ୍ଲାନାଗାନ୍ ଏବେ ମଧ ବିଶ୍ୱର ସବୁଠାରୁ ଉଚ୍ଚ ସ୍ୱରର ମହିଳା ଭାବେ ନିଜର ରେକର୍ଡ ବଜାୟ ରଖିଛନ୍ତି।

## ବିନିକା ବ୍ଲକ୍ ଅଧ୍ୟକ୍ଷାଙ୍କ ଘରକୁ ଗୁଳିମାଡ଼ ଘଟଣାରେ ୪ ଗିରଫ

# ବିଜେଡି ନେତା ଅଶୋକ ନନ୍ଦଙ୍କୁ ହତ୍ୟା ପାଇଁ ହୋଇଥିଲା ଯୋଜନା

ତରଭା,୨୪।୬(ସମିସ): ସୁବର୍ଣ୍ଣପୁର ଜିଲ୍ଲା ବିନିକା ବ୍ଲକ୍ ଅଧ୍ୟକ୍ଷା ଦୀପ୍ତିରେଖା ନନ୍ଦ ଏବଂ ବିଜେଡି ନେତା ଅଶୋକ ନନ୍ଦଙ୍କ ଘର ଉପରକୁ ଗତ ଶୁକ୍ରବାର ରାତିରେ ଗୁଳି ମାଡ଼ ଘଟଣାରେ ପୁଲିସ ୪ ଜଣଙ୍କୁ ଗିରଫ କରିଛି। ଏମାନେ ହେଲେ ବଲାଙ୍ଗିର ଗାନ୍ଧୀନଗରପଡ଼ାର ମୁନା ବାରିକ (୩୦), ସୁବର୍ଣ୍ଣପୁର ଜିଲ୍ଲା ଏସ୍ ରାମପୁର ଥାନା ଅଧୀନ ସଂହାରପଡ଼ାର ଦୁର୍ବାସା ବେହେରା (୪୫), ସୁବର୍ଣ୍ଣପୁର ଜିଲ୍ଲା ଡୁଙ୍ଗୁରିପାଲି ଥାନା ଅଧୀନ ଲୁଡକିବେଡ଼ାର ଲୋକନାଥ ନାୟକ (୨୩) ଏବଂ ସୁବର୍ଣ୍ଣପୁର ଜିଲ୍ଲା ଏସ୍ ରାମପୁର ଥାନା ଅଧୀନ ବ୍ରାହ୍ମଣୀପାଲିର ତନ୍ମୟ ବାଗ(୨୬)। ଏମାନଙ୍କଠାରୁ ୨ଟି ପିସ୍ତଲ, ୨୦ଟି ଗୁଳି, ୨ଟି ମୋବାଇଲ୍ ଫୋନ୍, ୨ଟି ଖଣ୍ଡା, ଗୋଟିଏ ଛୁରି ଜବତ ହୋଇଛି। ତଦନ୍ତ ସମୟରେ ପ୍ରଥମେ ତନ୍ମୟ ଏହି ଗୁଳିକାଣ୍ଡରେ ସାମିଲ ଥିବା ଜଣାପଡିଥିଲା। ତେଣୁ ପୁଲିସ ତାକୁ ରିମାଣ୍ଡରେ ଆଣି ପଚରାଉଚରା କରିଥିଲା। ଅଶୋକଙ୍କ ସହ ତା'ର ଶତ୍ରୁତା ଥିବା ସେ ପୁଲିସ ଆଗରେ ସ୍ୱୀକାର କରିଥିଲା। ଘଟଣା ଦିନ ସେ ଦୁର୍ବାସାର ପ୍ରାରୋଚନାରେ ଅନ୍ୟ ସହଯୋଗୀମାନଙ୍କ ସହ ମିଶି ଅଶୋକଙ୍କୁ ଗିଳି କରି ହତ୍ୟା କରିବାକୁ ଯୋଜନା କରିଥିଲା। ସେଦିନ ରାତିରେ ସେମାନେ କାର୍‌ରେ ପହଞ୍ଚି ଅଶୋକଙ୍କୁ ଡାକିଥିଲେ। ଅଶୋକ ଘରୁ ବାହାରିବା ବେଳେ ସେମାନେ ତାଙ୍କ ଉପରକୁ ଆଖିବୁଜା ଗୁଳିମାଡ଼ କରିଥିଲେ; ଅଶୋକ କିନ୍ତୁ ବର୍ତ୍ତି ଯାଇଥିଲେ। ତାଙ୍କ ଘରର ଏଣେତେଣେ ଗୁଳି ବାଜିଥିଲା। ଏହାପରେ ସେମାନେ ଫେରାର୍ ହୋଇଯାଇଥିଲେ।

# ମହିଳାଙ୍କୁ କଚାଡ଼ି ମାରିଲା ଦନ୍ତା

ଅନୁଗୋଳ୨୪।୬(ସମିସ): ଜିଲ୍ଲାରେ ପୁଣି ଥରେ ହାତୀ ଆତଙ୍କ ଦେଖିବାକୁ ମିଳିଛି। ବୁଧବାର ସକାଳେ ଅନୁଗୋଳ ସଦର ରେଞ୍ଜ ଶରଧାପୁର ଗାଁରେ ଏକ ଜଙ୍ଗଲୀ ଦନ୍ତା ହାତୀ ଆକ୍ରମଣରେ ଗୁଲ ସାହୁ (୫୦) ନାମ୍ନୀ ଜଣେ ମହିଳାଙ୍କ ମୃତ୍ୟୁ ହୋଇଛି। ଗୁଲ ସାହୁ ତାଙ୍କ ଭାଉଜ ହେଲେନ ସାହୁଙ୍କ ସହ ଗାଁ ନିକଟସ୍ଥ ଭାଲୁଖାଇ ନାଳକୁ ଗାଧୋଇବାକୁ ଯାଇଥିଲେ। ଗାଧୋଇ ସାରି ଘରକୁ ଫେରୁଥିବା ବେଳେ ଅଚାନକ ସେଠାରେ ଥିବା ଏକ ଦନ୍ତା ହାତୀ ସେମାନଙ୍କୁ ଆକ୍ରମଣ କରିଥିଲା। ହେଲେନ କୌଶଳକ୍ରମେ ବର୍ତ୍ତି ଯାଇଥିବାବେଳେ ହାତୀଟି ଗୁଲଙ୍କୁ ଶୁଣ୍ଢରେ ଟେକି କଚାଡ଼ି ଦେଇଥିଲା। ଫଳରେ ଘଟଣାସ୍ଥଳରେ ହିଁ ତାଙ୍କର ପ୍ରାଣବାୟୁ ଉଡ଼ିଯାଇଥିଲା। ଗତ ସୋମବାର ଜଗନ୍ନାଥପୁରରେ ଜଣେ ହାତୀ ଜଗୁଆଳିଙ୍କ ମୃତ୍ୟୁର ଦୁଇ ଦିନ ପରେ ଏଭଳି ଘଟଣା ସ୍ଥାନୀୟ ଅଞ୍ଚଳରେ ଭୟର ବାତାବରଣ ସୃଷ୍ଟି କରିଛି। ବାରମ୍ବାର ହାତୀ ଆକ୍ରମଣ ଓ ବନବିଭାଗର ଅବହେଳାକୁ ନେଇ ସ୍ଥାନୀୟ ଲୋକଙ୍କ ମଧ୍ୟରେ ତୀବ୍ର ଅସନ୍ତୋଷ ପ୍ରକାଶ ପାଇଛି। ଘଟଣାସ୍ଥଳରେ ଉତ୍ତେଜନା ପ୍ରକାଶ ପାଇଥିବା ବେଳେ ବନବିଭାଗ କର୍ମଚାରୀ ପହଞ୍ଚି ତଦନ୍ତ ଜାରି ରଖିଛନ୍ତି।

## ଜେଲ୍ ଗଲେ କୋଟିପତି ନିର୍ବାହୀ ଯନ୍ତ୍ରୀ

# ଶ୍ରୀଲଙ୍କାରେ କରୁଥିଲେ ବେଟିଂ, ୧୧୯% ଆୟ ବହିର୍ଭୂତ ସମ୍ପତ୍ତି

ସମ୍ବଲପୁର, ୨୪।୬ (ସମିସ): ସମ୍ବଲପୁର ଭିଜିଲାନ୍ସ ଡିଭିଜନ ପକ୍ଷରୁ ଗତକାଲି ଆୟ ବହିର୍ଭୂତ ସମ୍ପତ୍ତି ଠୁଳ ଅଭିଯୋଗରେ ସମ୍ବଲପୁର କମାଣ୍ଡ ଏରିଆ ଡେଭେଲପମେଣ୍ଟ ଅଥରିଟି (ସିଏଡିଏ) ସେଚାଞ୍ଚଳ ଉନ୍ନୟନ ବିଭାଜନ-୪ର ନିର୍ବାହୀ ଯନ୍ତ୍ରୀ (କୃଷି) ଇଂ. ପଦ୍ମଲୋଚନ ନାୟକଙ୍କ ସମ୍ବଲପୁର ସମେତ ୭ଟି ସ୍ଥାନରେ ଏକକାଳୀନ ଚଢ଼ଉ କରାଯାଇଥିଲା। ତଦନ୍ତ ଓ ଯାଞ୍ଚ ପ୍ରକ୍ରିୟା ଜାରି ରହିଥିବାବେଳେ ତାଙ୍କ ପାଖରେ ଆୟଠାରୁ ୪ କୋଟି ୩୫ ଲକ୍ଷରୁ ଅଧିକ ଟଙ୍କାର ସମ୍ପତ୍ତି ରହିଥିବା ଜଣାପଡ଼ିଛି। ଏହି ସମ୍ପତ୍ତି ସମ୍ପର୍କରେ ସେ କୌଣସି ସନ୍ତୋଷଜନକ ଉତ୍ତର ଦେଇପାରି ନ ଥିଲେ। ସମ୍ବଲପୁର ଭିଜିଲାନ୍ସ ଡିଭିଜନ ପକ୍ଷରୁ ଏକ ମାମଲା ରୁଜୁ କରାଯାଇ ଆଜି ତାଙ୍କୁ ଗିରଫକରି କୋର୍ଟଚାଲାଣ କରାଯାଇଥିବା ସାମ୍ବାଦିକ ସମ୍ମିଳନୀର ଭିଜିଲାନ୍ସ ଏସ୍‌ପି ପ୍ରଦ୍ୟୁମ୍ନ କୁମାର ଦ୍ୱିବେଦୀ ସୂଚନା ଦେଇଛନ୍ତି। ଏହାସହ ତଦନ୍ତ ସମୟରେ ତାଙ୍କ ପାଖରୁ ଏକ ପାସ୍‌ପୋର୍ଟ ଜବତ ହୋଇଛି। ଏଥିରୁ ଇଂ. ନାୟକ ଏକାଧିକ ବିଦେଶ ଗସ୍ତ କରିଥିବା ଜଣାପଡ଼ିଛି ଏବଂ ସେ ବିଶେଷକରି ଶ୍ରୀଲଙ୍କା ଗସ୍ତ କରିଛନ୍ତି। ତାଙ୍କ ମୋବାଇଲ୍ ଓ ଅନ୍ୟାନ୍ୟ ଗ୍ୟାଜେଟ୍ ଯାଞ୍ଚରୁ ମିଳିଥିବା ସୂଚନା ଅନୁଯାୟୀ ସେ ଶ୍ରୀଲଙ୍କାରେ ଗ୍ୟାମ୍ବ୍ଲିଂ (ଜୁଆ) ଏବଂ ବେଟିଂରେ ଲିପ୍ତ ଥିଲେ। ଏଥିରେ ସେ କେତେ ଟଙ୍କା ନିବେଶ କରିଛନ୍ତି ଏବଂ ଅନ୍ୟ ତଥ୍ୟ ସକାଶେ ଖୋଳତାଡ଼ ଚାଲିଥିବା ଏସ୍‌ପି ଶ୍ରୀ ଦ୍ୱିବେଦୀ କହିଛନ୍ତି।

ଭିଜିଲାନ୍ସ ଏସ୍‌ପି ଶ୍ରୀ ଦ୍ୱିବେଦୀ କହିଛନ୍ତି ଯେ, ମଙ୍ଗଳବାର ଆୟ ବହିର୍ଭୂତ ସମ୍ପତ୍ତି ଅଭିଯୋଗରେ ସକାଳ ୭ଟାରୁ ସମ୍ବଲପୁରରେ ଭଡ଼ାଘର ଓ କାର୍ଯ୍ୟାଳୟ ସମେତ କଟକ, ବାଲେଶ୍ୱର ଓ ମାଲକାନଗିରିରେ ୭ଟି ସ୍ଥାନରେ ଏକକାଳୀନ ଚଢ଼ଉ କରାଯାଇଥିଲା। ଚଢ଼ଉ ଶେଷ ହେବାପରେ ବୁଧବାର ସମ୍ପତ୍ତିର ଆକଳନ କରାଯାଇ ୪ କୋଟି ୩୫ ଲକ୍ଷ ଟଙ୍କାର ଅଧିକ ସମ୍ପତ୍ତି ଥିବା ଜଣାପଡ଼ିଛି। ଏହା ତାଙ୍କ ବୈଧ ଆୟର ପ୍ରାୟ ୧୧୯ ପ୍ରତିଶତ ଅଧିକ। ନିର୍ବାହୀ ଯନ୍ତ୍ରୀ ଇଂ. ନାୟକଙ୍କ ନାମ ସହିତ ତାଙ୍କ ପତ୍ନୀ ଓ ସନ୍ତାନମାନଙ୍କ ନାମରେ ବିପୁଳ ପରିମାଣର ସ୍ଥାବର ଓ ଅସ୍ଥାବର ସମ୍ପତ୍ତି ରହିଛି। ଯାହାକୁ ହିସାବ କଲେ ୫ କୋଟିରୁ ମଧ୍ୟ ଅଧିକ ହେବ। ବର୍ତ୍ତମାନ ସୁଦ୍ଧା ତାଙ୍କର ୧୮ଟି ମୂଲ୍ୟବାନ ପ୍ଲଟ୍ ଠାବ କରାଯାଇଛି, ଯାହା ବାଲେଶ୍ୱର, ଯାଜପୁର ଜିଲାର କୋରେଇ ଥାନା ଅନ୍ତର୍ଗତ ରାସ୍ତା କଡ଼ରେ ଏବଂ କଟକର ବିଦ୍ୟାଧରପୁର ଭଳି ପ୍ରମୁଖ ସ୍ଥଳ ମାନଙ୍କରେ



### ୪ କୋଟି ୩୫ ଲକ୍ଷର ଆୟବହିର୍ଭୂତ ସମ୍ପତ୍ତି

### ୧୮ଟି ପ୍ଲଟ, ୩ ମହଲା ଘର, ବହୁ ଯାନବାହନ

### ବିଦେଶ ଗସ୍ତ ଓ ଗ୍ୟାମ୍ବ୍ଲିଂକୁ ନେଇ ତଦନ୍ତ ଜାରି

ରହିଛି। ଏହାବ୍ୟତୀତ କଟକରେ ଏକ ୩ ମହଲା ବିଶିଷ୍ଟ ସୁଦୃଶ୍ୟ ଅଟ୍ଟାଳିକା ରହିଛି ଯେଉଁଠାରେ ତାଙ୍କ ପରିବାର ରହୁଛନ୍ତି। ତାଙ୍କ ପୈତୃକ ଗ୍ରାମରେ ଏକ ୨ ମହଲା ଏବଂ ଏକ ୧ ମହଲା ବିଶିଷ୍ଟ ୨ଟି କୋଠା ରହିଛି। ଇନ୍‌ସୁରେନ୍ସ ପଲିସି, ମ୍ୟୁଚୁଆଲ୍ ଫଣ୍ଡ ଏବଂ ସେୟାର ମାର୍କେଟରେ ହୋଇଥିବା ବିପୁଳ ନିବେଶର ଯାଞ୍ଚ ପ୍ରକ୍ରିୟା ଏବେ ମଧ୍ୟ ଜାରି ରହିଛି, ଯାହାର ସମ୍ପୂର୍ଣ୍ଣ ରିପୋର୍ଟ ଆସିବା ପରେ ଏହି ସମ୍ପତ୍ତିର ପରିମାଣ ଆହୁରି ବୃଦ୍ଧି ପାଇପାରେ। କଟକ ବାସଭବନ ଯାଞ୍ଚବେଳେ ସେଠାରୁ ଆମେରିକୀୟ ଡଲାର, ନେପାଳୀ ମୁଦ୍ରା, ବାହାରିନ୍‌ର ଦିନାର ଏବଂ ଶ୍ରୀଲଙ୍କାର ମୁଦ୍ରା ଆଦି ବିଦେଶୀ ମୁଦ୍ରା ମଧ୍ୟ ମିଳିଛି। ତାଙ୍କ ପାଖରୁ ଜବତ ହୋଇଥିବା ପାସପୋର୍ଟରୁ ଏକାଧିକ ଥର ବିଦେଶ ଗସ୍ତ କରିଥିବା ଜଣାପଡ଼ିଥିବାବେଳେ ବହୁବାର ଶ୍ରୀଲଙ୍କା ଗସ୍ତ କରିଛନ୍ତି। ତାଙ୍କ ମୋବାଇଲ୍ ଓ ଅନ୍ୟାନ୍ୟ ଗ୍ୟାଜେଟ୍ ଯାଞ୍ଚରୁ ମିଳିଥିବା ସୂଚନା ଅନୁଯାୟୀ ସେ ଶ୍ରୀଲଙ୍କାରେ ଗ୍ୟାମ୍ବ୍ଲିଂ ଏବଂ ବେଟିଂରେ ଲିପ୍ତ ଥିଲେ। ଏନେଇ ତଦନ୍ତ ଜାରି ରହିଛି। ସେ କେବେ କେବେ ବିଦେଶ ଗସ୍ତ କରିଛନ୍ତି ସେ ସମ୍ପର୍କରେ ସବିଶେଷ ବିବରଣୀ ପାଇଁ ପାସପୋର୍ଟ ଅଫିସ୍ ସହ ଯୋଗାଯୋଗ କରାଯାଇଥିବା ସେ କହିଛନ୍ତି। ତାଙ୍କର ସମସ୍ତ ବ୍ୟାଙ୍କ ଆକାଉଣ୍ଟ ଓ ଜମା ରାଶିକୁ ଫ୍ରିଜ୍ କରାଯାଇଛି। ତାଙ୍କର ସମସ୍ତ ଆୟ ବହିର୍ଭୂତ ସମ୍ପତ୍ତିକୁ ବାଜ୍ୟାପ୍ତ (ସିଜ୍) କରିବା ପାଇଁ କୋର୍ଟରେ ଆଇନଗତ ପ୍ରକ୍ରିୟା ଭିଜିଲାନ୍ସ ବିଭାଗ ପକ୍ଷରୁ ଆରମ୍ଭ କରାଯିବ। ସରକାରୀ ନିର୍ମାଣ କାର୍ଯ୍ୟରେ ସମ୍ପୃକ୍ତ ଠିକାଦାରମାନଙ୍କଠାରୁ ସେ ଏହି ସମସ୍ତ ଅର୍ଥ ଆଦାୟ କରୁଥିବା ସନ୍ଦେହ କରାଯାଉଛି। ଚଢ଼ଉ ସମୟରେ ୩ଟି ଚାରିଚକିଆ ଯାନ, ୨ଟି ଜେସିବି ମେସିନ୍, ଗୋଟିଏ ଟ୍ୟାଙ୍କର, ଗୋଟିଏ ଟ୍ରାକ୍ଟର, ଗୋଟିଏ ଟ୍ରକ୍ ଏବଂ ୨ଟି ଦୁଇଚକିଆ ଯାନ ଠାବ କରାଯାଇଛି। ସୂଚନାଯୋଗ୍ୟ ଯେ, ଇଂ. ନାୟକ ୧୯୯୧ ଜୁଲାଇ ମାସରେ ନିଜର ଚାକିରୀକାଳ ସମ୍ବଲପୁରରୁ ହିଁ କନିଷ୍ଠ କୃଷି ଯନ୍ତ୍ରୀ ଭାବେ ମାତ୍ର ୨୬୦୦ ଟଙ୍କା ଦରମାରେ ଆରମ୍ଭ କରିଥିଲେ। ମଝିରେ ଥରେ ସହକାରୀ ଯନ୍ତ୍ରୀ (ଏଏଇ) ପାହ୍ୟାକୁ ପଦୋନ୍ନତି ପାଇ ସମ୍ବଲପୁରକୁ ବଦଳି ହୋଇ ଆସିଥିବାବେଳେ ସମ୍ପ୍ରତି ୧-୧୨-୨୦୨୩ରୁ ନିର୍ବାହୀ ଯନ୍ତ୍ରୀ ଭାବେ କାର୍ଯ୍ୟରତ ଥିଲେ। ଆସନ୍ତା ୨୦୨୭ ମସିହା ଫେବୃଆରୀ ମାସରେ ତାଙ୍କର ଅବସରଗ୍ରହଣ କରିବାର ଥିଲା ବୋଲି ଭିଜିଲାନ୍ସ ଏସ୍‌ପି ଶ୍ରୀ ଦ୍ୱିବେଦୀ ସୂଚନା ଦେଇଛନ୍ତି।

## ରକ୍ତରଞ୍ଜିତ ରାମନଗର

# ବିଜେପି ବୁଥ୍ ସଭାପତିଙ୍କୁ ନିର୍ମମ ହତ୍ୟା



### ଅଭିଯୁକ୍ତ ସଞ୍ଜୟ ମଣ୍ଡଳ ଗିରଫ

### ଆଇନଶୃଙ୍ଖଳା ବିଫଳତା ନେଇ ଉଠିଲା ପ୍ରଶ୍ନ

ମହାକାଳପଡ଼ା, ୨୪।୬ (ସମିସ): ମହାକାଳପଡ଼ା ବ୍ଲକ ଅନ୍ତର୍ଗତ ରାମନଗର ପଞ୍ଚାୟତରେ ଜଣେ ବିଜେପି କର୍ମୀଙ୍କ ନିର୍ମମ ହତ୍ୟା ଘଟଣା ସମଗ୍ର ଅଞ୍ଚଳକୁ ସ୍ତବ୍ଧ କରିଦେଇଛି। ବିଜେପିର ୧୯୭ ନଂ ବୁଥ ସଭାପତି ତପନ ଦାସଙ୍କୁ ପଥରରେ ଛେଚି ହତ୍ୟା କରାଯାଇଥିବା ଘଟଣା ପରେ କେବଳ ଅଞ୍ଚଳରେ ଶୋକର ଛାୟା ଖେଳିଯାଇନାହିଁ, ବରଂ ସ୍ଥାନୀୟ ପ୍ରଶାସନ ଓ ପୁଲିସର କାର୍ଯ୍ୟଦକ୍ଷତା ଉପରେ ଗୁରୁତର ପ୍ରଶ୍ନ ଉଠିଛି। ଏହି ଘଟଣାରେ ଅଭିଯୁକ୍ତ ସଞ୍ଜୟ ମଣ୍ଡଳଙ୍କୁ ଜମ୍ବୁ ମେରାଇନ ଥାନା ପୁଲିସ ଗିରଫ କରିଥିବାବେଳେ ସ୍ଥାନୀୟ ଲୋକଙ୍କ ଅଭିଯୋଗ ହେଉଛି, ସେ ଦୀର୍ଘଦିନ ଧରି ଅଞ୍ଚଳରେ ଆତଙ୍କରାଜ ଚଳାଇ ଆସୁଥିଲେ। ପ୍ରତିଦିନ ସନ୍ଧ୍ୟା ସମୟରେ ରାସ୍ତା ଉପରେ ଲୋକଙ୍କୁ ଅଟକାଇ ଗାଳିଗୁଲଜ କରିବା, ବାଇକ୍ ଚାଳକଙ୍କୁ ହଇରାଣ କରିବା ଓ ଅଯଥା ଗଣ୍ଡଗୋଳ ସୃଷ୍ଟି କରିବା ତାଙ୍କର ନିତିଦିନିଆ ଅଭ୍ୟାସ ହୋଇପଡ଼ିଥିଲା। ଏସବୁ ଘଟଣାକୁ ଗୁରୁତ୍ୱ ଦିଆଯାଇ ନ ଥିବାରୁ ଶେଷରେ ଏକ ନିର୍ଦ୍ଦୋଷ ଜୀବନ ଚାଲିଗଲା ବୋଲି ଲୋକେ ମତ ପ୍ରକାଶ କରିଛନ୍ତି।

ସୂଚନା ମୁତାବକ, ଗତକାଲି ବିଳମ୍ବିତ ରାତିରେ ସଞ୍ଜୟ ମଣ୍ଡଳ ଘର ନିକଟରେ ଏକ ଭୋଜି ଚାଲିଥିବା ସମୟରେ ରାସ୍ତା ଉପରେ ଆତଙ୍କ ସୃଷ୍ଟି କରୁଥିଲେ। ଏହାକୁ ଦେଖି ତପନ ଦାସ ପରିସ୍ଥିତିକୁ ଶାନ୍ତ କରିବା ଓ ସଞ୍ଜୟଙ୍କୁ ବୁଝାଇବା ପାଇଁ ଆଗକୁ ଆସିଥିଲେ। କିନ୍ତୁ ସାମାନ୍ୟ କଥା କାଟାକାଟିରୁ ଘଟଣା ହିଂସାତ୍ମକ ରୂପ ନେଇଥିଲା। ସଞ୍ଜୟ ହଠାତ୍ ଉତ୍କ୍ଷିପ୍ତ ହୋଇ ଏକ କାଠ ଫାଳିଆରେ ତପନଙ୍କୁ ଆକ୍ରମଣ କରିଥିଲେ। ମୁଣ୍ଡରେ ଗୁରୁତର ଆଘାତ ଲାଗିବାରୁ ତପନ ଘଟଣାସ୍ଥଳରେ ତଳେ ପଡ଼ିଯାଇଥିଲେ। ଏତିକିରେ ଆକ୍ରମଣକାରୀଙ୍କ ରାଗ ଶାନ୍ତ ହୋଇ ନ ଥିଲା। ପରେ ପଥରରେ ତାଙ୍କ ମୁଣ୍ଡକୁ ଛେଚି ଦେଇଥିଲେ। ଫଳରେ ତପନଙ୍କ ମୃତ୍ୟୁ ଘଟିଥିଲା। ଏଭଳି ନିର୍ମମ ହତ୍ୟା ଘଟଣା ସମଗ୍ର ଅଞ୍ଚଳରେ ଭୟ ଓ ଅସୁରକ୍ଷାର ପରିବେଶ ସୃଷ୍ଟି କରିଛି। ଘଟଣା ପରେ ଅଭିଯୁକ୍ତ ଫେରାର ହୋଇଯାଇଥିବାବେଳେ ଜମ୍ବୁ ମେରାଇନ ଥାନା ଅଧିକାରିଣୀ ଅନିତା ସ୍ୱାଇଁଙ୍କ ନେତୃତ୍ୱରେ ପୁଲିସ ଟିମ୍ ତଦନ୍ତ ଆରମ୍ଭ କରିଥିଲା। ବିଭିନ୍ନ ସ୍ଥାନରେ ଚଢ଼ଉ କରି ଶେଷରେ ସଞ୍ଜୟ ମଣ୍ଡଳଙ୍କୁ ଗିରଫ କରାଯାଇଛି। ତାଙ୍କ ବିରୋଧରେ ହତ୍ୟା ମାମଲା ରୁଜୁ ହୋଇଥିବାବେଳେ ଅଧିକ ତଦନ୍ତ ଚାଲିଛି।

ତେବେ ଏହି ଘଟଣା ପରେ ସାଧାରଣ ଲୋକଙ୍କ ମଧ୍ୟରେ ଗୋଟିଏ ପ୍ରଶ୍ନ ବାରମ୍ବାର ଉଠୁଛି। ଯଦି ସଞ୍ଜୟ ମଣ୍ଡଳଙ୍କ ବିରୋଧରେ ପୂର୍ବରୁ ଏତେ ଅଭିଯୋଗ ଥିଲା, ତେବେ ପୁଲିସ କିମ୍ବା ପ୍ରଶାସନ କାହିଁକି ତାଙ୍କ ବିରୋଧରେ କୌଣସି ପ୍ରତିରୋଧାତ୍ମକ ପଦକ୍ଷେପ ନେଇ ନ ଥିଲା? ସ୍ଥାନୀୟ ଲୋକଙ୍କ କହିବା ଅନୁଯାୟୀ, ଏହି ଅବହେଳା ହିଁ ଶେଷରେ ଜଣେ ରାଜନୈତିକ କର୍ମୀଙ୍କ ଜୀବନ ନେଇଛି। ଘଟଣାକୁ ନେଇ ରାମନଗର ଅଞ୍ଚଳରେ ତୀବ୍ର ଅସନ୍ତୋଷ ଦେଖାଦେଇଛି। ସ୍ଥାନୀୟ ବାସିନ୍ଦା ଅଭିଯୋଗ କରିଛନ୍ତି ଯେ, ଆଇନଶୃଙ୍ଖଳା ପରିସ୍ଥିତି ଦିନକୁ ଦିନ ଅବନତି ହେଉଥିବା ସତ୍ତ୍ୱେ ପ୍ରଶାସନ ନିରବଦ୍ରଷ୍ଟା ସାଜିଛି। ଅପରାଧୀଙ୍କ ମନରେ ପୁଲିସ ଭୟ ନ ଥିବାରୁ ଏଭଳି ଘଟଣା ବଢ଼ୁଛି ବୋଲି ଅଞ୍ଚଳବାସୀ କହିଛନ୍ତି। ଜଣେ ବୁଥ ସଭାପତିଙ୍କୁ ନିର୍ମମ ହତ୍ୟା କେବଳ ଏକ ଅପରାଧିକ ଘଟଣା ନୁହେଁ, ବରଂ ଅଞ୍ଚଳର ଆଇନଶୃଙ୍ଖଳା ବ୍ୟବସ୍ଥାର ଦୁର୍ବଳତାକୁ ମଧ୍ୟ ପଦାକୁ ଆଣିଛି। ତେଣୁ ଏହି ଘଟଣାର ନିରପେକ୍ଷ ତଦନ୍ତ ସହିତ ଭବିଷ୍ୟତରେ ଏଭଳି ଘଟଣା ନ ଘଟିବା ପାଇଁ ପ୍ରଶାସନ କେଉଁ ପଦକ୍ଷେପ ନେଉଛି, ତାହା ଉପରେ ସମସ୍ତଙ୍କ ନଜର ରହିଛି।

## ■ ସାମ୍ବାଦିକଙ୍କୁ ପେନ୍‌ସନ୍ ମାମଲା

# ୩ ମାସରେ ନିଷ୍ପତ୍ତି ନେବାକୁ ହାଇକୋର୍ଟଙ୍କ ନିର୍ଦ୍ଦେଶ

କଟକ,୨୪।୬(ସବ୍ୟ): ସାମ୍ବାଦିକଙ୍କୁ ପେନ୍‌ସନ୍ ପ୍ରଦାନ ମାମଲାରେ ହାଇକୋର୍ଟ୍ ଏକ ଗୁରୁତ୍ୱପୂର୍ଣ୍ଣ ଆଦେଶ ଦେଇଛନ୍ତି। ଏ ପ୍ରସଙ୍ଗରେ ରାଜ୍ୟ ସରକାର ତିନି ମାସ ମଧ୍ୟରେ ଉପଯୁକ୍ତ ନିଷ୍ପତ୍ତି ନେବାକୁ ହାଇକୋର୍ଟ ଆଦେଶ ଦେଇଛନ୍ତି। ଏ ସଂକ୍ରାନ୍ତରେ ସମସ୍ତ ପ୍ରକାର ପ୍ରଶାସନିକ ପଦକ୍ଷେପ, ଆବଶ୍ୟକ ଆର୍ଥିକ ବ୍ୟବସ୍ଥା ଆଦି ବିଚାର କରି ପଦକ୍ଷେପ ନେବାକୁ ହାଇକୋର୍ଟର ବିଚାରପତି ଜଷ୍ଟିସ୍ ଏସ୍.କେ. ପାଣିଗ୍ରାହୀ ଆଦେଶ ଦେଇଛନ୍ତି। ଯଦି ଧାର୍ଯ୍ୟ ସମୟ ମଧ୍ୟରେ ରାଜ୍ୟ ସରକାର ଆବଶ୍ୟକ ପଦକ୍ଷେପ ଗ୍ରହଣ ନକଲେ ତାହେଲେ ଆବେଦନକାରୀ ପୁନର୍ବାର ଅଦାଲତଙ୍କ ଦ୍ୱାରସ୍ଥ ହୋଇପାରିବେ ବୋଲି ହାଇକୋର୍ଟ କହିଛନ୍ତି। ସିନିୟର୍ ଜର୍ଣ୍ଣାଲିଷ୍ଟ ଆସୋସିଏସନ, ଓଡ଼ିଶା ପକ୍ଷରୁ ଏହି ଅଦାଲତ ମାମଲା ରୁଜୁ କରାଯାଇଥିଲା। ଆଜି ପର୍ଯ୍ୟନ୍ତ ଓଡ଼ିଶାରେ ବରିଷ୍ଠ ସାମ୍ବାଦିକଙ୍କୁ ପେନ୍‌ସନ୍ ପ୍ରଦାନ କରାଯାଉ ନଥିବାରୁ ଅଦାଲତଙ୍କ ଦୃଷ୍ଟି ଆକର୍ଷଣ କରାଯାଇଥିଲା। ରାଜ୍ୟ ସରକାର ଜବାବ ରଖି ଦର୍ଶାଇଥିଲେ ଯେ ସାମ୍ବାଦିକଙ୍କୁ ପେନ୍‌ସନ୍ ଦେବା ସଂକ୍ରାନ୍ତରେ ରାଜ୍ୟ ସରକାର ବିଚାରବିମର୍ଶ କରୁଛନ୍ତି। ଏଥିପାଇଁ ଅତିକମ୍‌ରେ ତିନିମାସ ସମୟ ଦିଆଯାଉ। ଏହି ଜବାବକୁ ଗ୍ରହଣ କରି ହାଇକୋର୍ଟ ରାଜ୍ୟ ସରକାରଙ୍କୁ ପେନ୍‌ସନ୍ ସଂକ୍ରାନ୍ତରେ ତିନିମାସ ମଧ୍ୟରେ ନିଷ୍ପତ୍ତି ନେବାକୁ ନିର୍ଦ୍ଦେଶ ଦେଇଛନ୍ତି।

## ■ ରଥଯାତ୍ରାରେ ଶୃଙ୍ଖଳିତ ପରିବହନ ଲକ୍ଷ୍ୟ

# ଅନ୍ୟ ରୁଟ୍ ବସଙ୍କୁ ମିଳିବ ପୁରୀ ପାଇଁ ଅସ୍ଥାୟୀ ପରମିଟ୍

ଭୁବନେଶ୍ୱର,୨୪।୬(ସମିସ): ବିଶ୍ୱପ୍ରସିଦ୍ଧ ପୁରୀ ରଥଯାତ୍ରାରେ ଶ୍ରଦ୍ଧାଳୁଙ୍କ ସୁଗମ ପରିବହନ ପାଇଁ ବୁଧବାର ଏକ ସମନ୍ୱୟ ବୈଠକ ଅନୁଷ୍ଠିତ ହୋଇଛି। ଆଞ୍ଚଳିକ ପରିବହନ ଅଧିକାରୀ(ଆରଟିଓ)ଙ୍କ ଭୁବନେଶ୍ୱର-୧ କାର୍ଯ୍ୟାଳୟରେ ପରିବହନ ଆୟୁକ୍ତ ଅମିତାଭ ଠାକୁରଙ୍କ ଅଧ୍ୟକ୍ଷତାରେ ବୈଠକ ଅନୁଷ୍ଠିତ ହୋଇଥିଲା। ଶ୍ରୀଗୁଣ୍ଡିଚା, ବାହୁଡ଼ା ଓ ସୁନାବେଶରେ ଶ୍ରୀକ୍ଷେତ୍ର ପୁରୀକୁ ଲକ୍ଷ ଲକ୍ଷ ଶ୍ରଦ୍ଧାଳୁଙ୍କ ସୁଅ ଛୁଟିବ।

- ■ ପରିବହନ ଆୟୁକ୍ତଙ୍କ ଅଧ୍ୟକ୍ଷତାରେ ସମନ୍ୱୟ ବୈଠକ
- ■ ୪୫୦ଟି ଇ-ରିକ୍ସା ହେବ ନିୟୋଜିତ
- ■ ନିର୍ଦ୍ଧାରିତ ମୂଲ୍ୟଠାରୁ ଅଧିକ ଭଡ଼ା ଆଦାୟ ରୋକିବା ଉପରେ ପଦକ୍ଷେପ

ଶ୍ରଦ୍ଧାଳୁମାନେ କିଭଳି ପୁରୀରେ ସୁବିଧାରେ ପହଞ୍ଚିବେ ଓ ଫେରିବେ, ସେ ବିଷୟରେ ବିଭିନ୍ନ ଦିଗ ଉପରେ ଆଲୋଚନା କରାଯିବା ସହ କେତେକ ନିଷ୍ପତ୍ତି ଗ୍ରହଣ କରାଯାଇଛି।

ଯାତ୍ରୀଙ୍କ ଚାହିଦା ପୂରଣ ପାଇଁ ପୁରୀକୁ ବହୁ ସଂଖ୍ୟାରେ ଷ୍ଟେଜ୍ କ୍ୟାରେଜ୍ ବସ୍ ଚଳାଚଳ କରିବାର ଆବଶ୍ୟକତା ରହିଛି। ଏଥିପାଇଁ ଶ୍ରୀଗୁଣ୍ଡିଚା ଯାତ୍ରା, ବାହୁଡ଼ା ଯାତ୍ରା ଓ ସୁନାବେଶ ନିମନ୍ତେ ଅସ୍ଥାୟୀ ପରମିଟ୍ ପ୍ରଦାନ କରାଯିବ। ରଥଯାତ୍ରାର ପୂର୍ବଦିନ ପାଇଁ ମଧ୍ୟ ଏହି ଅସ୍ଥାୟୀ ପରମିଟ୍ ମିଳିପାରିବ। ପୁରୀ ବାହାର ରୁଟ୍‌ର କୌଣସି ବି ବସ୍ ମାଲିକ ଏଥିପାଇଁ ଆବେଦନ କରିପାରିବେ। ଏବେ ପୁରୀକୁ ପ୍ରତିଦିନ ପ୍ରାୟ ୨୦୦ ଘରୋଇ ବସ୍ ଚଳାଚଳ କରୁଥିବା ବେଳେ ରଥଯାତ୍ରା ସମୟରେ ଏହି ସଂଖ୍ୟାକୁ ଦୁଇଗୁଣା କରିବାକୁ ଲକ୍ଷ୍ୟ ରଖାଯାଇଛି। ସେହିଭଳି ପୁରୀକୁ ଓଏସଆରଟିସି ଏବଂ କ୍ରୁଟ୍ ସରକାରୀ ବସ୍ ସଂଖ୍ୟା ମଧ୍ୟ ଏହି ସମୟରେ ବୃଦ୍ଧି କରାଯିବ। ରଥଯାତ୍ରା ସମୟରେ ପୁରୀଠାରେ ଏକ ସୂଚନା କେନ୍ଦ୍ର ତଥା ନିୟନ୍ତ୍ରଣ କକ୍ଷ ୨୪ ଘଣ୍ଟା ଖୋଲା ରହିବ। ଏଥିପାଇଁ ସ୍ୱତନ୍ତ୍ର ନମ୍ବର ଜାରି ହେବ। ତାଳବଣିଆରେ ମଧ୍ୟ ଏକ ହେଲ୍ପଡେସ୍କ କାର୍ଯ୍ୟ କରିବ। ଏହା ସହ ଏସଟିଏର ୨୪ ଘଣ୍ଟିଆ ଟୋଲ୍ ଫ୍ରି ନମ୍ବର ମଧ୍ୟ ସୂଚନା ପ୍ରଦାନ ପାଇଁ କାର୍ଯ୍ୟ କରିବା ନେଇ ଆଲୋଚନା ହୋଇଛି। ସେହିଭଳି ତାଳବଣିଆ ଓ ଅନ୍ୟ ପ୍ରମୁଖ ପାର୍କିଂ ସ୍ଥାନରୁ ନିଃଶୁଳ୍କ ଇ-ରିକ୍ସା ସୁବିଧା ପରିବହନ ବିଭାଗ ଦ୍ୱାରା କରାଯିବ। ଏଥିପାଇଁ ୪୫୦ଟି ଇ-ରିକ୍ସା ନିୟୋଜିତ କରିବାକୁ ନିଷ୍ପତ୍ତି ଗ୍ରହଣ କରାଯାଇଛି। ପ୍ରତି ବସରେ ଭଡ଼ା ଚାର୍ଟ ଲଗାଇବାକୁ ବାଧ୍ୟତାମୂଳକ କରାଯାଇଛି। କୌଣସି ବସ୍ ଯେପରି ନିର୍ଦ୍ଧାରିତ ଭଡ଼ାଠାରୁ ଅଧିକ ଟଙ୍କା ? ଆଦାୟ ନ କରନ୍ତି, ସେଥିପାଇଁ ପରିବହନ ବିଭାଗ ସହ ବସ୍ ମାଲିକ ସଂଘ ମଧ୍ୟ କଡ଼ା ଦୃଷ୍ଟି ଦେବେ।

ଜରୁରୀକାଳୀନ ପରିସ୍ଥିତିର ମୁକାବିଲା ପାଇଁ ଭୁବନେଶ୍ୱରରୁ ପୁରୀ ରାସ୍ତାରେ ପର୍ଯ୍ୟାପ୍ତ ସଂଖ୍ୟକ କ୍ରେନ୍ ଏବଂ ଆମ୍ବୁଲାନ୍ସ ମୁତୟନ କରାଯିବ। ଉଭୟ ସରକାରୀ ଓ ଘରୋଇ ଡାକ୍ତରଖାନାରେ ସଡ଼କ ଦୁର୍ଘଟଣାଗ୍ରସ୍ତଙ୍କ ତ୍ୱରିତ ଚିକିତ୍ସା ସୁନିଶ୍ଚିତ କରାଯିବ। ରଥଯାତ୍ରା ସମୟରେ ଭୁବନେଶ୍ୱର-ପୁରୀ ଏବଂ ପୁରୀ-କୋଣାର୍କ ରାଜପଥରେ ଯଦି କୌଣସି ଗାଡ଼ି ଖରାପ ହୁଏ, ତେବେ ତୁରନ୍ତ ମରାମତି ସେବା ଯୋଗାଇଦେବା ପାଇଁ ଗାଡ଼ି ନିର୍ମାତା ଓ ଡିଲରମାନଙ୍କୁ କୁହାଯାଇଛି। ବୈଠକରେ ଭୁବନେଶ୍ୱର ଓ କଟକ ଡିସିପି, ଟ୍ରାଫିକ ଡିସିପି, ପୁରୀର ଅତିରିକ୍ତ ଏସପି, ଜାତୀୟ ରାଜପଥ କର୍ତ୍ତୃପକ୍ଷ, ବସ୍ ମାଲିକ ସଂଘର କର୍ମକର୍ତ୍ତା, ଓଏସଆରଟିସି ଏବଂ କ୍ରୁଟ୍ ପ୍ରତିନିଧିମାନେ ଉପସ୍ଥିତ ଥିଲେ। ଭର୍ଚୁଆଲ ମାଧ୍ୟମରେ ପୁରୀ ଜିଲ୍ଲାପାଳ ଯୋଗ ଦେଇଥିଲେ।

# ବ୍ରହ୍ମପୁରରୁ ଆଇପିଏଲ ବୁକିକୁ ଉଠାଇ ନେଲା ପୁରୀ ପୁଲିସ

ବ୍ରହ୍ମପୁର/ପୁରୀ,୨୪।୬(ସମିସ): ବ୍ରହ୍ମପୁର ପୁଲିସ ଯେଉଁ ଆଇପିଏଲ ବୁକିକୁ ଧରିବାରେ ବିଫଳ ରହିଥିଲା ସେହି ବୁକିକୁ ପୁରୀ ସାଇବର ଥାନା ପୁଲିସ ଗତକାଲି ବ୍ରହ୍ମପୁରରୁ ଉଠାଇବାରେ ନେବାରେ ସଫଳ ହୋଇଛି। ବୁକି ଜଣକ ହେଲେ ବ୍ରହ୍ମପୁର ଲାଞ୍ଜିପଲ୍ଲୀ ରାମନଗରର କ୍ରିଷ୍ଣା ପ୍ରସାଦ ତ୍ରିପାଠୀ ଓରଫ ଶୀତୁ। ଶୀତୁ ବ୍ରହ୍ମପୁରରେ ରହି ପୁରୀରେ ଚଳାଇଥିଲେ ଆଇପିଏଲ୍ ବେଟିଂର ବଡ଼ ସିଣ୍ଡିକେଟ୍। ପୁରୀ ସାଇବର ଥାନା ପୁଲିସ ଗତ ଏପ୍ରିଲ ୨୯ ତାରିଖରେ ପୁରୀ ମାର୍କେଣ୍ଡେଶ୍ୱର ସାହିର ପ୍ରସନ୍ନ ପୃଷ୍ଟି, କୁମ୍ଭରପଦା ବଡ଼ ଶଙ୍ଖ ସାହିର ବି ନାଗେଶ୍ୱର ରାଓ, ବାସେଲିସାହିର ବିଶ୍ୱଜିତ ଲେଙ୍କା ଓ ଚନ୍ଦନପୁର ରମାକାନ୍ତ ସାହୁଙ୍କୁ ଗିରଫ କରିଥିଲା । ଗିରଫ ବେଳେ ପୁଲିସ ଅଭିଯୁକ୍ତ ଶୀତୁଙ୍କ ସମ୍ପୃକ୍ତି ରହିଥିବା ଜାଣିବାକୁ ପାଇଥିଲା। ପୁଲିସ ଅଧିକ ଖୋଳତାଡ଼ କରିବା ପରେ ବ୍ରହ୍ମପୁରରୁ ନମସ୍ତେ ଗ୍ରୁପ୍‌ର ମୁଖ୍ୟ କ୍ରିଷ୍ଣା ପ୍ରସାଦ ତ୍ରିପାଠୀ ଓରଫ ଶୀତୁ ଉଠାଇବା ପାଇଁ ତାଙ୍କ ମୋବାଇଲ ନମ୍ବରକୁ ଟ୍ରାକିଂ କରିଥିଲା। ନିକଟରେ ଶୀତୁ ବାହାରକୁ ଚାଲିଯାଇଥିବା ବେଳେ ଏବେ କିଛିଦିନ ହେବ ବ୍ରହ୍ମପୁର ଆସିଥିବା ଖବର ପୁରୀ ପୁଲିସ ଟ୍ରାକିଂ କରି ଜାଣିବାକୁ ପାଇଥିଲା। ଶୀତୁଙ୍କ ଠାରୁ ନଗଦ ୧୦ଲକ୍ଷ ୨୫ ହଜାର ଟଙ୍କା, ଦୁଇଟି ମୋବାଇଲ୍ ଫୋନ୍ ଜବତ କରିବା ସହ ବ୍ୟାଙ୍କ୍ ଆକାଉଣ୍ଟ ଫ୍ରିଜ୍ କରିଥିବା ଜଣାପଡ଼ିଛି । ସେହି ଆକାଉଣ୍ଟରେ ପ୍ରାୟ ୯ ଲକ୍ଷ ଥିବା ଜଣାପଡ଼ିଛି। ପୁରୀ ସାଇବର ଥାନା ଆଇଆଇସି ଗୀତାଞ୍ଜଳି ନାୟକଙ୍କ ନେତୃତ୍ୱରେ ଏକ ଟିମ୍ ଗତକାଲି ବ୍ରହ୍ମପୁରରେ ପହଞ୍ଚି ରାତି ୧୦ଟା ବେଳେ ଲାଞ୍ଜିପଲ୍ଲୀ ରାମନଗରରେ ରହୁଥିବା ବୁକି ଶୀତୁଙ୍କ ଘରେ ଚଢ଼ଉ କରିଥିଲେ। ପୁଲିସ ଶୀତୁ ଓ ଜଣେ ସହଯୋଗୀଙ୍କୁ ଉଠାଇ ନେଇ ବୈଦ୍ୟନାଥପୁର ଥାନାରେ ପହଞ୍ଚିଥିଲା। ଅଭିଯୁକ୍ତ ଶୀତୁଙ୍କ ଠାରୁ କିଛି ସୁନା ଅଳଙ୍କାର, ମୋବାଇଲ୍ ଫୋନ୍ ଓ ନଗଦ ୧୦ ଲକ୍ଷ ଟଙ୍କା ଜବତ କରିଥିଲା । ରାତି ୨ଟାରେ ଅଭିଯୁକ୍ତ ଶୀତୁକୁ ସାଙ୍ଗରେ ନେଇ ପୁରୀ ଫେରିଥିଲା ପୁଲିସ। ସୂଚନାଯୋଗ୍ୟ ଯେ,ଗତ ଏପ୍ରିଲ୍ ୨୮ ତାରିଖ ରାତିରେ ପୁରୀରେ ଧରାପଡିଥିଲା ଆଇପିଏଲ୍ ବେଟିଂ ଏକ ବଡ଼ ରାକେଟ। ବାସେଳି ସାହି ଥାନା ମଶାଣି ଚଣ୍ଡି ଛକରେ ଏକ ଘରେ ବେଟିଂ ଚାଲିଥିବାବେଳେ ପୁଲିସ ଚଢ଼ଉ କରି ବେଟିଂ ବୁକି ପ୍ରସନ୍ନ ପୃଷ୍ଟି ସହ କୁମ୍ଭରପଦା ବଡ଼ ଶଙ୍ଖ ସାହିର ବି ନାଗେଶ୍ୱର ରାଓ, ବାସେଲିସାହିର ବିଶ୍ୱଜିତ ଲେଙ୍କା ଓ ଚନ୍ଦନପୁର ରମାକାନ୍ତ ସାହୁ ଆଦି ୪ ଅଭିଯୁକ୍ତଙ୍କୁ ଗିରଫ କରିଥିଲା । ପୁଲିସ ସମସ୍ତ ଅଭିଯୁକ୍ତଙ୍କୁ ଜେରା କରି ବହୁ ତଥ୍ୟ ହାସଲ କରିବା ପରେ କୋର୍ଟ ଚାଲାଣ କରିଥିଲା। ସେତେବେଳେ ପୁଲିସ ସେମାନଙ୍କ ଠାରୁ ଜବତ ୨୫ଲକ୍ଷ ୩୫ ହଜାର ଟଙ୍କା ଜବତ କରିଥିଲା। ସ୍କାଏଏକ୍ସଚେଞ୍ଜ୍ ମୋବାଇଲ୍ ଆପ୍ଲିକେସନ୍‌ରେ ବେଟିଂ ଗ୍ୟାକେଟ୍ ଚାଲିଥୁବା ଜଣାପଡିଥିଲା। ଅଭିଯୁକ୍ତଙ୍କ ବ୍ୟାଙ୍କ୍ ଆକାଉଣ୍ଟ ଓ ମୋବାଇଲ୍ କଲ୍ ରେକର୍ଡ ଯାଞ୍ଚ କରିବା ପରେ ଅଭିଯୁକ୍ତ ଶୀତୁର ଲିଙ୍କ୍ ଥୁବା ଜାଣିବାକୁ ପାଇଥୁଲା ପୁଲିସ। ସିତୁର ବ୍ୟାଙ୍କ୍ ଆକାଉଣ୍ଟରେ କୋଟି କୋଟି ଟଙ୍କା ନେଣଦେଣ ହୋଇଥୁବା ପୁଲିସ ଅନୁସନ୍ଧାନରେ ଜଣାପଡିବା ପରେ ଅଭିଯୁକ୍ତକୁ ଧରିବାକୁ ଯୋଜନା କରିଥିଲା। ଅଭିଯୁକ୍ତ ସିତୁ ବ୍ରହ୍ମପୁରରୁ ପୁରୀ ପର୍ଯ୍ୟନ୍ତ ଆଇପିଏଲ୍ ଗ୍ୟାକେଟ୍ ବେଟିଂ ଜାଲ ବିଛାଇଛି। ସେ ଅନେକ ସମୟରେ ବ୍ରହ୍ମପୁରରେ ମଧ ରହୁ ନଥିଲା। ବାହାର ରାଜ୍ୟରେ ସେ ଆତ୍ମଗୋପନ କରି ରହୁଥିବାବେଳେ ପୁଲିସ ତାକୁ ଟ୍ରାକିଂ କରି ଅପେକ୍ଷା କରିଥୁଲା ଓ ବ୍ରହ୍ମପୁରରୁ ଶୀତୁଙ୍କୁ ପୁଲିସ ଉଠାଇ ନେବା ପରେ ବ୍ରହ୍ମପୁରର ବୁକି ମହଲରେ ଭୟର ବାତାବରଣ ଦେଖିବାକୁ ମିଳିଛି। ଏହାସହ କିଛି ବୁକି ସହର ଛାଡ଼ି ବାହାରକୁ ପଳେଇଯାଇଥିବା ଟା ଖଟିରେ ଚର୍ଚ୍ଚା ଜୋର ଧରି। ପୁଲିସ ବର୍ତ୍ତମାନ ଶୀତୁ ଠାରୁ ମିଳିଥିବା ତଥ୍ୟକୁ ଆଧାର କରି ତଦନ୍ତ ଜାରି ରଖିଛି।



### ନମସ୍ତେ ଗ୍ରୁପର ମୁଖ୍ୟ ଥିଲା ଶୀତୁ

## ନ୍ୟାୟ ଦାବିରେ ଏସ୍‌ପି ଅଫିସ ଆଗରେ ଚାମେଲୀଙ୍କ ଧାରଣା

# ୭୨ ଘଣ୍ଟାର ମହଲତ, ଦିଲ୍ଲୀ ପର୍ଯ୍ୟନ୍ତ ଆନ୍ଦୋଳନ ଚେତାବନୀ

କେନ୍ଦ୍ରାପଡା,୨୪।୬(ସମିସ): ତିଖିରୀ ପଞ୍ଚାୟତ ସରପଞ୍ଚ ଚାମେଲୀ ଓଝାଙ୍କ ସହ ହୋଇଥିବା ଦୁର୍ବ୍ୟବହାର ଘଟଣାରେ ଦୋଷୀଙ୍କ ବିରୋଧରେ କଠୋର କାର୍ଯ୍ୟାନୁଷ୍ଠାନ ଦାବି କରି କେନ୍ଦ୍ରାପଡ଼ା ଏସ୍‌ପି ଅଫିସ ଆଗରେ ଗୁରୁବାର ଏକ ବିଶାଳ ଧାରଣା କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଛି। ଚାମେଲି ଓଝା ନିଜ ସମର୍ଥକ, ବିଭିନ୍ନ ଜିଲ୍ଲାର ସରପଞ୍ଚ ସଂଘ ପ୍ରତିନିଧି ଓ ମହିଳା ସଂଗଠନ ସଦସ୍ୟଙ୍କ ସହ ଏହି ଆନ୍ଦୋଳନରେ ସାମିଲ ହୋଇ ନ୍ୟାୟ ଦାବି କରିଛନ୍ତି। ଚାମେଲୀ ୭୨ ଘଣ୍ଟାର ସମୟ ଦେଇଥିବାବେଳେ ଦିଲ୍ଲୀ ପର୍ଯ୍ୟନ୍ତ ଆନ୍ଦୋଳନ ଚେତାବନୀ ଦେଇଛନ୍ତି।

ଆନ୍ଦୋଳନ ପୂର୍ବରୁ ଗରାପୁର ଡାକବଙ୍ଗଳା ଛକରେ ଥିବା ମହାତ୍ମା ଗାନ୍ଧୀଙ୍କ ପ୍ରତିମୂର୍ତ୍ତିରେ ପୁଷ୍ପମାଲ୍ୟ ଅର୍ପଣ କରାଯାଇଥିଲା। ପରେ ଚାମେଲୀ ଓଝା ଖାଲି ପାଦରେ ପ୍ରାୟ ଦୁଇ କିଲୋମିଟର ପଦଯାତ୍ରା କରି ନିଜ ସମର୍ଥକଙ୍କ ସହ ଏସପି ଅଫିସ ନିକଟରେ ପହଞ୍ଚିଥିଲେ। ସେଠାରେ ପ୍ରାୟ ତିନି ଘଣ୍ଟା ଧରି ଧାରଣା ଚାଲିଥିଲା। ଧାରଣାରେ ଚାମେଲୀ ଓଝା ଦାବି କରିଥିଲେ ଯେ, ତାଙ୍କ ସହ ହୋଇଥିବା ଦୁର୍ବ୍ୟବହାର ଘଟଣାରେ ସଂପୃକ୍ତ ସମସ୍ତ ଅଭିଯୁକ୍ତଙ୍କୁ ତୁରନ୍ତ ଗିରଫ କରାଯାଉ। ସେହିପରି ମହାକାଳପଡ଼ା ବିଡିଓ ଓ ସମ୍ପୃକ୍ତ ଥାନା ଅଧିକାରୀଙ୍କୁ ନିଲମ୍ବନ କରିବାକୁ ସେ ଦାବି ଉଠାଇଥିଲେ। ପୁଲିସକୁ ଏ ନେଇ ୭୨ ଘଣ୍ଟାର ସମୟ ଦିଆଯାଇଥିବାବେଳେ ନିର୍ଦ୍ଧାରିତ ସମୟ ମଧ୍ୟରେ ପଦକ୍ଷେପ ନିଆ ନ ଗଲେ ଆନ୍ଦୋଳନ ତିଖିରୀରୁ ରାଜଭବନ ଓ ଦିଲ୍ଲୀ ପର୍ଯ୍ୟନ୍ତ ବିସ୍ତାର ହେବ ବୋଲି ଚେତାବନୀ ଦେଇଥିଲେ।




ଘଟଣାରେ ଏ ପର୍ଯ୍ୟନ୍ତ ପୁଲିସ ୪ ଜଣଙ୍କୁ ଗିରଫ କରିଥିବାବେଳେ ବାକି ଅଭିଯୁକ୍ତଙ୍କୁ କାହିଁକି ଗିରଫ କରାଯାଉନାହିଁ ବୋଲି ଚାମେଲୀଙ୍କ ଭାଇ ସୂର୍ଯ୍ୟକାନ୍ତ ଓଝା ପ୍ରଶ୍ନ ଉଠାଇଥିଲେ। ସେ କହିଥିଲେ, ନ୍ୟାୟ ପାଇବା ପର୍ଯ୍ୟନ୍ତ ଆନ୍ଦୋଳନ ଜାରି ରହିବ। ଏହି ଧାରଣାକୁ ସମର୍ଥନ ଜଣାଇବା ପାଇଁ କଟକ ଜିଲ୍ଲା ସରପଞ୍ଚ ସଂଘର ପ୍ରତିନିଧି କେନ୍ଦ୍ରାପଡ଼ାରେ ପହଞ୍ଚିଥିଲେ। ଜଣେ ନିର୍ବାଚିତ ଜନପ୍ରତିନିଧିଙ୍କ ଅଧିକାରକୁ ବ୍ଲକ ପ୍ରଶାସନ କ୍ଷୁର୍ଣ୍ଣ କରୁଥିବା ଅଭିଯୋଗ କରି ସରପଞ୍ଚ ସଂଘ ଘଟଣାର ନିରପେକ୍ଷ ତଦନ୍ତ ଦାବି କରିଥିଲା। ଅନ୍ୟପକ୍ଷରେ ବିଭିନ୍ନ ମହିଳା ସଂଗଠନ ମଧ୍ୟ ଚାମେଲୀଙ୍କ ଆନ୍ଦୋଳନରେ ସାମିଲ ହୋଇ ନ୍ୟାୟ ଦାବିକୁ ଆହୁରି ଜୋରଦାର କରିଥିଲେ। ଧାରଣା ସ୍ଥଳରେ ଅତିରିକ୍ତ ଏସ୍‌ପି ଓ ଏସଡିଓ ପହଞ୍ଚି ଆନ୍ଦୋଳନକାରୀଙ୍କ ସହ ଆଲୋଚନା କରିଥିଲେ। ଖୁବଶୀଘ୍ର ଅନ୍ୟ ଅଭିଯୁକ୍ତଙ୍କୁ ଗିରଫ କରାଯିବ ଓ ଘଟଣାର ତଦନ୍ତ ନିରପେକ୍ଷ ଭାବେ ଚାଲିଛି ବୋଲି ପ୍ରଶାସନ ପକ୍ଷରୁ ଆଶ୍ୱାସନା ଦିଆଯାଇଥିଲା। ଏହାପରେ ଚାମେଲୀ ଓଝା ଓ ତାଙ୍କ ସମର୍ଥକ ଧାରଣା ପ୍ରତ୍ୟାହାର କରିଥିଲେ। ତେବେ ଚାମେଲୀ ଓଝାଙ୍କ ୭୨ ଘଣ୍ଟାର ସମୟ ଏବେ ପୁଲିସ ଓ ପ୍ରଶାସନ ପାଇଁ ଏକ ବଡ଼ ଚ୍ୟାଲେଞ୍ଜ ସୃଷ୍ଟି କରିଛି। ନିର୍ଦ୍ଧାରିତ ସମୟ ମଧ୍ୟରେ ଦାବି ପୂରଣ ହେଉଛି କି ନାହିଁ ଓ ଏହି ବିବାଦ ଆଗକୁ କେଉଁ ମୋଡ଼ ନେଉଛି, ତାହା ଉପରେ ସମସ୍ତଙ୍କ ନଜର ରହିଛି।

# ଜନସ୍ୱାର୍ଥ ମାମଲା ହାଇକୋର୍ଟରୁ ପ୍ରତ୍ୟାହାର

କଟକ,୨୪।୬(ସମିସ): ବହୁଚର୍ଚ୍ଚିତ କେନ୍ଦ୍ରାପଡ଼ା ଜିଲ୍ଲା ତିଖିରୀ ସରପଞ୍ଚ ଚାମେଲି ଓଝାଙ୍କୁ ଆକ୍ରମଣ ଓ ବେଆଇନ ଗିରଫଦାରୀ ପ୍ରସଂଗକୁ ନେଇ ଦାୟର ଜନସ୍ୱାର୍ଥ ମାମଲାକୁ ଆବେଦନକାରୀ ଆଜି ପ୍ରତ୍ୟାହାର କରିଛନ୍ତି। ମୁଖ୍ୟ ବିଚାରପତି ଜଷ୍ଟିସ ହରିଶ ଟଣ୍ଡନ ଓ ଜଷ୍ଟିସ ଏମ.ଏସ.ରମଣଙ୍କୁ ନେଇ ଗଠିତ ଖଣ୍ଡପୀଠ ଭାରତୀୟ ବିକାଶ ପରିଷଦ ତରଫରୁ ଦାୟର ଏ ସଂପର୍କିତ ଜନସ୍ୱାର୍ଥ ଆବେଦନର ପ୍ରାରମ୍ଭିକ ଶୁଣାଣି କରିଥିବା ବେଳେ ଉକ୍ତ ଆବେଦନର ଗ୍ରହଣୀୟତାକୁ ନେଇ ପ୍ରଶ୍ନ ଉଠିଥିଲା। ଏହାପରେ ଆବେଦନ ପ୍ରତ୍ୟାହାର ପାଇଁ ଆବେଦନକାରୀଙ୍କ ତରଫରୁ ଅନୁମତି ଲୋଡା ଯାଇଥିଲା। ହାଇକୋର୍ଟ ଏଥିପାଇଁ ଅନୁମତି ଦେବା ସହିତ ମାମଲାର ଶୁଣାଣିରେ ଅନ୍ତ ଘଟାଇଛନ୍ତି। ଏଠାରେ ଉଲ୍ଲେଖ ଯୋଗ୍ୟ ଯେ ଚାମେଲିଙ୍କ ସ୍ୱାସ୍ଥ୍ୟାବସ୍ଥା ଓ ଚିକିତ୍ସା ସଂପର୍କିତ ରିପୋର୍ଟ ତଲବ ସହିତ ଘଟଣା ଦିନର ସିସିଟିଭି ଫୁଟେଜ ସଂରକ୍ଷିତ କରି ରଖିବାକୁ ନିର୍ଦ୍ଦେଶ ଦିଆଯାଉ ବୋଲି ଆବେଦନରେ ଉଲ୍ଲେଖ କରାଯାଇଥିଲା। ସମ୍ବେଦନଶୀଳ ସ୍ଥିତିରେ ସାଧାରଣ ଲୋକଙ୍କ ପ୍ରତି ପୁଲିସର ଉଚିତ ବ୍ୟବହାର ପ୍ରଦର୍ଶନ ନେଇ ଏକ ସ୍ୱତନ୍ତ୍ର ଗାଇଡଲାଇନ ଆଣିବା ପାଇଁ ନିର୍ଦ୍ଦେଶ ଦିଆଯାଉ ବୋଲି ଆବେଦନରେ ଦର୍ଶାଯାଇଥିଲା।

# ବିଶିଷ୍ଟ କୃଷିବିଜ୍ଞାନୀ ଡ. ରମେଶ ଚନ୍ଦ୍ର ମିଶ୍ରଙ୍କ ପରଲୋକ



ଭୁବନେଶ୍ୱର, ୨୪।୬(ସମିସ): ବିହନ ନିଗମର ପୂର୍ବତନ ପରିଚାଳନା ନିର୍ଦ୍ଦେଶକ ତଥା ବିଶିଷ୍ଟ କୃଷି ବିଜ୍ଞାନୀ ଡ. ରମେଶ ଚନ୍ଦ୍ର ମିଶ୍ର ଆଉ ନାହାନ୍ତି। ଭୁବନେଶ୍ୱରର ଖାରପଡ଼ା ବାସଭବନରେ ୯୨ ବର୍ଷ ବୟସରେ ତାଙ୍କର ପରଲୋକ ଘଟିଛି। ଜଣେ ବିଖ୍ୟାତ କୃଷି ବିଜ୍ଞାନୀ ଭାବରେ ସେ ପରିଚିତ ଥିଲେ ଓ ଅବସର ପରେ ବିଭିନ୍ନ ସାମାଜିକ କାର୍ଯ୍ୟରେ ନିଜକୁ ନିୟୋଜିତ କରିଥିଲେ। ତାଙ୍କର ପରଲୋକ ଖବର ପାଇ ବହୁ ବିଶିଷ୍ଟ ବ୍ୟକ୍ତି ଶେଷଦର୍ଶନ କରିବା ସହ ଶ୍ରଦ୍ଧାଞ୍ଜଳି ଜ୍ଞାପନ କରିଥିଲେ। ଶେଷଶଯ୍ୟା ନିକଟରେ ପତ୍ନୀ ସୁଷମା ମିଶ୍ର, ଝିଅ ସୁଜାତା ମହାପାତ୍ର, ଜ୍ୱାଇଁ ଡ.ପ୍ରେମାନନ୍ଦ ମହାପାତ୍ରଙ୍କ ସହ ତିନି ପୁଅ ଦିପ୍ତିପ୍ରକାଶ, ଜ୍ୟୋତିପ୍ରକାଶ, କାନ୍ତିପ୍ରକାଶ, ବୋହୂ ମଧୁରିତା, ସୁଭାସିନୀ, ସୁଜାତାମଞ୍ଜରୀ ଓ ଅନ୍ୟ ଆତ୍ମୀୟସ୍ୱଜନ ଉପସ୍ଥିତ ଥିଲେ।

■ କାର୍ଯ୍ୟକାଳ ଶେଷ ପୂର୍ବରୁ ସରକାରୀ ଓକିଲଙ୍କୁ ଅପସାରଣ ମାମଲା

# ଆବେଦନ ଖାରଜ କଲେ ହାଇକୋର୍ଟ

କଟକ,୨୪।୬(ସମିସ): କାର୍ଯ୍ୟକାଳ ସରିବା ପୂର୍ବରୁ କେତେକ ଜିଲ୍ଲାରେ ନିଯୁକ୍ତ ସରକାରୀ ଓକିଲଙ୍କୁ ଅପସାରଣ କରାଯାଇ ନୂତନ ଓକିଲ ପ୍ୟାନେଲକୁ ନିଯୁକ୍ତି ପ୍ରଦାନକୁ ଚାଲେଞ୍ଜ କରି ଦାୟର ମାମଲାକୁ ହାଇକୋର୍ଟ ଖାରଜ କରିଛନ୍ତି। ଏଥିସହ ରାଜ୍ୟ ସରକାରଙ୍କ ଏ ସମ୍ପର୍କିତ ଗତ ୨୦୨୫ ଡିସେମ୍ବର୨୪ର ବିଜ୍ଞପ୍ତିକୁ କାଏମ ରଖିଛନ୍ତି। ବିଚାରପତି ମୋହାନ୍ତି ଓ ଅନ୍ୟ ୧୦ଜଣଙ୍କ ପକ୍ଷରୁ ରୁଜୁ ଆବେଦନ ଏକତ୍ର ଶୁଣାଣି କରି ଜଷ୍ଟିସ ବିରଜା ପ୍ରସନ୍ନ ଶତପଥୀ ଏପରି ନିର୍ଦ୍ଦେଶ ଦେଇଛନ୍ତି। ଆବେଦନକାରୀଙ୍କ ନିଯୁକ୍ତି ପରବର୍ତ୍ତୀ ନିର୍ଦ୍ଦେଶ ପର୍ଯ୍ୟନ୍ତ ବଳବତ୍ତର ରଖାଯିବାକୁ ସର୍ତ୍ତ ରହିଥିଲା। ଏଣୁ ଆବେଦନକାରୀମାନଙ୍କୁ ଅନ୍ତର କରାଯିବା ପୂର୍ବରୁ କୌଣସି ଆନୁଷ୍ଠାନିକ ନୋଟିସ ଜାରି କରିବାର ଆବଶ୍ୟକତା ନ ଥିଲା ବୋଲି କୋର୍ଟ କହିଛନ୍ତି। ଯେହେତୁ ଆବେଦନକାରୀମାନେ କେବେବି କୌଣସି ସାମ୍ବିଧାନିକ ସରକାରୀ ପଦ ପଦଧାରଣ କରିନଥିଲେ ଏଣୁ ରାଜ୍ୟ ସରକାରଙ୍କ ପକ୍ଷରୁ ସେମାନଙ୍କୁ ଅପସାରଣ କାର୍ଯ୍ୟାନୁଷ୍ଠାନରେ କୌଣସି ବେଆଇନ କିମ୍ବା ଅନିୟମିତତା ହୋଇନାହିଁ ବୋଲି ଅଦାଲତ କହିବା ସହ ମାମଲାକୁ ଖାରଜ କରିଛନ୍ତି। ଏହି ମାମଲାରେ ସରକାରଙ୍କ ପକ୍ଷରୁ ଆଡଭୋକେଟ ଜେନେରାଲ ପୀତାମ୍ବର ଆଚାର୍ଯ୍ୟ ଯୁକ୍ତି ଉପସ୍ଥାପନ କରିଥିଲେ। ପ୍ରକାଶଥାଉକି, ଆବେଦନକାରୀମାନେ ୬ଟି ଜିଲ୍ଲାର ବିଭିନ୍ନ ସରକାରୀ ବିଭାଗରେ ଲ ଅଫିସର, ପବ୍ଲିକ ପ୍ରସିକ୍ୟୁଟର, ଏଜିପି ଭାବେ ଗତ ୨୦୨୪ ଜାନୁଆରୀ ୩୧ରେ ନିଯୁକ୍ତ ହୋଇଥିଲେ। ଓଡ଼ିଶା ଲ ଅଫିସର ରୁଲ-୧୯୭୨ ଅନୁସାରେ ସରକାରଙ୍କ ଦ୍ୱାରା ନିଯୁକ୍ତ ଏହି ଆଇନଜୀବୀଙ୍କ କାର୍ଯ୍ୟକାଳ ୩ବର୍ଷ ଥିଲା। ନୂତନ ସରକାର ଆସିବା ପରେ ସେମାନଙ୍କୁ ସେମାନଙ୍କ କାର୍ଯ୍ୟକାଳ ଶେଷ ହେବା ପୂର୍ବରୁ ଗତ ୨୦୨୫ ଅଗଷ୍ଟରୁ ଡିସେମ୍ବର ମଧ୍ୟରେ ବିଜ୍ଞପ୍ତି ଜରିଆରେ ବହିଷ୍କାର କରିଥିଲେ।

# ବରଗଡ଼ର ଯୁବଚାଷୀ ଇଚ୍ଛାମୃତ୍ୟୁ ମାଗିବା ଓଡ଼ିଶା ପାଇଁ ନିନ୍ଦନୀୟ: ବିଜେଡି

ଭୁବନେଶ୍ୱର,୨୪।୬(ସମିସ): ଓଡ଼ିଶାର ଭାତହାଣ୍ଡି କୁହାଯାଉଥିବା ବରଗଡ଼ ଜିଲ୍ଲାର ଚାଷୀ ଗୋପାଳକୃଷ୍ଣ ସାହୁ କଷ୍ଟ ଉପାର୍ଜିତ ଧାନକୁ ବିକ୍ରି କରିନପାରି ଶେଷରେ ବାଧହୋଇ ଇଚ୍ଛାମୃତ୍ୟୁ ମାଗିଛନ୍ତି । ଏହି ଘଟଣାକୁ ନେଇ ସାରା ରାଜ୍ୟରେ ଆଲୋଡ଼ନ ସୃଷ୍ଟି ହୋଇଛି। ଅନ୍ୟପକ୍ଷରେ ଚାଷୀଙ୍କ ଇଚ୍ଛାମୃତ୍ୟୁ ଆବେଦନକୁ ଗ୍ରହଣ କରି ସରକାର ନିଜର ଅସହାୟତାକୁ ବିଚାର କରିପାରିବେ। ରାଜ୍ୟର ଅନେକ ମଣ୍ଡିରୁ ଧାନ ଉଠୁନଥିବାରୁ ଚାଷୀ ଚିନ୍ତାରେ ରହିଛି। ହଜାର ହଜାର କ୍ୱିଣ୍ଟାଲ ଧାନ ମଣ୍ଡିରେ ପଡ଼ିରହିବାରୁ ମୌସୁମୀ ବର୍ଷାରେ ଭିଜି ଗଜା ହେଲାଣି। ସରକାର କହିଥିଲେ ଏମଏସପି ବୃଦ୍ଧି କରିବେ, କିନ୍ତୁ ବୃଦ୍ଧି କଲେ ନାହିଁ। ଅନ୍ୟପଟେ ବିହନ, ସାର, କୀଟନାଶକ ଓ ଅନ୍ୟାନ୍ୟ କୃଷି ସାମଗ୍ରୀର ଅହେତୁକ ଦରବୃଦ୍ଧି ଚାଷୀର ଆର୍ଥିକ



■ ଓଡ଼ିଶାର ଚାଷୀ ଏବେ ବ୍ୟବସ୍ଥାର ଚକ୍ରବ୍ୟୂହରେ ନିପୀଡ଼ିତ
■ ସରକାରର ଅପାରଗତା ଲାଗି ଚାଷୀ ଇଚ୍ଛାମୃତ୍ୟୁ ଲୋଡ଼ୁଛି

ମେରୁଦଣ୍ଡକୁ ଭାଙ୍ଗି ଦେଇଛି ବୋଲି ସେ କହିଛନ୍ତି। ପ୍ରକାଶ କରିଛନ୍ତି ବୋଲି କହିଛି ବିଜେଡି ।

ବୁଧବାର ଶଙ୍ଖ ଭବନରେ ଆୟୋଜିତ ସାମ୍ବାଦିକ ସମ୍ମିଳନୀରେ ବରଗଡ଼ ବିଧାୟିକା ବର୍ଷା ସିଂ ବରିହା କହିଛନ୍ତି ଯେ ବରଗଡ଼ ଜିଲ୍ଲାର ଚାଷୀ ଗୋପାଳକୃଷ୍ଣ ସାହୁ ନିଜର କଷ୍ଟ ଉପାର୍ଜିତ ଧାନକୁ ବିକ୍ରି କରିବା ପାଇଁ ବାରମ୍ବାର ଅଧିକାରୀଙ୍କ ନିକଟକୁ ଦୌଡ଼ି ଦୌଡ଼ି ନିରାଶ ହେବା ଶେଷରେ ବାଧ ହୋଇ ଚରମ ପଦକ୍ଷେପ ସ୍ୱରୂପ ରାଷ୍ଟ୍ରପତିଙ୍କୁ ଚିଠି ଲେଖି ଇଚ୍ଛାମୃତ୍ୟୁ ମାଗିଛନ୍ତି । ବିଡ଼ମ୍ବନା ହେଉଛି ସେହି ଇଚ୍ଛାମୃତ୍ୟୁକୁ ଜିଲ୍ଲା ପ୍ରଶାସନ ଗ୍ରହଣ ବି କରିଛନ୍ତି । ଏଥିରୁ ସ୍ପଷ୍ଟ ଅନୁମେୟ ଯେ ସରକାର ଚାହୁଁଛନ୍ତି ଚାଷୀ ଆତ୍ମହତ୍ୟା କରୁ। ଯେଉଁ ରାଜ୍ୟରେ ଚାଷୀ ଇଚ୍ଛାମୃତ୍ୟୁ ମାଗିବାକୁ ବାଧ ହୁଏ, ସେଠି ସରକାରଙ୍କ କୃଷକ କଲ୍ୟାଣ ନୀତି କେତେ ସଫଳ, ତାହା ସାଧାରଣ ଲୋକ

ଦଳର ମୁଖପାତ୍ର ଡ. ଲେନିନ ମହାନ୍ତି କହିଛନ୍ତି ଯେ ଚାଷୀକୂଳକୁ ୩୧୦୦ ଟଙ୍କା ଦେଉଥିବାର ଡିଣ୍ଡିମ ପିଟୁଥିବା ଡବଲ ଇଞ୍ଜିନ ସରକାର ଅନ୍ୟପଟେ ୧୫ କିଲୋ କଟନୀ ଛଟନୀ କରି ସରକାର ଦୋମୁହାଁ ନୀତିର ପରିଚୟ ଦେଉଛନ୍ତି । ପ୍ରତିଥର ଧାନ ସଂଗ୍ରହ ପାଇଁ ଚାଷୀଙ୍କୁ ରାଜରାସ୍ତାକୁ ଓହ୍ଲାଇବାକୁ ପଡୁଛି । ମଣ୍ଡି ସମସ୍ୟା, ଟୋକନ ସମସ୍ୟା ଯୋଗୁଁ ଚାଷୀ ତାର ଧାନକୁ ବିକ୍ରି କରିନପାରି ଇଚ୍ଛାମୃତ୍ୟୁ ଭଳି ଚରମ ପଦକ୍ଷେପ ନେବାକୁ ବାଧ ହେଉଛି। ବରଗଡ଼ର ଚାଷୀ ଇଚ୍ଛାମୃତ୍ୟୁ ମାଗିବା ଓ ଜିଲ୍ଲା ପ୍ରଶାସନ ତାଙ୍କ ଆବେଦନକୁ ଗ୍ରହଣ କରିବା ଘଟଣା ସମଗ୍ର ରାଜ୍ୟବାସୀଙ୍କୁ ଦୁଃଖ ଦେଇଛି। ସରକାର କେତେ ଅସହାୟ ଏଥିରୁ ସ୍ପଷ୍ଟ ବୋଲି ସେ କହିଛନ୍ତି ।

ବଢ଼ିଚାଲିଛି ସାଇବର ଅପରାଧ

# ସହଯୋଗ କରୁନି 'ମେଟା'; ଚିନ୍ତାରେ ସାଇବର ଥାନା ପୁଲିସ

କଟକ,୨୪।୬(ସମିସ): ସମ୍ପ୍ରତି ଅପରାଧ ତାଲିକାକୁ ଦେଖିଲେ ୫୦ପ୍ରତିଶତରୁ ଅଧିକ ଅପରାଧ ସୋସିଆଲ୍ ମିଡିଆରୁ ସଂଗଠିତ ହେଉଛି। ସାଇବର ଅପରାଧୀମାନେ ସୋସିଆଲ ମିଡିଆକୁ ମାଧ୍ୟମ କରି କୋଟି କୋଟି ଟଙ୍କା ଲୁଟୁଛନ୍ତି। ସାଧାରଣ ନାଗରିକଙ୍କ ଠାରୁ ଆରମ୍ଭ କରି ବରିଷ୍ଠ ନାଗରିକ ସାଇବର ଅପରାଧିଙ୍କ ମାୟା ଜାଲରେ ପଡ଼ି ସର୍ବସ୍ୱାନ୍ତ ହୋଇପଡୁଛନ୍ତି। ଗୁରୁତ୍ୱପୂର୍ଣ୍ଣ ପ୍ରସଙ୍ଗ ହେଉଛି, ୯୦ପ୍ରତିଶତ ଜନସାଧାରଣ ଫେସ୍‌ବୁକ, ଇନ୍‌ଷ୍ଟାଗ୍ରାମ୍, ଏକ୍ସ ଏବଂ ହ୍ୱାଟର୍ସଆପ୍‌ର ସଂଯୋଗରେ ରହିଛନ୍ତି। ଏହି ପ୍ଲାଟଫର୍ମରେ ସାଧାରଣ ଲୋକମାନେ ଠକେଇର ଶିକାର ହେଉଛନ୍ତି। ବିଡ଼ମ୍ବନାର ବିଷୟ ଏହିସବୁର ମୂଳ କମ୍ପାନୀ 'ମେଟା'ତଦନ୍ତରେ ପୁଲିସକୁ ସହଯୋଗ କରୁନଥିବା ଅଭିଯୋଗ ହେଉଛି। ହରଡ଼ଘଣାରେ ପକାଉଛି ଏହି ମେଟା। ବିଭିନ୍ନ ସୋସିଆଲ୍ ପ୍ଲାଟଫର୍ମରୁ ବିବାଦୀୟ ଫଟୋ, ତଥ୍ୟ, ଭିଡିଓ ଏବଂ ଅଡିଓକୁ ହଟାଇବାରେ ସମସ୍ୟା ସୃଷ୍ଟି ହେଉଛି। କୌଣସି ବିବାଦୀୟ ଆକାଉଣ୍ଟ୍‌କୁ ଡିଲିଟ୍ କରିବାରେ ମଧ୍ୟ ପୁଲିସ ଅକ୍ଷମତା ପ୍ରକାଶ କରୁଛି। ସୋସିଆଲ୍ ମିଡିଆରେ କୌଣସି ଆକାଉଣ୍ଟ୍ ବିରୋଧରେ ପୁଲିସ କାର୍ଯ୍ୟାନୁଷ୍ଠାନ ନେବା ପାଇଁ, ସମ୍ପୃକ୍ତ ଆକାଉଣ୍ଟକୁ ହଟାଇବାକୁ ଚାହିଁଲେ ମଧ୍ୟ ଡିଲିଟ୍ କରିପାରୁ ନାହିଁ। କଟକ ସାଇବର ଥାନାରେ ଏ ସଂକ୍ରାନ୍ତରେ ଗତ ୬ମାସ ମଧ୍ୟରେ ୧୦୦ରୁ ଅଧିକ ଅଭିଯୋଗ ହୋଇଥିବା ବେଳେ ଏହା ଫେସ୍‌ବୁକ୍, ଇନ୍‌ଷ୍ଟାଗ୍ରାମ୍ ଓ ହ୍ୱାର୍ଟସାପ୍‌ରୁ ହିଁ ସଙ୍ଗଠିତ ହୋଇଥିବା ଜଣାପଡ଼ିଛି। ତେବେ ମାମଲା ରୁଜୁ




ପରେ ପୁଲିସ ବିବାଦୀୟ ଆକାଉଣ୍ଟ୍ ଗୁଡ଼ିକୁ ସାମାଜିକ ଗଣମାଧ୍ୟମରୁ ଡିଲିଟ୍ କରି ପାରିନାହିଁ। ତେବେ ସମ୍ପୃକ୍ତ ୩ଟି ଆପ୍ଲିକେସନ୍ 'ମେଟା'କମ୍ପାନୀ ଦ୍ୱାରା ପରିଚାଳିତ। ପୁଲିସର କୌଣସି ପ୍ରକାର ଅଭିଯୋଗକୁ 'ମେଟା' ଗୁରୁତ୍ୱର ସହିତ ବିଚାରକୁ ନେଉନଥିବା ଜଣାପଡ଼ିଛି। ତେବେ ଏ ସଂକ୍ରାନ୍ତରେ ଜଣେ ବରିଷ୍ଠ ପୁଲିସ ଅଧିକାରୀଙ୍କୁ ପଚାରିବାରୁ ସେ କହିଛନ୍ତି, ବିଭିନ୍ନ ସୋସିଆଲ୍ ପ୍ଲାଟଫର୍ମରୁ ତଦନ୍ତ ସମୟରେ ବିବାଦୀୟ ତଥ୍ୟ, ଭିଡ଼ିଓ, ଅଡ଼ିଓ, ଫଟୋ ଇତ୍ୟାଦି ପୁଲିସ ପକ୍ଷରୁ ହଟାଇ ଦିଆଯିବାକୁ ପ୍ରକ୍ରିୟା ଆରମ୍ଭ ହୋଇଥାଏ। ଏ ସଂକ୍ରାନ୍ତରେ ସମ୍ପୃକ୍ତ କମ୍ପାନୀକୁ ଅବଗତ କରାଯାଇ ଥାଏ। କିନ୍ତୁ ଏବେ ଫେସ୍‌ବୁକ୍, ଇନଷ୍ଟାଗ୍ରାମ ଓ ହ୍ୱାର୍ଟସଆପ୍‌ରୁ ଡାଟା ହଟାଇବା ଏବଂ ଆକାଉଣ୍ଟ୍ ଡିଲିଟ୍ କରିବା ଭଳି କାର୍ଯ୍ୟ ଜଟିଳ ହୋଇ ପଡ଼ିଛି। ଏହାର ତୁରନ୍ତ ସମାଧାନ କରିବା ନିମନ୍ତେ ପୁଲିସ ପକ୍ଷରୁ

## ସୋସିଆଲ ମିଡିଆ ଆକାଉଣ୍ଟ୍ ହଟାଇବାରେ ରହୁଛି ଅନେକ ବାଧକ: ସାଇବର ପୁଲିସ

ଉଦ୍ୟମ କରାଯାଉଛି ବୋଲି ସେ ସୂଚନା ଦେଇଛନ୍ତି।

ଅନ୍ୟପକ୍ଷରେ ସାଇବର ଅପରାଧର ସଂଖ୍ୟାକୁ ବିଚାରକୁ ନେଲେ ତନ୍ମଧ୍ୟରୁ ୬୦ପ୍ରତିଶତରୁ ଅଧିକ ମାମଲା ସାମାଜିକ ଗଣମାଧ୍ୟମ ସହିତ ସଂଶ୍ଳିଷ୍ଟ ଥିବା ଜଣାପଡ଼େ। ତେଣୁ ଏହା ଉପରେ ରାଜ୍ୟ ସରକାର ମଧ୍ୟ ଏବେ କଠୋର ନୀତି ଅପଣାଇବାକୁ ଯାଉଥିବା ସୂଚନା ମିଳିଛି। କଲେଜ ଛାତ୍ରୀଙ୍କ ନାମରେ ଫେକ୍ ଆକାଉଣ୍ଟ୍ କରିଅଶ୍ଳୀଳ ଭିଡ଼ିଓ ଓ ଫଟୋ ଭାଇରାଲ୍ କରିବା, କୌଣସି ସମ୍ଭ୍ରାନ୍ତ ବ୍ୟକ୍ତିର ଆକାଉଣ୍ଟ୍ ହ୍ୟାକ୍ କରି ଟଙ୍କା ମାଗିବା, କାହାକୁ ଜାତିଗତ ଆକ୍ଷେପ କରିବା, ରାଜନୈତିକ ସମାଲୋଚନା କରିବା ଆଳରେ କାହାର ବ୍ୟକ୍ତିଗତ ଚରିତ୍ରକୁ ଆକ୍ଷେପ କରିବା, ରାଷ୍ଟ୍ର ସଂହତି ଉପରେ କ୍ଷତି ପହଞ୍ଚାଇବା, ଅଶ୍ଳିଳ ମନ୍ତବ୍ୟକୁ ଭାଇରାଲ କରିବା ଭଳି ଏକାଧିକ ସାଇବର ଅପରାଧ ଏବେ ବଢ଼ିବାରେ ଲାଗିଛି। କିନ୍ତୁ ରାଜ୍ୟ ପୁଲିସ ଓ ସାମାଜିକ ଗଣମାଧ୍ୟମର ମୂଳ କମ୍ପାନୀ(ମଦର-କମ୍ପାନୀ) ସହିତ ସମନ୍ୱୟ ଅଭାବରୁ ଏଭଳି ସମସ୍ୟା ସୃଷ୍ଟି ହୋଇଛି। ଅନ୍ୟପଟେ ପୁଲିସ କୌଣସି ସାଇବର ମାମଲାର ତଦନ୍ତ କରିବା ସମୟରେ ମଧ୍ୟ ଏହି ସମସ୍ୟା ଯୋଗୁଁ ହଇରାଣ ହେବାକୁ ପଡୁଛି। ତେବେ ସାମାଜିକ ଗଣମାଧ୍ୟମ ଗୁଡ଼ିକର ମଦର କମ୍ପାନୀ ଭାରତ ବାହାରେ ରହିଥିବା ହେତୁ ଏହା ଉପରେ କୌଣସି ଲଗାମ ରହି ପାରୁନାହିଁ। ମେଟା କମ୍ପାନୀ ହାତରେ ୩ଟି ପ୍ରମୁଖ ସାମାଜିକ ଗଣମାଧ୍ୟମ ରହିଥିବା ବେଳେ କମ୍ପାନୀ ପୁଲିସ ସହଯୋଗ ନକରିବାରୁ, ସାଇବର ଅପରାଧିଜନିତ ମାମଲାର ତଦନ୍ତ ମଧ୍ୟ ଠିକ୍ ଭାବେ କରାଯାଇ ପାରୁନାହିଁ। ସାମାଜିକ ଗଣମାଧ୍ୟମ କମ୍ପାନୀ ଗୁଡ଼ିକର ଅସହଯୋଗ ଏବେ କମିଶନରେଟ୍ ପୁଲିସର ଚିନ୍ତାର ବିଷୟ ପାଲଟିଛି।

# ବିଧାନସଭା ପରିସରରେ ନବକୃଷ୍ଣ ଚୌଧୁରୀଙ୍କୁ ଶ୍ରଦ୍ଧାଞ୍ଜଳି

ଭୁବନେଶ୍ୱର,୨୪।୬(ସମିସ):ମହାନ ବିପ୍ଳବୀ, ସର୍ବୋଦୟ ନେତା, ବିଶିଷ୍ଟ ଜନନାୟକ ତଥା ପୂର୍ବତନ ମୁଖ୍ୟମନ୍ତ୍ରୀ ନବକୃଷ୍ଣ ଚୌଧୁରୀ ଥିଲେ ଜଣେ ଆଦର୍ଶବାଦୀ ଓ ସଫଳ ବ୍ୟକ୍ତିତ୍ୱର ଅଧିକାରୀ ବୋଲି ବିଶିଷ୍ଟ ବ୍ୟକ୍ତିମାନେ ମତବ୍ୟକ୍ତ କରିଛନ୍ତି। ବୁଧବାର ସ୍ୱର୍ଗତ ନବକୃଷ୍ଣ ଚୌଧୁରୀଙ୍କ ୪୨ତମ ଶ୍ରାଦ୍ଧବାର୍ଷିକୀ ଅବସରରେ ବିଧାନସଭା ପରିସରରେ ବାଚସ୍ପତି ସୁରମା ପାଢ଼ୀ, ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ, ଉପମୁଖ୍ୟମନ୍ତ୍ରୀ କନକ ବର୍ଦ୍ଧନ ସିଂହଦେଓ, ଉପମୁଖ୍ୟମନ୍ତ୍ରୀ ପ୍ରଭାତୀ ପରିଡ଼ା, ପଞ୍ଚାୟତିରାଜ ମନ୍ତ୍ରୀ ରବି ନାରାୟଣ ନାଏକ, ବିଧାୟକ ବାବୁ ସିଂଙ୍କ ସମେତ ଉତ୍କଳ ସମ୍ମିଳନୀର ବରିଷ୍ଠ ସଦସ୍ୟ ନବକୃଷ୍ଣ ଚୌଧୁରୀଙ୍କ ପ୍ରତିମୂର୍ତ୍ତିରେ ଶ୍ରଦ୍ଧାସୁମନ ଅର୍ପଣ କରିଥିଲେ। ନବକୃଷ୍ଣ ଚୌଧୁରୀ ସର୍ବଦା ଦରିଦ୍ର ଅବହେଳିତ, ଦଳିତଙ୍କ ସେବାକୁ ଜୀବନର ବ୍ରତ ଭାବେ ଗ୍ରହଣ କରି ନେଇଥିଲେ। ଜଣେ ନିଷ୍ଠାପର ଜନନାୟକ ଏବଂ ବିପ୍ଳବୀର ସମସ୍ତ ଗୁଣ ତାଙ୍କଠାରେ ପରିପୂର୍ଣ୍ଣ ଥିଲା। ସେ ସଂଭ୍ରାନ୍ତ ଓ ଜମିଦାର ପରିବାରରେ ଜନ୍ମଗ୍ରହଣ କରିଥିଲେ ମଧ୍ୟ ସମାଜର ଦଳିତ ଓ ନିଷ୍ପେସିତ ବର୍ଗର ଲୋକଙ୍କ ପାଇଁ ସାରା ଜୀବନ ସଂଗ୍ରାମ ଜାରି ରଖିଥିଲେ। ମହାତ୍ମା ଗାନ୍ଧୀଙ୍କ ଆହ୍ୱାନରେ ଅସହଯୋଗ ଆନ୍ଦୋଳନରେ ସେ ଯୋଗଦେଇଥିଲେ। ସେତେବେଳେ ଓଡିଶାର ଛାତ୍ର ଓ ଯୁବକମାନଙ୍କ ଭିତରେ ବିପୁଳ ଉତ୍ସାହ ଓ ଉଦ୍ଦୀପନା ସୃଷ୍ଟି ହୋଇଥିଲା। କ୍ଷମତା ନବକୃଷ୍ଣ ଚୌଧୁରୀଙ୍କ ପରି ବ୍ୟକ୍ତିତ୍ୱଙ୍କୁ କରାୟତ କରିପାରିନଥିଲା ଓ ଦୁର୍ନୀତି ତାଙ୍କୁ ସ୍ପର୍ଶ କରିପାରି ନଥିଲା ବୋଲି ଅତିଥିମାନେ ମତବ୍ୟକ୍ତ କରିଛନ୍ତି। କାର୍ଯ୍ୟକ୍ରମରେ ଶାଶ୍ୱତୀ ସାମାଜିକ ଓ ସାଂସ୍କୃତିକ ଅନୁଷ୍ଠାନର ଶିଳ୍ପୀଙ୍କ ଦ୍ୱାରା ଦେଶାତ୍ମବୋଧକ ସଙ୍ଗୀତ ପରିବେଷଣ କରାଯାଇଥିଲା। କାର୍ଯ୍ୟକ୍ରମକୁ ସୁଶ୍ରୀ ରୋଜାଲିନ୍ ସାହୁ କାର୍ଯ୍ୟକ୍ରମ ସଂଚାଳନା କରିଥିଲେ।

# ମୁଖ୍ୟମନ୍ତ୍ରୀଙ୍କୁ ଭେଟିଲେ କେନ୍ଦ୍ରମନ୍ତ୍ରୀ ରାମଦାସ ଅଠାୱଲେ

## ସାମାଜିକ କଲ୍ୟାଣ କାର୍ଯ୍ୟକ୍ରମ ହେବ ବ୍ୟାପକ, କେନ୍ଦ୍ର ଓ ରାଜ୍ୟ ମଧ୍ୟରେ ସମନ୍ୱୟ ସୁଦୃଢ଼ ଉପରେ ଗୁରୁତ୍ୱ

ଭୁବନେଶ୍ୱର,୨୪।୬(ସମିସ): କେନ୍ଦ୍ର ସାମାଜିକ ନ୍ୟାୟ ଓ ସଶକ୍ତିକରଣ ରାଷ୍ଟ୍ରମନ୍ତ୍ରୀ ରାମଦାସ ଅଠାୱଲେ ବୁଧବାର ଲୋକସେବା ଭବନଠାରେ ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀଙ୍କୁ ଏକ ସୌଜନ୍ୟମୂଳକ ସାକ୍ଷାତ କରିଛନ୍ତି। ଏହି ସାକ୍ଷାତକାରରେ କେନ୍ଦ୍ରମନ୍ତ୍ରୀ ଶ୍ରୀ ଅଠାୱଲେ ମୁଖ୍ୟମନ୍ତ୍ରୀଙ୍କ ସହ ରାଜ୍ୟରେ ସାମାଜିକ ନ୍ୟାୟ ସମ୍ପର୍କିତ ବିଭିନ୍ନ ପ୍ରସଙ୍ଗ ସମ୍ପର୍କରେ ଆଲୋଚନା କରିଥିଲେ। ଏହି ଆଲୋଚନାରେ ସାମାଜିକ କଲ୍ୟାଣ ଦିଗରେ କେନ୍ଦ୍ର ଓ ରାଜ୍ୟ ସରକାର ପକ୍ଷରୁ କରାଯାଉଥିବା ସମସ୍ତ ଜନହିତକର କାର୍ଯ୍ୟରେ ସମ୍ପୂର୍ଣ୍ଣ ସମନ୍ୱୟ ରକ୍ଷା କରାଯାଇ ସାମାଜିକ ସୁରକ୍ଷା ବ୍ୟବସ୍ଥାକୁ ଆହୁରି ସୁଦୃଢ଼ କରାଯିବ ବୋଲି ମୁଖ୍ୟମନ୍ତ୍ରୀ କହିଥିଲେ। ଓଡ଼ିଶାରେ ସାମାଜିକ ସୁରକ୍ଷା ପାଇଁ ଅନେକ ପଦକ୍ଷେପ ନିଆଯାଉଛି ବୋଲି ପ୍ରକାଶ କରି ମଧୁବାବୁ ପେନସନ ଯୋଜନାରେ ଆଉ ୬ ଲକ୍ଷ ହିତାଧିକାରୀଙ୍କୁ ସାମିଲ କରିବା, ମୁଖ୍ୟମନ୍ତ୍ରୀ ଅନ୍ନପୂର୍ଣ୍ଣା ଯୋଜନାରେ ଅଧିକ ୫ କିଲୋ ଚାଉଳ ଯୋଗାଇଦେବା ଆଦି ବିଭିନ୍ନ ସାମାଜିକ ସୁରକ୍ଷା କାର୍ଯ୍ୟକ୍ରମ ଉପରେ ମୁଖ୍ୟମନ୍ତ୍ରୀ ଶ୍ରୀ ମାଝୀ, କେନ୍ଦ୍ରମନ୍ତ୍ରୀଙ୍କୁ ଜଣାଇଥିଲେ। ଏହି ଅବସରରେ ଶ୍ରୀ ଅଠାୱାଲେ ରାଜ୍ୟ ସରକାରଙ୍କ ବିଭିନ୍ନ ବିଭାଗର ଅଧିକାରୀଙ୍କ ସହ ସମୀକ୍ଷା ବୈଠକ କରିଛନ୍ତି। ସମୀକ୍ଷା ବୈଠକରେ ଭିନ୍ନକ୍ଷମ ଶିଶୁମାନଙ୍କର ସ୍ୱାସ୍ଥ୍ୟ ପରୀକ୍ଷା, ସେମାନଙ୍କୁ ପ୍ରାରମ୍ଭିକ ସହାୟତା ଯୋଗାଇଦେବା ଉପରେ ସେ ଗୁରୁତ୍ୱ ଦେଇଥିଲେ ରାଷ୍ଟ୍ରମନ୍ତ୍ରୀ।



# ସ୍କୁଲ ପିଲାଙ୍କ ପଢ଼ା ବହି: ଦିନକୁ ଦିନ ବଢୁଛି ତ୍ରୁଟି ସଂଖ୍ୟା

ଭୁବନେଶ୍ୱର, ୨୪।୬(ସମିସ): ପ୍ରଥମରୁ ଅଷ୍ଟମ ଶ୍ରେଣୀ ପିଲାଙ୍କ ବହିର ପ୍ରତି ପୃଷ୍ଠାରେ ଭୁଲ୍ ରହିଛି। ସରକାର ମାତ୍ର ୧୬୭୮ ଟି ତ୍ରୁଟି କଥା ନିଜେ ସ୍ୱୀକାର କରିଥିବାବେଳେ ତଥ୍ୟ ଓ ବନାନଗତ ତ୍ରୁଟି ସଂଖ୍ୟା ୨୬୦୦ ପାର୍ ହେଲାଣି। ମାଳମାଳ ଭୁଲ୍ ସତ୍ତ୍ୱେ ତ୍ରୁଟି ସୁଧାରିବା ବଦଳରେ ସରକାରଙ୍କ ଚଳାଇନେବା ମନୋଭାବ ରାଜ୍ୟରେ ଶିକ୍ଷା ବ୍ୟବସ୍ଥାକୁ ସମ୍ପୂର୍ଣ୍ଣ ଧ୍ୱଂସ କରିଦେବ। ଏହି ସରକାରୀ

■ ସରକାରୀ ବହି ପଢ଼ିଲେ ମୂର୍ଖ ହେବେ ଓଡ଼ିଆ ଛାତ୍ରଛାତ୍ରୀ
■ ଶିକ୍ଷାର ଘରୋଇ ଓ ଗୈରିକୀକରଣ ପାଇଁ ସରକାରୀ ପ୍ରୟାସ

ବହି ପଢ଼ିଲେ ଓଡ଼ିଆ ଛାତ୍ରଛାତ୍ରୀ ମୂର୍ଖ ହେବେ ବୋଲି ବୁଧବାର ଏକ ସାମ୍ବାଦିକ ସମ୍ମିଳନୀରେ ଏଆଇଡିଏସଓ ଅଭିଯୋଗ କରିଛି।

ଏଆଇଡିଏସଓର ରାଜ୍ୟ ସଭାପତି ସୋମନାଥ ବେହେରା କହିଛନ୍ତି ଯେ, ବହିରେ ତ୍ରୁଟି ସଂଖ୍ୟା ୨୬୦୦ ପାର୍ କରିଥିବାବେଳେ ଆଗକୁ ଆହୁରି ହଜାର ହଜାର ଭୁଲ ବାହାରିବ। କେବଳ ବନାନ କି ବାକ୍ୟ ଗଠନ ନୁହେଁ, ବରଂ ଅନେକ ଅବୈଜ୍ଞାନିକ, ଅଯୌକ୍ତିକ ଓ ମନଗଢ଼ା କାହାଣୀ ପାଠ୍ୟକ୍ରମରେ ସ୍ଥାନ ପାଇଛି। ଯାହା ଶିକ୍ଷାର ମୂଲ୍ୟବୋଧକୁ ସମ୍ପୂର୍ଣ୍ଣ ଧ୍ୱଂସ କରିଦେବ। ସରକାର ନିଜର ଦୁର୍ବଳତା ଲୁଚାଇବାକୁ ଯାଇ ଏକ "ସଂଶୋଧନ ଦଲିଲ' ପ୍ରସ୍ତୁତ କରିଥିବା ବେଳେ ତହିଁରେ ମଧ୍ୟ ବ୍ୟାପକ ଭୁଲ ରହିବା ଚିନ୍ତାଜନକ। ସରକାରୀ ବ୍ୟବସ୍ଥାର ଏହା ଚରମ ଅପାରଗତା। ସମ୍ପାଦକ ସିଦ୍ଧାର୍ଥ ରଥ କହିଛନ୍ତି ଯେ, ଜାତୀୟ ଶିକ୍ଷା ନୀତି-୨୦୨୦ ଏକ ଶିକ୍ଷା ଧ୍ୱଂସକାରୀ ନୀତି। ଶିକ୍ଷାର ଘରୋଇକରଣ, ବ୍ୟବସାୟୀକରଣ, ସାଂପ୍ରଦାୟୀକରଣ, ଧନ୍ଦାମୁଖୀକରଣ ଓ କେନ୍ଦ୍ରୀକରଣ ଏହାର ମୁଖ୍ୟ ଲକ୍ଷ୍ୟ। ଏବେ ଏହା ସ୍ପଷ୍ଟ ପ୍ରମାଣିତ ହୋଇଛି। ଓଡ଼ିଆ ପିଲାଙ୍କ ବହିରେ ଏପରି ମାଳମାଳ ତ୍ରୁଟି ପରେ ଅଭିଭାବକଙ୍କ ଆସ୍ଥା ତୁଟିଯିବ ଓ ସେମାନେ ଘରୋଇ ବିଦ୍ୟାଳୟ ମୁହାଁ ହେବେ ବୋଲି ସରକାର ଅବଗତ ଅଛନ୍ତି। ଡବଲ ଇଞ୍ଜିନ ସରକାର ନୂତନ ଶିକ୍ଷାନୀତି ପ୍ରଣୟନ କରି ଶିକ୍ଷାର ବିନାଶ ପାଇଁ ବାଟ ଫିଟାଇଥିବା ସେ ଅଭିଯୋଗ କରିଛନ୍ତି। ସେହିପରି ଉପ-ସଭାପତି ଭାଗ୍ୟରବି ଦାସ, ଅଫିସ୍ ସଂପାଦକ ନସିମ୍ ସରକାର ଏବଂ କୋଷାଧକ୍ଷା ସପ୍ତର୍ଷିନୀ ରାଉଳ ପ୍ରମୁଖ କହିଛନ୍ତି ଯେ, ଯେଉଁ ବୟସରେ ଛାତ୍ରର ବୌଦ୍ଧିକ ଓ ମୌଳିକ ବିକାଶ ଆରମ୍ଭ ହୁଏ, ସେହି ବୟସରେ ସେମାନଙ୍କ ମସ୍ତିଷ୍କରେ ମନଗଢ଼ା ଓ ଅଯୌକ୍ତିକ ବିଷୟ ପୂରାଇ ସେମାନଙ୍କୁ କୂପମଣ୍ଡୁକ କରିବା ପାଇଁ ସରକାର ପ୍ରୟାସ କରୁଛନ୍ତି। ପାଠ୍ୟକ୍ରମର ଏହି ଢାଞ୍ଚାଗତ ପରିବର୍ତ୍ତନ ଶିକ୍ଷାର ଗୈରିକୀକରଣ ଓ ସାଂପ୍ରଦାୟୀକରଣ ଦିଗକୁ ନିର୍ଦ୍ଦେଶିତ କରୁଛି। ଏଣୁ ଶିକ୍ଷାନୀତିକୁ ସମ୍ପୂର୍ଣ୍ଣ ପ୍ରତ୍ୟାହାର କରିବା ସହ ତ୍ରୁଟିପୂର୍ଣ୍ଣ ପୁସ୍ତକ ବଦଳରେ ପୂର୍ବ ବର୍ଷର ପାଠ୍ୟକ୍ରମ ଅନୁଯାୟୀ ପିଲାଙ୍କୁ ଶିକ୍ଷାଦାନ କରିବାକୁ ସଂଗଠନ ଦାବି କରିଛି।

# ଡାକ୍ତରୀ ଛାତ୍ରୀ ଚନ୍ଦ୍ରିକା ମୃତ୍ୟୁ ଘଟଣା: ଭୀମସେନଙ୍କ ରିମାଣ୍ଡ ଶେଷ

ବାରଙ୍ଗ,୨୪।୬ (ସମିସ): ମୟୂରଭଞ୍ଜର ଡାକ୍ତରୀ ଛାତ୍ରୀ ଚନ୍ଦ୍ରିକା ହେମ୍ବ୍ରମ୍ ମୃତ୍ୟୁ ଘଟଣାର ରହସ୍ୟ ଫିଟିବା ନେଇ ପ୍ରେମିକ ତଥା ପ୍ରଶାସନିକ ଅଧିକାରୀ ଭୀମସେନ ଟୁଡୁଙ୍କୁ ୨ଦିନିଆ ରିମାଣ୍ଡ ବୁଧବାର ସରିଯାଇଛି। ତାଙ୍କୁ ପୁଣି ଥରେ ପୁଲିସ କୋର୍ଟକୁ ହସ୍ତାନ୍ତର କରିଛି। ଚନ୍ଦ୍ରିକାଙ୍କ ମୃତ୍ୟୁରେ ଭୀମସେନଙ୍କ ସମ୍ପୃକ୍ତି ବିଷୟରେ ଜାଣିବା ପାଇ ଚେଷ୍ଟା କରିଛି ପୁଲିସ। ବିଶେଷ କରି, ଭୀମସେନ୍‌ଙ୍କ ନୂଆ ପ୍ରେମିକାଙ୍କର କଣ ସଂପୃକ୍ତି ବା ଭୂମିକା ରହିଛି ତାହା ବି ଜାଣିବା ପାଇ ଉଦ୍ୟମ କରିଛି ପୁଲିସ। ଭୀମସେନ ଓ ତାଙ୍କ ନୂତନ ବାନ୍ଧବୀଙ୍କ ମଧ୍ୟରେ କେବଳ ବନ୍ଧୁତା ରହିଥିବା ଭୀମସେନ ପୁଲିସ ଆଗରେ କହିଛି। ଏହି ମାରାଥନ ଜେରା ବେଳେ ଭୀମସେନ୍‌ଙ୍କ ବିରୋଧରେ ମିଳିଥିବା ବୟାନ, ସାକ୍ଷ୍ୟଙ୍କ ବୟାନ ଓ ବୈଷୟିକ ତଥ୍ୟ ଭିଡିଓ, ଅଡିଓ କ୍ଲିପ୍, ହ୍ୱାଟସ୍‌ଆପ୍ ଚାଟ୍, ଫୋନ୍ କଲ୍ ରେକର୍ଡ ଓ ସୋସିଆଲ୍ ମିଡିଆ ପୋଷ୍ଟ ଆଦିକୁ ଭୀମସେନଙ୍କ ଆଗରେ ରଖିଛି। ରିମାଣ୍ଡ ସମୟରେ ଭୀମସେନ ସମ୍ପୂର୍ଣ୍ଣ ରୂପେ ପୁଲିସକୁ ପୂର୍ଣ୍ଣ ରୂପେ ସହଯୋଗ କରି ନଥିବାର ଜଣାପଡିଛି। ବାରଙ୍ଗ ପୁଲିସ ଏହି ଦୁଇଦିନରେ ଭୀମସେନଙ୍କଠାରୁ ବହୁ ତଥ୍ୟ ହାସଲ କରିଥିବା ଜଣାପଡିଛି। ପୂର୍ବରୁ ଭୀମସେନଙ୍କ ନୂତନ ବାନ୍ଧବୀଙ୍କୁ ପୁଲିସ ଜେରା କରିଥିଲା। ପରିବାର ସଦସ୍ୟଙ୍କ ଅଭିଯୋଗକୁ ଭିତ୍ତି କରି ପୁଲିସ ବିଏନଏସର ଧାରା ୧୦୮ ରେ ଆତ୍ମହତ୍ୟା ପାଇଁ ପ୍ରବର୍ତ୍ତାଇବା ଏବଂ ବିଏନଏସର ଧାରା ୩ (୫)ରେ ତଦନ୍ତ ଚଳାଇଛି। ଭୀମସେନ ୧୨ ତାରିଖରେ ଆତ୍ମସମର୍ପଣ କରିବା ପରେ ୧୩ ତାରିଖରେ ଗିରଫ ହୋଇ ଜେଲ୍ ଯାଇଥିଲେ। ଏହାପରେ ବାରଙ୍ଗ ଥାନାରେ ଏକ ଟିମ୍ ଚନ୍ଦ୍ରିକାଙ୍କ ଘରକୁ ଯାଇ ତାଙ୍କ ବାପା, ମାଆ, ମାମୁ, ମାଇଁ ଓ ମାମୁ ଝିଅଙ୍କ ବୟାନ ରେକର୍ଡ଼ କରିଥିଲା।

## ବର୍ଷେ ହେଲା ଘୋଷଣା କରି ସରକାର ସମ୍ପୂର୍ଣ୍ଣ ନିରବ

# 'ନା ହେଲା ସିଟି ହସ୍ପିଟାଲ, ନା ସାଟେଲାଇଟ୍'

ଭଦ୍ରକ,୨୪।୬(ସମିସ): ଭଦ୍ରକ ସହର ନୂଆବଜାର ସ୍ଥିତ ପୁରୁଣା ଜିଲ୍ଲା ମୁଖ୍ୟ ଚିକିତ୍ସାଳୟ ସ୍ଥାନାନ୍ତର ବେଳେ ପୁରୁଣା ଚିକିତ୍ସାଳୟକୁ ଏକ ସିଟି ହସ୍ପିଟାଲ କରିବାକୁ ବିଭିନ୍ନ ମହଲରୁ ଦାବି ଓ ଧାରଣା ଦିଆଯାଇଥିଲା। ତେବେ ଭଦ୍ରକବାସୀଙ୍କ ଏହି ଦାବି ପରେ ସରକାର ସେଠାରେ ଏକ ସାଟେଲାଇଟ୍ ହସ୍ପିଟାଲ କରିବାକୁ ବର୍ଷକ ତଳେ ଘୋଷଣା କରିଥିଲେ। ଅଦ୍ୟାବଧି ସାଟେଲାଇଟ୍ ହସ୍ପିଟାଲ ଆରମ୍ଭ କରିବା ତ ଦୂରର କଥା ଏ ଦିଗରେ ସାମାନ୍ୟ ଅଗ୍ରଗତି ବି ହୋଇନାହିଁ।

ସୂଚନାଯୋଗ୍ୟ, ଗତ ପ୍ରାୟ ବର୍ଷକ ତଳେ ସହର ଉପକଣ୍ଠ ସାମରାଇପୁର ମୌଜାରେ ପୂର୍ବ ସରକାର ଅମଳରେ ପ୍ରତିଷ୍ଠିତ ୩ଶହ ଶଯ୍ୟା ବିଶିଷ୍ଟ ନୂତନ ଜିଲ୍ଲା ମୁଖ୍ୟ ଚିକିତ୍ସାଳୟକୁ ଉଠାଇ ନିଆଯାଇଥିଲା। ପରେ ସହରବାସୀଙ୍କ ପକ୍ଷରୁ ପୁରୁଣା ଜିଲ୍ଲା ହସ୍ପିଟାଲ କ୍ୟାମ୍ପସ୍‌କୁ ଭାଙ୍ଗି ନ ଦେଇ ଅନ୍ୟ ସହର ଭଳି ସେଠାରେ ଏକ ସିଟି ହସ୍ପିଟାଲ କାର୍ଯ୍ୟକାରୀ କରିବାକୁ ଜୋର୍‌ଦାର୍ ଦାବି ହୋଇଥିଲା। ଏପରିକି ପୁରୁଣା ଜିଲ୍ଲା ହସ୍ପିଟାଲକୁ ସିଟି ହସ୍ପିଟାଲ ଘୋଷଣା ନ କରି ଜିଲ୍ଲା ମୁଖ୍ୟ ହସ୍ପିଟାଲକୁ ଅନ୍ୟତ୍ର ସ୍ଥାନାନ୍ତର କରିବାକୁ ଦିଆଯିବ ନାହିଁ ବୋଲି ଲୋକେ ଦାବି କରିଥିଲେ। ଲୋକଙ୍କ ଯୁକ୍ତି ଏବଂ ଦାବି ମଧ୍ୟ ଯଥାର୍ଥ ଥିଲା। କାରଣ ପାଖଆଖ ଅଞ୍ଚଳକୁ ଛାଡ଼ି କେବଳ ଭଦ୍ରକ ସହରରେ ୨ଲକ୍ଷରୁ ଊର୍ଦ୍ଧ୍ୱ ଲୋକ ବସବାସ କରୁଥିବାବେଳେ ସେମାନଙ୍କ ଲାଗି ଜରୁରୀକାଳୀନ ସ୍ୱାସ୍ଥ୍ୟ ସେବାର ନିହାତି ଆବଶ୍ୟକତା ରହିଛି। ଏହାଛଡ଼ା ସହର ପରିକ୍ରମା କରିଥିବା ଉଭୟ ଜାତୀୟ ଓ ରାଜ୍ୟ ରାଜପଥ ସାଙ୍ଗକୁ ପୂର୍ବତଟ ରେଳପଥ ଯୋଗୁଁ ସହରବାସୀଙ୍କ ଲାଗି ଆପାତ୍‌କାଳୀନ ସ୍ୱାସ୍ଥ୍ୟସେବା ଲାଗି ଏକ ସିଟି ହସ୍ପିଟାଲର ଯଥେଷ୍ଟ ଆବଶ୍ୟକତା ରହିଛି। ତେବେ ପ୍ରତିକୂଳ ପରିସ୍ଥିତିକୁ ଏଡ଼େଇବା ଲାଗି ସରକାର




ପୁରୁଣା ଭଦ୍ରକ ଜିଲ୍ଲା ମୁଖ୍ୟ ଚିକିତ୍ସାଳୟ ପରିସର ଏବେ ପ୍ରଶାସନ କବ୍‌ଜାରେ

ମେଡିକାଲ ସ୍ଥାନାନ୍ତର ପୂର୍ବରୁ ଅର୍ଥାତ ଗତ ଡିସେମ୍ବର ୨୦୨୫ରେ ପୁରୁଣା ଜିଲ୍ଲା ହସ୍ପିଟାଲକୁ ୧୦ ଶଯ୍ୟା ବିଶିଷ୍ଟ ଏକ ସାଟେଲାଇଟ୍ ହସ୍ପିଟାଲ ଘୋଷଣା କରିଥିଲେ। ସରକାରଙ୍କ ଏହି ଘୋଷଣାକୁ ସହରବାସୀ ସ୍ୱାଗତ କରିଥିଲେ। ସାଟେଲାଇଟ୍ ହସ୍ପିଟାଲ ପ୍ରତିଷ୍ଠା ହେଲେ ମଧ୍ୟ ସହରବାସୀଙ୍କୁ ୨୪ ଘଣ୍ଟା ଆପାତ୍‌କାଳୀନ ସେବା ମିଳିବା ଆଶାରେ ଲୋକେ ଉତ୍ସାହିତ ହୋଇଥିଲେ। ତେବେ ସରକାରଙ୍କ ସାଟେଲାଇଟ୍ ହସ୍ପିଟାଲର ଅସଲ କରିବା ଏକ ଧୂଆଁବାଣ ଥିଲା। କାରଣ ପୁରୁଣା ମୁଖ୍ୟ ଚିକିତ୍ସାଳୟର ଅର୍ଦ୍ଧାଧିକ ଅଞ୍ଚଳକୁ ଜିଲ୍ଲା ପ୍ରଶାସନ ମାଡ଼ିବସିଥିବା ବେଳେ କେବଳ ପୁରୁଣା ହସ୍ପିଟାଲ ଆଉଟ୍‌ଡୋର୍‌ରେ ଚାଲିଛି କେବଳ ଚିକିତ୍ସା। ଜଣେ ଡେପୁଟେସନରେ ଥିବା ଜଣେ ଡାକ୍ତର ଏବଂ ଅନ୍ୟ ୩ ଜଣ ଷ୍ଟାଫ୍‌ଙ୍କୁ ନେଇ ଦିନରେ ମାତ୍ର ୬ ଘଣ୍ଟା କାର୍ଯ୍ୟକ୍ଷମ ରହିଛି ଏହି ହସ୍ପିଟାଲ। ସକାଳ ୮ଟାରୁ ଦିନ ୧୨ଟା ଓ ଅପରାହ୍ଣ ୪ଟାରୁ ସନ୍ଧ୍ୟା ୬ଟା ପର୍ଯ୍ୟନ୍ତ ଲୋକଙ୍କୁ ଏହି ହସ୍ପିଟାଲ ସେବା ଉପଲବ୍ଧ ହେଉଛି। ପୁଣି ରବିବାର ଦିନ ଏହା ବନ୍ଦ।

ଅନ୍ୟପକ୍ଷରେ ଅସଲ କଥା ହେଲା ସରକାରଙ୍କ ଏହି ସାଟେଲାଇଟ୍ ହସ୍ପିଟାଲ ପ୍ରତିଷ୍ଠା କଲେ ପ୍ରତିଦିନ ଜଣେ ଜଣେ ବିଶେଷଜ୍ଞ ଡାକ୍ତର ଚିକିତ୍ସା କରିବେ ଓ ସ୍ୱତନ୍ତ୍ର ଡାକ୍ତର ନିଯୁକ୍ତି ସହ ସ୍ଥାୟୀ ଷ୍ଟାଫ୍ ମଧ୍ୟ ନିଯୁକ୍ତି ପାଇବେ। ମାସରେ ଥରେ ସବୁ ବିଭାଗର ବିଶେଷଜ୍ଞ ଡାକ୍ତରମାନେ କ୍ୟାମ୍ପ୍ କରି ରୋଗୀ ସେବା କରିବେ। ସରକାର ସାଟେଲାଇଟ୍ ହସ୍ପିଟାଲ ପ୍ରତିଷ୍ଠା କରିବାର ଘୋଷଣା କରି କେବଳ "ର' "ଠ' ଭାବେ ରୋଗୀ ସେବା କରିବା ଦୁର୍ଭାଗ୍ୟଜନକ ବୋଲି ଅଭିଯୋଗ ହୋଇଛି।

# ଶିକ୍ଷାନୁଷ୍ଠାନ ଓ କୋଚିଂ ସେଣ୍ଟରରେ ହେବ ଅଗ୍ନି ନିରାପତ୍ତା ଅଡିଟ୍

ଭୁବନେଶ୍ୱର, ୨୪।୬(ସମିସ): ଉତ୍ତର ପ୍ରଦେଶ ଲକ୍ଷ୍ନୌରେ ଏକ କୋଚିଂ ସେଣ୍ଟରରେ ଭୟଙ୍କର ଅଗ୍ନିକାଣ୍ଡ ଘଟି ୧୫ ଜଣ ଛାତ୍ରଛାତ୍ରୀଙ୍କ ଶୋଚନୀୟ ମୃତ୍ୟୁ ହେବା ପରେ ଓଡ଼ିଶା ସରକାର ସଜାଗ ହୋଇଛନ୍ତି। ରାଜ୍ୟର ସମସ୍ତ ଶିକ୍ଷାନୁଷ୍ଠାନ ସମେତ କୋଚିଂ ସେଣ୍ଟର ଓ ଦକ୍ଷତା ବିକାଶ କେନ୍ଦ୍ରରେ ଅଗ୍ନି ନିରାପତ୍ତା ପ୍ରସ୍ତୁତିର କଡ଼ା ସମୀକ୍ଷା ସହ ଅଡିଟ୍ କରିବାକୁ ବାଧ୍ୟତାମୂଳକ କରିଛନ୍ତି। ଓଡ଼ିଶା ରାଜ୍ୟ ବିପର୍ଯ୍ୟୟ ପରିଚାଳନା କର୍ତ୍ତୃପକ୍ଷ (ଓଏସ୍‌ଡିଏମ୍‌ଏ ବା ଓସଡମା) ପକ୍ଷରୁ ନୂତନ ଶିକ୍ଷାବର୍ଷ ଆରମ୍ଭ ସମୟରେ ସୁରକ୍ଷା ନିୟମର କୌଣସି ପ୍ରକାର ସାଲିସକୁ ଗ୍ରହଣ କରାଯିବ ନାହିଁ ବୋଲି କୁହାଯାଇଛି।

■ ୧୫ ଦିନରେ କାର୍ଯ୍ୟାନୁଷ୍ଠାନ ରିପୋର୍ଟ ଦାଖଲ ପାଇଁ ସବୁ ଜିଲ୍ଲାପାଳଙ୍କୁ ନିର୍ଦ୍ଦେଶ
■ କମିଟିରେ ରାଜସ୍ୱ ସମେତ ଅଗ୍ନିଶମ, ଗଣଶିକ୍ଷା, ଉଚ୍ଚଶିକ୍ଷା ଏବଂ ଦକ୍ଷତା ବିକାଶ ବିଭାଗ ଅଧିକାରୀ

ସ୍ୱେସାଲ ରିଲିଫ କମିଶନର (ଏସ୍‌ଆର୍‌ସି) ତଥା ଓସଡମାର ପରିଚାଳନା ନିର୍ଦ୍ଦେଶକ ରାଜେଶ ପ୍ରଭାକର ପାଟିଲ୍ କହିଛନ୍ତି ଯେ, ଶିକ୍ଷାନୁଷ୍ଠାନରେ ଶିକ୍ଷାର୍ଥୀ, ଶିକ୍ଷକ ଏବଂ କର୍ମଚାରୀଙ୍କ ସୁରକ୍ଷା ସର୍ବୋପରି। ନୂତନ ଶୈକ୍ଷିକ ଋତୁ ଆରମ୍ଭ ହେବାକୁ ଥିବାବେଳେ ସେମାନଙ୍କ ସୁରକ୍ଷାକୁ ପ୍ରାଥମିକତା ଦିଆଯିବ। ଏଥିପାଇଁ ଅଗ୍ନି ନିରାପତ୍ତା ବ୍ୟବସ୍ଥାର କଡ଼ା ଅନୁପାଳନ ସୁନିଶ୍ଚିତ କରିବା ପାଇଁ ନିର୍ଦ୍ଦେଶ ଦିଆଯାଇଛି। ଜିଲ୍ଲାପାଳଙ୍କ ନେତୃତ୍ୱରେ ସ୍ଥାନୀୟ କର୍ତ୍ତୃପକ୍ଷ ତୁରନ୍ତ କ୍ଷେତ୍ର ପରିଦର୍ଶନ କରି ଯାଞ୍ଚ କରିବେ। ବ୍ୟାପକ ଅଗ୍ନି ନିରାପତ୍ତା ଅଡିଟ୍ ସହିତ ସମସ୍ତ କ୍ୟାମ୍ପସ ଭିତ୍ତିଭୂମିର ବ୍ୟାପକ ଯାଞ୍ଚ କରିବେ। ବିପଦପୂର୍ଣ୍ଣ ବହୁତଳ ବିଶିଷ୍ଟ କୋଠା ଓ ଜନଗହଳିପୂର୍ଣ୍ଣ ସହରାଞ୍ଚଳ ଉପରେ ବିଶେଷ ଧ୍ୟାନ ଦିଆଯିବ। ଅଗ୍ନି ନିରାପତ୍ତା ପ୍ରମାଣପତ୍ର ଏବଂ ଏନ୍‌ଓସିର ବୈଧତାକୁ ଯାଞ୍ଚ କରାଯିବ। ଅଗ୍ନି ନିର୍ବାପକ ଯନ୍ତ୍ର କାର୍ଯ୍ୟକ୍ଷମ କି ଅଚଳ ହୋଇ ପଡ଼ିଛି, ତାର ମଧ୍ୟ ଯାଞ୍ଚ ହେବ। ସର୍ଟ ସର୍କିଟ୍ ଏଡ଼ାଇବା ପାଇଁ ବୈଦ୍ୟୁତିକ ସରଞ୍ଜାମର ବାଧ୍ୟତାମୂଳକ ନିୟମିତ ରକ୍ଷଣାବେକ୍ଷଣ ସହିତ ଶ୍ରେଣୀଗୃହ, କରିଡର କିମ୍ବା ଜରୁରୀକାଳୀନ ପଥରେ ଜଳନଶୀଳ ପଦାର୍ଥ ରଖିବାକୁ ନିଷେଧ କରାଯାଇଛି। ମୁଖ୍ୟ ପ୍ରବେଶ ଓ ପ୍ରସ୍ଥାନ ପଥ, ସିଡ଼ି, କରିଡର ଏବଂ ଜରୁରୀକାଳୀନ ନିର୍ଗମନ ପଥ ସମ୍ପୂର୍ଣ୍ଣ ଭାବେ ବାଧାମୁକ୍ତ ରହିବ, ତାହା ସ୍ଥାନୀୟ କର୍ତ୍ତୃପକ୍ଷ ନିଶ୍ଚିତ କରିବେ। କେବଳ କାଗଜପତ୍ରରେ ନିୟମ ପାଳନ ନକରି, ବାସ୍ତବିକ ଭାବେ ପ୍ରସ୍ତୁତ ରହିବା ପାଇଁ ଶିକ୍ଷାନୁଷ୍ଠାନଗୁଡ଼ିକ ତ୍ରୈମାସିକ ଅଗ୍ନି ନିରାପତ୍ତା ସଚେତନତା କାର୍ଯ୍ୟକ୍ରମ କରିବେ। ଏପରିକି ନିଜସ୍ୱ ସ୍ୱତନ୍ତ୍ର 'ଫାୟାର ସେଫ୍ଟି ୱାର୍ଡେନ' ଏବଂ ନୋଡାଲ ଅଫିସର ମନୋନୀତ କରି ପ୍ରଶିକ୍ଷଣ ପ୍ରଦାନ କରିବେ।

ଭଡ଼ା ଘରେ ଚାଲୁଥିବା ଅନୁଷ୍ଠାନ, ଜନଗହଳିପୂର୍ଣ୍ଣ ବ୍ୟବସାୟିକ ପ୍ରତିଷ୍ଠାନ, ବେସମେଣ୍ଟ ଏବଂ ଅଧିକ ଛାତ୍ରଛାତ୍ରୀ ଥିବା ଯେକୌଣସି ବିଲ୍ଡିଂକୁ ଯାଞ୍ଚବେଳେ ଅଗ୍ରାଧିକାର ଦେବାକୁ ନିର୍ଦ୍ଦେଶ ଦିଆଯାଇଛି। ଛାତ୍ରାବାସ ଏବଂ ଆବାସିକ ପ୍ରଶିକ୍ଷଣ କେନ୍ଦ୍ରଗୁଡ଼ିକ ଯେପରି ନିର୍ଦ୍ଧାରିତ ଅଗ୍ନି ନିରାପତ୍ତା ନିୟମକୁ କଡ଼ାକଡ଼ି ଭାବେ ପାଳନ କରୁଛନ୍ତି, ତାହା ନିଶ୍ଚିତ କରିବେ। ରାଜସ୍ୱ ବିଭାଗ ସମେତ ଅଗ୍ନିଶମ ସେବା, ଗଣଶିକ୍ଷା, ଉଚ୍ଚଶିକ୍ଷା ଏବଂ ଦକ୍ଷତା ବିକାଶ ବିଭାଗର ବରିଷ୍ଠ ଅଧିକାରୀ ଓ ସ୍ଥାନୀୟ କର୍ତ୍ତୃପକ୍ଷଙ୍କୁ ନେଇ ଗଠିତ ଯୁଗ୍ମ ଯାଞ୍ଚ ଦଳ ଦ୍ୱାରା ଜିଲ୍ଲା ସ୍ତରୀୟ ଅନୁଧ୍ୟାନ କରାଯିବ। ଅଗ୍ନି ନିରାପତ୍ତା ବିନା ଚାଲୁଥିବା ଶିକ୍ଷାନୁଷ୍ଠାନ ବିରୋଧରେ ତୁରନ୍ତ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯିବ। ନିର୍ଦ୍ଦେଶନାମା ଜାରି ହେବାର ୧୫ ଦିନ ମଧ୍ୟରେ କେତେ ଶିକ୍ଷାନୁଷ୍ଠାନରେ ଯାଞ୍ଚ କରାଯାଇଛି, କଣ ସବୁ ତ୍ରୁଟି ଚିହ୍ନଟ ହୋଇଛି ଏବଂ କି ପ୍ରକାର ସଂଶୋଧନମୂଳକ କାର୍ଯ୍ୟାନୁଷ୍ଠାନ ଆରମ୍ଭ କରାଯାଇଛି, ସେ ସମ୍ପର୍କରେ ଜିଲ୍ଲାପାଳମାନେ ଓସଡମା ନିକଟରେ ରିପୋର୍ଟ ଦାଖଲ କରିବେ ବୋଲି ନିର୍ଦ୍ଦେଶ ଦିଆଯାଇଛି।



# ଜୁଲାଇ ୩୧ ପର୍ଯ୍ୟନ୍ତ ଡାଇରିଆ ନିରାକରଣ ଅଭିଯାନ



କଟକ,୨୪।୬(ସମିସ): ଜିଲ୍ଲା ସ୍ୱାସ୍ଥ୍ୟ ଭବନସ୍ଥିତ ସମ୍ମିଳନୀ କକ୍ଷଠାରେ ଏକ ସାମ୍ବାଦିକ ସମ୍ମିଳନୀ ଆୟୋଜିତ ହୋଇଯାଇଛି। ଡାଇରିଆର ସମ୍ଭାବ୍ୟ ସମସ୍ୟାକୁ ଦୃଷ୍ଟିରେ ରଖି ଜିଲ୍ଲା ସ୍ୱାସ୍ଥ୍ୟ ସମିତି ପକ୍ଷରୁ ଜିଲ୍ଲାର ସମସ୍ତ ସ୍ୱାସ୍ଥ୍ୟ କେନ୍ଦ୍ରକୁ ସତର୍କ କରାଯାଇଛି। ଜିଲ୍ଲାର ସମସ୍ତ ଅଞ୍ଚଳରେ ଏହି ଅଭିଯାନ ଆସନ୍ତା ଜୁଲାଇ ୩୧ ତାରିଖ ପର୍ଯ୍ୟନ୍ତ ଚାଲୁ ରହିବ ବୋଲି ଏଠାରେ ଆୟୋଜିତ ଏକ ସାମ୍ବାଦିକ ସମ୍ମିଳନୀରେ ଜିଲ୍ଲା ମୁଖ୍ୟ ଚିକିତ୍ସା ଓ ଜନ ସ୍ୱାସ୍ଥ୍ୟ ଅଧିକାରୀ ଡଃ ପୁଷ୍ପିତା ମହାନ୍ତି ସୂଚନା ଦେଇଛନ୍ତି। ଆଶାକର୍ମୀମାନେ ଘରକୁ ଘର ବୁଲି ପ୍ରତ୍ୟେକ ଘରେ ୨ଟି ଓଆରଏସ ପାଉଡର ପ୍ରଦାନ କରିବେ ଓ ଯେଉଁ ଘରେ ୫ ବର୍ଷ ବୟସର ପିଲା ଥିବେ ତାଙ୍କୁ ଆଉ ଗୋଟିଏ ଓଆରଏସ ପ୍ୟାକେଟ ଓ ୨ଟି ଜିଙ୍କ ବଟିକା ବଣ୍ଟନ କରିବେ। ଜିଲ୍ଲାରେ ୫ ବର୍ଷ ବୟସର ୧,୫୩,୯୭୭ ଜଣଙ୍କୁ ଏହି ଡାଇରିଆ ନିରାକରଣ କାର୍ଯ୍ୟକ୍ରମରେ ଅନ୍ତର୍ଭୁକ୍ତ କରାଯାଇଛି। ଏହାବ୍ୟତୀତ ଜୁନ ୨୮ରୁ ୩୦ ପର୍ଯ୍ୟନ୍ତ ଜନ୍ମରୁ ୫ ବର୍ଷର ପିଲାମାନଙ୍କୁ ପଲସ୍ ପୋଲିଓ ବୁନ୍ଦା ଦିଆଯିବ। ପ୍ରଥମ ଦିନ ୧୧୫୬ଟି ବୁଥ ଓ ପରଦିନ ଘର ଘର ବୁଲି କାର୍ଯ୍ୟକ୍ରମ କରାଯିବ। ଏହି ଅବସରରେ ଜିଲ୍ଲା ଜନ ସ୍ୱାସ୍ଥ୍ୟ ଅଧିକାରୀ ଡଃ ଗଗନ ବିହାରୀ ପତି, ଅତିରିକ୍ତ ଜିଲ୍ଲା ଜନ ସ୍ୱାସ୍ଥ୍ୟାଧିକାରୀ ଡଃ ଚିନ୍ତାମଣି ମିଶ୍ର, ଅତିରିକ୍ତ ଜିଲ୍ଲା ଜନ ସ୍ୱାସ୍ଥ୍ୟାଧିକାରୀ ଲେପ୍ରୋସୀ ଡଃ ଦୀପ ପଟ୍ଟନାୟକ ପ୍ରମୁଖ ଉପସ୍ଥିତ ଥିଲେ।

# ମିଳୁନାହାନ୍ତି କି ମନପସନ୍ଦିଆ ବିଡର୍ ?

## ଫୁଲନଖରା-ନିଆଳି ରାସ୍ତା ପ୍ରଶସ୍ତୀକରଣ ଟେଣ୍ଡର ୬ ଥର ବାତିଲ ● ବହୁ ପ୍ରତୀକ୍ଷିତ ପ୍ରକଳ୍ପର ପଦ୍ମ ଘୁଞ୍ଚି ଘୁଞ୍ଚି ଯାଉଛି

ଫୁଲନଖରା, ୨୪।୬ (ସମିସ):

ଫୁଲନଖରା-ନିଆଳି ରାଜ୍ୟ ରାଜରାସ୍ତା ଏକ ବ୍ୟସ୍ତବହୁଳ ରାସ୍ତା। ଦୈନିକ ଉକ୍ତ ରାସ୍ତାରେ ଦୁଇଚକିଆ ଗାଡିଠାରୁ ଆରମ୍ଭ କରି ହାଲୁକା ଓ ଭାରୀ ଯାନ ହଜାର ହଜାର ସଂଖ୍ୟାରେ ଯାତାୟାତ କରିଥାଆନ୍ତି। ଅନେକଗୁଡିଏ ଇଂଜିନିୟରିଂ କଲେଜଠାରୁ ସରକାରୀ କଲେଜ୍ ଓ ବେସରକାରୀ କଲେଜ ଗଢ଼ି ଉଠିଛି। ବିଭିନ୍ନ ସରକାରୀ ଡାକ୍ତରଖାନାଠାରୁ ଆରମ୍ଭ କରି ଓଲଟପୁରଠାରେ ଏସିଆର ସର୍ବବୃହତ କୃତ୍ରିମ ଅଙ୍ଗ ପ୍ରତିରୋପଣ କେନ୍ଦ୍ର 'ଏସ୍‌ଭିନିରତାର' ରହିଛି। ବେସରକାରୀ ଗୋଦାମ୍‌ଠାରୁ ଆରମ୍ଭ କରି ଶୀତଳଭଣ୍ଡାର ମଧ ରହିଛି। ଏହି ରାସ୍ତା ଦେଇ ପର୍ଯ୍ୟଟକମାନେ ପୁରୀ, କୋଣାର୍କ, କାକଟପୁର ମଙ୍ଗଳା, ଜାହାନିଆ ପୀର ଆଦି ପର୍ଯ୍ୟଟନ କ୍ଷେତ୍ରକୁ ଯାତାୟତ କରିଥାଆନ୍ତି। ଏସବୁକୁ ଲକ୍ଷ୍ୟ କରି ଦୂରଦୃଷ୍ଟି ରଖି ବିଜେଡି ସରକାର ସମୟରେ ଉକ୍ତ ୨ ଲେନ୍ ବିଶିଷ୍ଟ ରାସ୍ତାକୁ ୪ଲେନ୍ ବିଶିଷ୍ଟ ରାସ୍ତାରେ ପରିଣତ କରିବା ପାଇଁ ପ୍ରସ୍ତାବ ନିଆଯାଇଥିଲା। ଫୁଲନଖରାଠାରୁ ନିଆଳି




ପର୍ଯ୍ୟନ୍ତ ପ୍ରାୟ ୨୭.୫ କିଲୋମିଟର ରାସ୍ତାର ପ୍ରଶସ୍ତୀକରଣ ଦ୍ୱାରା ଜନଗହଳି କମାଇବା ପାଇଁ ଶିଶୁଆଠାରୁ ଓଲଟପୁର, ବରାହୀପୁର ଦେଇ ଅଡଶପୁରଠାରେ ମିଶିବା ପାଇଁ ଏକ ବାଇପାସ୍ ରାସ୍ତା ନିମନ୍ତେ ଅଟକଳ ମୂଲ୍ୟ ୩୫୮.୯୩କୋଟି ଟଙ୍କା ରଖାଯାଇଥିଲା। ୨୦୨୪ ସାଧାରଣ ନିର୍ବାଚନ ଘୋଷଣା ହେବା ଫଳରେ ଟେଣ୍ଡର ପ୍ରକ୍ରିୟା ସ୍ଥଗିତ ରହିଥିଲା। ପରବର୍ତ୍ତୀ ସମୟରେ ବିଜେପି ସରକାରର ଏକବର୍ଷ ପରେ ଫୁଲନଖରାଠାରୁ ନିଆଳି ପର୍ଯ୍ୟନ୍ତ ୩୫କିଲୋମିଟର ୪୫୧ମିଟର ରାସ୍ତାକୁ ପ୍ରଶସ୍ତୀକରଣ ନିମନ୍ତେ ପୁନଃ ବିଜ୍ଞପ୍ତି ଜାରି ହୋଇଥିଲା। ମୁଖ୍ୟଯନ୍ତ୍ରୀ (ସିଭିଲ୍ ଆଣ୍ଡ ରୋଡ)ଙ୍କ କାର୍ଯ୍ୟାଳୟ ଚିଠି ନଂ ୧୩୧୫୭/୧୫.୪.୨୦୨୬ରେ ଉକ୍ତ ରାସ୍ତା କାମ ପାଇଁ ୨୧୫ କୋଟି ୮୬ ଲକ୍ଷ ଟଙ୍କା ଧାର୍ଯ୍ୟ କରାଯାଇ ଟେଣ୍ଡର କରାଯାଇଥିଲା। ତାକୁ ରଦ୍ଦ କରିଦିଆଯାଇ ପୁନଃ ଚିଠି ନଂ ୧୫୫୪୨/୫.୫.୨୬ରେ ଉକ୍ତ କାମକୁ ବର୍ଦ୍ଧିତ ମୂଲ୍ୟ ୨୨୪ କୋଟି ୮୬ଲକ୍ଷ ଟଙ୍କା ଧାର୍ଯ୍ୟ କରାଯାଇ ଟେଣ୍ଡର କରାଯାଇଥିଲା। ଏହି ଟେଣ୍ଡରକୁ ମଧ ରଦ୍ଦ କରାଯାଇ ଏଯାବତ୍ ୬ଷ୍ଠ ଥର ପାଇଁ ତାରିଖ ଘୁଞ୍ଚିଛି। ଚଳିତ ମାସ ୨୦ ତାରିଖରେ ଟେଣ୍ଡର କରାଯାଇ ୨୪ତାରିଖରେ ଖୋଲାଯିବାକୁ ଥିବାବେଳେ ହଠାତ୍ ପୁନର୍ବାର ଟେଣ୍ଡର ପ୍ରକ୍ରିୟାକୁ ଆସନ୍ତା ଜୁଲାଇ ମାସ ୭ତାରିଖକୁ ଘୁଞ୍ଚାଇ ଦିଆଯାଉଛି। ରାଜନୈତିକ ନେତୃବୃନ୍ଦ ଫୁଲନଖରା-ନିଆଳି ରାଜ୍ୟ ରାଜରାସ୍ତା ୪ଲେନ୍ ହେବ ବୋଲି ଡିଣ୍ଡିମ ପିଟୁଥିବା ବେଳେ କାହିଁକି ଯେ ପଦ୍ମ ଘୁଞ୍ଚି ଘୁଞ୍ଚି ଯାଉଛି ଏହା ସ୍ପଷ୍ଟ ହୋଇପାରୁନାହିଁ। ଏପଟେ ରାସ୍ତାର ଖାଲଖମାରେ ଯାତ୍ରୀମାନେ ନାହିଁ ନଥିବା ଅସୁବିଧାର ସମ୍ମୁଖୀନ ହେଉଛନ୍ତି। ଖୋଦ୍ ଉପମୁଖ୍ୟମନ୍ତ୍ରୀ ପ୍ରଭାତି ପରିଡା ଉକ୍ତ ରାସ୍ତା ଅତିଶୀଘ୍ର ୪ ଲେନ୍ ହେବ ବୋଲି ଘୋଷଣା କରିବା ପରେ ମଧ ହେଲେ ଟେଣ୍ଡର ପ୍ରକ୍ରିୟା ବାରମ୍ବାର ଘୁଞ୍ଚୁ ଥିବାରୁ ସନ୍ଦେହ ସୃଷ୍ଟି ହେଉଛି। ଉକ୍ତ କାମ ପାଇଁ ସରକାରଙ୍କ ପାଖରେ ପାଣ୍ଠିର ଅଭାବ ନା ମନପସନ୍ଦର ବିଡର ଅଭାବ ଏବେ ଏହା ବୁଦ୍ଧିଜୀବୀ ମହଲରେ ଚର୍ଚ୍ଚାର ବିଷୟ ପାଲଟିଛି।

# କଟକ ମହାନଗର ନିଗମର ରଥଯାତ୍ରା ପ୍ରସ୍ତୁତି

କଟକ,୨୪।୬(ସମିସ): ମହାପ୍ରଭୁ ଶ୍ରୀଜଗନ୍ନାଥଙ୍କ ଘୋଷଯାତ୍ରା ପୂର୍ବରୁ ଏକ ପ୍ରସ୍ତୁତି ବୈଠକ କଟକ ମହାନଗର ନିଗମ ପକ୍ଷରୁ ବିଜୁ ଭବନରେ ଅନୁଷ୍ଠିତ ହୋଇଛି। ମହାନଗର ନିଗମର ମେୟର ସୁବାସ ସିଂହ ଏଥିରେ ଅଧ୍ୟକ୍ଷତା କରିଥିଲେ। କଟକ ସହରର ବିଭିନ୍ନ ସ୍ଥାନରେ ଅନୁଷ୍ଠିତ ହେଉଥିବା ରଥଯାତ୍ରାକୁ ଚଳିତବର୍ଷ କିଭଳି ଶାନ୍ତିଶୃଙ୍ଖଳାର ସହ କରାଯିବା ଉପରେ ବିଶେଷ ଆଲୋଚନା ହୋଇଥିଲା। ଏଥିରେ ସହରର ପ୍ରମୁଖ ଓ ପୁରାତନ ରଥଯାତ୍ରା କମିଟିର ସଭାପତି, ସଂପାଦକଙ୍କ ସହ ବିଭିନ୍ନ ପୂଜା କମିଟିର ସଭାପତି ଓ ସଂପାଦକ, ସାହି ମୁରବୀ, କଟକ ମହାନଗର ଶାନ୍ତି କମିଟିର ସଭାପତି ଓ



ସଂପାଦକ, ପୂର୍ବାଞ୍ଚଳ ଶାନ୍ତି କମିଟିର ସଭାପତି ଓ ସଂପାଦକ ପ୍ରମୁଖ ଯୋଗଦେଇଥିଲେ। ଚାନ୍ଦିନଚୌକ, ଦୋଳମୁଣ୍ଡାଇ, ରାଣୀହାଟ, ଯୋବ୍ରା, ତୁଳସୀପୁର ମଠସାହି, ଶିଖରପୁର-ମହାନଦୀବିହାର, ସିଡିଏ ସେକ୍ଟର -୬, ଓଏସଏପି ବାଟାଲିଅନ୍-୬, ନୂଆପାଟଣା ପ୍ରମୁଖ ରଥଯାତ୍ରା କମିଟିର ସଭାପତି ଓ ସଂପାଦକମାନେ ବିଭିନ୍ନ ପ୍ରସଙ୍ଗରେ ସେମାନଙ୍କର ପ୍ରସ୍ତାବ ରଖିଥିଲେ। ରାସ୍ତା ମରାମତି, ଡ୍ରେନ୍ ସଫା, ବିଭିନ୍ନ ସ୍ଥାନରେ ଓହଳିଥିବା ବିଜୁଳି ତାରଗୁଡିକୁ ହଟାଇବା ଏବଂ ଲାଇଟ୍ ଲଗାଇବା ଉପରେ ମେୟର ଶ୍ରୀ ସିଂହ ଗୁରୁତ୍ୱାରୋପ କରିଥିଲେ। ଟିପିସିଓଡିଏଲ ବିଭିନ୍ନ ସ୍ଥାନୀୟ ଅଧିକାରୀ ଓ ରଥଯାତ୍ରା କମିଟିର କର୍ମକର୍ତ୍ତାଙ୍କ ସହ ଆଲୋଚନା କରି ରଥ ଯାଉଥିବା ରାସ୍ତାରୁ ବିଦ୍ୟୁତ ତାର ସବୁ ହଟାଇବାକୁ ମେୟର ନିର୍ଦ୍ଦେଶ ଦେଇଥିଲେ। ଏହାସହିତ ଗେଲ୍, ୱାଟକୋ ଏବଂ ରାସ୍ତା ଓ କୋଠା ନିର୍ମାଣ ବିଭାଗ ସହ ସମନ୍ୱୟ ରକ୍ଷା କରି ବିଭିନ୍ନ କାମକୁ ରଥଯାତ୍ରା ପୂର୍ବରୁ ସମାପ୍ତ କରିବାକୁ ମେୟର କହିଥିଲେ। ସିଏମସି କମିଶନର ସୁଶ୍ରୀ କୀରନଦୀପ କୌର ସହୋତା ଏକ କମିଟି ଗଠନ କରି ଗ୍ରାଉଣ୍ଡରେ ସବୁ କାମ ଠିକ୍ ଭାବେ ତଦାରଖ କରାଯିବ ବୋଲି କହିଥିଲେ। ଡେପୁଟି ମେୟର ସୁଶ୍ରୀ ଦମୟନ୍ତୀ ମାଝି ଧନ୍ୟବାଦ ଦେଇଥିଲେ। ବୈଠକରେ ବିଭିନ୍ନ ଷ୍ଟାଣ୍ଡିଂ କମିଟିର ଅଧ୍ୟକ୍ଷ, ଅଧ୍ୟକ୍ଷା ତଥା ବିଭିନ୍ନ ୱାର୍ଡର କର୍ପୋରେଟର ଉପସ୍ଥିତ ଥିଲେ।

ପ୍ରସ୍ତାବିତ ଏମ୍ସ ପ୍ଲସ ହସପିଟାଲ



ରୂପାନ୍ତରଣ ହେଉଛି ଏସ୍‌ସିବି ମେଡିକାଲ କଲେଜ ଓ ହସପିଟାଲ (ଫଟୋ-ବିକାଶ)

## ହାଇକୋର୍ଟରେ ମିଛ ପତ୍ନୀ ନିଖୋଜ ମାମଲା | ସ୍ୱାମୀ ଗଣିବେ ୫୦ ହଜାର ଟଙ୍କା ଦଣ୍ଡ

କଟକ,୨୪।୬(ସମିସ): ମିଛରେ ପତ୍ନୀ ନିଖୋଜ ହୋଇଥିବା ଦର୍ଶାଇ ହାଇକୋର୍ଟରେ ପିଟିସନ ଦାୟର କରିଥିବା ସ୍ୱାମୀ ୫୦ ହଜାର ଟଙ୍କା ଦଣ୍ଡ ଆକାରରେ ଗଣିବେ। ଓଡ଼ିଶା ରାଜ୍ୟ ଆଇନସେବା ପ୍ରାଧିକରଣ ନିକଟରେ ୫୦ ହଜାର ଟଙ୍କା ଜମା କରିବାକୁ ହାଇକୋର୍ଟ ନିର୍ଦ୍ଦେଶ ଦେଇଛନ୍ତି। ମୁଖ୍ୟ ବିଚାରପତି ଜଷ୍ଟିସ ହରିଶ ଟଣ୍ଡନ ଓ ଜଷ୍ଟିସ ଏମ୍.ଏସ.ରମଣଙ୍କୁ ନେଇ ଗଠିତ ଖଣ୍ଡପୀଠ ବାଲେଶ୍ୱର ଜିଲ୍ଲାର ବାସିନ୍ଦା ସ୍ୱାମୀଙ୍କ ଆବେଦନର ଶୁଣାଣି କରି ଏପରି ନିର୍ଦ୍ଦେଶ ପ୍ରଦାନ କରିଛନ୍ତି। ମାମଲା ଶୁଣାଣି ବେଳେ ସ୍ପଷ୍ଟ ହୋଇଥିଲା ଯେ ପତ୍ନୀ ନିଜ ଇଚ୍ଛାରେ ସ୍ୱାମୀଙ୍କ ଘର ଛାଡି ଚାଲିଯାଇଛନ୍ତି। ପତ୍ନୀଙ୍କୁ ଅନ୍ୟ ଜଣେ ବ୍ୟକ୍ତି ଅପହରଣ କରିଥିବା ସ୍ୱାମୀ ଅଭିଯୋଗ କରିଥିବା ବେଳେ ଏଥିରେ କୌଣସି ସତ୍ୟତା ନାହିଁ। ଦାମ୍ପତ୍ୟ ବିବାଦ କାରଣରୁ ସ୍ୱଇଚ୍ଛାରେ ପତ୍ନୀ ସ୍ୱାମୀଙ୍କ ଘର ଛାଡିଥିଲେ। ତାଙ୍କ ଉପରେ ଚାପ ସୃଷ୍ଟି ପାଇଁ ସ୍ୱାମୀ ହାଇକୋର୍ଟରେ ହେବିୟସ କର୍ପସ ମାମଲା ଦାୟର କରିଛନ୍ତି। ଏନେଇ ହାଇକୋର୍ଟ ଅସନ୍ତୋଷ ବ୍ୟକ୍ତ କରିଛନ୍ତି। ଦୁଇ ସପ୍ତାହ ଭିତରେ ଏହି ଅର୍ଥ ରାଶି ପୈଠ ପାଇଁ ପ୍ରକାଶିତ ରାୟରେ ଉଲ୍ଲେଖ କରାଯାଇଛି। ସରକାରଙ୍କ ତରଫରୁ ଏଜିଏ ଦେବାଶିଷ ତ୍ରିପାଠୀ ମାମଲା ପରିଚାଳନା କରୁଥିଲେ।

# ରାସ୍ତାକଡ଼ ଫୁଡ୍ ମାର୍କେଟ ପାଇଁ ଟ୍ରାଫିକ ସମସ୍ୟା

କଟକ,୨୪।୬(ସମିସ): କଟକ ପୌରନିଗମର ୫୪ ନମ୍ବର ୱାର୍ଡ ଅନ୍ତର୍ଗତ କଟକ-ପାରାଦୀପ ଜାତୀୟ ରାଜପଥ ପାର୍ଶ୍ୱରେ ହୋଇଥିବା ଏକ ଫୁଡ ମାର୍କେଟକୁ ନେଇ ବିବାଦ ଉପୁଜିଛି। ନୂଆବଜାର ହନୁମାନ ମନ୍ଦିର ପ୍ରାଙ୍ଗଣକୁ ଲାଗି ମହାବୀର ଫୁଡ୍ ମାର୍କେଟ ନାମରେ ଏହା ବେଆଇନ ନିର୍ମାଣ ହୋଇଥିବା ନେଇ କଟକ ମହାନଗର ନିଗମ କମିସନରଙ୍କ ନିକଟରେ ଅଭିଯୋଗ ହୋଇଛି। ଓଏମ୍‌ପିରୁ ପାରାଦୀପ ଓ ଜଗତସିଂହପୁରକୁ ଯାଇଥିବା ଜାତୀୟ ରାଜପଥକୁ ଏହା ଲାଗିକରି ରହିଛି। ଉକ୍ତ ରାସ୍ତା ଦେଇ ପ୍ରତିଦିନ ହଜାର ହଜାର ସଂଖ୍ୟାରେ ଗାଡି ଯାତାୟାତ କରିଥାନ୍ତି। ରାସ୍ତାର ଉଭୟ ପାର୍ଶ୍ୱରେ ବ୍ୟବସାୟ ପ୍ରତିଷ୍ଠାନ ଓ ଆବାସିକ ଘର ଥିବା ବେଳେ ପ୍ରତିଦିନ ଦୁର୍ଘଟଣା ଘଟୁଛି। ଏହି ସ୍ଥାନରେ ରାସ୍ତାଟି ପ୍ରଶସ୍ତ ନ ଥିବାରୁ ଏହାର ବିକଳ୍ପ ଭାବେ ତାଳଦଣ୍ଡା କେନାଲର ଉଭୟ ପାର୍ଶ୍ୱ ରାସ୍ତାକୁ ଚଉଡା କରାଯାଉଛି। ହେଲେ ଏହି ରାସ୍ତା ପାର୍ଶ୍ୱରେ ସରକାରୀ ଜମିରେ ସୂଚନା ଫଳକ ନ ଲଗାଇ ବେଆଇନ ଭାବେ ଫୁଡ୍ ମାର୍କେଟ ତିଆରି ହୋଇଛି। ଏପରିକି ରାସ୍ତା କଡରେ ପାଚେରି ଉଠାଇ ପେଭର ବ୍ଲକ୍ ପକାଇ ରାସ୍ତାକୁ ଅଧିକ ସଙ୍କୁଚିତ କରାଯାଇଛି। କିଛି ଲୋକ ଏହି ଫୁଡ୍ ମାର୍କେଟକୁ ନିଜ କବଜାରେ ରଖି ଟଙ୍କା ଆଦାୟ କରୁଥିବା ସ୍ଥାନୀୟ ବାସିନ୍ଦା




ଗଣେଶ କୁମାର ସାହୁ କମିସନରଙ୍କ ନିକଟରେ ଅଭିଯୋଗ କରିଛନ୍ତି। ଜାତୀୟ ରାଜପଥକୁ ଲାଗି ନିର୍ମାଣ ହୋଇଥିବା ଏହି ମାର୍କେଟ ପାଇଁ ଏଠାରେ ଟ୍ରାଫିକ ସମସ୍ୟା ଗୁରୁତର ହେଉଥିବା ଶ୍ରୀ ସାହୁ ଅଭିଯୋଗ କରିବା ସହ ବେଆଇନ ଭାବେ ନିର୍ମାଣ ହୋଇଥିବା ଫୁଡ୍ ମାର୍କେଟକୁ ତୁରନ୍ତ ଉଚ୍ଛେଦ କରିବାକୁ କମିସନରଙ୍କ ନିକଟରେ ଦାବି କରିଛନ୍ତି। ଏ ସଂପର୍କରେ ଶ୍ରୀ ସାହୁ କଟକ ଡିସିପିଙ୍କୁ ମଧ ଅବଗତ କରିଛନ୍ତି।

# ଜିଲ୍ଲାରେ ନାମକୁ ମାତ୍ର ଚାଲିଛି ମୃତ୍ତିକା ସ୍ୱାସ୍ଥ୍ୟ ପରୀକ୍ଷା

କଟକ, ୨୪।୬ (ସମିସ): କଟକ ଜିଲ୍ଲାରେ ମୃତ୍ତିକା ସ୍ୱାସ୍ଥ୍ୟ ପରୀକ୍ଷା ନାମକୁ ମାତ୍ର ଚାଲୁଥିବା ଅଭିଯୋଗ ହେଉଛି। ଏପରିକି ଚାଷୀମାନେ ବି ସେମାନଙ୍କ ଚାଷ ଜମିର ଉର୍ବରତାକୁ ସହଜରେ ଏଥିପାଇଁ ପରଖି ପାରୁନାହାନ୍ତି। କେଉଁ ଜମିରେ କେତେ ପରିମାଣର ରାସାୟନିକ ଅଥବା ଜୈବିକ ସାର ପ୍ରୟୋଗ କରାଯିବା କଥା ସେ ସମ୍ପର୍କରେ ସାଧାରଣତଃ ମୃତ୍ତିକାର ମାନ ଗୋଟିଏ ଗୋଟିଏ ପଞ୍ଚାୟତ ଅଥବା ଗ୍ରାମରୁ ଅନ୍ୟ ପଞ୍ଚାୟତ ଓ ଗ୍ରାମରେ ଭିନ୍ନ ପ୍ରକାର ଭେଦ ରହିବ। ହେଲେ ଏହି ଆଧାରରେ ପଞ୍ଚାୟତ ବା ଗ୍ରାମ ଆଧାରରେ ମାଟି ନମୁନା ସଂଗ୍ରହ କରାଯାଇ ପରୀକ୍ଷା କରାଗଲେ ପ୍ରକୃତ ଏହାର ସୁଫଳ ମିଳିପାରନ୍ତା। ଅନେକ ସମୟରେ ମାଟିର ମାନ ଠିକ ନ ଥିବା କାରଣରୁ

## ସବୁ ଅଞ୍ଚଳରୁ ସଂଗ୍ରହ ହେଉନି ନମୁନା

ଚାଷୀକୁଳ ଅଜ୍ଞ ରହିଥିବା ଜଣାପଡିଛି। ଯଦିଓ ଭ୍ରାମ୍ୟମାଣ ବ୍ୟବସ୍ଥାରେ ମାଟି ପରୀକ୍ଷା ପାଇଁ କାର୍ଯ୍ୟପନ୍ଥା ଗ୍ରହଣ କରାଯାଇଥିବା କୁହାଯାଉଛି କିନ୍ତୁ ଏହା ଫଳପ୍ରଦ ହୋଇପାରୁ ନଥିବାର ଜଣାପଡିଛି। ଜିଲ୍ଲାରେ ଯେତିକି ମୃତ୍ତିକା ନମୂନା ସଂଗ୍ରହ କରାଯାଇ ପରୀକ୍ଷା ପାଇଁ ପଠାଯାଉଛି ତାହା ସମୁଦ୍ରକୁ ଶଙ୍ଖେ ସଦୃଶ ହୋଇଛି। ଜିଲ୍ଲାରେ ବର୍ଷକୁ ୧୦ରୁ ୧୫ହଜାର ନମୁନା ପରୀକ୍ଷା କରାଯାଇ ମୃତ୍ତିକା ସ୍ୱାସ୍ଥ୍ୟ କାର୍ଡ ଚାଷୀଙ୍କୁ ପ୍ରଦାନ କରାଯାଉଛି। କିନ୍ତୁ ଅଭିଯୋଗ ଅନୁସାରେ ଅନେକ ଅଞ୍ଚଳ ଏଥିରୁ ବଞ୍ଚିତ ହେଉଛନ୍ତି।

କୃଷି ବିଶେଷଜ୍ଞଙ୍କ କହିବାନୁସାରେ, ଖରିଫ ଫସଲରେ ରୋଗପୋକ ଆକ୍ରମଣ କରୁଛି। ବିଗତବର୍ଷରେ ଜିଲ୍ଲାରେ ଖରିଫ ଧାନ ଚାଷ ସମୟରେ ଶହଶହ ହେକ୍ଟର ଜମିରେ ଧାନ ଫସଲ ରୋଗପୋକ ଦାଉରୁ ନଷ୍ଟ ହୋଇଥିଲା। ଏପରିକି ଏହି ରୋଗପୋକ ଦେଖାଦେଲା ପରେ ଚାଷୀମାନେ ଔଷଧ ପ୍ରୟୋଗ କରିଥିଲେ ହେଁ ସୁଫଳ ମିଳି ନଥିଲା। ଯଦି ସମସ୍ତ ପଞ୍ଚାୟତରୁ ସଂଗ୍ରହ ହୋଇ ପରୀକ୍ଷା ହୁଅନ୍ତା ତାହେଲେ ଏହାର ସୁଫଳ ମିଳିପାରନ୍ତା ବୋଲି ଚାଷୀ ମାନେ କୁହନ୍ତି। ଏପରିକି ଅନେକ ଚାଷୀ ମଧ ଗତବର୍ଷ ଧାନ ଫସଲରେ ରୋଗପୋକ ଲାଗିବା ପରେ ସେମାନଙ୍କ ଜମିର ମାଟି ନିଜସ୍ୱ ଉଦ୍ୟମରେ ପରୀକ୍ଷା କରାଇ ଆସୁଥିବା ଜଣାପଡିଛି। କଟକ ଜଗତପୁରଠାରେ ଏକମାତ୍ର ପରୀକ୍ଷାଗାର ରହିଛି ଯେଉଁଠି ଜିଲ୍ଲାର ସବୁ ବ୍ଲକରୁ ନମୁନା ଆସି ଏଠାରେ ପରୀକ୍ଷା କରାଯାଉଛି। ସେହିପରି ଜିଲ୍ଲାର ବିଭିନ୍ନ ପଞ୍ଚାୟତରେ ନିୟୋଜିତ ରହିଥିବା କୃଷକସାଥୀ ମାନେ କୃଷିଅଧିକାରୀଙ୍କ ପରାମର୍ଶକ୍ରମେ ମାଟି ନମୂନା କାର୍ଯ୍ୟାଳୟରେ ଜମା କରୁଥିବା କହୁଛନ୍ତି ବିଭାଗର ଅଧିକାରୀ। ଏ ସମ୍ପର୍କରେ ଅଧିକାରୀଙ୍କ କହିବାନୁଯାୟୀ, ପ୍ରତିବର୍ଷ ଯେଉଁ ଟାର୍ଗେଟ ମୃତ୍ତିକା ପରୀକ୍ଷା ପାଇଁ ଦିଆଯାଉଛି ତାହା ହାସଲ ହେଉଛି। କିନ୍ତୁ ସବୁ ଗ୍ରାମରୁ ମାଟି ପରୀକ୍ଷା ପାଇଁ ଆସିବା ସମ୍ଭବ ହେଉନଥିବାର ସେ କୁହନ୍ତି। ମିଳିଥିବା ସୂଚନାନୁସାରେ, ପିପିଏଲ ଦ୍ୱାରା ପରିଚାଳିତ ହେଉଥିବା ଜଗତପୁରସ୍ଥିତ ମାଟି ପରୀକ୍ଷାଗାର ପାଇଁ ରାଜ୍ୟ ସରକାର ମଧ ଅର୍ଥ ପ୍ରଦାନ କରୁଛନ୍ତି। ପରୀକ୍ଷା ହେଉଥିବା ନମୁନା ପିଛା ସରକାର ଟଙ୍କା ଦେଉଥିବା ଜଣାପଡିଛି। ଅନ୍ୟପଟରେ ଚାଷୀଙ୍କୁ ସେମାନଙ୍କ ଜମିର ମାଟି ପରୀକ୍ଷା ରିପୋର୍ଟ ବା ମୃତ୍ତିକା ସ୍ୱାସ୍ଥ୍ୟ କାର୍ଡ ପ୍ରଦାନ କରାଯାଉଥିବା ନେଇ କୁହାଯାଉଥିଲେ ମଧ ଅନେକ ଚାଷୀ ଏ ସମ୍ପର୍କରେ ଜାଣି ନଥିବା କହୁଛନ୍ତି।

# ଆଠଗଡ଼ ବନାଞ୍ଚଳ | ବର୍ଷକରେ ମରିଛନ୍ତି ୧୫ ହାତୀ, ମାରିଛନ୍ତି ୩ ଜଣଙ୍କୁ

ଆଠଗଡ଼, ୨୪।୬ (ସମିସ):

ଆଠଗଡ଼ ବନଖଣ୍ଡ ଅଧୀନରେ ରାଜ୍ୟର ସର୍ବାଧିକ ୫ଟି ବନାଞ୍ଚଳ ରେଞ୍ଜ ରହିଛି। ସବୁଠୁ ବଡ଼ ଜଙ୍ଗଲ ଅଞ୍ଚଳ ନରସିଂହପୁରରେ ୨ଟି ବନାଞ୍ଚଳ ଯଥା ନରସିଂହପୁର ପୂର୍ବ ଓ ନରସିଂହପୁର ପଶ୍ଚିମ ବ୍ୟତୀତ ବଡମ୍ବା, ଆଠଗଡ଼ ଓ ଖୁଣ୍ଟୁଣୀ ବନାଞ୍ଚଳ ରହିଛି। ଘଞ୍ଚ ଜଙ୍ଗଲରେ ବିଭିନ୍ନ ବନ୍ୟପ୍ରାଣୀ ଓ ପକ୍ଷୀ ସ୍ଥାୟୀ ଭାବରେ ବସବାସ ବା ବିଚରଣ କରୁଥିବା ଲକ୍ଷ୍ୟ କରାଯାଉଛି। ଆଖପାଖ ଅଞ୍ଚଳର ଜଙ୍ଗଲରେ ରହୁଥିବା ବନ୍ୟପ୍ରାଣୀ ଆଠଗଡ ବନଖଣ୍ଡ ଅଧୀନସ୍ଥ ଜଙ୍ଗଲକୁ ବିଚରଣ କରିବାକୁ ଆସନ୍ତି। ଆବଶ୍ୟକସ୍ଥଳେ ଜଙ୍ଗଲରେ ସ୍ଥାୟୀ ଭାବେ ରହିଥାଆନ୍ତି। ଜଙ୍ଗଲ ନିକଟସ୍ଥ ଚାଷ ଜମି ଓ ଜନବସତି ଆଡ଼କୁ ବନ୍ୟପ୍ରାଣୀ ବହୁତ ସମୟରେ ମାଡ଼ି ଆସନ୍ତି। ଫଳରେ ଅନେକ ସମୟରେ ଫସଲ ନଷ୍ଟ ଓ ଜନ ଜୀବନ ନଷ୍ଟ



ହୋଇଯାଏ। ଏ ସମ୍ପର୍କରେ ବନ ବିଭାଗ ନିକଟରେ ଖବର ଥାଏ; ମାତ୍ର ଅଦ୍ୟାବଧି ବିଭାଗ ପକ୍ଷରୁ କୌଣସି ସ୍ଥାୟୀ ପ୍ରତିକାର ହେଉ ନଥିବା ବାରମ୍ବାର ଅଭିଯୋଗ ହୋଇଆସୁଛି। କିଛି ବର୍ଷ ତଳେ ଆଠଗଡ଼ ବନଖଣ୍ଡ ଅଧୀନସ୍ଥ ବିଭିନ୍ନ ଜଙ୍ଗଲରେ ବନ୍ୟପ୍ରାଣୀ ଓ ଲୋକଙ୍କ ସୁରକ୍ଷା ପାଇଁ ସୌର ତାରବାଡ଼ ଲଗାଯାଇଥିଲା। ଖଳ ପ୍ରକୃତିର ଲୋକଙ୍କ ଦ୍ୱାରା ତାହା ନଷ୍ଟ କରିବା କିମ୍ବା ପରିଚାଳନାଗତ ତ୍ରୁଟି ହେତୁ ତାହା ସଂପୂର୍ଣ୍ଣ ଭାବେ ଉଠି ଯାଇଥିବା ବହୁବାର ଅଭିଯୋଗ ହୋଇଆସୁଛି।

ଆଠଗଡ଼ ବନଖଣ୍ଡ ଅନ୍ତର୍ଗତ ବିଭିନ୍ନ ବନାଞ୍ଚଳରେ ବାରମ୍ବାର ହାତୀ ମୃତ୍ୟୁ ଓ ହାତୀ ଆକ୍ରମଣରେ ମନୁଷ୍ୟ ମୃତ୍ୟୁ ଘଟଣା ଏକ ପ୍ରକାର ସାଧାରଣ ଘଟଣା ହୋଇଗଲାଣି। ପୂର୍ବରୁ ଅନେକ ହାତୀଙ୍କର ବିଭିନ୍ନ କାରଣରୁ ମୃତ୍ୟୁ ହୋଇଥିବା ତାହା ତଦନ୍ତ ମଧ୍ୟରେ ସୀମିତ ରହିଯାଇଛି। ଗତ ମାର୍ଚ୍ଚରୁ ଏଯାବତ ଆଠଗଡ଼ ବନଖଣ୍ଡ ଅନ୍ତର୍ଗତ ବିଭିନ୍ନ ବନାଞ୍ଚଳରେ ୧୫ ହାତୀଙ୍କ ମୃତ୍ୟୁ ହୋଇଛି। ନରସିଂହପୁର ପୂର୍ବରେ ୫ଟି ହାତୀଙ୍କ ମୃତ୍ୟୁ ହୋଇଥିବା ବେଳେ ହାତୀ ଆକ୍ରମଣରେ ୨ ଜଣଙ୍କର ମୃତ୍ୟୁ ଘଟିଛି। ସେହିପରି ନରସିଂହପୁର ପଶ୍ଚିମରେ ୬ଟି ହାତୀଙ୍କର ମୃତ୍ୟୁ ଘଟିଛି। ବଡ଼ମ୍ବା ବନାଞ୍ଚଳରେ ୪ଟି ହାତୀଙ୍କର ମୃତ୍ୟୁ ଘଟିଥିବା ବେଳେ ହାତୀ ଆକ୍ରମଣରେ ଜଣେ ମୃତ୍ୟୁବରଣ କରିଥିବା ଜଣାପଡ଼ିଛି। ଏହି ସମୟ ମଧ୍ୟରେ ଆଠଗଡ ଓ ଖୁଣ୍ଟୁଣୀ ବନାଞ୍ଚଳରେ କୌଣସି ଅଘଟଣ ଘଟି ନ ଥିବା ଜଣାପଡିଛି। ବନ୍ୟପ୍ରାଣୀଙ୍କ ସୁରକ୍ଷା ସହ ଲୋକଙ୍କର ଧନଜୀବନ କିପରି ସୁରକ୍ଷିତ ରହିବ ସେଥିପ୍ରତି ବିଭାଗ ପକ୍ଷରୁ ତୀକ୍ଷ୍ଣ ଦୃଷ୍ଟି ଦେବାକୁ ସାଧାରଣରେ ଦାବି ହେଉଛି।

# ରେଭେନ୍ସାରେ ୫ ଦିନିଆ କର୍ମଶାଳା ଉଦ୍‌ଘାଟିତ

କଟକ, ୨୪।୬ (ସମିସ): ରେଭେନ୍ସା ବିଶ୍ୱବିଦ୍ୟାଳୟର ଉଦ୍ଭିଦ ବିଜ୍ଞାନ ଏବଂ ଜୀବବିଜ୍ଞାନ ବିଭାଗ ଆନୁକୂଲ୍ୟରେ ୫ ଦିନିଆ ବିଜ୍ଞାନ କର୍ମଶାଳା ଉଦ୍‌ଘାଟିତ ହୋଇଯାଇଛି। ବାୟୋପ୍ରୁଡେଣ୍ଟସ୍ ରିସର୍ଚ୍ଚ ଇନୋଭେସନ୍ ଏଲଏଲପି ସହଯୋଗରେ ଅନୁଷ୍ଠିତ କର୍ମଶାଳାରେ ବିଶ୍ୱାବିଦ୍ୟାଳୟର କୁଳପତି ପ୍ରଫେସର (ଡ.) ଅର୍କକୁମାର ଦାସମହାପାତ୍ର ମୁଖ୍ୟଅତିଥି ଏବଂ ବିଶ୍ୱବିଦ୍ୟାଳୟର ପି.ଜି. କାଉନ୍‌ସିଲ୍ ଅଧ୍ୟକ୍ଷ ପ୍ରଫେସର ଧର୍ମବ୍ରତ ମହାପାତ୍ର ସମ୍ମାନିତ ଅତିଥି ଭାବରେ ଯୋଗ ଦେଇଥିଲେ। କର୍ମଶାଳାର ଆବାହକ, ଉଦ୍ଭିଦ ବିଜ୍ଞାନ ବିଭାଗର ମୁଖ୍ୟ ପ୍ରଫେସର ନିହାର ରଞ୍ଜନ ସିଂହ ଏବଂ ସହ ଆବାହକ ଜୀବବିଜ୍ଞାନ ବିଭାଗର ମୁଖ୍ୟ ଡ. ଧନଞ୍ଜୟ ସୋରେନ୍, ବାୟୋ ପ୍ରୁଡେଣ୍ଟସ୍ ରିସର୍ଚ୍ଚ ଇନୋଭେସନ୍ ପ୍ରତିଷ୍ଠାତା ତଥା ମୁଖ୍ୟ ସ୍ୱାଗତିକା ବେହେରା, ରିସୋର୍ସ ପର୍ସନ୍ ଡ. ପବିତ୍ର



ମୋହନ ବେହେରା ଯୋଗଦେଇଥିଲେ। ଏହି କର୍ମଶାଳାରେ ୧୦ଟି ବୈଷୟିକ ଅଧିବେଶନରେ ଛାତ୍ରଛାତ୍ରୀଙ୍କୁ ତାଲିମ ପ୍ରଦାନକରାଯିବ। ରେଭେନ୍ସା ବିଶ୍ୱବିଦ୍ୟାଳୟ ସମେତ ଉତ୍କଳ ବିଶ୍ୱବିଦ୍ୟାଳୟ, ରମାଦେବୀ ମହିଳା ବିଶ୍ୱବିଦ୍ୟାଳୟ, ସେଞ୍ଚୁରିଆନ୍ ବିଶ୍ୱବିଦ୍ୟାଳୟ, ସମ୍ବଲପୁର ବିଶ୍ୱବିଦ୍ୟାଳୟ ଏବଂ ବକ୍ସି ଜଗବନ୍ଧୁ ବିଦ୍ୟାଧର ସ୍ୱୟଂଶାସିତ ମହାବିଦ୍ୟାଳୟ ଛାତ୍ରଛାତ୍ରୀ ଭାଗ ନେଇଛନ୍ତି।

ସକାଳ
THE SAKALA

# ସମ୍ପାଦକୀୟ



ଦେଶବାସୀ ଦୁର୍ନୀତି ବିରୋଧୀ ସଂଗ୍ରାମରେ ହତୋତ୍ସାହିତ ହେବା ଅନୁଚିତ।
- ଆନ୍ନା ହଜାରେ

## ଅସ୍ମିତା-ଷଡ଼୍‌ଯନ୍ତ୍ର

ଓଡ଼ିଆ ଅସ୍ମିତାର ନାରା ଦେଇ ଓଡ଼ିଶାରେ ଶାସନ କ୍ଷମତାକୁ ଆସିଥିବା ଡବଲ୍ ଇଞ୍ଜିନ ସରକାରକୁ ଦୁଇବର୍ଷ ପୂରିଛି। ବର୍ଷପୂର୍ତ୍ତି ଉତ୍ସବରେ ସରକାର ନିଜ ପିଠି ନିଜେ ଥାପୁଡ଼ାଇବାରେ ଅବହେଳା କରିନାହାନ୍ତି। କିନ୍ତୁ ଇତିମଧ୍ୟରେ ଓଡ଼ିଶାର ବାସ୍ତବଚିତ୍ର ହାଟରେ ପଡ଼ି ଦାଣ୍ଡରେ ଗଡୁଛି ଏବଂ ଓଡ଼ିଆ ଅସ୍ମିତା କେତେ ଉପରକୁ ଉଠିଛି କି ଭୂଲୁଣ୍ଠିତ ହୋଇଛି ତାହାର ରିପୋର୍ଟ କାର୍ଡ ଜନସାଧାରଣଙ୍କ ଆଗରେ ଝୁଲୁଛି। ଓଡ଼ିଆ ଅସ୍ମିତାର ପ୍ରାଣକେନ୍ଦ୍ର ଶ୍ରୀଜଗନ୍ନାଥଙ୍କ ରଥଯାତ୍ରାକୁ ୟୁନେସ୍କୋର ଅସ୍ପର୍ଶମାନ ସାଂସ୍କୃତିକ ଐତିହ୍ୟ ମାନ୍ୟତା ଉଦ୍ୟମ କେନ୍ଦ୍ର ସଂଗୀତ ନାଟକ ଏକାଡେମିର ଇନଭେଣ୍ଟରି ଅର୍ଗଳି ଡେଇଁଲାଣି କି ନାହିଁ ତାହା ଅଜଣା। ଓଡ଼ିଶୀ ସଂଗୀତକୁ ଶାସ୍ତ୍ରୀୟ ମାନ୍ୟତା ପ୍ରସଙ୍ଗ ଡବଲ୍ ଇଞ୍ଜିନ ସରକାରର ଓଡ଼ିଆ ଅସ୍ମିତା ତାଲିକାରେ ବୋଧହୁଏ ନାହିଁ। ନୂଆ ବିଷୟକୁ ମାନ୍ୟତା ବା ତାଲିକାଭୁକ୍ତ କରିବା ଦୂରେ ଥାଉ ତାଲିକାଭୁକ୍ତ ବିଷୟକୁ ବାଦ୍ ଦେବାରେ କିନ୍ତୁ ଡବଲ୍ ଇଞ୍ଜିନ ସରକାରଙ୍କ ତୁଳନା ନାହିଁ। ଡବଲ୍ ଇଞ୍ଜିନ୍ ସରକାର ଆସୁଆସୁ ରାଜନୈତିକ ଅସୂୟାଗ୍ରସ୍ତ ହୋଇପଡ଼ି ପ୍ରଥମ ଦଫାରେ ବିଭିନ୍ନ ଜନକଲ୍ୟାଣକାରୀ ଯୋଜନାରୁ ପ୍ରବାଦ ପୁରୁଷ ବିଶ୍ୱବନ୍ଦ୍ୟ ବିଜୁ ବାବୁଙ୍କ ନାମକୁ ବାଦ୍ ଦେବାର ଉଦ୍ୟମ ଆରମ୍ଭ କରିଥିଲେ। ଏବେ ସେ ସବୁକୁ ବଳିଯାଇଛି ସରକାରୀ ପାଠ୍ୟପୁସ୍ତକରେ ଓଡ଼ିଶାର ସାହିତ୍ୟିକ, ସଂଗୀତଜ୍ଞଙ୍କୁ ବାଦ୍ ଦେବାର ଅକ୍ଷମଣୀୟ ତ୍ରୁଟି।

ଏବେ ଯେଉଁ ତ୍ରୁଟି(ବରଂ ଉଦ୍ଦେଶ୍ୟମୂଳକ ଷଡ଼ଯନ୍ତ୍ର କହିଲେ ଠିକ୍ ହେବ)ଟି ସାମ୍ନାକୁ ଆସିଛି ତାହା ଓଡ଼ିଆ ଜାତି, ଓଡ଼ିଆ ଭାଷା ସାହିତ୍ୟ ଓ ଓଡ଼ିଶା ସ୍ୱାଭିମାନ ପ୍ରତି କୁଠାରଘାତ ଭଳି। ଅଷ୍ଟମ ଶ୍ରେଣୀ ପାଇଁ ଉଦ୍ଦିଷ୍ଟ ‘କୃତି’ ପୁସ୍ତକର ପୃଷ୍ଠା ୯୨ରେ ‘ଦେଶଭକ୍ତି ସଂଗୀତ’ ଶୀର୍ଷକ ବିଷୟବସ୍ତୁରେ ୫ଟି ଦେଶାତ୍ମବୋଧକ ସଂଗୀତ ସ୍ଥାନ ପାଇଛି। ସେଥିମଧ୍ୟରୁ ଗୋଟିଏ ବଙ୍ଗୀୟ କବି ବଙ୍କିମଚନ୍ଦ୍ର ଚଟ୍ଟୋପାଧ୍ୟାୟଙ୍କ ରଚିତ ‘ମନସା ସତତଂ ସ୍ମରଣୀୟମ୍’ ଥିବା ବେଳେ ଅନ୍ୟ ଚାରୋଟି ଓଡ଼ିଆ କବିତା ରହିଛି। କିନ୍ତୁ ବିଡ଼ମ୍ବନା ହେଲା କେବଳ ବଙ୍କିମଚନ୍ଦ୍ରଙ୍କ ବ୍ୟତୀତ ଅନ୍ୟ ଚାରୋଟି କବିତାର କବି କିଏ ତାହା ଉଲ୍ଲେଖ ନାହିଁ। ପ୍ରାତଃସ୍ମରଣୀୟ ଗୋଦାବରୀଶ ମିଶ୍ରଙ୍କ ରଚିତ କବିତାରେ ଏତେ ବନାନ ଅଶୁଦ୍ଧି ରହିଛି ଯେ ତାହା ଓଡ଼ିଶାର ବରପୁତ୍ରଙ୍କ ପ୍ରତି ଅପମାନ ଭଳି। ସେହିପରି ପୃଷ୍ଠା ୯୪ରେ ‘ପ୍ରେରଣା ଓ କଳ୍ପନା’ ଶୀର୍ଷକ ବିଷୟରେ ସଙ୍ଗୀତକାର ଭାବରେ କେବଳ ରବୀନ୍ଦ୍ର ଜୈନଙ୍କ ବିଷୟରେ ଗୋଟିଏ ଅନୁଚ୍ଛେଦ ରହିଛି। ଓଡ଼ିଆ ସଙ୍ଗୀତକାରଙ୍କ ବିଷୟରେ ଜାଣିବା ଓଡ଼ିଆ ଛାତ୍ରଛାତ୍ରୀଙ୍କ ଅଧିକାର ବହିର୍ଭୂତ ନା ତାହା ସ୍ଥାନିତ କରିବା ଅପରାଧ ବୋଲି ପୁସ୍ତକ ପ୍ରଣେତାମାନେ ବିଚାର କଲେ? ଏହା ଉଦ୍ଦେଶ୍ୟମୂଳକ ମାନବୀକୃତ ଷଡ଼ଯନ୍ତ୍ର କି ନୁହେଁ ସୁଧୀ ପାଠକବୃନ୍ଦ ବିଚାର କରିବେ।

ପ୍ରଥମରୁ ଅଷ୍ଟମ ଶ୍ରେଣୀ ପର୍ଯ୍ୟନ୍ତ ବିଭିନ୍ନ ବିଷୟର ପାଠ୍ୟପୁସ୍ତକରେ ପ୍ରତିଦିନ ନୂଆ ନୂଆ ତ୍ରୁଟି ସାର୍ବଜନିନ ହେଉଛି। ଏଭଳି ରାଶିରାଶି ତ୍ରୁଟିସମ୍ବଳିତ ପାଠ୍ୟପୁସ୍ତକରୁ ଓଡ଼ିଆ ପିଲାମାନେ କେତେ ଜ୍ଞାନ ଅର୍ଜନ କରିବେ, ଜାତୀୟସ୍ତରରେ କେତେ ପ୍ରତିଯୋଗୀକ୍ଷମ ହୋଇପାରିବେ ତାହା ଏକ ଗୁରୁତର ପ୍ରସଙ୍ଗ। କିନ୍ତୁ ସବୁଠାରୁ ଉଦ୍‌ବେଗଜନକ ଓ ସ୍ପର୍ଶକାତର ପ୍ରସଙ୍ଗଟି ହେଉଛି ପାଠ୍ୟପୁସ୍ତକ ମାଧ୍ୟମରେ ଓଡ଼ିଆ ଭାଷା ସଂସ୍କୃତିର ଭିତ୍ତିକୁ ଦୋହଲାଇ ଦେବାର ଷଡ଼ଯନ୍ତ୍ର ଆରମ୍ଭ ହୋଇଛି ଏହି ଅପ୍ରିୟ ସତ୍ୟକୁ ସ୍ୱୀକାର କରିବାକୁ ପଡ଼ିବ। ପାଠ୍ୟପୁସ୍ତକରେ ଓଡ଼ିଆ ଇତିହାସ ଓ ସଂସ୍କୃତିକୁ ବିକୃତ କରିବା କିମ୍ବା ଗୌଣ କରିବାର ଷଡ଼ଯନ୍ତ୍ର ଆଜିର ନୁହେଁ। ଏହାପୂର୍ବରୁ କେନ୍ଦ୍ର ସରକାରଙ୍କ ଅଧୀନ ଏନ୍‌ସିଇଆରଟି ଅଷ୍ଟମ ଶ୍ରେଣୀ ସାମାଜିକ ବିଜ୍ଞାନ ପୁସ୍ତକର ପ୍ରଥମ ଭାଗରୁ ଓଡ଼ିଶାର ପାଇକ ବିଦ୍ରୋହ ବିଷୟକୁ ବାଦ୍ ଦିଆଯାଇଛି, ଅଥଚ ପଶ୍ଚିମବଙ୍ଗର ସନ୍ନ୍ୟାସୀ ବିଦ୍ରୋହ, ବିହାରର କୋଲ୍ ବିଦ୍ରୋହ ଆଦି ସ୍ଥାନିତ ହୋଇଛି। ଓଡ଼ିଶାର ପୂର୍ବତନ ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକଙ୍କ ସମେତ ପ୍ରାୟ ସବୁ ମହଲରୁ ଏହାକୁ ନେଇ ଅସନ୍ତୋଷ ପ୍ରକାଶ ପାଇବା ଏବଂ ପ୍ରତିବାଦର ସ୍ୱର ତୀବ୍ର ହେବା ପରେ ତାହା ଦ୍ୱିତୀୟ ଭାଗରେ ସ୍ଥାନ ପାଇଛି, ଯେଉଁଠାରେ ଦେଶର ବିଭିନ୍ନ ଆଞ୍ଚଳିକ ବିଦ୍ରୋହ ବିଷୟ ସ୍ଥାନିତ ହୋଇଛି। ଅର୍ଥାତ୍ ଯେଉଁ ପାଇକ ବିଦ୍ରୋହ ଦେଶର ପ୍ରଥମ ସଶସ୍ତ୍ର ସଂଗ୍ରାମର ଜାତୀୟ ମାନ୍ୟତା ପାଇବା କଥା ତାହାକୁ ‘ଆଞ୍ଚଳିକ’ ବର୍ଗରେ ସୀମିତ କରି ଜାତୀୟ ମାନ୍ୟତା ପ୍ରସଙ୍ଗକୁ ସମାଧି ଦିଆଯାଇଛି।

ଓଡ଼ିଆ ଅସ୍ମିତା ପ୍ରତି କୁଠାରଘାତ ଏବଂ ଓଡ଼ିଆ ପ୍ରାଣକୁ କ୍ଷତାକ୍ତ କରିବାର ଆଉ ଦୁଇ/ତିନିଟି ଉଦାହରଣ ନିଆଯାଉ।୧୮୯୯ ମସିହାରେ ମା’ରମାଦେବୀ, ସହିଦ ଲକ୍ଷ୍ମଣ ନାୟକଙ୍କ ଭଳି ସ୍ୱାଧୀନତା ସଂଗ୍ରାମୀମାନଙ୍କ ଜନ୍ମ। ଗତବର୍ଷ ରାଜ୍ୟ ଓ କେନ୍ଦ୍ର ସରକାର ଇନ୍ଦୋରର ପୂର୍ବତନ ମହାରାଣୀ ଅହଲ୍ୟାବାଇ ହୋଲ୍‌କରଙ୍କର ୩୦୦ତମ ଜନ୍ମବାର୍ଷିକୀ ପାଳନ କଲେ। ଅଥଚ ଓଡ଼ିଶାରେ ମହିଳା ସଶକ୍ତୀକରଣର ବାର୍ତ୍ତାବହ, ସ୍ୱାଧୀନତା ସଂଗ୍ରାମୀ, ସର୍ବୋଦୟ ନେତ୍ରୀ ମା’ରମାଦେବୀ ଏବଂ ଦେଶମାତୃକା ପାଇଁ ହସିହସି ଫାଶୀଖୁଣ୍ଟରେ ଝୁଲିଥିବା ଆଦିବାସୀ ନେତା ଲକ୍ଷ୍ମଣ ନାୟକଙ୍କ ୧୨୫ତମ ଜନ୍ମବାର୍ଷିକୀ ଉତ୍ସବ ପାଳନ ହେଲା ନାହିଁ। ସେହିପରି ନିକଟରେ ବଙ୍ଗୀୟ ନେତା ଡ. ଶ୍ୟାମାପ୍ରସାଦ ମୁଖାର୍ଜୀଙ୍କ ତିରୋଧାନ ଦିବସକୁ ବଳିଦାନ ଦିବସ ରୂପେ ଓଡ଼ିଶା ସରକାର ପାଳନ କଲେ। ଏଥିରେ ଆପତ୍ତି ନାହିଁ। କିନ୍ତୁ ପ୍ରଶ୍ନ ଉଠୁଛି ବ୍ରିଟିଶରଙ୍କ ବିରୋଧରେ ବିପ୍ଳବର ମୂଳଦୁଆ ପକାଇଥିବା ଦେଶର ପ୍ରଥମ ସହିଦ ଓଡ଼ିଶାର ଜୟୀ ରାଜଗୁରୁଙ୍କ ସହିଦ ଦିବସ ପଶ୍ଚିମବଙ୍ଗବାସୀ ପାଳନ କରିବେ ତ? ଜୟୀ ରାଜଗୁରୁଙ୍କୁ ଯେଉଁ ବରଗଛରେ ଦୁଇଗୋଡ଼ ବାନ୍ଧି ଅମାନୁଷିକ ଭାବେ ହତ୍ୟା କରାଯାଇଥିଲା ତାହା ଆଜି ପର୍ଯ୍ୟନ୍ତ ସେହି ରାଜ୍ୟର ମେଦିନୀପୁରର ବାଘତୋଟାରେ ଅଛି। ଅହଲ୍ୟାବାଈଙ୍କ ଜନ୍ମଜୟନ୍ତୀ ପାଳନ ବେଳେ ଓଡ଼ିଶାର ବୀରାରମଣୀ ରାଣୀ ଶୁକଦେଈଙ୍କ ଜନ୍ମ ଓ ପୁଣ୍ୟତିଥି ଜାତୀୟସ୍ତରରେ ପାଳନ ହେବ କି? ବିର୍ସାମୁଣ୍ଡାଙ୍କ ଭଳି ବୀର ସୁରେନ୍ଦ୍ର ସାଏ ଓ ଲକ୍ଷ୍ମଣ ନାୟକ କେବେ ଜାତୀୟ ଗୌରବ ଲାଭ କରିବେ?

ଓଡ଼ିଆ ଅସ୍ମିତା ହନନର ତାଲିକା ପ୍ରସ୍ତୁତ କଲେ ଏବଂ ତ୍ରୁଟି ଖୋଜିଲେ କମଳର ଲୋମ ଗଣନା କରିବା ଭଳି ହେବ। ଏହାକୁ ତ୍ରୁଟି ବଦଳରେ ବରଂ ଓଡ଼ିଆ ସଂସ୍କୃତି ବିରୋଧରେ ଜଘନ୍ୟ ଷଡ଼ଯନ୍ତ୍ର କହିଲେ ଠିକ୍ ହେବ। ଓଡ଼ିଆପ୍ରାଣ ନାଗରିକ, ଶିକ୍ଷାବିତ୍ ଓ ବୁଦ୍ଧିଜୀବୀଙ୍କ ମତରେ ‘ଜଣେ ବଙ୍ଗାଳୀ କହିଥିଲେ ‘ଓଡ଼ିଆ ଏକ ସ୍ୱତନ୍ତ୍ର ଭାଷା ନୁହେଁ।’ ଏବେ ବୋଧହୁଏ ସେହି ଉକ୍ତିକୁ ଚରିତାର୍ଥ କରିବା ସହିତ ଆଉ ଦୁଇପାଦ ଆଗକୁ ଯାଇ ‘ଓଡ଼ିଆ ଏକ ସ୍ୱତନ୍ତ୍ର ସଂସ୍କୃତି ସ୍ୱତନ୍ତ୍ର ନୁହେଁ’ ବୋଲି ପ୍ରମାଣ କରିବାର ଷଡ଼ଯନ୍ତ୍ର ଆରମ୍ଭ ହୋଇଯାଇଛି।’ ଓଡ଼ିଆ ପ୍ରାଣର ଏହି ଅବ୍ୟକ୍ତ ବେଦନା ରାଜ୍ୟ ସରକାର ଶୀଘ୍ର ଅନୁଭବ କଲେ ଓଡ଼ିଆ ଅସ୍ମିତା ଆହୁରି ଅପମାନିତ ହେବାରୁ ରକ୍ଷା ପାଇବ। ●

## ସାବଧାନ! ଦୁଃଶାସନ ବଞ୍ଚିଛି

ଡକ୍ଟର ଅବଶ ପରିଡ଼ା

ରାୟଗଡ଼ାରେ ଜନୈକା ମହିଳା ଏନଜିଓ କର୍ମୀଙ୍କୁ ବିବସ୍ତ୍ର କରିବାର ଗଣଉଦ୍ୟମ ଭିଡ଼ହିଂସାର ଅନ୍ୟ ଏକ ଭୟଙ୍କର ରୂପ। ଏଥିରେ ଭିଡ଼ ମନସ୍ତତ୍ତ୍ୱ, ଗୁଜବ, ଭୁଲ ତଥ୍ୟ, ନୈତିକତା, ଚେତନା ଓ ପାଗଳାମି ଭଳି ଅନେକ ସାମାଜିକ ଓ ବ୍ୟକ୍ତିଗତ ଉପାଦାନଗୁଡ଼ିକ ଅଛି। କିନ୍ତୁ ଏହି ଲଜ୍ଜାକର ଘଟଣାରେ ଦୁଇଟି ବିଚଳିତକାରୀ ବାସ୍ତବତା ମଧ୍ୟ ଅଛି, ଯାହା ଆମ ସଭ୍ୟସମାଜର ମୂଳଦୁଆକୁ ଦୋହଲାଇ ଦେଇଛି। ପ୍ରଥମଟି ହେଉଛି ଭିଡ଼ହିଂସା ବ୍ୟତୀତ ଏହା ଏକ ସାର୍ବଜନୀନ ସ୍ଥାନରେ ଯୌନ ହିଂସାର କାର୍ଯ୍ୟ। ଯେତେବେଳେ ଜଣେ ମହିଳାଙ୍କୁ ଜନଗହଳିପୂର୍ଣ୍ଣ ସ୍ଥାନରେ ବିବସ୍ତ୍ର, ଅପମାନିତ ଓ ଆକ୍ରମଣ କରାଯାଏ, ସେତେବେଳେ ହିଂସା କେବଳ ଶରୀର ବିରୁଦ୍ଧରେ ନୁହେଁ, ବରଂ ମହିଳାଙ୍କ ମର୍ଯ୍ୟାଦା, ପରିଚୟ ଓ ମୌଳିକ ମାନବାଧିକାର ବିରୁଦ୍ଧରେ ମଧ୍ୟ ହୋଇଥାଏ। ଦ୍ୱିତୀୟଟି ଆହୁରି ଚିନ୍ତାଜନକ। ପୁଲିସର କହିବା ଅନୁଯାୟୀ ଏହି ଘଟଣାରେ ଅନେକ ନାବାଳକଙ୍କ ସମ୍ପୃକ୍ତି ଅଛି। ଏତେ ଛୋଟ ପିଲାମାନେ ଘୃଣା, ନିଷ୍ଠୁରତା କିମ୍ବା ସାର୍ବଜନୀନ ସ୍ଥାନରେ ଅନ୍ୟମାନଙ୍କୁ ଅପମାନିତ କରିବା କଥା ଶିଖିଲେ କେମିତି? ପରିବାର, ଶିକ୍ଷା, ସାମାଜିକ ଗଣମାଧ୍ୟମ ଓ ବୃହତ ସାମାଜିକ ପରିବେଶରୁ ସେମାନେ କ’ଣ ଏସବୁ ଶିଖୁଛନ୍ତି? ଏଠି ଜାଣି ରଖିବାକୁ ହେବ ଯେ ଯେଉଁଠି ନାବାଳକମାନେ ସାମୂହିକ ହିଂସାର ଅଂଶ ହୋଇଛନ୍ତି, ସେଠାରେ ଦୁଇଟି ବିଫଳତା ଆସେ। ପ୍ରଥମଟି ହେଉଛି ଆଇନ ଶୃଙ୍ଖଳା ନିୟନ୍ତ୍ରଣହୀନ ହୁଏ। ଦ୍ୱିତୀୟ ବିଫଳତା ହେଉଛି ନୈତିକ ଅଧୋପତନ ସହ ସାମାଜିକ ସଙ୍କଟ ମାଡ଼ି ଆସେ।

କିଛିଦିନ ତଳେ ପ୍ରକାଶିତ ଜାତୀୟ ଅପରାଧ ରେକର୍ଡ ବ୍ୟୁରୋର ଏକ ତଥ୍ୟ ଅନୁଯାୟୀ ଓଡ଼ିଶାର ସାର୍ବଜନୀନ ସ୍ଥାନ ଏବଂ ରାସ୍ତାରେ ହୋଇଥିବା ଯୌନ ନିର୍ଯାତନା ମାମଲା ସଂଖ୍ୟା ଭାରତରେ ସର୍ବାଧିକ। ଆହୁରି ଚିନ୍ତାଜନକ କଥା ହେଉଛି ଯେ ମହିଳାମାନଙ୍କ ପୋଷାକ ଟାଣିବା, ଚିରିବା, ବିବସ୍ତ୍ର କରିବାରେ ଆମ ରାଜ୍ୟ ଦେଶର ଶୀର୍ଷରେ ରହିଛି। ସେହିପରି ମହିଳାଙ୍କ ମର୍ଯ୍ୟାଦାକୁ ଆଘାତ ଦେବା ମାମଲାରେ ମଧ୍ୟ ଓଡ଼ିଶା ସର୍ବଭାରତୀୟ ସ୍ତରରେ ଦ୍ୱିତୀୟ ସ୍ଥାନରେ ଅଛି। ଏହି ସବୁ ତଥ୍ୟ ଦେଖିଲା ପରେ ସାର୍ବଜନୀନ ସ୍ଥାନରେ ଯୌନ ହିଂସା ଘଟଣାଗୁଡ଼ିକୁ କିଛି ବ୍ୟକ୍ତିଙ୍କ ଦ୍ୱାରା ବା ନିର୍ଦ୍ଦିଷ୍ଟ ଶ୍ରେଣୀ ଦ୍ୱାରା କରାଯାଇଥିବା ପୃଥକ ଅପରାଧ ଭାବରେ ବିବେଚନା କରିବା ଉଚିତ୍ ନୁହେଁ। ଏଗୁଡ଼ିକ ଶ୍ରେଣୀ, ଜାତି ଓ ଶିକ୍ଷାଗତ ଯୋଗ୍ୟତାରେ ଆଉ ସୀମିତ ନାହିଁ। ବରଂ ସମାଜ ମଧ୍ୟରେ ଥିବା ଗଭୀର ସାମାଜିକ ଓ ମାନସିକ ସମସ୍ୟାର ଲକ୍ଷଣ ହୋଇସାରିଛି। ସମ୍ଭବତଃ, ଦୁଃଶାସନର ମାନସିକତା ଓ କୁରୁସଭାର ନିରବତା ଏବେ ବି ଆମ ଚାରିପାଖରେ ବଞ୍ଚିରହିଛି।

ସାର୍ବଜନୀନ ଯୌନ ହିଂସା ଅଧିକାଂଶ କ୍ଷେତ୍ରରେ ଯୌନ ଇଚ୍ଛା ବିଷୟରେ ହୋଇ ନ ଥାଏ। ସାର୍ବଜନୀନ ବିବସ୍ତ୍ରୀକରଣ କିମ୍ବା ଯୌନ ନିର୍ଯାତନା ପ୍ରାୟତଃ ମହିଳାମାନଙ୍କ ଉପରେ ଶକ୍ତି ପ୍ରଦର୍ଶନ କରିବା ପାଇଁ ଏକ ଅସ୍ତ୍ର ଭାବରେ ବ୍ୟବହୃତ ହୁଏ। ଆମ ସମାଜରେ ମହିଳାଙ୍କ ଗରିମା ସହିତ ଶାଳୀନତା ଦୃଢ଼ ଭାବରେ ଜଡ଼ିତ। ତେଣୁ ଆକ୍ରମଣକାରୀମାନେ ଜାଣନ୍ତି ଯେ ସାର୍ବଜନୀନ ଅପମାନ ହିଁ ମହିଳାଙ୍କୁ ଗଭୀର ଭାବପ୍ରବଣ ଆଘାତ ସୃଷ୍ଟି କରିପାରିବ। ବିବାଦ ସମାଧାନ କରିବା, କ୍ରୋଧ ପ୍ରକାଶ କରିବା, ଦଣ୍ଡ ଦେବା କିମ୍ବା ନିୟନ୍ତ୍ରଣ ଜାହିର କରିବା ପାଇଁ ଅନେକ ମହିଳାଙ୍କ ଶରୀର ଏକ ପ୍ରତୀକାତ୍ମକ ଯୁଦ୍ଧକ୍ଷେତ୍ର ହୋଇସାରିଛି। ମହିଳାଙ୍କ ସାର୍ବଜନୀନ ବିବସ୍ତ୍ରୀକରଣ ହେଉଛି ଦଣ୍ଡର ଏକ ଅଂଶ, ଯେଉଁଠି ସେମାନଙ୍କୁ ଅପମାନିତ କରାଯାଇପାରିବ ଏବଂ ତାହା ସହିତ ପୁରୁଷ ନିଜ ପ୍ରାଧାନ୍ୟ ମଧ୍ୟ ପ୍ରଦର୍ଶିତ କରିପାରିବେ। ଠିକ୍ ଯେମିତି କୁରୁସଭାରେ ଦ୍ରୌପଦୀଙ୍କୁ ବସ୍ତ୍ରହରଣ କରି ଏକପ୍ରକାର ଦଣ୍ଡ ଦିଆଯାଇଥିଲା।

ଆଉ ଏକ ଅସହଜ କଥା ହେଉଛି ଯେ ଡାହାଣୀ ଓ ଗୁଣିଗାରେଡ଼ି ସନ୍ଦେହରେ ଅଭିଯୁକ୍ତ ମହିଳାମାନଙ୍କୁ ନିବସ୍ତ୍ର କରିବା ବା ଉଲଗ୍ନ କରି ଚଲେଇବା ହେଉଛି ଓଡ଼ିଶାରେ ଏକ ସାଧାରଣ ଘଟଣା। ଅନେକ ଆଦିବାସୀ ଅଞ୍ଚଳ ଓ ଗ୍ରାମାଞ୍ଚଳରେ ଏପରି କାର୍ଯ୍ୟଗୁଡ଼ିକୁ ଲିଙ୍ଗଗତ ହିଂସାର ନିଷ୍ଠୁର ରୂପ ଭାବରେ ସ୍ୱୀକୃତି ଦିଆ ଯାଏନାହିଁ; ବରଂ ଆମେ ଏହାକୁ ସାଂସ୍କୃତିକ ପ୍ରଥା, ଅନ୍ଧବିଶ୍ୱାସ କିମ୍ବା ଉପସାଂସ୍କୃତିକ ପରମ୍ପରା ଭାବରେ ଯୁକ୍ତିଯୁକ୍ତ କରିଦେଉ। ସମାଜଶାସ୍ତ୍ର ଅନୁସାରେ, ଯେତେବେଳେ ଏକ ସମାଜ ଏପରି ପ୍ରଥା ବିରୁଦ୍ଧରେ ଦୃଢ଼ ନୈତିକ ପ୍ରତିବନ୍ଧକ, ସାମୂହିକ ନିନ୍ଦା ଏବଂ କଠୋର ଦଣ୍ଡ ଲାଗୁ କରିବାରେ ବିଫଳ ହୁଏ, ସେତେବେଳେ ଅଜାଣତରେ ମହିଳାଙ୍କ ସାର୍ବଜନୀନ ଅପମାନକୁ ଦଣ୍ଡର ଏକପ୍ରକାର ବୈଧ କରିଥାଏ। ଏହାର ପରିଣାମ ଆଜି ଦୃଶ୍ୟମାନ। ଡକ୍ଟର ଫିଓନା ଭେରା-ଗ୍ରେଙ୍କ ଅଧ୍ୟୟନରୁ ଜଣାପଡ଼ିଛି ଯେ ସାର୍ବଜନୀନ ଯୌନ ଉତ୍ପୀଡ଼ନ ପୃଥକ ଘଟଣାଗୁଡ଼ିକର ଏକ ସଂଗ୍ରହ ନୁହେଁ; ବରଂ ଦୈନନ୍ଦିନ ସାମାଜିକ ଜୀବନରେ ସନ୍ନିହିତ ଗଭୀର ସାଂରଚନିକ ଅସମାନତାର ପ୍ରତିଫଳନ।

ରାୟଗଡ଼ା ଭିଡ଼ ଆକ୍ରମଣରେ ନାବାଳକମାନଙ୍କ ସମ୍ପୃକ୍ତି ସୂଚାଇ ଦେଉଛି ଯେ ହିଂସା ଆଉ ବୟସ୍କମାନଙ୍କ ମଧ୍ୟରେ ସୀମିତ ନାହିଁ। ଏନ୍‌ସିଆରବି ରିପୋର୍ଟ ଅନୁଯାୟୀ, ଭାରତରେ ନାବାଳକ ଅପରାଧ ପ୍ରାୟ ୧୨ ପ୍ରତିଶତ ବୃଦ୍ଧି ପାଇଛି। ୧ ହଜାରରୁ ଅଧିକ ବଳାତ୍କାର ମାମଲାରେ ନାବାଳକମାନଙ୍କୁ ଗିରଫ କରାଯାଇଥିଲା। ଗିରଫ ସମସ୍ତ ନାବାଳକଙ୍କ ମଧ୍ୟରୁ ପ୍ରାୟ ୭୮ ପ୍ରତିଶତ ୧୬ ରୁ ୧୮ ବୟସ ବର୍ଗର। ଏଥିରେ ଅନ୍ୟ ବର୍ଗଟି ଥିଲା ୧୨ ରୁ ୧୬ ବର୍ଷ ମଧ୍ୟରେ। ସମାଜବିଜ୍ଞାନ ଦୃଷ୍ଟିରୁ ଏହି ସଂଖ୍ୟାଗୁଡ଼ିକ ଆମ ବିଶ୍ୱାସକୁ ଏକପ୍ରକାର ଭାଙ୍ଗି ଦେଉନି କି? ସାମାଜିକ ଶିକ୍ଷା ତତ୍ତ୍ୱ କୁହେ ଯେ ଯୁବପିଢ଼ି ପ୍ରାୟତଃ ପ୍ରଭାବଶାଳୀ ବୟସ୍କଙ୍କୁ ନିରୀକ୍ଷଣ ଏବଂ ଅନୁକରଣ କରି ଆଚରଣ ଶିଖନ୍ତି। କିନ୍ତୁ ଏବେ ନାବାଳକମାନେ କେବଳ ନିର୍ଦ୍ଦୋଷ ଦର୍ଶକ ହୋଇ ରହିନାହାନ୍ତି; ସେମାନେ ଅଭିଯୁକ୍ତ, ଅପରାଧୀ। ଏହାର ଅର୍ଥ ଆମର ସାମାଜିକୀକରଣ, ଲାଳନପାଳନ ଓ ପାରିବାରିକ ପରିବେଶ ଏକ ଭଲ ଚରିତ୍ର ଗଠନ ପାଇଁ ଯଥେଷ୍ଟ ଅନୁକୂଳ ହେଉନି। ଅନେକ ଗବେଷଣା ଅନୁଯାୟୀ ଦାରିଦ୍ର୍ୟ ବ୍ୟତୀତ ପିତାମାତାଙ୍କ ନିଶାଦ୍ରବ୍ୟ ସେବନ, ପିତାମାତାଙ୍କ ଦୁଃବ୍ୟବହାର ଏବଂ ତଦାରଖର ଅଭାବ ଦ୍ୱାରା ନାବାଳକମାନେ ଭୁଲ ବାଟକୁ ଯାଉଛନ୍ତି।

ଆମେ ଜାଣୁ ଯେ ଭିଡ଼ ହିଂସା ସମୟରେ ବ୍ୟକ୍ତିଗତ ନୈତିକ ଦାୟିତ୍ୱ ଦୁର୍ବଳ ହୋଇଯାଏ। ଯାହାକୁ ମନସ୍ତତ୍ତ୍ୱବିତ୍‌ମାନେ ‘ଦାୟିତ୍ୱର ପ୍ରସାରଣ’ ବୋଲି କୁହନ୍ତି। ଜଣେ କିଶୋର ଯିଏ କେବେବି ଏକାକୀ ହିଂସା କରିପାରିବ ନାହିଁ, ଯଦି ସେ ଆକ୍ରମଣାତ୍ମକ ଭିଡ଼ ମଧ୍ୟରେ ରହେ ତେବେ ସେ ଜଣେ ସକ୍ରିୟ ଅଂଶଗ୍ରହଣକାରୀ ହୋଇଯାଏ। ଆଉ ଗୋଟିଏ ତତ୍ତ୍ୱ କୁହେ ଯେ ଯୌନଗତ ଆଚରଣ ଓ ଦଳଗତ ଆଚରଣ ସମୟରେ ପୁରୁଷଙ୍କ ମଧ୍ୟରେ ସମ୍ପର୍କ ଅଧିକ ଦୃଢ଼ ହୋଇଥାଏ। ଆମେ ରହୁଥିବା ସମାଜ ପୁରୁଷଙ୍କଠାରୁ ଯେଉଁ ଗୁଣ ଏବଂ ଆଚରଣ ଆଶା କରେ ତାହା ହେଉଛି ପୁରୁଷତ୍ୱ। ପରିବାର, ସମ୍ପ୍ରଦାୟ, ଗଣମାଧ୍ୟମ ଓ ଶିକ୍ଷା ମାଧ୍ୟମରେ ଯୁବାବସ୍ଥାରୁ ପୁରୁଷତ୍ୱର ଶିକ୍ଷା ଦିଆଯାଏ। ଆଜିକାଲି ସାମାଜିକ ଗଣମାଧ୍ୟମରେ ଅଧିକ ସମୟ କାଟୁଥିବା ଆମ କିଶୋର ପୁଅମାନେ ପୁରୁଷତ୍ୱ ବିଷୟରେ କ’ଣ ଶିଖୁଛନ୍ତି? ଏହାକୁ ନେଇ ହୋଇଥିବା ଏକ ଅଧ୍ୟୟନରୁ ଜଣାପଡ଼ିଛି ଯେ ଡିଜିଟାଲ ପ୍ଲାଟଫର୍ମ ଓ ସାମାଜିକ ଗଣମାଧ୍ୟମରେ ପାରମ୍ପରିକ ପୁରୁଷତ୍ୱର ପ୍ରଚାର ଅଧିକ। ଶାରୀରିକ ଶକ୍ତି, ଧନୀ, ଆବେଗହୀନ ଓ ନିଜ ଭାବନା ଉପରେ ନିୟନ୍ତ୍ରଣକୁ ପ୍ରକୃତ ପୁରୁଷ ଗୁଣ ଭାବରେ ଉପସ୍ଥାପନ କରାଯାଉଛି। ଏପରିକି ମହିଳାଙ୍କୁ ନିୟନ୍ତ୍ରଣରେ ରଖିବା ହେଉଛି ଜଣେ ଶକ୍ତ ପୁରୁଷର ଗୁଣ ବୋଲି ଅନେକ ସାମାଜିକ ଗଣମାଧ୍ୟମ ବିଷୟବସ୍ତୁର ପ୍ରକାଶ ପାଉଛି।

ନିର୍ଭୟା ପରି ଏକ ହାଇ-ପ୍ରୋଫାଇଲ୍ ଅପରାଧ ଓ ଦଣ୍ଡ ପରେ ଆଶା କରାଯାଉଥିଲା ଯେ ସାର୍ବଜନୀନ ଯୌନ ହିଂସା କମିଯିବ। କିନ୍ତୁ ବିଡ଼ମ୍ବନା ଯେ ଏହା କୌଣସି ପ୍ରକାରର ଆଇନଗତ ସଚେତନତା କିମ୍ବା ଆଚରଣଗତ ପରିବର୍ତ୍ତନ ଆଣିଲାନାହିଁ। ତେଣୁ ଏବେ ରାୟଗଡ଼ା ଘଟଣା ଆମ ପାଖେ ସେହି ଜଟିଳ ପ୍ରଶ୍ନ ଛାଡ଼ି ଯାଇଛି। ଆଇନର ଦଣ୍ଡ, ସଚେତନତା କ’ଣ ସତରେ ଆମ ଆଚରଣ ଓ ମାନସିକତାକୁ ପରିବର୍ତ୍ତନ କରିପାରିବ? ଯେତେବେଳେ ନାବାଳକମାନେ ସାର୍ବଜନୀନ ଯୌନ ହିଂସାରେ ଅଧିକ ଅଂଶଗ୍ରହଣ କରୁଛନ୍ତି, ଏହା ପରିବାର, ବିଦ୍ୟାଳୟ, ସମ୍ପ୍ରଦାୟ ଓ ଡିଜିଟାଲ୍ ପ୍ଲାଟଫର୍ମଗୁଡ଼ିକର ବିଫଳତାକୁ ପ୍ରକାଶ କରୁନାହିଁ କି? ସମ୍ଭବତଃ ଏଥିରେ ମହିଳାମାନଙ୍କ ପ୍ରତି ମର୍ଯ୍ୟାଦା, ସହାନୁଭୂତି ଓ ସମ୍ମାନର ମୂଲ୍ୟାଙ୍କନ କମ୍ କରାଯାଉଛି ଏବଂ ଦୁଃଶାସନର ମାନସିକତା ଲୁଚି ରହିଛି। ●

ଭୁବନେଶ୍ୱର, ମୋ: ୮୪୫୬୮୭୯୫୨୨

## ବଦଳୁଛି ବଜାର କୌଶଳ

ପ୍ରଣତି ଆଚାର୍ଯ୍ୟ ମିଶ୍ର

ଭାରତରେ ଉତ୍ପାଦଗୁଡ଼ିକର ଅନଲାଇନ୍ ବିକ୍ରି ଦୀର୍ଘ ଦିନରୁ ଚାଲିଆସୁଛି। କିନ୍ତୁ କୋଭିଡ୍ ମହାମାରୀ ସମୟରେ ଏଥିରେ ପ୍ରବଳ ଅଭିବୃଦ୍ଧି ଦେଖାଦେଲା। ସେତିକିବେଳେ ଲୋକମାନେ ବୁଝିପାରିଲେ ଯେ ଯୋଗାଣ ଶୃଙ୍ଖଳା ପରିଚାଳନା(ସପ୍ଲାଇଚେନ୍ ମ୍ୟାନେଜମେଣ୍ଟ) କିପରି ଯାଦୁ କରିପାରେ। ଆଜି ଦେଶର ଯେକୌଣସି କୋଣରୁ ଯେକୌଣସି ସାମଗ୍ରୀ କିଣାବିକା କରାଯାଇପାରୁଛି ଏବଂ ଇ-କମର୍ସ କମ୍ପାନୀଗୁଡ଼ିକ ଏହି ଚମତ୍କାର କରୁଛନ୍ତି। ସେମାନେ ସାରା ବିଶ୍ୱରେ ବ୍ୟାପାର କରିବାର ଶୈଳୀକୁ ବଦଳାଇ ଦେଇଛନ୍ତି।

ଏହା ଏଭଳି ଏକ ବ୍ୟବସାୟ, ଯେଉଁଠାରେ ଗ୍ରାହକ ବିକ୍ରେତାଙ୍କ ବିଷୟରେ ଜାଣି ନ ଥା’ନ୍ତି। କିନ୍ତୁ ତାଙ୍କର ବିଶ୍ୱାସ ଥାଏ ଯେ ତାଙ୍କୁ ସଠିକ୍ ଜିନିଷ ସଠିକ୍ ମୂଲ୍ୟରେ ଉପଲବ୍ଧ ହେଉଛି। ଯଦି ପସନ୍ଦ ନ ହେଲା ତେବେ ସାମଗ୍ରୀ ଫେରସ୍ତର ସୁବିଧା ମଧ୍ୟ ଅଛି। ଏହାବ୍ୟତୀତ ଗ୍ରାହକ ଜାଣନ୍ତି ଯେ ସାମଗ୍ରୀ ବାବଦକୁ ସେ ଦେଉଥିବା ଟଙ୍କା ସୁରକ୍ଷିତ। ଏମାନଙ୍କର ଡେଲିଭରି ବା ଯୋଗାଣ ମଧ୍ୟ ଅତ୍ୟନ୍ତ ଦ୍ରୁତ ଓ ସମୟାନୁବର୍ତ୍ତୀ। ଏହା ଏମିତି ଏକ ଦୁନିଆ, ଯେଉଁଠି ଗ୍ରାହକ ହିଁ ରାଜା। କାରଣ ତାଙ୍କୁ ଗୋଟିଏ ଜିନିଷ ପାଇଁ ଶହ ଶହ ବିକଳ୍ପ ମିଳିଥାଏ। ଏହି କାରଣରୁ ୨୦୨୪ରେ ଭାରତର ଇ-କମର୍ସ ବଜାର ୧୪୭.୩ ବିଲିୟନ ଡଲାରରେ ପହଞ୍ଚିଛି ଏବଂ ଏଥିରେ ୧୮.୭ ପ୍ରତିଶତ ବୃଦ୍ଧି ଘଟିଛି। ଆମାଜନ, ଫ୍ଲିପକାର୍ଟ, ମାୟନ୍ତ୍ରା, ଜିଓ ମାର୍ଟ, ଟାଟା କ୍ଲିକ୍ ଭଳି କମ୍ପାନୀଗୁଡ଼ିକ ଏକ୍ଷେତ୍ରରେ କୋଟି କୋଟି ଟଙ୍କାର ସାମଗ୍ରୀ ବିକ୍ରି କରୁଛନ୍ତି ଏବଂ ସେମାନଙ୍କ ଗ୍ରାହକ ସଂଖ୍ୟା କ୍ରମାଗତ ଭାବେ ବଢ଼ୁଛି।

ଭାରତରେ ସ୍ମାର୍ଟଫୋନ୍ ଓ ଇଣ୍ଟରନେଟ୍ ଶସ୍ତା ହେବା ଯୋଗୁଁ ଲୋକଙ୍କ ଚିନ୍ତାଧାରା ଓ କିଣାବିକା କରିବାର ଶୈଳୀ ବଦଳିଛି, ଯାହା ଫଳରେ ଏହି ବଜାର ଦ୍ରୁତଗତିରେ ବଢ଼ୁଛି। ଏହି କମ୍ପାନୀଗୁଡ଼ିକ ଛୁଞ୍ଚିଠାରୁ ଆରମ୍ଭ କରି ମୋଟର କାର୍ ପର୍ଯ୍ୟନ୍ତ ସବୁକିଛି ଅନଲାଇନ୍‌ରେ ବିକ୍ରି କରୁଛନ୍ତି। ଏବେ ଏହି ବଜାର ଛୋଟ ସହର, ଗାଁ ଗହଳି ପର୍ଯ୍ୟନ୍ତ ପହଞ୍ଚି ଗଲାଣି। ଆଶା କରାଯାଉଛି ଯେ ୨୦୨୬ ସୁଦ୍ଧା ଭାରତରେ ଇ-କମର୍ସର ୪୦ କୋଟି ଗ୍ରାହକ ହେବେ। ୨୦୩୦ ସୁଦ୍ଧା ଏମାନଙ୍କର ମୋଟ ବିକ୍ରି ୨୫୦ରୁ ୩୦୦ ବିଲିୟନ ଡଲାରରେ ପହଞ୍ଚିବ। ଏହାର ସକାରାତ୍ମକ ପ୍ରଭାବ ଆମ ଅର୍ଥନୀତି ଉପରେ ପଡ଼ିଛି।

ସ୍ୱଦେଶୀ ଇ-କମର୍ସ କମ୍ପାନୀ ଫ୍ଲିପକାର୍ଟ ଏକ ବହି ଦୋକାନ ଭାବେ ଆରମ୍ଭ ହୋଇଥିଲା, ଯାହା ପରବର୍ତ୍ତୀ ସମୟରେ ଏକ ବ୍ୟାପକ ଅନଲାଇନ୍ ବଜାର ଭାବେ ବିକଶିତ ହେଲା। ଏହା ‘କ୍ୟାଶ୍ ଅନ୍ ଡେଲିଭରି’ ଭଳି କ୍ରାନ୍ତିକାରୀ ସୁବିଧା ଆରମ୍ଭ କରିଥିଲା, ଯାହା ଅନଲାଇନ୍ ସପିଂକୁ ଲୋକପ୍ରିୟ କରିବାରେ ପ୍ରମୁଖ ଭୂମିକା ଗ୍ରହଣ କଲା। ବ୍ୟାପାରର ଏହି ଖେଳରେ ଏବେ କ୍ୱିକ୍-କମର୍ସ କମ୍ପାନୀଗୁଡ଼ିକ ମଧ୍ୟ ଦ୍ରୁତଗତିରେ ଆଗକୁ ବଢ଼ୁଛନ୍ତି। ବ୍ଲିଙ୍କିଟ୍, ଇନଷ୍ଟାମାର୍ଟ, ଜେପ୍ଟୋ ଭଳି କମ୍ପାନୀଗୁଡ଼ିକ ମିନିଟ୍ ମଧ୍ୟରେ ଗ୍ରାହକଙ୍କ ଘରେ ଜରୁରୀ ସାମଗ୍ରୀ ପହଞ୍ଚାଇ ଦେଉଛନ୍ତି। ଫଳସ୍ୱରୂପ, ସେମାନେ ଏବେ ଇ-କମର୍ସ କମ୍ପାନୀଗୁଡ଼ିକୁ କଡ଼ା ଟକ୍କର ଦେଉଛନ୍ତି। ସେମାନଙ୍କ କାରବାର ବାର୍ଷିକ ୪୦ ପ୍ରତିଶତ ହାରରେ ବୃଦ୍ଧି ପାଉଛି ଏବଂ ମୋଟାମୋଟି ଆକଳନ ଅନୁଯାୟୀ, ଚଳିତ ବର୍ଷ ସେମାନଙ୍କର ମୋଟ କାରବାର ପ୍ରାୟ ୭ ବିଲିୟନ ଡଲାରରେ ପହଞ୍ଚିଯିବ।

କର୍ଣ୍ଣେଲ ଏସସି ଜନସନଙ୍କ ରିପୋର୍ଟ ଅନୁଯାୟୀ, ଭାରତରେ କ୍ୱିକ୍-କମର୍ସ କାରବାର ଚଳିତ ବର୍ଷ (୨୦୨୬) ବଢ଼ି ୬୫, ୬୪୫.୪୦ କୋଟି ଟଙ୍କା ହୋଇଯାଇଛି। ୨୦୨୨ ତୁଳନାରେ ଏହି ଅଭିବୃଦ୍ଧି ୨୪ ଗୁଣ ଅଧିକ। ବେନ୍ ଆଣ୍ଡ କମ୍ପାନୀର ଏକ ରିପୋର୍ଟ ଦର୍ଶାଉଛି ଯେ ୨୦୨୪ରେ କ୍ୱିକ୍ କମର୍ସ କମ୍ପାନୀଗୁଡ଼ିକର ଅର୍ଡର ଉଲ୍ଲେଖନୀୟ ଭାବେ ବୃଦ୍ଧି ପାଇଛି। ଦେଶର ମୋଟ ଅନଲାଇନ୍ ଗ୍ରୋସରୀ ଅର୍ଡରର ଦୁଇ-ତୃତୀୟାଂଶ କ୍ୱିକ୍-କମର୍ସ ପ୍ଲାଟଫର୍ମରୁ ହୋଇଥିଲା। ଇ-କମର୍ସ ବଜାରରେ କ୍ୱିକ୍-କମର୍ସ କମ୍ପାନୀଗୁଡ଼ିକ ନିଜର ପ୍ରଭାବ ଦୃଢ଼ କରିଚାଲିଛନ୍ତି। ଆମର ଇ-କମର୍ସ ଦେଶର ଦୃଢ଼ତା, ନବସୃଜନ ଓ ଉଦ୍ୟମଶୀଳତାର ଏକ ପ୍ରମାଣ। ଆମାଜନ ଓ ଫ୍ଲିପକାର୍ଟ ଭଳି ବିଶ୍ୱସ୍ତରୀୟ କମ୍ପାନୀଠାରୁ ଆରମ୍ଭ କରି ଅନ୍ୟାନ୍ୟ ପ୍ଲାଟଫର୍ମ ବଜାର ପରିସର ବୃଦ୍ଧି କରିବାରେ ନିଜର ଅନନ୍ୟ ଅବଦାନ ଦେଇଛନ୍ତି।

ସବୁଠାରୁ ବଡ଼ କଥା ହେଉଛି ଏହି କମ୍ପାନୀଗୁଡ଼ିକ ବ୍ୟାପକ ସ୍ତରରେ ନିଯୁକ୍ତି ସୁଯୋଗ ସୃଷ୍ଟି କରୁଛନ୍ତି। ପିଆଇଏଫ୍ ଫାଉଣ୍ଡେସନର ଏକ ରିପୋର୍ଟ ଅନୁଯାୟୀ, ଏହି କମ୍ପାନୀଗୁଡ଼ିକ ଗତ ବର୍ଷ ୧.୫୮ କୋଟି ଲୋକଙ୍କୁ ରୋଜଗାର ଦେଇଛନ୍ତି। ସେଥିମଧ୍ୟରେ ୩୫ ଲକ୍ଷ ମହିଳା ଅଛନ୍ତି। ରିପୋର୍ଟରେ ଏହା ମଧ୍ୟ କୁହାଯାଇଛି ଯେ ଇ-କମର୍ସ କମ୍ପାନୀଗୁଡ଼ିକ ସାଧାରଣ ବ୍ୟବସାୟୀ ତୁଳନାରେ ୫୪ ପ୍ରତିଶତ ଅଧିକ ଲୋକଙ୍କୁ ନିଯୁକ୍ତି ଦେଉଛନ୍ତି। ଦ୍ୱିତୀୟ ଓ ତୃତୀୟ ଶ୍ରେଣୀର ସହରଗୁଡ଼ିକରେ ଗ୍ରାହକ ହାରାହାରି ୫, ୦୦୦ ଟଙ୍କାରୁ ଅଧିକ ଅନଲାଇନ୍ କିଣାବିକା କରୁଛନ୍ତି, ଯାହା ବଡ଼ ସହର ଅପେକ୍ଷା ଅଧିକ। ଇ-କମର୍ସ କମ୍ପାନୀଗୁଡ଼ିକ ଡେଲିଭରି ବୟ ସହିତ ଦକ୍ଷ ବ୍ୟକ୍ତିମାନଙ୍କୁ ମଧ୍ୟ ନିଯୁକ୍ତି ଦେଉଛନ୍ତି। ଏହି କମ୍ପାନୀଗୁଡ଼ିକ ୱେୟାର ହାଉସିଂ, ଲଜିଷ୍ଟିକ୍ସ, ଡିଜିଟାଲ୍ ଓ ଟେକ୍ନୋଲୋଜି ମ୍ୟାନେଜମେଣ୍ଟ, ଫାଇନାନ୍ସ ଇତ୍ୟାଦି କ୍ଷେତ୍ରରେ ବହୁଳ ପରିମାଣରେ ରୋଜଗାର ପ୍ରଦାନ କରୁଛନ୍ତି। ଆଗାମୀ ସମୟରେ ଏହି କ୍ଷେତ୍ରରେ କାରବାର ବୃଦ୍ଧି ସହିତ ନିଯୁକ୍ତି ସୁଯୋଗ ଆହୁରି ବଢ଼ିବ। ଇ-କମର୍ସ କମ୍ପାନୀଗୁଡ଼ିକ ଅତ୍ୟନ୍ତ ସୁନିୟୋଜିତ ଭାବେ କାର୍ଯ୍ୟ କରୁଛନ୍ତି।

ଆଜି ଇ-କମର୍ସ ଓ କ୍ୱିକ୍-କମର୍ସ କେବଳ ସାମଗ୍ରୀ କିଣାବିକାର ମାଧ୍ୟମ ହୋଇ ରହିନାହିଁ, ବରଂ ଏହା ଭାରତୀୟ ଅର୍ଥନୀତିର ଏକ ଶକ୍ତିଶାଳୀ ସ୍ତମ୍ଭ ଭାବେ ଉଭା ହୋଇଛି। ଗ୍ରାହକଙ୍କୁ ରାଜାର ସମ୍ମାନ ଦେବା ସହିତ ଏହି ବ୍ୟବସ୍ଥା ଲକ୍ଷ ଲକ୍ଷ ଲୋକଙ୍କୁ, ବିଶେଷ କରି ମହିଳାମାନଙ୍କୁ, ନିଯୁକ୍ତି ସୁଯୋଗ ଯୋଗାଇ ଦେଇ ସ୍ୱାବଲମ୍ବୀ କରିପାରିଛି। ବୈଷୟିକ ଜ୍ଞାନକୌଶଳର ଅଭିବୃଦ୍ଧି ଏବଂ ଯୋଗାଣ ଶୃଙ୍ଖଳାର ସଠିକ୍ ପରିଚାଳନା ଆଗାମୀ ଦିନରେ ଭାରତକୁ ବିଶ୍ୱର ଏକ ପ୍ରମୁଖ ଡିଜିଟାଲ୍ ବଜାରରେ ପରିଣତ କରିବାର ସାମର୍ଥ୍ୟ ରଖେ। ●

ନୟାଗଡ଼, ମୋ: ୯୪୩୭୬୪୨୯୪୭

## କଲ୍ୟାଣମୁଖୀ ଅର୍ଥନୀତିର ବ୍ୟାଖ୍ୟାକର: ବୈଦ୍ୟନାଥ ମିଶ୍ର

ପ୍ରଫେସର ମଣୀନ୍ଦ୍ର କୁମାର ମେହେର

ସାହିତ୍ୟ ସରିତ୍

ଜଣେ ଅର୍ଥନୀତିର ତତ୍ତ୍ୱ ଜାଣିଲେ ଅର୍ଥନୀତିଜ୍ଞ ହୋଇପାରନ୍ତି। ମାତ୍ର ସେହି ତତ୍ତ୍ୱ ଲୋକମଙ୍ଗଳ ସକାଶେ ଅଭିପ୍ରେତ ବୋଲି ଯେଉଁମାନେ ହୃଦୟଙ୍ଗମ କରିପାରିବାର ସହାନୁଭୂତିରେ ଆପ୍ଳୁତ ସେମାନେ ହିଁ ସର୍ଜନା କରିପାରନ୍ତି ହୃଦୟସ୍ପର୍ଶୀ ସାହିତ୍ୟ। ପୁଣି ଯାହାର ମୂଳଲକ୍ଷ୍ୟ ଲୋକହିତ ସାଧନ, ତାହାକୁ ବୋଧଗମ୍ୟ ଭାଷାରେ ପ୍ରକାଶ କରିବା ହିଁ ପ୍ରକୃତ ବିଦ୍ୱାନବ୍ୟକ୍ତିଙ୍କ ପ୍ରତିଭାର ପରିଚାୟକ। ଏ ପରିପ୍ରେକ୍ଷୀରେ ପ୍ରଫେସର ବୈଦ୍ୟନାଥ ମିଶ୍ରଙ୍କ ଅବଦାନ ଅନସ୍ୱୀକାର୍ଯ୍ୟ ନିଶ୍ଚୟ। ଅର୍ଥନୀତିର ଜଟିଳ ତତ୍ତ୍ୱକୁ ଆଧାର କରି ଯେ ଆକର୍ଷଣୀୟ ସାହିତ୍ୟ ସର୍ଜନା ସମ୍ଭବ - ଏହା ସେ ପ୍ରମାଣିତ କରିଦେଲେ ଆନ୍ତରିକ ସାଧନା ଦ୍ୱାରା। ଅର୍ଥନୈତିକ ବିଚାରଧାରାକୁ କେନ୍ଦ୍ର କରି ସରଳ ଭାଷାରେ ସେ ଯେଉଁ ପ୍ରବନ୍ଧ ରଚନା କଲେ ତାହା ବିଭିନ୍ନ ପତ୍ରପତ୍ରିକାରେ ପ୍ରକାଶିତ ହୋଇ ସୁଖପାଠ୍ୟ ହେବା ସହିତ ପାଠକୀୟ ଚେତନାକୁ ସାମାଜିକ କଲ୍ୟାଣ ଅଭିମୁଖୀ କରିଦେଲା। ପୁଞ୍ଜିବାଦ କହିଲେ କ’ଣ, ସାମ୍ୟବାଦର ବିଶେଷତ୍ୱ ଓ ମହାତ୍ମା ଗାନ୍ଧୀଙ୍କ ଅର୍ଥନୀତିର ନୈତିକ ଦିଗଗୁଡ଼ିକର କି ମାର୍ମିକ ଉପସ୍ଥାପନ କରିଦେଲେ ସେ!

ଅଧିକରୁ ଅଧିକ ଅର୍ଥ ଉପାର୍ଜନ ଯେକୌଣସି ବ୍ୟକ୍ତିର ଅଧିକାରଭୁକ୍ତ। କିନ୍ତୁ ସ୍ୱଅର୍ଜିତ ବିପୁଳ ସମ୍ପଦକୁ ସମ୍ପୂର୍ଣ୍ଣ ଭାବରେ ନିଜର ଭୋଗବିଳାସ ପାଇଁ କେହି ବିନିଯୋଗ କରିପାରିବ ସ୍ୱାଧୀନ ଭାବରେ - ଏ ଅଧିକାର ତା’ର ରହିବା ଉଚିତ ନୁହେଁ। ଏ କଥା ମହାତ୍ମା ଗାନ୍ଧୀ ଯେଭଳି ସୁସ୍ପଷ୍ଟ ଭାବରେ ଅବତାରଣା କଲେ ସମଗ୍ର ପୃଥିବୀରେ ତା’ର ତୁଳନା ନାହିଁ। ସ୍ୱଚ୍ଛନ୍ଦ ସାଂସାରିକ ଜୀବନ ଅତିବାହିତ କରିବା ସକାଶେ ଆବଶ୍ୟକ ଅର୍ଥରାଶିକୁ କେବଳ ନିଜ ନିକଟରେ ରଖି ବଳକା ଅର୍ଥ ସମାଜର ଅନଗ୍ରସର ଲୋକଙ୍କ ପାଇଁ ସ୍ୱଇଚ୍ଛାରେ ଦାନ କରିବେ। ଫଳରେ ଏହି ଶ୍ରେଣୀର ବ୍ୟକ୍ତିବୃନ୍ଦ ହେବେ ସମାଜର ଟ୍ରଷ୍ଟି। କଥାଟି ଶୁଣିବା ପାଇଁ ଅତ୍ୟନ୍ତ ସୁଖକର। ମାତ୍ର ବାସ୍ତବ କ୍ଷେତ୍ରରେ ଏହାର ପ୍ରୟୋଗ ଯେ ଅସମ୍ଭବ - ଏହି ବିଷୟକୁ ନେଇ ଗାନ୍ଧିଜୀ ସମାଲୋଚନାର ଶରବ୍ୟ ହୋଇଛନ୍ତି। କିଏ କାହିଁକି ସ୍ୱଇଚ୍ଛାରେ କଷ୍ଟାର୍ଜିତ ଧନ ଦାନ କରିବେ? କିନ୍ତୁ ଗାନ୍ଧିଜୀଙ୍କ ପରିକଳ୍ପିତ ଅର୍ଥନୀତିକୁ ବିସ୍ତୃତ ଭାବରେ ବୈଦ୍ୟନାଥ ମିଶ୍ର ବ୍ୟାଖ୍ୟା କରିଦେଇଛନ୍ତି। ବାସ୍ତବିକ ଧନିକ ସମ୍ପ୍ରଦାୟକୁ ସମ୍ବେଦନଶୀଳ ହେବାର ଏହା ଏକ ସୁବର୍ଣ୍ଣ ସୁଯୋଗ। ସ୍ୱଇଚ୍ଛାରେ ଟ୍ରଷ୍ଟି ହେବାକୁ ଅନିଚ୍ଛୁକଙ୍କ ପ୍ରତି ପ୍ରଯୁଜ୍ୟ ହେବ ଗାନ୍ଧିଜୀଙ୍କ ଅମୋଘ ଅହିଂସ ଅସ୍ତ୍ର ‘ଅସହଯୋଗ’। ସମାଜର ସହଯୋଗରେ ହିଁ ଜଣେ ଧନ ଉପାର୍ଜନ କରିଥାଏ। ଯଦି ସେଥିରୁ ଉଦବୃତ୍ତ ଅର୍ଥ ସେ ସାମାଜିକ ବିକାଶ ପାଇଁ ବିନିଯୋଗ କରିବାରେ କୁଣ୍ଠିତ, ସମାଜ ତା’କୁ କାହିଁକି ସମର୍ଥନ କରିବ? ଯେଉଁ ଅପରାଜେୟ ବ୍ରିଟିଶ ଶାସକକୁ ଅସହଯୋଗ ବଳରେ ହିଁ ଦୁର୍ବଳ କରିଦେଇଥିଲେ ଗାନ୍ଧିଜୀ, ସେହି ଶକ୍ତିଶାଳୀ ନୀତି ସମାଜରେ କାର୍ଯ୍ୟକ୍ଷମ ହେବ ନାହିଁ କାହିଁକି? ଅସହଯୋଗର ପ୍ରଭାବ ଅନ୍ୟ କୌଣସି ମତବାଦଠାରୁ କେତେ ବାସ୍ତବଧର୍ମୀ ତାହା ବୈଦ୍ୟନାଥ ମିଶ୍ର ବଳିଷ୍ଠ ଭାବରେ ପ୍ରତିପାଦନ କରିଦେଲେ।

ପ୍ରଫେସର ମିଶ୍ର ସମାଜର ତଳସ୍ତରରୁ ଆସିଥିବାରୁ ଦେଶର ଦାରିଦ୍ର୍ୟ ଦୂରୀକରଣ କେଉଁ ଅର୍ଥନୀତିର ଆଦର୍ଶ ବଳରେ ସମ୍ଭବ, ତାହା ଗଭୀର ଭାବରେ ଚିନ୍ତା କରିଛନ୍ତି। ତାଙ୍କ ରଚିତ ପୁସ୍ତକଗୁଡ଼ିକରେ ପ୍ରସଙ୍ଗଗୁଡ଼ିକର ଚିତ୍ତାକର୍ଷକ ବର୍ଣ୍ଣନା ସାଧାରଣ ପାଠକବର୍ଗ ମଧ୍ୟରେ ବି ସକାରାତ୍ମକ ଚିନ୍ତନକୁ ପ୍ରଶସ୍ତ କରି ଦେଇପାରେ। ତା’ ମଧ୍ୟରେ ଅନ୍ତର୍ଭୁକ୍ତ ‘ପୁଞ୍ଜିବାଦ, ସମାଜବାଦ ଓ ଗାନ୍ଧୀବାଦ’, ‘ଭାରତର ଆର୍ଥନୀତିକ ସମସ୍ୟା’, ‘ଆର୍ଥନୀତିକ ଯୋଜନା’, ‘ଶାସନ ଓ ସଂସ୍କାର’, ‘ସମାଜବାଦ ଓ ଗଣତନ୍ତ୍ର’, ‘ସାମାଜିକ ମୂଲ୍ୟବୋଧ’, ‘ରାଜନୀତିର ସୁଖ ଓ ଦୁଃଖ’, ‘ଚନ୍ଦ୍ରଲୋକରେ ଚହଳ’ ଆଦି ଅନେକ ପୁସ୍ତକ। ଜୀବନରେ ଶିକ୍ଷା, ସମାଜ, ରାଜନୀତି କ୍ଷେତ୍ରରେ ଯେଉଁଠି ସେ ଲକ୍ଷ୍ୟ କରିଛନ୍ତି ଦରିଦ୍ରମାନଙ୍କ ପ୍ରତି ପ୍ରକାଶିତ ସହାନୁଭୂତି ମଧ୍ୟରେ ଲୁକ୍କାୟିତ ହୋଇ ରହିଛି ଛଦ୍ମତାର ଆବିଳତା, ସେଥିରେ ସେ ପୀଡ଼ାଗ୍ରସ୍ତ ହୋଇଛନ୍ତି। ରାଜନୈତିକ ଜୀବନରେ ଯେଉଁସବୁ ତିକ୍ତ ଅନୁଭୂତିର ସମ୍ମୁଖୀନ ହୋଇଛନ୍ତି, ତାହାକୁ ନିଷ୍କପଟ ଭାବରେ ଖବରକାଗଜରେ ବ୍ୟକ୍ତ କରିଛନ୍ତି। ସମାଜରେ ଅର୍ଥନୈତିକ ସମାନତା ପ୍ରତିଷ୍ଠା କରିବାର ବିଶିଷ୍ଟ ବ୍ୟକ୍ତିଙ୍କ ଅନାନ୍ତରିକତା ତାଙ୍କୁ ଆହତ କରିଛି ଗଭୀର ଭାବରେ। ଦାରିଦ୍ର୍ୟ ନିପୀଡ଼ିତ ସମାଜ ପ୍ରତି ସହାନୁଭୂତି ବ୍ୟକ୍ତ ଲକ୍ଷ୍ୟରେ ବିଶିଷ୍ଟ ବ୍ୟକ୍ତିଙ୍କ ଉଦବେଗ ସୃଷ୍ଟିକାରୀ ଉଦବୋଧନ କେତେ ଶଠତାପୂର୍ଣ୍ଣ, ତାହା ନିର୍ଭୀକ ଭାବରେ ବର୍ଣ୍ଣନା କରିଦେଇଛନ୍ତି।

ଯେଉଁ ଯୁବସମାଜ ସାମାଜିକ କ୍ଷେତ୍ରରେ ପରିବର୍ତ୍ତନ ଅସମ୍ଭବ ନୁହେଁ ବୋଲି ଅନୁଭବ କରିପାରନ୍ତି ଏବଂ ସ୍ୱଦେଶର ଯଥାର୍ଥ ପ୍ରଗତି ପାଇଁ କାର୍ଯ୍ୟ କରିବାକୁ ପ୍ରତିଜ୍ଞାବଦ୍ଧ ହୋଇଛନ୍ତି ସେମାନଙ୍କ ପାଇଁ ପ୍ରଫେସର ବୈଦ୍ୟନାଥ ମିଶ୍ରଙ୍କ ପୁସ୍ତକାବଳୀ ଶ୍ରେଷ୍ଠ ପ୍ରେରଣା-ପ୍ରଦାନ -କ୍ଷମ ଏକ ଏକ ଆଲୋକବର୍ତ୍ତିକା ଭାବେ ବିଦ୍ୟମାନ। ●

ଭୁବନେଶ୍ୱର, ମୋ: ୭୦୭୭୫୫୩୭୦୭

## ଲେଖକ/ଲେଖିକାଙ୍କ ନିମନ୍ତେ ସୂଚନା

୧. ‘ସକାଳ’ର ସମ୍ପାଦକୀୟ ପୃଷ୍ଠା ପାଇଁ ପ୍ରଥମ ଲେଖା ସର୍ବାଧିକ ୯୦୦ ଶବ୍ଦ ଏବଂ ଦ୍ୱିତୀୟ ଲେଖା ସର୍ବାଧିକ ୫୦୦ ଶବ୍ଦ ମଧ୍ୟରେ ସୀମିତ ରଖିବା ବାଞ୍ଛନୀୟ।
୨. ଲେଖା ପ୍ରକାଶନ ସମ୍ପର୍କରେ ସମ୍ପାଦନା ମଣ୍ଡଳିର ନିଷ୍ପତ୍ତି ଚୂଡ଼ାନ୍ତ। ଲେଖାର କେବଳ ସମ୍ପାଦିତ ଅଂଶ ହିଁ ପ୍ରକାଶିତ ହେବ।
୩. ‘ସକାଳ’କୁ ପଠାଇଥିବା ସମାନ ଲେଖା ଏକାଧିକ ଖବରକାଗଜ/ପତ୍ରପତ୍ରିକାରେ ପ୍ରକାଶିତ ହେଲେ ଏବଂ ଅତୀତରେ ପ୍ରକାଶିତ ଲେଖାକୁ ପୁଣି ଥରେ ପଠାଇବା ଜଣାପଡ଼ିଲେ ଭବିଷ୍ୟତରେ ସମ୍ପୃକ୍ତ ଲେଖକ/ଲେଖିକାଙ୍କ ଲେଖା ଆଉ ବିଚାରକୁ ନିଆଯିବ ନାହିଁ।
୪. ଲେଖା ପଠାଇବାର ୭ ଦିନ ମଧ୍ୟରେ ପ୍ରକାଶିତ ନ ହେଲେ ଲେଖକ/ଲେଖିକା ତାହାକୁ ଅନ୍ୟ ଖବରକାଗଜ/ପତ୍ରପତ୍ରିକାକୁ ପଠାଇ ପାରିବେ।
୫. ସାମ୍ପ୍ରଦାୟିକ ଉତ୍ତେଜନା ସୃଷ୍ଟିକାରୀ, ବ୍ୟକ୍ତିଗତ ଆକ୍ରୋଶମୂଳକ ଓ ପ୍ରଶଂସାସୂଚକ ଲେଖା ପ୍ରକାଶିତ ହେବ ନାହିଁ। ପ୍ରସଙ୍ଗଭିତ୍ତିକ, ସୁସ୍ଥ ଓ ବୌଦ୍ଧିକ ସମାଲୋଚନାମୂଳକ ଲେଖାକୁ ଅଗ୍ରାଧିକାର ଦିଆଯିବ।
୬. ଲେଖା ପ୍ରକାଶନର ଅନ୍ତର ଅନ୍ୟୂନ ୧୫ ଦିନ ରହିବ।
୭. ‘ସକାଳ’ ଓଡ଼ିଶାର ବୃହତ୍ ପାଠକବର୍ଗଙ୍କର। ସେମାନଙ୍କ ରୁଚି, ଆଗ୍ରହ ଓ ଚାହିଦାକୁ ସମ୍ମାନ ଜଣାଇବା ଆମ ସମସ୍ତଙ୍କର କର୍ତ୍ତବ୍ୟ। ଏହାକୁ ହୃଦୟଙ୍ଗମ କରି ଉପରୋକ୍ତ ମାର୍ଗଦର୍ଶିକାକୁ ସଯତ୍ନ ଅନୁପାଳନ ପାଇଁ ଲେଖକ/ଲେଖିକାଙ୍କୁ ପୁଣି ଥରେ ବିନମ୍ର ଓ ସଶ୍ରଦ୍ଧ ଅନୁରୋଧ କରୁଛୁ।

କାର୍ଯ୍ୟନିର୍ବାହୀ ସମ୍ପାଦକ



ଦୈନିକ ‘ସକାଳ’ ଓ ଏହାର ବିଶେଷ ଅଧିପତ୍ର, ପତ୍ରିକା ଆଦିରେ ପ୍ରକାଶିତ ଆଲେଖ୍ୟର ଉଦ୍ଧୃତି, ତଥ୍ୟ, ମତାମତ, ବିଶ୍ଳେଷଣ ସମ୍ପୃକ୍ତ ଲେଖକଙ୍କ ସମ୍ପୂର୍ଣ୍ଣ ନିଜସ୍ୱ। ସେଥିପାଇଁ ‘ସକାଳ’ କର୍ତ୍ତୃପକ୍ଷ ଉତ୍ତରଦାୟୀ ହେବେ ନାହିଁ।

## WALK IN INTERVIEW

Wanted Teaching Guest Faculties for **Logic, Sanskrit, Odia, Education, Commerce, I.T.** subjects and Library Attendant (one in each) will be held in the office of the undersigned at **09:00 a.m. on 30/06/2026.** Interested candidates having minimum **55% of marks** in concerned subjects (Teaching) in **Master Degree level** & **+2 Passed** qualification for Library Attendant should attend the interview with their **Resume, original photo** copies testimonials.

**Principal**
**RAGHUNATHJEW H.S SCHOOL**
**DEULASAHI, CUTTACK-753008.**

24001/248/2627

## GOVERNMENT OF ODISHA
## TOURISM DEVELOPMENT OFFICE, PURI

No. Acct. TDOP-39/26-1403/TDO, Puri, Date: 24.06.2026
Email: oritourpuri@gmail.com, Tel No.: 06752-222664

## SHORT TENDER CALL NOTICE

Tourism Development Office, Puri on behalf of Department of Tourism, Government of Odisha, Bhubaneswar invites tender in sealed covers from intending Agencies/Firms/Event Managers for installation of Temporary Tourism Information Stalls at different places of Puri in connection with Car Festival, 2026. Detailed information is available on the Puri District website: **https://puri.odisha.gov.in.**

OIPR-24001/24409/1/26-27/0001 **Sd/- Asst. Director, Tourism**

GOVERNMENT OF ODISHA 25001/504/2627

### OFFICE OF THE EXECUTIVE ENGINEER
### RURAL WORKS DIVISION-II, SUNDARGARH

**Lt. No. 4502 / Dt. 22.06.2026**

**1st Corrigendum to Bid Identification No. Online – EERKL-15/2026-27**

Due to some unavoidable circumstances in respect of the tender for Building Works invited in Tender Call Notice Bid Identification No. Online – EERKL-15/2026-27 by the Executive Engineer, Rural Works Division-II, Sundargarh, the date of online bidding and opening, which was scheduled from 19.06.2026 to 30.06.2026, is hereby extended as follows:

| Availability of Tender Online (From) | | Last Date & Time of Seeking Tender Clarification | Date & time of Opening of Tender (Technical Bid) |
|---|---|---|---|
| FROM | TO | | Online-EERKL-15/2026-27 |
| 24.06.2026 at 10.00 AM | 02.07.2026 up to 5.00 P.M. | 01.07.2026 up to 5.00 P.M. | 03.07.2026 at 11.00 A.M. |

**Executive Engineer**
OIPR-25001/25193/1/26-27/0023 **R.W. Division-II, Sundargarh**

GOVERNMENT OF ODISHA 34001/389/2627

### OFFICE OF THE SUPERINTENDING ENGINEER,
### JEYPORE (R&B) DIVISION, JEYPORE

**e-Procurement Notice**

**Bid Identification No. S.E (R&B)-07/2026-27/JYP(K)**
**No. 3844 Date: 18.06.2026**

Bid Documents consisting of work, Estimated Cost, Cost of Tender Paper, EMD, Time of Completion, Class of Contractors and the set of terms and conditions of contract and other necessary documents can be seen in Govt. Website i.e. www.tendersodisha.gov.in.

1. **Name of the Work** : Road & Building Work as mentioned in DTCN.
2. **No. of Works** : 4 Nos.
3. **Estimated Cost** : Rs. 18.45 Lakhs to Rs. 27.82 Lakhs
4. **Period of Completion** : 1 (One) to 3 (Three) Months
5. **Date & Time of Bidding** : From 11.00 Hours of 25.06.2026 up to 17.00 Hours of 04.07.2026
6. **Last Date & Time for Receipt of Bids in Portal** : 17.00 Hours of 04.07.2026
7. **Bids Received Online Shall Be Opened On** : 11.00 Hours of 06.07.2026
8. **Name and Address of the Officer Inviting Bid** : Superintending Engineer, Jeypore (R&B) Division, Jeypore.

Further details can be seen from www.tendersodisha.gov.in.

**Superintending Engineer**
OIPR-34001/34027/1/26-27/0007 **Jeypore (R&B) Division, Jeypore**

OFFICE OF THE PRINCIPAL

### NATIONAL COLLEGE, NUAPADA

AT/PO/DIST-NUAPADA (ODISHA) – 766105
e-Mail: principalncn@gmail.com

**Notice No.: 13/NCN** **Date: 23/06/2026**

**Quotation Call Notice**

Sealed quotations are invited from the interested firms/suppliers having valid GSTIN & PAN to supply the following items prescribed by the Government of Odisha, Department of Higher Education, Odisha, Bhubaneswar vide Letter No. 16578 Dtd. 23.03.2026 following all norms and specification of the items as specified in this letter. The sealed quotations along with the copies of GSTIN & PAN etc. should be reached to the undersigned by **5.00 PM on or before 07.07.2026** by Registered/Speed Post/Courier Services. For further details please visit the college website **www.nationalcollegenpd.com**. The quotation should be inclusive of spot delivery, installation charges and taxes. The undersigned reserves the right to cancel or withdraw the Quotation Call.

| Sl. No. | Item | Specification | Company |
|---|---|---|---|
| 1 | Desktop Set | i10, 12th Gen, 8GB RAM, 512 GB, 23.8 inch above | HP / Dell / Lenovo |
| 2 | UPS | 650VA / 360W | Microtek / Luminous / Vguard |
| 3 | MFM Printer | Laser Jet, Colour Inkjet | HP / Canon / Samsung |

**Sd/- Principal**
**National College, Nuapada**

6001/57/2627

### EOI FOR EMPANELMENT OF SUPPLIER FOR DAIRY ANIMALS

**EOI No. 10474, Date: 22.06.2026**

**EOI for Empanelment of "Supplier for Dairy Animals"**

Suppliers for supply of milch cow/buffalo from outside the State for sub-schemes under **Mukhyamantri Kamdhenu Yojana (MKY) / Mukhyamantri Krushi Udyoga Yojana (MKUY)**

The Fisheries & ARD Department has launched the **Mukhyamantri Kamdhenu Yojana (MKY)** to accelerate the growth of the dairy sector in the State through the induction of high-genetic-potential dairy cows/buffaloes from outside Odisha, with the objective of enhancing the quality and productivity of the State's dairy animal population.

The Director of Animal Husbandry and Veterinary Services, Odisha, Cuttack invites **Expression of Interest (EOI)** from intending Firms/Organizations/Agencies/Individuals for empanelment towards supply of high milk yielding cows/buffaloes from outside the state for animal induction by farmers under State Plan Scheme "Mukhyamantri Kamdhenu Yojana" and "Mukhyamantri Krushi Udyoga Yojana (MKUY)".

The details of the Expression of Interest (Non-transferable) as well as terms and conditions and information docket are available on the DAH & VS, Odisha website: https://odishaahvs.nic.in. Interested parties are requested to download the required documents and submit their response to the undersigned at the above-mentioned address along with the cost of the EOI document of **Rs. 2360/- (Rs. 2000/- + 18% GST)** in shape of Bank Draft drawn in favour of the **Director, AH & VS**, payable at Cuttack.

The cost of EOI documents is compulsory and the bank draft should be enclosed in original along with the EOI documents. The cost paid for EOI documents is non-refundable.

**Time Line**

| | |
|---|---|
| Date & Time of release of EOI | 25.06.2026 |
| Submission of queries on EOI & Pre-bid meeting | At DAH&VS, Mangalabag, Cuttack, Odisha on 02.07.2026 at 11:30 AM |
| Start Date & Time of submission of EOI documents | 27.06.2026 (10:00 AM) |
| Last Date & Time of submission of EOI | 17.07.2026 (05:00 PM) |
| Date & Time of opening of Bid | 20.07.2026 (11:30 AM) |

**DIRECTOR**
Animal Husbandry and Veterinary Services,
OIPR-6001/6014/1/26-27/0006 Odisha, Mangalabag, Cuttack

## AFFIDAVIT

By virtue of an affidavit no.172 before the Notary Public, Bhubaneswar, dtd.24.06.2026, I, Hapi Swain, At-Baghuapalli, PS-Fategarh, Dist.-Nayagarh, Odisha–752077, hereby declare that I have changed my name from Hapi Swain to Soumya Ranjan Swain. Henceforth, I shall be known as **Soumya Ranjan Swain** for all purposes.

## AFFIDAVIT

By Virtue of an affidavit sworn before in the Court of Executive Magistrate, Basta, Balasore. I, Harihar Dandapat,S/o- Muralidhar Dandapat of permanent Resident At -Tigiria, Po-Pandarungi, Ps-Basta, Dist-Balasore, Odisha, 756029. Declared by Affidavit Sl No: - 1552, Dtd-17/04/2026. That, I, Have changed my name from SANAYASI KHATUA to HARIHAR DANDAPAT. Hence forth, I shall be Known as **HARIHAR DANDAPAT** for all future purpose.

**Harihar Dandapat**

## AFFIDAVIT

By virtue of an affidavit sworn before the Executive Magistrate, Nabarangpur, Vide no- 977, dated 20.06.2026, I, MANISA NAYAK, Daughter of - Pradeep Kumar Nayak & Wife of - Sudhakar Kachhap permanent resident of Village - Bhurbhusi, PO - Betal, PS - Kodinga, Dist - Nabarangpur, Odisha, Pin - 764075, declare that I have changed my name from MONISHARANI KACHHAP to MANISA NAYAK. Henceforth, I shall be known as **MANISA NAYAK** for all purposes.

**Sd/- Manisa Nayak**

## AFFIDAVIT

By virtue of an affidavit sworn before the Executive Magistrate, Bargarh dated 16.06.2026, I, Alestar Minz, Address- Vill.-Khaliapali, Po.- Bardol, Ps./Dist.- Bargarh, Odisha declare that, my daughter's actual name is **Sonia Minz** and date of birth is **12.11.2012** but in her Aadhar card her name has been wrongly mentioned as Dania Minch. That, **Sonia Minz** and **Dania Minch** is one and same person.

## ବିକ୍ରି କବଲା ହଜିଛି

ଆମ୍ଭେ ଶ୍ରୀ ନାରାୟଣ ପ୍ରସାଦ ସାହୁ, ପିତା- ସ୍ୱର୍ଗତ ଦାଶରଥି ସାହୁ, ସା/ପୋ- ପାଟପୁର, ଥାନା- ଉଦଳା, ଜି- ମୟୂରଭଞ୍ଜ ପ୍ରକାଶ କରୁଅଛି ଯେ ତା. ୦୮.୦୬.୨୦୨୬ ରିଖ ସୋମବାର ଦିନ ଉଦଳା କଚେରୀରୁ ପାଟପୁର ସ୍ଥିତ ମୋ ଘରକୁ ଫେରିବା ବାଟରେ ମୋର ଅରିଜିନାଲ ରେଜେଷ୍ଟି ବିକ୍ରି କବଲା ନ. ୧୮୨୯, ତା. ୨୨.୧୦.୧୯୮୮ କେଉଁଠାରେ ହଜିଯାଇଛି । ବହୁ ଖୋଜା ଖୋଜି କରିବା ସତ୍ତ୍ୱେ ମୁଁ ପାଇପାରିନାହିଁ। ଯଦି କେହି ସହୃଦୟ ବ୍ୟକ୍ତି ଉକ୍ତ କବଲାଟି ପାଇଥାନ୍ତି, ଦୟାକରି ମୋବାଇଲ ନଂ. ୯୧୭୮୨୭୮୯୦୭ରେ ଜଣାଇବାକୁ ଅନୁରୋଧ କରୁଛି ।

ନାରାୟଣ ପ୍ରସାଦ ସାହୁ

## ପଶ୍ଚିମ ରେଳବାଇ ରତଲାମ ମଣ୍ଡଳ

### ଇ-ଟେଣ୍ଡର ବିଜ୍ଞପ୍ତି

ପଶ୍ଚିମ ରେଳବାଇ, ରତଲାମ ମଣ୍ଡଳ ପକ୍ଷରୁ ଏକ ଇ-ଟେଣ୍ଡର ବିଜ୍ଞପ୍ତି ଜାରି କରାଯାଇଛି। ଟେଣ୍ଡର ବିଜ୍ଞପ୍ତି ସଂଖ୍ୟା M247GLRSRP262715, ତାରିଖ 23.06.2026। ଏହି ଟେଣ୍ଡର 80ଟି ବିଦ୍ୟୁତ ଲୋକୋମୋଟିଭ୍‌ର ରିପାଇଁ କାର୍ଯ୍ୟ ପାଇଁ ଆହ୍ୱାନ କରାଯାଇଛି। କାର୍ଯ୍ୟଟି ପଶ୍ଚିମ ରେଳବାଇର ଦାହୋଦସ୍ଥିତ CVWM କାର୍ଯ୍ୟାଳୟରେ ସମ୍ପାଦିତ ହେବ। ଏହାର ଆନୁମାନିକ ମୂଲ୍ୟ ଟ.8,80,39,200/- ଧାର୍ଯ୍ୟ କରାଯାଇଥିବା ବେଳେ ଅମାନତ ଜମା ଡିପୋଜିଟ୍ ( E M D ) ରାଶି ଟ.17,60,800/- ନିର୍ଦ୍ଧାରଣ କରାଯାଇଛି। ଇ-ଟେଣ୍ଡର ଦାଖଲ କରିବାର ଶେଷ ସମୟ 15.07.2026 ତାରିଖ ଦିନ ଅପରାହ୍ନ 2.30 ଘଣ୍ଟା ପର୍ଯ୍ୟନ୍ତ ରହିଛି ଏବଂ ସେହି ଦିନ ଅପରାହ୍ନ 3.00 ଘଣ୍ଟାରେ ଟେଣ୍ଡର ଖୋଲାଯିବ। ଟେଣ୍ଡର ସମ୍ବନ୍ଧୀୟ ବିସ୍ତୃତ ବିବରଣୀ ଏବଂ ଦଲିଲପତ୍ର www.ireps.gov.in ୱେବସାଇଟରେ E-Tenders/Works/IRElectrical ରୁ ପ୍ରାପ୍ତ କରିପାରିବେ।

Apex/109

Like us on: facebook.com/WesternRly

## ପଶ୍ଚିମ ରେଳବାଇ ରତଲାମ ମଣ୍ଡଳ

### ଇ-ଟେଣ୍ଡର ବିଜ୍ଞପ୍ତି

ପଶ୍ଚିମ ରେଳବାଇ, ରତଲାମ ମଣ୍ଡଳର DRM (S&T), ୱର୍କସ୍ ରତଲାମ ପକ୍ଷରୁ ଟେଣ୍ଡର ନଂ SnT-RTM-26-Tele-14, ତାରିଖ 23.06.2026 ଅନୁସାରେ ଏକ ଇ-ଟେଣ୍ଡର ଆମନ୍ତ୍ରଣ କରାଯାଇଛି। ଏହି କାର୍ଯ୍ୟ ଅନ୍ତର୍ଗତ ରତଲାମ ମଣ୍ଡଳର ବ୍ଲକ୍ ସେକ୍ସନରେ ଥିବା ବର୍ତ୍ତମାନର ଭୂଗର୍ଭସ୍ଥ ସିଗ୍ନାଲ ଏବଂ ଟେଲିକମ୍ କେବୁଲଗୁଡ଼ିକର ଡ୍ରୋନ୍ ଓ D G P S ସର୍ଭେ କରାଯାଇ କେବୁଲ ରୁଟ୍ ପ୍ଲାନ୍ ପ୍ରସ୍ତୁତ କରାଯିବ। ଏହି ଟେଣ୍ଡରର ଆନୁମାନିକ ମୂଲ୍ୟ 7,71,13,920.00 ଟଙ୍କା ହୋଇଥିବାବେଳେ ବିଡ୍ ସିକ୍ୟୁରିଟି / ଅମାନତ ଜମା ଭାବେ 15,42,300.00 ଟଙ୍କା ଜମା କରିବାକୁ ପଡ଼ିବ। ବିଡ୍ ଦାଖଲ କରିବାର ଶେଷ ତାରିଖ ଓ ସମୟ : 20.07.2026 , ଅପରାହ୍ନ 3.00 ଘଣ୍ଟା ରହିଛି ଏବଂ ବିଡ୍‌ଗୁଡ଼ିକ ସେହି ଦିନ ଅପରାହ୍ନ 3.30 ଘଣ୍ଟା ପରେ ଖୋଲାଯିବ। କାର୍ଯ୍ୟ ସମାପ୍ତି ପାଇଁ 12 ମାସର ଅବଧି ନିର୍ଦ୍ଧାରିତ ହୋଇଛି। ବିଡ୍ ଖୋଲିବା କାର୍ଯ୍ୟ Sr. DSTE, DRM କାର୍ଯ୍ୟାଳୟ, ରତଲାମ, ମଧ୍ୟପ୍ରଦେଶରେ ସମ୍ପନ୍ନ ହେବ। ଆଗ୍ରହୀ ଟେଣ୍ଡରଦାତାମାନେ ଇ-ଟେଣ୍ଡର ପୋର୍ଟାଲ www.ireps.gov.in ରେ ଟେଣ୍ଡର ସମ୍ବନ୍ଧୀୟ ସମସ୍ତ ବିବରଣୀ ଦେଖିପାରିବେ ଏବଂ ସେହି ପୋର୍ଟାଲ ମାଧ୍ୟମରେ ନିଜର ପ୍ରସ୍ତାବ ଦାଖଲ କରିବାକୁ ପଡ଼ିବ।

Apex/107

Like us on: facebook.com/WesternRly

## ସାର୍ବଜନୀନ ସୂଚନା

ଏହି ସୂଚନା ମାଧ୍ୟମରେ ମୋର ମହକିଲ ଶ୍ରୀମତୀ କଳ୍ପନା କବାଟ, ପିତା- ପରମାନନ୍ଦ କବାଟ ବନଜା ବେହେରାଙ୍କ ସପକ୍ଷରେ ମୂଳ ବିକ୍ରୟ ପତ୍ର ପଞ୍ଜିକୃତ ନଂ- ୧୧୧୨୧୮୦୧୩୪୮ (୩୧.୦୩.୨୦୧୮) ବନଜା ବେହେରାଙ୍କ ସପକ୍ଷରେ ଏବଂ ୧୧୧୨୨୪୦୦୮୭୩ (୧୬.୦୨.୨୦୨୬) କଳ୍ପନା କବାଟ ସପକ୍ଷରେ ସଂଶୋଧନ ପତ୍ର ପଞ୍ଜିକୃତ ନଂ- ୧୧୧୨୨୨୦୩୯୧୬(୦୨.୦୭.୨୦୨୨) ସହିତ ବନଜା ବେହେରାଙ୍କ ସପକ୍ଷରେ RoR ଖାତା ନଂ- ୩୧୧/୨୭୦୬ ଏବଂ ୩୧୧/୩୧୧୧ କଳ୍ପନା କବାଟ ସପକ୍ଷରେ ମୌଜା-କଣ୍ଡିଲୋ, ତହସିଲ-ଜଟଣୀ, ଜିଲ୍ଲା-ଖୋର୍ଦ୍ଧା, ରାଜ୍ୟ-ଓଡିଶାଙ୍କ ସପକ୍ଷରେ ଥିବା ସମ୍ପୃକ୍ତ ROR ହଜାଇଛନ୍ତି। ଏଥିପାଇଁ ଘଟଗାଁ ଥାନାରେ ଏକ FIR (ଅଭିଯୋଗ ନଂ- ୨୪୪୯୭୦୧୫୦୭୨୬୦୦୦୧୦) ୨୨.୦୬.୨୦୨୬ରେ ଦାୟର କରାଯାଇଛି। ସମସ୍ତ ବ୍ୟକ୍ତିଙ୍କୁ ଏହି ନୋଟିସ୍ ପ୍ରକାଶ ପାଇବାର ପର୍ଯ୍ୟାପ୍ତ ପ୍ରମାଣ ସହିତ ୧୫ ଦିନ ମଧ୍ୟରେ ଉକ୍ତ ସମ୍ପତ୍ତି କିମ୍ବା ଏହାର ଯେକୌଣସି ଅଂଶ ବିଷୟରେ ସେମାନଙ୍କର ଦାବି କିମ୍ବା ଆପତ୍ତି ଦାଖଲ କରିବାକୁ ଏତଦ୍ୱାରା ସୂଚିତ କରାଯାଉଛି। ଯଦି ଉପରୋକ୍ତ ଡକ୍ୟୁମେଣ୍ଟଗୁଡ଼ିକ ୧୫ ଦିନ ମଧ୍ୟରେ ନ ମିଳେ, ତେବେ ରେଜିଷ୍ଟ୍ରି ଅଫିସରୁ ପ୍ରାପ୍ତ ଡକ୍ୟୁମେଣ୍ଟଗୁଡ଼ିକର ପ୍ରମାଣିତ କପିକୁ ମୂଳ ଡକ୍ୟୁମେଣ୍ଟ ଭାବରେ ବିବେଚନା କରାଯିବ।

ସମୀର କୁମାର ପାଇକରାୟ (ଆଡ୍‌ଭୋକେଟ୍)
ଭୁବନେଶ୍ୱର କୋର୍ଟ,
ଫୋନ୍: ୭୦୦୮୦୦୫୪୧୯

## AFFIDAVIT

By virtue of an affidavit sworn before the Executive Magistrate, Nabarangpur, Vide no - 980, dated 22.06.2026, I, MUNA NAYAK, Son of - Sunadhar Harijan, permanent resident of Village - Jatabal, PO - Jatabal, PS - Dabugam, Dist - Nabarangpur, Odisha, Pin - 764071, declare that I have changed my name from MUNA HARIJAN to MUNA NAYAK. Henceforth, I shall be known as **MUNA NAYAK** for all purposes.

**Sd/- Muna Nayak**

## AFFIDAVIT

By virtue of an affidavit sworn before the Executive Magistrate, Nabarangpur, Vide no- 987, dated 23.06.2026 I, NALINI PUJARI, Daughter of - Madhu Pujari & Wife of - Jhadeswar Patro, permanent resident of Village - Sirisi, PO - Sirisi, PS - Papadahandi, Dist - Nabarangpur, Odisha, Pin - 764071, declare that I have changed my name from NALINI RAJGOND to NALINI PUJARI. Henceforth, I shall be known as **NALINI PUJARI** for all purposes.

**Sd/- Nalilin Pujari**

## AFFIDAVIT

By virtue of an affidavit before the Notary Public, Sukinda, Jajpur, dtd.23.06.2026, I, Satyajit Behura, Village /PO/PS-Sukinda, Dist.-Jajpur do hereby declare that I have changed my minor son's name from Saipriti Behura to Saiprit Behura. Henceforth, he shall be known as **Saiprit Behura** for all purposes.

**Sd/- Satyajit Behura**

## AFFIDAVIT

I Sk Akhlak Hosain holding indian Passport No-M7901874 residing At- Sayedpur, Noor Mohalla, Po/Ps-Binjharpur, Dist-Jajpur, Odisha, Pin-755004 declare by Court Affidavit vide no 2966 Dt-22/06/2026 have change the of my mother Khursida Bibi (Old Name) to Khursida Jahanara Begum (New Name) and my father Sofean Shaikh (Old Name) to Sk Sufiyan (New Name) . And have changed my Date of Birth from 10.09.1990. to 10.09.1993 For all Future Purposes.

**Sk Akhlak Hosain**

## AFFIDAVIT

I, Bismaya Kumar Swain, aged about 60 years, S/o- Late Manmohan Swain, resident of At: Plot No-RP/119, Pandav Nagar, Tankapani road, Po/Ps-Badagada, Bhubaneswar, Dist- Khordha, Pin-751018, State: Odisha declared by this affidavit No. 45, dtd- 24/06/2026 that now onwards I shall be known as **BISMAY KUMAR SWAIN** for all future purposes.

## AFFIDAVIT

By virtue of an affidavit (SL No. 1580, dtd- 23/06/2026) sworn before The Executive Magistrate, Bhubana, Dhenkanal. I, **Tirthabasi Swain,** S/o-Jogi Swain, permanent resident of Vill/PO: Balibo(L), PS: Bhubana, Dist: Dhenkanal, PIN- 759017, State: Odisha. Correctly record in all relevant documents including in his birth certificate bearing Regd No-4736/2015, on dt-03.08.2015 Issued by the registered birth Dhenkanal Municipality. declare that I have changed my minor son's name from **Saswat Sekhar Swain** (old name) to **Sai Sritam Swain** (new name). Henceforth, he shall be known as **Sai Sritam Swain** (new name) for all purposes.

**Tirthabasi Swain**

## AFFIDAVIT

I, Paresh Agrawal, aged about 43 years, S/O-Pawan Kumar Agrawal, resident of Kansari Pada, Balangir, Po- Balangir, Ps-Town Bolangir, Dist-Balangir, Odisha, Pin-767001 do hereby declare by this affidavit No. 1296, dtd- 24/06/2026, that now onwards I shall be known as **PARESH KUMAR AGRAWAL** for all future purposes.

## AFFIDAVIT

By virtue of an affidavit (Sl No.235, dtd- 22/06/2026) sworn before the Executive Magistrate, Khariar, Nuapada. I, **Kunal Tandi** (applicant name), S/o Narayan Tandi, resident of Village: Khariar, Ward No.4, PO/PS: Khariar, Dist: Nuapada, Odisha declare that I have changed my minor son's name from **Prince Tandi** (old name) to **Prinsu Tandi** (new name). Henceforth, he shall be known as **Prinsu Tandi** (new name) for all purpose.

**Kunal Tandi**

24001/233/2627

## ଓଡ଼ିଶା ସରକାର
## କେନ୍ଦୁଝର ଜିଲ୍ଲାପାଳଙ୍କ କାର୍ଯ୍ୟାଳୟ
### ଅଧିସୂଚନା

ନଥି ସଂ - IX(A)-11/2026-324 ତାରିଖ: ୦୯.୦୬.୨୦୨୬

ଯେହେତୁ ଓଡିଶା ସରକାରଙ୍କୁ ପ୍ରତୀତ ହେଉଅଛି କି ଏକ ସାର୍ବଜନୀନ ଉଦ୍ଦେଶ୍ୟରେ ଘାଗରାନାଳର ପୁନରୁଦ୍ଧାର ପ୍ରକଳ୍ପ ନିମନ୍ତେ ସରକାର (Appropriate Government) ସରକାରୀ ବ୍ୟୟରେ ମୌଜା-ବାଳକାଟି, ଥାନା- ଆନନ୍ଦପୁର, ତହସିଲ-ଆନନ୍ଦପୁର, ଜିଲ୍ଲା-କେନ୍ଦୁଝରରେ ନିମ୍ନ ତଫସିଲ ମତେ ପ୍ରାୟ ଏ ୨,୯୩୦ ରକବା ଭୂମି ଅର୍ଜନ କରିବା ଆବଶ୍ୟକ ହେଉଅଛି ।

ତେଣୁ ନ୍ୟାଯୋଚିତ କ୍ଷତିପୂରଣ ଅଧିକାର ଏବଂ ଭୂ-ଅର୍ଜନ, ପୁର୍ନବାସ ଓ ଥଇଥାନ କ୍ଷେତ୍ରରେ ସ୍ୱଚ୍ଛତା ଆଇନ, ୨୦୧୩ (RFCTLAR & R Act 2013) ର ୧୧(୧) ଧାରା ରେ ଭାରପ୍ରାପ୍ତ ହୋଇ ସରକାର (Appropriate Government ) ଏତଦଦ୍ୱାରା ନିମ୍ନ ଅନୁସୂଚୀରେ ପ୍ରଦତ ଜମି ଅଧିଗ୍ରହଣ ପାଇଁ ପ୍ରାରମ୍ଭିକ ଅଧିସୂଚନା ଜାରି କରାଯାଉଛି ।

ନ୍ୟାଯୋଚିତ କ୍ଷତିପୂରଣ ଅଧୁକାର ଏବଂ ଭୂ-ଅର୍ଜନ, ପୁର୍ନବାସ ଓ ଥଇଥାନ କ୍ଷେତ୍ରରେ ସ୍ୱଚ୍ଛତା ଆଇନ, ୨୦୧୩ ର ୧୧(୧) ଧାରା ଅନୁଯାୟୀ ଘୋଷିତ ଏହି ପ୍ରାରମ୍ଭିକ ଅଧିସୂଚନାଟି ଏଥି ସହିତ ସମ୍ପୃକ୍ତ ସମସ୍ତଙ୍କ ପାଇଁ ପ୍ରଯୁଜ୍ୟ ଅଟେ ।

ଯଦି ସମ୍ପୃକ୍ତ ଜମିର କୌଣସି ସ୍ୱତ୍ୱାଧିକାରୀ / ଜମି ମାଲିକ ଭୂମି ଅଧିଗ୍ରହଣ ଅଧିସୂଚନା ସମ୍ପର୍କିତ ଅଧିସୂଚିତ ଜମିର ଉପଯୋଗିତା, ରକବା ଏବଂ ସାର୍ବଜନୀନ ଉଦ୍ଦେଶ୍ୟର ଔଚିତ୍ୟ ବିଷୟରେ କୌଣସି ଆପତି ଥାଏ, ସେ ଉକ୍ତ ପ୍ରାରମ୍ଭିକ ଅଧିସୂଚନା ପ୍ରକାଶନର ୬୦ ଦିନ ମଧ୍ୟରେ ସମ୍ପୃକ୍ତ ଜିଲ୍ଲାପାଳଙ୍କ ନିକଟରେ ଲିଖିତ ଆକାରରେ ଅଭିଯୋଗ କରିପାରିବେ ।

ପ୍ରକଳ୍ପ ସମ୍ବନ୍ଧୀୟ ବିବରଣୀ

୧-ସାର୍ବଜନୀନ ଉଦ୍ଦେଶ୍ୟର ସ୍ୱରୂପ- ଘାଗରାନାଳର ପୁନରୁଦ୍ଧାର ପ୍ରକଳ୍ପ ନିମନ୍ତେ ।
୨-ଜମି ଆବଶ୍ୟକ କରୁଥିବା ସଂସ୍ଥାର ନାମ-ଅଧିକ୍ଷଣ ଯନ୍ତ୍ରୀ, ଡ୍ରେନେଜ ଡିଭିଜନ, ଭଦ୍ରକ ।
୩-କ୍ଷତିଗ୍ରସ୍ତ ଲୋକଙ୍କ ବିସ୍ଥାପନ ଆବଶ୍ୟକତାର କାରଣ- ଘାଗରାନାଳର ପୁନରୁଦ୍ଧାର ପ୍ରକଳ୍ପ ନିମନ୍ତେ ।
୪-ସାମାଜିକ ପ୍ରଭାବ ମୂଲ୍ୟାୟନର ସାରାଂଶ - ଉକ୍ତ ପ୍ରକଳ୍ପ ପାଇଁ ପ୍ରଯୁଜ୍ୟ ନୁହେଁ ।
୫-ପୁନର୍ବାସ ଓ ଥଇଥାନ ପାଇଁ ନିଯୁକ୍ତ ପ୍ରଶାସକଙ୍କ ବିବରଣୀ-ଉପ ଜିଲ୍ଲାପାଳ, ଆନନ୍ଦପୁର ।

| ଜିଲ୍ଲା | ତହସିଲ | ଗ୍ରାମ | ଗ୍ରାମାଞ୍ଚଳ/ ସହରାଞ୍ଚଳ | ଖାତା ନଂ. | ପ୍ଲଟ ନଂ. | ପ୍ଲଟର ମୋଟ ରକବା | ଅଧିସୂଚିତ ଜମିର ରକବା | ରାସ୍ତର ନାମ |
|---|---|---|---|---|---|---|---|---|
| କେନ୍ଦୁଝର | ଆନନ୍ଦପୁର | ବାଳକାଟି | ଗ୍ରାମାଞ୍ଚଳ | ସଂଲଗ୍ନ | ସଂଲଗ୍ନ | ୧୫.୩୭୦ | ୨.୯୩୦ | ସଂଲଗ୍ନ |

ଉକ୍ତ ଅଧିସୂଚିତ ଜମି ରକବା ମଧ୍ୟରୁ ଏ୦.୦୦ ସଂରକ୍ଷିତ ସରକାରୀ ଜମି ପ୍ରତିବଦଳ ପାଇଁ ଉଦ୍ଦିଷ୍ଟ ।
ଉକ୍ତ ଭୂମିର ଏକ ନକ୍ସା ଭୁ-ଅର୍ଜନ ଅଧିକାରୀ, ଜିଲ୍ଲାପାଳଙ୍କ କାର୍ଯ୍ୟାଳୟ, କେନ୍ଦୁଝରରେ କାର୍ଯ୍ୟଦିବସମାନଙ୍କରେ ଦେଖିବାକୁ ମିଳିପାରିବ ।
ଉକ୍ତ ଅଧିସୂଚନା ଅନ୍ତର୍ଭୁକ୍ତ କୌଣସି ଜମିର କ୍ରୟ ବିକ୍ରୟ, ହସ୍ତାନ୍ତର (ଦେଣ ନେଣ) କିମ୍ବା ଦାୟ ସୃଷ୍ଟି କେନ୍ଦୁଝର ଜିଲ୍ଲାପାଳଙ୍କ ପୂର୍ବାନୁମୋଦନ ବିନା କରାଯାଇପାରିବ ନାହିଁ ।

ରାଜ୍ୟପାଳଙ୍କ ଆଦେଶକ୍ରମେ
ବିଶାଲ ସିଂ
ଜିଲ୍ଲାପାଳ, କେନ୍ଦୁଝର

### ଭୂମି ଅନୁସୂଚୀ

ପ୍ରକଳ୍ପର ନାମ –ଘାଗରାନାଳର ପୁନରୁଦ୍ଧାର ପ୍ରକଳ୍ପ ନିମନ୍ତେ ଜମି ଅଧିଗ୍ରହଣ,
ମୌଜା- ବାଳକାଟି, ଥାନା –ଆନନ୍ଦପୁର, ତହସିଲ-ଆନନ୍ଦପୁର, ଜିଲ୍ଲା- କେନ୍ଦୁଝର

| କ୍ରମିକ ନଂ. | ଖତିୟାନ ନଂ. | ପ୍ରଜାର ନାମ ଓ ଠିକଣା | ପ୍ଲଟ୍ ନଂ. | କିସମ | ମୋଟ ରକବା (ଏକର) | ଅର୍ଜନ ରକବା (ଏକର) |
|---|---|---|---|---|---|---|
| ୧ | ୧୧ | ଆର୍ତ ସାହୁ ପି- ଅଇଁଠୁ ସାହୁ , ଜା- ତେଲି ବା- ନିଜଗାଁ | ୩୪ | ଶାରଦ ଏକ | ୦.୨୩୦ | ୦.୨୩୦ |
| ୨ | ୧୨ | ଇନ୍ଦ୍ରମଣି ଜେନା ପି-ଜନ୍ଧା ଜେନା, କନ୍ଦ ଜେନା, ବୈସିମ ଜେନା, ପି- ମଦନ ଜେନା, ଜା- ପାଣ, ବା- ଦଧିବାମନପୁର | ୧୭୨ | ଶାରଦ ଦୋଫସଲି ଏକ | ୦.୧୯୦ | ୦.୦୨୦ |
| | | | ୧୭୪ | ବିଆଳି ଦୋଫସଲି ଏକ | ୦.୬୪୦ | ୦.୦୩୦ |
| | | | ୧୭୮ | ଶାରଦ ଦୋଫସଲି ଏକ | ୦.୨୦୦ | ୦.୦୨୦ |
| ୩ | ୨୭୫/୨୩ | ଶ୍ରୀମତୀ ସାରୁଅ ସାହାଣୀ ସା-ଚକ୍ରଧର ସହାଣୀ , ଜା- ଖଣ୍ଡାୟତ ବା- ଦୁଡୁଗାଁ | ୧୯୪ | ବାଜେଫସଲ ଏକ | ୧.୨୨୦ | ୦.୦୩୦ |
| ୪ | ୩୧ | କେଳା ବାରିକ ପି- କପିଳ ବାରିକ, ଲକ୍ଷ୍ମୀଧର , ବାରିକ, ନାରାୟଣ ବାରିକ, ଚହଳିଆ ବାରିକ , ପି- ଧଡି ବାରିକ, ନାଣ୍ଟୁ ବାରିକ , ପି- ସପନ ବାରିକ , ଜା- ନିଆରି , ବା- ଫକିରପୁର | ୧୭୧ | ଶାରଦ ଦୋଫସଲି ଏକ | ୦.୩୪୮ | ୦.୨୨୦ |
| ୫ | ୫୦ | ଗୁମାନ ଜେନା, ଗୋପାଳ ଜେନା, ଗଙ୍ଗା ଜେନା ସିରିଆ ଜେନା, ରଙ୍ଗା ଜେନା, ପି- ରତନ ଜେନା, ଗଇ ଜେନା ସା- ରତନ ଜେନା, ମାନ ଜେନା, ବିଭୁତି ଜେନା, ପୋଇନ ଜେନା ପି- ପତନ ଜେନା ଜଳା ଜେନା - ପତନ ଜେନା, ଗୋପି ଜେନା, ମାଧବ ଜେନା, ଲେଖନ ଜେନା ପି- ଗାଣ୍ଟୁ ଜେନା, ବେଙ୍ଗ ଜେନା ସା- ଗାଣ୍ଟୁ ଜେନା, ବଇ ଜେନା, ମଠୁ ଜେନା, କାର୍ତିକ ଜେନା ପି-ମେନା ଜେନା ଜା- ପାଣ ବା- ଦଧିବାମନପୁର | ୧୯୩ | ବିଆଳି ଦୋଫସଲି | ୦.୫୦୦ | ୦.୦୪୦ |
| | | | ୧୯୩/ ୧୨୦୯ | ବିଆଳି ଦୋଫସଲି | ୦.୫୦୦ | ୦.୦୫୦ |
| ୬ | ୯୦ | ଦୈତାରୀ ଦାସ, ଆରତ ଦାସ, ସାରତ ଦାସ ପି- ରାମଚନ୍ଦ୍ର ଦାସ ଜା- ବ୍ରାହ୍ମଣ ବା-ଫକିରପୁର ଭାଗସୂତ୍ରେ ଦଖଲ - ନ ଜେନା, ପି- ବଇ ଜେନା, ଗୌରଙ୍ଗ ଜେନା ପି- ଶୁକୁରୀ ଜେନା ବିଦା ଜେନା ପି- ଲୋକେଇ ଜେନା, ରଷି ଜେନା ପି-କ୍ଷେ ଜେନା ଜା- ପାଣ ବା- ଦଧିବାମନପୁର ସ୍ନ ୧୯୫୦ ଠାରୁ | ୧୩୨ | ପତିତ | ୩.୫୦୦ | ୦.୦୬୦ |
| | | | ୧୩୫ | ବିଆଳି | ୧.୯୦ | ୦.୧୫୦ |
| | | | ୧୫୭ | ଶାରଦ ଦୋଫସଲି ଏକ | ୦.୪୭୦ | ୦.୧୨୦ |
| ୭ | ୧୧୭ | ନାଣ୍ଟୁ ବାରିକ ପି- ସପନ ବାରିକ ଜା- ନିଆରି ବା- ଫକିରପୁର | ୩୩ | ଶାରଦ ଏକ | ୦.୩୫୦ | ୦.୦୪୦ |
| ୮ | ୧୩୪ | ପଦୁ ଜେନା, ବିପିନ ଜେନା, ଉପ ଜେନା ପି- ବେନୁ ଜେନା, କୁଣ ଜେନା ସା-ବେନୁ ଜେନା, ଛଚି ଜେନା ପି- କାଙ୍ଗାଳି ଜେନା, ବିଲେଇ ଜେନା, ଝୁଲ ଜେନା, ପି- କରୁଣୀ ଜେନା, ଗୋଲେଖ ଜେନା, ରମ୍ଭା ଜେନା, ରମା ଜେନା, ପି- ଅନୁ ଜେନା, ସଖୀ ଜେନା ସା-ଅନୁ ଜେନା, ହାର ଜେନା ସା-ଦାମ ଜେନା, ସଜୀ ଜେନା ସା-କପିଳ ଜେନା ଜା-ପାଣ ବା- ଦଧିବାମନପୁର | ୧୫୯ | ଶାରଦ ଦୋଫସଲି ଏକ | ୦.୩୦୦ | ୦.୦୨୦ |
| | | | ୧୬୫ | ଶାରଦ ଦୋଫସଲି ଏକ | ୦.୨୧୦ | ୦.୦୨୦ |
| | | | ୧୬୪/ ୧୧୭୧ | ଶାରଦ ଦୋଫସଲି ଏକ | ୦.୧୧୦ | ୦.୦୭୦ |
| ୯ | ୧୩୬ | ପଦ୍ମଲାଭ କର ପି- ନିଧୁ କର ଜା- ବ୍ରାହ୍ମଣ ବା- ତରତରା | ୧୦ | ଶାରଦ ଏକ | ୦.୦୮୦ | ୦.୦୮୦ |
| ୧୦ | ୧୪୨ | ପୁନି ଖଟୁଆ, ଧନୀ ଖଟୁଆ , ପି- ଅପର୍ତ୍ତି ଖଟୁଆ. ରାଜନ ମହାନ୍ତି, ବାବାଜି ମହାନ୍ତି, ପି-ଶୁକୁଟା ମହାନ୍ତି, ପଠାଣି ମହାନ୍ତି ପି-ସଦେଇ ମହାନ୍ତି ଜା- ଗୋଲା ବା- ଅକରୁଆ ଜବର ଦଖଲ ଚକ୍ରଧର ଦାସ ପି- ପୁରୁଷୋତମ ଦାସ, ଜା-ବ୍ରାହ୍ମଣ, ବା- ଫକିର ପୁର ସ୍ନ ୧୯୬୫ ଠାରୁ | ୨୪ | ବାଜେଫସଲ ଏକ | ୦.୧୦୦ | ୦.୧୦୦ |
| ୧୧ | ୧୭୯ | ବିଷ୍ଣୁ ଦାସ ପି- ସଦା ଦାସ ଜା- ପାଣ ବା- ଆମ୍ବଗଡିଆ | ୧୬୬ | ଶାରଦ ଦୋଫସଲି ଏକ | ୦.୩୭୦ | ୦.୦୫ |
| ୧୨ | ୨୦୦ | ଭିକାରି ସାହାଣି, ବାବାଜି ସାହାଣି, ସଙ୍ଖାଳି ସାହାଣି, ପି-ସାହାଣି, ରଙ୍ଗାଧର ସାହାଣି, ଘନ ସାହାଣି, ଯମୁନା ସାହାଣି, ବାଇଧର ସାହାଣି ପି- କାହ୍ନୁ ସାହାଣି, ବଇଁଶି ସାହାଣି, ସା- କାହ୍ନୁ ସାହାଣି, ସାରି ସାହାଣି, ସା- ନିଧୁଆ ସାହାଣି, ଦୁଃଖୁ ସାହାଣି, ସା-ପଦିଆ ସାହାଣି, ମଙ୍ଗଳି ସାହାଣି, ପି- ଶଙ୍କର ସାହାଣି, ମଡି ସାହାଣି, ପି- ଭାଲୁ ସାହାଣି, ପାତିଆ ସାହାଣି ପି-ମଗୁରା ସାହାଣି, ବେନୁଆ ସାହାଣି, ଧନିଆ ସାହାଣି, ପି-ରାମ ସାହାଣି, ଜା-ଖଣ୍ଡାୟତ ବା- ଫକିରପୁର | ୧୬୮ | ଶାରଦ ଦୋଫସଲି ଏକ | ୦.୨୯୦ | ୦.୦୫୦ |
| | | | ୧୬୯ | ଶାରଦ ଦୋଫସଲି ଏକ | ୦.୧୫୦ | ୦.୦୮୦ |
| | | | ୧୬୯/ ୧୦୧୬ | ଶାରଦ ଦୋଫସଲି ଏକ | ୦.୧୭୦ | ୦.୦୮୦ |
| | | | ୧୬୯/ ୧୧୯୮ | ଶାରଦ ଦୋଫସଲି ଏକ | ୦.୧୦୦ | ୦.୦୫୦ |
| ୧୩ | ୨୨୧ | ମୁରଲୀଧର ସାହୁ, ପି- ମିଛୁ ସାହୁ, ଜା- ବଣିଆ - ଫକିରପୁର | ୬୭ | ଶାରଦ ଏକ | ୦.୧୫୦ | ୦.୦୩୦ |
| ୧୪ | ୨୩୩ | ରଘୁନାଥ ଜେନା ପି- ହରି ଜେନା ଜା-ଖଣ୍ଡାୟତ ବା- ତରତରା | ୬ | ଶାରଦ ଏକ | ୦.୧୭୦ | ୦.୦୩୦ |
| | | | ୧୯/୧୦୩୬ | ଶାରଦ ଦୁଇ | ୦.୩୦୦ | ୦.୨୦୦ |
| ୧୫ | ୨୬୫/୬ | ଆରତ ସାହୁ ପି- ଅଇଁଠୁ ସାହୁ ଜା-ତେଲି ବା- ଦୁଡୁଗାଁ | ୨୯ | ଶାରଦ ଦୋଫସଲି ଏକ | ୦.୧୧୦ | ୦.୦୭୦ |
| | | | ୩୦ | ଶାରଦ ଦୋଫସଲି ଏକ | ୦.୧୬୦ | ୦.୧୨୦ |
| | | | ୨୬ | ଶାରଦ ଦୋଫସଲି ଏକ | ୦.୨୫୦ | ୦.୦୮୦ |
| | | | ୨୭ | ଶାରଦ ଦୋଫସଲି ଏକ | ୦.୧୫୦ | ୦.୧୧୦ |
| | | | ୨୮ | ଶାରଦ ଦୋଫସଲି ଏକ | ୦.୧୯୦ | ୦.୧୪୦ |
| ୧୬ | ୨୭୫/ ୯୪ | ପ୍ରଭାତ କୁମାର ପଣ୍ଡା, ପ୍ରଦୀପ କୁମାର ପଣ୍ଡା ପି- ଯୋଗେନ୍ଦ୍ର ୧୦୨୩ ପଣ୍ଡା ଜା- ବ୍ରାହ୍ମଣ ବା-ଫକିରପୁର | ୪୦/ ୧୦୨୩ | ଶାରଦ ଦୋଫସଲି ଏକ | ୦.୧୫୦ | ୦.୦୫୦ |
| ୧୭ | ୨୭୫/ ୧୧୩ | ମାନଗୋବିନ୍ଦ ନାହାକ, ପି-ପୋକ ନାହାକ, ଜା- ଖଣ୍ଡୁଆଳ ବା-ବାଳକାଟି | ୩୮/ ୧୦୨୧ | ଶାରଦ ଦୋଫସଲି ଏକ | ୧.୪୨୦ | ୦.୧୮୦ |
| ୧୮ | ୨୭୫/ ୧୩୨ | ରଘୁନାଥ ସେଠୀ, ପି- ଗିରିଧାରୀ ସେଠୀ, ଜା-ଧୋବା ବା- ଡୁଡୁଗାଁ | ୧୮୦/ ୧୪୦୭ | ଶାରଦ ଦୋଫସଲି ଏକ | ୦.୨୬୩ | ୦.୦୭୦ |
| ୧୯ | ୨୭୫/ ୧୩୬ | ଆନନ୍ଦ କୁମାର ସାହୁ ପି-ଆରତ ସାହୁ, ନିତ୍ୟାନନ୍ଦ ସାହୁ ପି- ରାମ ସାହୁ ଜା- କୁବେର ବା- ଡୁଡୁଗାଁ | ୧୮ | ଶାରଦ ଦୁଇ | ୦.୪୬୩ | ୦.୧୨୦ |
| ୨୦ | ୨୭୫/ ୧୩୯ | ଆରତ ସାହୁ ପି- ଅଇଁଠୁ ସାହୁ ଜା-ତେଲି ବା- ଡୁଡୁଗାଁ | ୩୧ | ଶାରଦ ଏକ | ୦.୧୨୩ | ୦.୧୨୦ |
| | | | | ମୋଟ | ୧୫.୩୭୦ | ୨.୯୩୦ |

AMIN
L.A. (Gen.) Section
Collectorate, Keonjhar

Land Acquisition Inspector
L.A. (Gen.) Section
Collectorate, Keonjhar

ଭୂ-ଅର୍ଜନ ଅଧିକାରୀ କେନ୍ଦୁଝର
ଜିଲ୍ଲାପାଳଙ୍କ କାର୍ଯ୍ୟାଳୟ କେନ୍ଦୁଝର

OIPR-24001/24045/3/26-27/0006

### ତ୍ରୁଟିପୂର୍ଣ୍ଣ ପାଠ୍ୟକ୍ରମ ପୁସ୍ତକ ପ୍ରତ୍ୟାହାର ଦାବି

# ବ୍ଲକ୍ ସମ୍ମୁଖରେ ଗର୍ଜିଲା ତିଗିରିଆ ବିଜୁ ଯୁବ-ଛାତ୍ର ଜନତା ଦଳ

ତିଗିରିଆ, ୨୪।୬ (ସମିସ)



ପ୍ରଥମ ଶ୍ରେଣୀରୁ ଅଷ୍ଟମ ଶ୍ରେଣୀ ପାଇଁ ଚଳିତ ବର୍ଷ ରାଜ୍ୟ ସରକାରଙ୍କ ପକ୍ଷରୁ ଯୋଗାଇ ଦିଆଯାଇଥିବା ପାଠ୍ୟପୁସ୍ତକରେ ହଜାର ହଜାର ତ୍ରୁଟି ଦେଖିବାକୁ ମିଳିଛି। ସରକାରଙ୍କ ଏଭଳି ଖାମଖିଆଲି ନୀତିକୁ ନିନ୍ଦା କରାଯିବା ସହ ତୁରନ୍ତ ଏହି ପୁସ୍ତକକୁ ପ୍ରତ୍ୟାହାର କରି ନୂତନ ସଂଶୋଧିତ ପୁସ୍ତକ ଯୋଗାଇଦେବାକୁ ଦାବି କରିଛି ବିଜୁ ଯୁବ-ଛାତ୍ର ଜନତା ଦଳ। ବୁଧବାର ତିଗିରିଆ ବିଜୁ ଯୁବ ଓ ଛାତ୍ର ଜନତା ଦଳ ପକ୍ଷରୁ ଏହି ଘଟଣାରେ ସମ୍ପୃକ୍ତ ବ୍ୟକ୍ତି ଓ ଅନୁଷ୍ଠାନ ବିରୋଧରେ କାର୍ଯ୍ୟାନୁଷ୍ଠାନ ଦାବି କରାଯାଇଛି। ବ୍ଲକର ପାଞ୍ଚଗାଁ ପଞ୍ଚାୟତସ୍ଥିତ ଦଧିବାମନଜୀଉ ବିଦ୍ୟାପୀଠ, ବ୍ଲକ ଶିକ୍ଷାଧିକାରୀଙ୍କ କାର୍ଯ୍ୟାଳୟ ଓ ବ୍ଲକ କାର୍ଯ୍ୟାଳୟ ବାହାରେ ପ୍ରତିବାଦ ସଭା କରିବା ସହିତ ରାଜ୍ୟପାଳଙ୍କ ଉଦ୍ଦେଶ୍ୟରେ ବିଡ଼ିଓ ସଂଗ୍ରାମ କେଶରୀ ଭୋଳଙ୍କୁ ଦାବିପତ୍ର ପ୍ରଦାନ କରିଛନ୍ତି। ଜିଲ୍ଲା ଛାତ୍ର ବିଜେଡ଼ି ସମ୍ପାଦକ ତୋଫାନ ସାମଲଙ୍କ ସଂଯୋଜନାରେ ଅନୁଷ୍ଠିତ କାର୍ଯ୍ୟକ୍ରମରେ ମୁଖ୍ୟଅତିଥି ଭାବେ ଆଠଗଡ଼ ନିର୍ବାଚନମଣ୍ଡଳୀ ଯୁବ ବିଜେଡ଼ି ନେତା ତଥା ଆଇନଜୀବୀ ଆଦିତ୍ୟ ପ୍ରତାପ ସ୍ୱାଇଁ, ବିଶିଷ୍ଟ ଅତିଥି ଭାବେ ଜିଲ୍ଲା ପରିଷଦ ସସ୍ମିତା ରାଉତ ଓ ସଞ୍ଜୟ କୁମାର ମଲ୍ଲିକ, ସମ୍ମାନିତ ଅତିଥି ଭାବେ ଆଇନଜୀବୀ ରଘୁନାଥ ଦାଶ, ବିନ୍ଧାଣିମା ପଞ୍ଚାୟତ ବିଜେଡ଼ି ସଭାପତି ମାୟାଧର ରାଉତ, ବିଜେଡ଼ି ସଙ୍ଗଠକ ପ୍ରତାପ ରାଉତ, ପାଞ୍ଚଗାଁ ପଞ୍ଚାୟତ ସମିତି ସଭ୍ୟ ପ୍ରକାଶ ବେହେରା, ଭୋଗଡ଼ା ପଞ୍ଚାୟତ ସରପଞ୍ଚ ପ୍ରତିନିଧି ଅରୁଣ ନାୟକ, ଛାତ୍ର ବିଜେଡ଼ି ସଭାପତି ହିମାଂଶୁ ଶେଖର ସ୍ୱାଇଁ, ଯୁବ ନେତା ଚିନ୍ମୟ କୁମାର ସେଠ, ରଶ୍ମିରଞ୍ଜନ ନାୟକ, ରିଙ୍କୁ ଗୋଛି, ସୌମ୍ୟରଞ୍ଜନ ବେହେରା, ସାଗର ଖଟୁଆ, ମନୋରଞ୍ଜନ ମାଝୀ, ଆଶିଷ କଁଅର, ସହଦେବ ପରିଡ଼ା, ରଶ୍ମିରଞ୍ଜନ ସ୍ୱାଇଁ ପ୍ରମୁଖ ଯୋଗ ଦେଇଥିଲେ। ରାଜ୍ୟର ୮୯ ପ୍ରତିଶତ ଛାତ୍ରଛାତ୍ରୀ ପ୍ରାଥମିକ ସ୍ତରରେ ସରକାରୀ ବିଦ୍ୟାଳୟରେ ପାଠ ପଢ଼ନ୍ତି। ପାଠ୍ୟପୁସ୍ତକରେ ଏଭଳି ତ୍ରୁଟି ସେମାନଙ୍କ ପାଠପଢ଼ାରେ ଗୁରୁତର ଅବସ୍ଥା ସୃଷ୍ଟି କରିବ। ପାଠ୍ୟ ପୁସ୍ତକଗୁଡ଼ିକରେ ବିଭିନ୍ନ ବିଶିଷ୍ଟ ବ୍ୟକ୍ତି ବିଶେଷ ନାମରେ ବନାନଗତ ତ୍ରୁଟି, ଅବୈଜ୍ଞାନିକ ତଥ୍ୟ ଉପସ୍ଥାପନ, ଗୁରୁତ୍ୱପୂର୍ଣ୍ଣ ବିଷୟବସ୍ତୁକୁ ବାଦ, ଛାତ୍ରଛାତ୍ରୀଙ୍କ ଉପରେ ଅଧିକ ପାଠ ବୋଝ, ବିନା ଭିତ୍ତିଭୂମି ବିକାଶ ଓ ଶିକ୍ଷକଶିକ୍ଷୟିତ୍ରୀଙ୍କୁ ବିନା ତାଲିମରେ ନୂତନ ପାଠ୍ୟ ପୁସ୍ତକ ପ୍ରଚଳନ ଆଦିକୁ ଦଳ ତରଫରୁ ଦୃଢ଼ ହସ୍ତରେ ନିନ୍ଦା କରାଯାଇଛି।

## କେନ୍ଦ୍ରାପଡ଼ା ସାଂସଦ ପ୍ରତିନିଧିଙ୍କୁ ନେଇ ଦ୍ୱନ୍ଦ୍ୱ

ଟାଙ୍ଗୀ, ୨୪।୬(ସମିସ): ଟାଙ୍ଗୀ ଚୌଦ୍ୱାର ବ୍ଲକରେ ହୋଇଥିବା ବିକାଶ ଧାରା ଓଡ଼ିଶା ସାରା କାର୍ଯ୍ୟକ୍ରମରେ କେନ୍ଦ୍ରାପଡ଼ା ସାଂସଦ ପ୍ରତିନିଧି ପଦକୁ ନେଇ ଅଭିଯୋଗ ହୋଇଥିବା ଜଣାପଡ଼ିଛି। ଉକ୍ତ କାର୍ଯ୍ୟକ୍ରମରେ ବିଜେପି ନେତା ଦେବାଶିଷ ସ୍ୱାଇଁ ସାଂସଦ ପ୍ରତିନିଧି ଭାବରେ ଯୋଗଦେବେ ବୋଲି ସାଂସଦ କାର୍ଯ୍ୟାଳୟ ପକ୍ଷରୁ ବିଡ଼ିଓଙ୍କୁ ଚିଠି କରାଯାଇଥିଲା। ୨୩ ତାରିଖରେ ମତ୍ସ୍ୟ ବିଭାଗ ପକ୍ଷରୁ ହେଉଥିବା କାର୍ଯ୍ୟକ୍ରମରେ ପ୍ରଶାସନ ପକ୍ଷରୁ ଚୌଧୁରୀ ହେମନ୍ତ କୁମାର ସାହୁଙ୍କୁ ସାଂସଦ ପ୍ରତିନିଧି ଭାବରେ ପରିଚୟ ପ୍ରଦାନ କରାଯାଇଥିଲା। ଯାହାଫଳରେ ପ୍ରକୃତ ପ୍ରତିନିଧି ଶ୍ରୀ ସ୍ୱାଇଁ ବିଡ଼ିଓଙ୍କ ନିକଟରେ ଅଭିଯୋଗ କରିଛନ୍ତି।

## ନାବାଳିକା ଦୁଷ୍କର୍ମ ଅଭିଯୋଗରେ ଦୁଇ ଗିରଫ

ନରସିଂହପୁର, ୨୪।୬(ସମିସ): ନରସିଂହପୁର ବ୍ଲକ ଯୋଡ଼ମୁଁ ପଞ୍ଚାୟତରେ ଜଣେ ନାବାଳିକାଙ୍କୁ ସେହି ଗ୍ରାମର ଅଭିଯୁକ୍ତ ସାଗେନ୍ ନାୟକ ଏବଂ କୁବେର ନାୟକ ମିଶି ଦୁଷ୍କର୍ମ କରିଥିବାର ଅଭିଯୋଗ ହୋଇଛି। ନାବାଳିକାର ମା' ପ୍ରତିମା ନାୟକ ନରସିଂହପୁର ଥାନାରେ ଅଭିଯୋଗ କରିଥିଲେ। ଅଭିଯୋଗକୁ ଭିତ୍ତିକରି ନରସିଂହପୁର ଥାନା ପକ୍ଷରୁ ୧୦୯/୨୬ରେ ମାମଲା ରୁଜୁ କରାଯାଇ ଅଭିଯୁକ୍ତ ସାଗେନ୍ ନାୟକ ଏବଂ କୁବେର ନାୟକଙ୍କୁ ଗିରଫ କରାଯାଇ କଟକ ପୋକ୍ସୋ କୋର୍ଟକୁ ଚାଲାଣ କରାଯାଇଛି।

## ଡ଼ ଶ୍ୟାମାପ୍ରସାଦ ମୁଖାର୍ଜୀଙ୍କ ବଳିଦାନ ଦିବସ

ସାଲେପୁର, ୨୪।୬(ସମିସ): ଅଟଳ ସେନା ଓଡ଼ିଶା ତରଫରୁ ସାଲେପୁର ବ୍ଲକ ଅନ୍ତର୍ଗତ ପିକୋଳାସ୍ଥ ମା' ବାଗେଶୀ ଠାକୁରାଣୀ ପୀଠରେ ଡ଼ଃ ଶ୍ୟାମାପ୍ରସାଦ ମୁଖାର୍ଜୀଙ୍କ ୭୩ତମ ବଳିଦାନ ଦିବସ ଅଟଳ ସେନା ରାଜ୍ୟ ସଭାପତି ଦିବାକର ପ୍ରଧାନଙ୍କ ସଭାପତିତ୍ୱରେ ପାଳିତ ହୋଇଯାଇଛି। ମୁଖ୍ୟଅତିଥି ଭାବରେ ପ୍ରଫେସର ଡ଼ଃ ପ୍ରଭାତ କିଶୋର ନାୟକ, ମୁଖ୍ୟବକ୍ତା ଭାବେ ଅଧିବକ୍ତା ଗୌତମରାୟ ଚୌଧୁରୀ, ସମ୍ମାନିତ ଅତିଥି ଭାବରେ ବିଶିଷ୍ଟ ସମାଜସେବୀ ମଲ୍ଲୀନୀ ବେହେରା ଯୋଗ ଦେଇଥିଲେ। ଅଟଳ ମହିଳା ସଙ୍ଘ ସମ୍ପାଦିକା ବିଜୟିନୀ ନାୟକ, ଯୁବ ସଙ୍ଘ ସମ୍ପାଦକ ସନ୍ତୋଷ ସାମଲ, ଜ୍ୟୋତିରଞ୍ଜନ ସାହୁ, ଊଷା ମଲ୍ଲିକ୍, ମିତାଞ୍ଜଳି ସାମଲ, ପ୍ରିୟଙ୍କା ମହାରଣା, ମମତା ସାମଲ, କୃଷ୍ଣଚନ୍ଦ୍ର ବାରିକ୍, ସସ୍ମିତା ବେହେରା, ଦୀପା ମଲ୍ଲିକ୍, ଲକ୍ଷ୍ମୀପ୍ରିୟା ବିଶ୍ୱାଳ, ସନ୍ଧ୍ୟାରାଣୀ ଚାନ୍ଦ, ସୁମିତ୍ରା ସାହୁ, ବିନୋଦିନୀ ବେହେରା, ପ୍ରଭାତି ନାୟକ, ଟୁନିମୟୀ ବାରିକ୍ ସହଯୋଗ କରିଥିଲେ। ଅଟଳ ସେନା କଟକ ଜିଲ୍ଲା ସମ୍ପାଦିକା ବିଚିତ୍ରା ବେହେରା ସ୍ୱାଗତ ଭାଷଣ ଦେଇଥିବା ବେଳେ ମିନାକ୍ଷୀ ନାୟକ ଧନ୍ୟବାଦ ଅର୍ପଣ କରିଥିଲେ।

## ପ୍ରଧାନମନ୍ତ୍ରୀ ଆବାସ ତାଲିକାରେ ଅନିୟମିତତା ଅଭିଯୋଗ

ଟାଙ୍ଗୀ, ୨୪।୬(ସମିସ): ଟାଙ୍ଗୀ ଚୌଦ୍ୱାର ବ୍ଲକ କୋଟସାହି ପଞ୍ଚାୟତରେ ପ୍ରଧାନମନ୍ତ୍ରୀ ଆବାସ ଯୋଜନାରେ ଅନିୟମିତତା ହୋଇଥିବା ପ୍ରାକ୍ତନ ସରପଞ୍ଚ ଅମୂଲ୍ୟ କୁମାର ସାହୁ ଅଭିଯୋଗ କରିଛନ୍ତି। ସରକାରଙ୍କ ନିର୍ଦ୍ଦେଶାବଳୀ ଅନୁଯାୟୀ ପ୍ରଧାନମନ୍ତ୍ରୀ ଆବାସ ନିମନ୍ତେ ସର୍ଭେ କରାଯାଇଥିଲା। ଚଳିତ ମାସ ୨୩ ତାରିଖରେ ପ୍ରକାଶିତ ତାଲିକାରେ ବହୁସଂଖ୍ୟକ ଯୋଗ୍ୟ ହିତାଧିକାରୀଙ୍କ ନାମ ନଥିବା ଦେଖିବାକୁ ମିଳିଛି। ଯାହାଫଳରେ ସାଧାରଣ ଗରିବ ଶ୍ରେଣୀର ପରିବାର ଉକ୍ତ ଯୋଜନାର ବଞ୍ଚିତ ହେବେ। ଉକ୍ତ ସମସ୍ୟା ବିଷୟରେ ବ୍ଲକ ବିଡିଓଙ୍କ ଦୃଷ୍ଟି ଆକର୍ଷଣ କରାଯାଇଛି। ଯଦି ବାଦ୍ ପଡ଼ିଥିବା ଗରିବ ପରିବାରକୁ ଉକ୍ତ ଯୋଜନାରେ ଆବାସ ଯୋଗାଇ ନଦିଆଯାଏ ଉପରିସ୍ଥ ଅଧିକାରୀଙ୍କୁ ଜଣାଇବା ସହ ସୂଚନା ଅଧିକାର ଆଇନ ବଳରେ ଆଇନଗତ ପଦକ୍ଷେପ ନିଆଯିବ ବୋଲି ଶ୍ରୀ ସାହୁ ଗଣମାଧ୍ୟମକୁ ଜଣାଇଛନ୍ତି।

## ଅନ୍ନପୂର୍ଣ୍ଣା ଯୋଜନାରେ ଚାଉଳ ବଣ୍ଟନ

ଟାଙ୍ଗୀ, ୨୪।୬(ସମିସ): ଟାଙ୍ଗୀ ଚୌଦ୍ୱାର ବ୍ଲକ ଶାଳଗାଁ ପଞ୍ଚାୟତ ନେଳିଆ ଗ୍ରାମରେ ମୁଖ୍ୟମନ୍ତ୍ରୀ ଅନ୍ନପୂର୍ଣ୍ଣା ଯୋଜନାରେ ତିନି ମାସର ଚାଉଳ ବଣ୍ଟନ କାର୍ଯ୍ୟକ୍ରମ ବୁଧବାର ଅନୁଷ୍ଠିତ ହୋଇଯାଇଛି। ରିଟେଲର୍ ପ୍ରଦୀପ ଜଟଙ୍କ ତତ୍ତ୍ୱାବଧାନରେ ୧୪୦ ଜଣଙ୍କୁ ଚାଉଳ ବଣ୍ଟନ କରାଯାଇଥିଲା। ଅନ୍ୟ ସମସ୍ତ ହିତାଧିକାରୀଙ୍କୁ ଉକ୍ତ ସପ୍ତାହ ମଧ୍ୟରେ ସମସ୍ତଙ୍କୁ ଚାଉଳ ବଣ୍ଟନ କରାଯିବ ବୋଲି ଜଣାପଡ଼ିଛି।

## ରାଜ୍ୟ ସରକାରଙ୍କ ୨ ବର୍ଷ ପୂର୍ତ୍ତି ଉତ୍ସବ

ଚୌଦ୍ୱାର, ୨୪।୬(ସମିସ): ରାଜ୍ୟ ସରକାରଙ୍କ ୨ ବର୍ଷ ପୂର୍ତ୍ତି ଉତ୍ସବ ପାଳନ ଅବସରରେ ଚୌଦ୍ୱାରରେ ରାଜ୍ୟସ୍ତରୀୟ ସହରାଞ୍ଚଳ ଜନସମ୍ପର୍କ ଓ ନାଗରିକ ସହଭାଗିତା କାର୍ଯ୍ୟକ୍ରମ ବିକାଶର ଧାରା ଓଡ଼ିଶା ସାରା କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି। ଚୌଦ୍ୱାର ପୌରପାଳିକା ତରଫରୁ ଗାନ୍ଧୀ ଛକସ୍ଥିତ ପୌର ଟାଉନହଲ, ୧୦ନଂ ୱାର୍ଡସ୍ଥିତ ଯଯାତିକେଶରୀ କ୍ଲବ ଓ ୧୬ନଂ ୱାର୍ଡସ୍ଥିତ ବହୁମୁଖୀ ସଭାଗୃହରେ ଅନୁଷ୍ଠିତ ଉତ୍ସବରେ ସ୍ଥାନୀୟ ବହୁସଂଖ୍ୟକ ଜନସାଧାରଣ, ବରିଷ୍ଠ ନାଗରିକ, ମିଶନ ଶକ୍ତି ଗ୍ରୁପର ମହିଳା, ସ୍ୱେଚ୍ଛାକର୍ମୀ, ସ୍ୱଚ୍ଛସାଥୀ, ସ୍ୱଚ୍ଛ ସୁପରଭାଇଜରମାନେ ଯୋଗ ଦେଇଥିଲେ। ପୌର ଉପାଧ୍ୟକ୍ଷ ଶୁଭେନ୍ଦୁ ସାମଲଙ୍କ ସମେତ ବିଭିନ୍ନ ୱାର୍ଡର କାଉନସିଲର ଓ ପୌରଯନ୍ତ୍ରୀ ପତିତପାବନ ପଟ୍ଟନାୟକ, ସଞ୍ଜୟ ସାମଲ, ଶୁଭଶ୍ରୀ ବେହେରା ପ୍ରମୁଖ ଏଥିରେ ଅତିଥି ଭାବେ ଯୋଗଦେଇଥିଲେ। ନିର୍ବାହୀ ଅଧିକାରୀ ସୌମ୍ୟରଞ୍ଜନ ମିଶ୍ରଙ୍କ ତତ୍ତ୍ୱାବଧାନରେ ଆୟୋଜିତ ଏହି କାର୍ଯ୍ୟକ୍ରମରେ ପିୟୁଷ କୁମାର ସାହୁ, ତପନ କୁମାର ସାହୁ, ସନ୍ତୋଷ କୁମାର ପାଣିଙ୍କ ସମେତ ସମସ୍ତ ପୌର କର୍ମଚାରୀ ପରିଚାଳନା କରିଥିଲେ।

## ଆତ୍ମା କମିଟିର ଅନୁଦାନ ଖର୍ଚ୍ଚ ସଂକ୍ରାନ୍ତ ବୈଠକ

ନିଶ୍ଚିନ୍ତକୋଇଲି, ୨୪।୬(ସମିସ): ନିଶ୍ଚିନ୍ତକୋଇଲି ଆତ୍ମା କାର୍ଯ୍ୟାଳୟ ସମ୍ମିଳନୀ କକ୍ଷରେ ଆତ୍ମା କମିଟିର ଅନୁଦାନ ଖର୍ଚ୍ଚ ସଂକ୍ରାନ୍ତ ଏକ ବୈଠକ ଅନୁଷ୍ଠିତ ହୋଇଛି। ଚଳିତ ୨୦୨୬-୨୭ ଆର୍ଥିକ ବର୍ଷରେ ଆତ୍ମାକୁ ଯୋଗାଇ ଦିଆଯାଇଥିବା ୪ଲକ୍ଷ ୮୫ ହଜାର ଟଙ୍କା ସରକାରୀ ଅନୁଦାନକୁ କିଭଳି ଖର୍ଚ୍ଚ କରାଯିବ ସେନେଇ ଏକ ଆଲୋଚନା କରାଯାଇଛି। ଆତ୍ମା କମିଟିର ସଭାପତି ଅଶୋକ ସାହୁଙ୍କ ସଭାପତିତ୍ୱ ଏବଂ ବ୍ଲକ ବୈଷୟିକ ପରିଚାଳକ ଅରବିନ୍ଦ ସାହୁଙ୍କ ସଂଯୋଜନାରେ ଏହି ବୈଠକରେ ବ୍ଲକ କୃଷି ଅଧିକାରୀ ଶୁଭସ୍ମିତା ମହାପାତ୍ର, ବ୍ଲକ ସହକାରୀ ପ୍ରାଣୀ ଚିକିତ୍ସାଧିକାରୀ ରାମରଞ୍ଜନ ପତି, ବ୍ଲକ ମତ୍ସ୍ୟ ଅଧିକାରୀ ଶରତ ମହାରଣା, ବ୍ଲକ ଉଦ୍ୟାନ କୃଷି ବିଭାଗ ସହକାରୀ ଅଧିକାରୀ ସ୍ୱାଗତିକା ସାହୁ ଆଲୋଚନା କରିଥିଲେ। ବୈଠକରେ ଆତ୍ମା କମିଟିର ସମସ୍ତ କର୍ମକର୍ତ୍ତା ଅଂଶଗ୍ରହଣ କରିଥିଲେ।

## ଜିଲ୍ଲାରେ ପ୍ରଥମ: ଅବସର ପୂର୍ବରୁ ପେନସନ ଆଦେଶନାମା ପ୍ରଦାନ

ତିଗିରିଆ, ୨୪।୬ (ସମିସ): ଅବସର ଗ୍ରହଣ ପରେ ନିଜର ବକେୟା ପ୍ରାପ୍ୟ ଓ ପେନସନ ପାଇବାରେ କୌଣସି ବିଳମ୍ବ ପରିପ୍ରେକ୍ଷୀରେ ରାଜ୍ୟ ସରକାରଙ୍କ ନୀତି ଅନୁସାରେ, ଅବସର ଗ୍ରହଣ କରିବାକୁ ୫ ଦିନ ଥିବା ବେଳେ ୩ ଜଣ ସରକାରୀ କର୍ମଚାରୀ ତଥା ୩ ଜଣ ଶିକ୍ଷକଙ୍କୁ କଟକ ଜିଲ୍ଲା ଶିକ୍ଷା ମଣ୍ଡଳ ପକ୍ଷରୁ ସମସ୍ତ ବକେୟା ପ୍ରାପ୍ୟ ଏବଂ ପେନସନ ପ୍ରଦାନର ନିର୍ଦ୍ଦେଶନାମା ପ୍ରଦାନ କରାଯାଇଛି। ଜିଲ୍ଲା ଶିକ୍ଷାଧିକାରୀ ନିତ୍ୟାନନ୍ଦ ବାରିକଙ୍କ ଅଧ୍ୟକ୍ଷତାରେ ରେଭେନସା କଲଜିଏଟ ସ୍କୁଲଠାରେ ଆୟୋଜିତ ଏକ ସଭାରେ ଆଠଗଡ଼ ବ୍ଲକ କନ୍ତୋଳ ଉଚ୍ଚବିଦ୍ୟାଳୟର ସୁଶାନ୍ତ କୁମାର ଦାଶ, ତୋଟାପଡ଼ା ଉଚ୍ଚ ପ୍ରାଥମିକ ବିଦ୍ୟାଳୟର ଜୟନ୍ତୀ ସାହୁ ଓ ତିଗିରିଆ ବ୍ଲକର ସୁଦର୍ଶନପୁର ପ୍ରାଥମିକ ବିଦ୍ୟାଳୟର ପ୍ରଧାନଶିକ୍ଷକ ବିମଳ ସାହୁଙ୍କୁ ପେନସନ ଆଦେଶନାମା ପ୍ରଦାନ କରାଯାଇଛି। ଅବସର ଗ୍ରହଣ କରିବା ଯଥେଷ୍ଟ ପୂର୍ବର ପେନସନ ଆଦେଶନାମା ପ୍ରଦାନ କରାଯାଇଥିବା ନେଇ ଶିକ୍ଷକ ସଂଘ ପକ୍ଷରୁ ଏହାକୁ ସ୍ୱାଗତ କରାଯାଇଛି। କାର୍ଯ୍ୟକ୍ରମରେ ଜିଲ୍ଲା ସହ ଶିକ୍ଷାଧିକାରୀ ଅଭିଜିତା ଭାସ୍କର ଏବଂ ଆଠଗଡ଼ ଓ ତିଗିରିଆ ବ୍ଲକ ଶିକ୍ଷାଧିକାରୀ ସିଂଗୋ ହାଁସଦା ଯୋଗ ଦେଇଥିଲେ।

## ଚୌଦ୍ୱାର ପୌରପାଳିକାର ଦୁଇ ଯନ୍ତ୍ରୀଙ୍କୁ ଜରିମାନା

● ସୂଚନା ଅଧିକାର ଆଇନର ଉଲ୍ଲଂଘନ

ଚୌଦ୍ୱାର ୨୪।୬ (ସମିସ): ଚୌଦ୍ୱାର ପୌରପାଳିକାର ଦୁଇ ଯନ୍ତ୍ରୀ ତଥା ଜନସୂଚନା ଅଧିକାରୀ ସୂଚନା ଅଧିକାର ଆଇନରେ ତଥ୍ୟ ପ୍ରଦାନ କରି ନଥିଲେ। ଫଳରେ ଓଡ଼ିଶା ସୂଚନା କମିନଙ୍କ ଦ୍ୱାରା ସେମାନଙ୍କୁ ଜରିମାନା ପାଇଁ ନିର୍ଦ୍ଦେଶ ଦିଆଯାଇଛି। ସୂଚନା ଅନୁସାରେ, ଚୌଦ୍ୱାର ଅଞ୍ଚଳର ସୂଚନା ଅଧିକାର କର୍ମୀ ମନୋଜ ସାହୁ ଗତ ତା ୯/୩/୨୩ରେ ପୌରପାଳିକାର ତତକାଳୀନ ଜନସୂଚନା ଅଧିକାରୀ ଶୁଭଶ୍ରୀ ବେହେରାଙ୍କୁ ନିର୍ଦ୍ଦିଷ୍ଟ ଦୁଇଟି ୱାର୍ଡର କାର୍ଯ୍ୟ ଉପରେ କିଛି ତଥ୍ୟ ମାଗିଥିଲେ। ଶ୍ରୀମତୀ ବେହେରା ଆବେଦନକରୀଙ୍କୁ ଏହି ସୂଚନାର ତଥ୍ୟ ପ୍ରଦାନ କରି ନ ଥିଲେ। ସୂଚନା କର୍ମୀ ଶ୍ରୀଯୁକ୍ତ ସାହୁ ରାଜ୍ୟ ସୂଚନା କମିସନଙ୍କ ନିକଟରେ ଧାରା ୧୮ ଆଧାରରେ ଅଭିଯୋଗ କରିଥିଲେ। ଅଭିଯୋଗପତ୍ର ନଂ -ସି ସି ନଂ - ୪୮୬/୨୩ ଉପରେ ଶୁଣାଣି କରିବା ନିମନ୍ତେ ସୂଚନା କମିସନ ଶୁଭଶ୍ରୀ ବେହେରା ଓ ସମ୍ପୃକ୍ତ ଯନ୍ତ୍ରୀ ସଞ୍ଜୟ ସାମଲଙ୍କୁ କାରଣ ଦର୍ଶାଅ ନୋଟିସ ଜାରି କରିଥିଲେ। ଶୁଣାଣି ସମୟରେ କମିସନରଙ୍କୁ ଦୁଇ ଯନ୍ତ୍ରୀ ସନ୍ତୋଷଜନକ ଉତ୍ତର ଦେଇ ପାରିନଥିଲେ। ଫଳରେ ସୂଚନା କମିସନ ଆବେଦନକାରୀ ଶ୍ରୀ ସାହୁଙ୍କ ଅଭିଯୋଗ ଉପରେ ଶୁଣାଣିକରି ସୂଚନା ଆଇନିର ଧାରା ୨୦(୧) ଅନୁଯାୟୀ, ମନ୍ଦ ଉଦେଶ୍ୟ ରଖି ତଥ୍ୟ ପ୍ରଦାନ କରି ନଥିବାରୁ ଉକ୍ତ ଦୁଇ ଯନ୍ତ୍ରୀଙ୍କ ଉପରେ ୧୦ ହଜାର ଟଙ୍କା ଲେଖଏଁ ଜରିମାନା ଲାଗୁକରିଛନ୍ତି। ନିର୍ଦ୍ଧାରିତ ସମୟ ମଧ୍ୟରେ ଏହି ଦୁଇ ଯନ୍ତ୍ରୀ ଜରିମାନା ଟଙ୍କା ସୂଚନା କମିସନଙ୍କ କୋର୍ଟରେ ଜମା ନ କଲେ ନିର୍ବାହୀ ଅଧିକାରୀ ସେମାନଙ୍କ ଦରମାରୁ ଟଙ୍କା ନେଇ କମିସନଙ୍କ ନିକଟରେ ଜମା କରିବାପାଇଁ କମିଶନ ନିର୍ଦ୍ଦେଶ ଦେଇଛନ୍ତି। ଅପରପକ୍ଷେ, ଲକ୍ଷ ଲକ୍ଷ ଟଙ୍କାର ଦୁର୍ନୀତି ହେଉଥିବା ବେଳେ ପ୍ରଶାସନିକ ବିଭାଗ ତଥ୍ୟ ପ୍ରଦାନ ନ କରିବା ଘଟଣାକୁ ଅଞ୍ଚଳରେ ତୀବ୍ର ନିନ୍ଦା କରାଯାଉଛି।

● ଟ୍ରାଫିକ୍ କର୍ମଚାରୀଙ୍କୁ ଆକ୍ରମଣ ଘଟଣା

## ଅଭିଯୁକ୍ତକୁ ଧରିବା ପାଇଁ ପୁଲିସର ତନାଘନା

ଚୌଦ୍ୱାର, ୨୪।୬(ସମିସ): କଳିଙ୍ଗ ଛକରେ ଟ୍ରାଫିକ କନେଷ୍ଟବଲଙ୍କୁ ଆକ୍ରମଣ ଘଟଣାରେ ତତ୍ପରତା ଦେଖାଇଛି ଚୌଦ୍ୱାର ପୁଲିସ। ଏହି ଘଟଣାର ତଦନ୍ତ କରିବା ସହିତ ଅଭିଯୁକ୍ତକୁ ଦୃଷ୍ଟାନ୍ତମୂଳକ କାର୍ଯ୍ୟାନୁଷ୍ଠାନ ନିମନ୍ତେ ଥାନା ଆଇଆଇସି ଜଣେ ସବଇନ୍ସପେକ୍ଟରଙ୍କୁ ଦାୟିତ୍ୱ ଦେଇଛନ୍ତି। ଥାନାର ଅନତିଦୂରରେ ଥିବା କଳିଙ୍ଗଛକ ଅଣ୍ଡରପାସ ନିକଟରେ ଡ୍ୟୁଟି କରୁଥିବା ଟ୍ରାଫିକ କନେଷ୍ଟବଳ ଟୁନାସ ପ୍ରଧାନ ରଙ୍ଗରୁଟରେ ଆସୁଥିବା ଏକ ଟ୍ରକକୁ ଅଟକାଇ ତାର ଫଟୋ ଉଠାଉଥିଲେ। ଏହି ସମୟରେ ଓଡ଼ି୦୫ ସିଜି ୫୨୨୬ ନମ୍ବର ସ୍କର୍ପିଓରେ ଜଣେ ବ୍ୟକ୍ତି ଆସି କାହିଁକି ଫଟୋ ଉଠାଇଲୁ କହି ବହୁଲୋକଙ୍କ ଉପସ୍ଥିତିରେ ଶ୍ରୀ ପ୍ରଧାନଙ୍କୁ ଅଚାନକ ଆକ୍ରମଣ କରିଥିଲେ। ଏପରିକି ଶ୍ରୀ ପ୍ରଧାନଙ୍କ ହାତରେ ମଧ୍ୟ ଗୁରୁତର ଆଘାତ ଲାଗିଛି। ଏହି ସମୟରେ ଉକ୍ତ ଅଭିଯୁକ୍ତଙ୍କ ମୋବାଇଲ ଗଳି ପଡ଼ିଥିବାବେଳେ ସେ ଘଟଣାସ୍ଥଳରୁ ଫେରାର ହୋଇଯାଇଥିଲେ। ଶ୍ରୀ ପ୍ରଧାନ ଚୌଦ୍ୱାର ଥାନାରେ ଅଭିଯୋଗ କରିବା ପରେ ପୁଲିସ ଏକ ମାମଲା ରୁଜୁ କରି ତଦନ୍ତ ଆରମ୍ଭ କରିଛି। ଏହି ଗାଡି ନମ୍ବରଟି କଟକ ଜିଲ୍ଲା, ଗୁରୁଡ଼ିଝାଟିଆ ଥାନା ଅନ୍ତର୍ଗତ ଧୁରୁସିଆର ଗୋପାଳପ୍ରସାଦ ଗ୍ରାମର ବାପୁଜୀ ସାହୁଙ୍କ ବୋଲି ପୁଲିସ ଜାଣିଛି। ଗାଡିଟିକୁ କିଏ ଚଳାଉଥିଲେ ସେ ବିଷୟରେ ପୁଲିସ ସିସିଟିଭି ଆଧାରରେ ଗୁରୁଡ଼ିଝାଟିଆ ଥାନାର ମଧ୍ୟ ସହାୟତା ନେଇଛି।

## ଯୋଡମୁଁରେ ନୂତନ ମନ୍ଦିର ପ୍ରତିଷ୍ଠା ଉତ୍ସବ

ନରସିଂହପୁର, ୨୪।୬(ସମିସ): ନରସିଂହପୁର ବ୍ଲକ ଅନ୍ତର୍ଗତ ପଶ୍ଚିମାଞ୍ଚଳ ଯୋଡ଼ମୁଁ ଗ୍ରାମରେ ନୂତନ ଦଧିବାମନଜୀଉଙ୍କ ପ୍ରାଣପ୍ରତିଷ୍ଠା ଉତ୍ସବ ଏବଂ ସାଂସ୍କୃତିକ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି। ମୁଖ୍ୟଅତିଥି ଭାବେ ପୂର୍ବତନ ମନ୍ତ୍ରୀ ଦେବୀପ୍ରସାଦ ମିଶ୍ର ପୂଜାର୍ଚ୍ଚନା କରିବା ସହ ସାଂସ୍କୃତିକ ଓ ଆଧାତ୍ମିକ କାର୍ଯ୍ୟକ୍ରମରେ ସଫଳ ରୂପାୟନ କରିଥିଲେ। କଟକ ଜିଲ୍ଲା ପରିଷଦ ସଭାପତି କିଶୋର ମିଶ୍ର, ବ୍ଲକ ଉପାଧ୍ୟକ୍ଷ ନାରାୟଣ ନାୟକ ସଂସ୍କୃତବିତ କୃପାସିନ୍ଧୁ ଦାଶ ପ୍ରମୁଖ ସମ୍ମାନିତ ଅତିଥି ଭାବେ ଯୋଗଦେଇଥିଲେ। ଗ୍ରାମର ସଭାପତି ମାନସ ଦଳବେହେରାଙ୍କ ସଞ୍ଚାଳନରେ ଦିଲ୍ଲୀପ ବାଗ ଓ ଅଜୟ ବିଶ୍ୱାଳ ସ୍ୱାଗତ ବକ୍ତବ୍ୟ ରଖିଥିଲେ। ସ୍ଥାନୀୟ ସମିତିସଭ୍ୟ ପଞ୍ଚାନନ ନାୟକ ଗ୍ରାମ ସମ୍ପାଦକ ଦୟାନିଧି ଡାକୁଆ, ଉପରସାହି ସଭାପତି ସୁରେଶ ସାହୁ, ବାମଦେବ ଶତପଥୀ ଗଡ଼ଭିତର ସାହି ସଭାପତି ପୂର୍ଣ୍ଣଚନ୍ଦ୍ର ନାୟକ (ଧଳ) ପ୍ରମୁଖ ଉପସ୍ଥିତ ଥିଲେ। ଆଜି ସଂଧ୍ୟାରେ ସାଂସ୍କୃତିକ କାର୍ଯ୍ୟକ୍ରମ ସହସ୍ରାଧିକ ଶ୍ରଦ୍ଧାଳୁଙ୍କ ଉପସ୍ଥିତିରେ ସମାହିତ ହୋଇଥିଲା।

## ମାଟ୍ରିକ ପରୀକ୍ଷାରେ ଜିଲ୍ଲାର ୨୮୫ ଏ-୧ ଛାତ୍ରଛାତ୍ରୀଙ୍କୁ ସମ୍ବର୍ଦ୍ଧନା

କଟକ/ତିଗିରିଆ, ୨୪।୬(ସମିସ): ମାଟ୍ରିକ ପରୀକ୍ଷାରେ ଏ-୧ ଗ୍ରେଡ୍ ପ୍ରାପ୍ତ ଛାତ୍ରଛାତ୍ରୀଙ୍କୁ ସମ୍ମାନିତ କରିବା ଉଦ୍ଦେଶ୍ୟରେ ଆଜି ନେତାଜୀ ସଂସ୍କୃତି ଭବନଠାରେ ଜିଲ୍ଲାସ୍ତରୀୟ ସମ୍ବର୍ଦ୍ଧନା ଉତ୍ସବ ଅନୁଷ୍ଠିତ ହୋଇଯାଇଛି। ଏଥିରେ କଟକ ସଦର ବିଧାୟକ ଇଂ ପ୍ରକାଶଚନ୍ଦ୍ର ସେଠୀ, ବାରବାଟୀ-କଟକ ବିଧାୟିକା ଇଂ ସୋଫିଆ ଫିରଦୋସ୍ ଯୋଗ ଦେଇଥିଲେ। ଜିଲ୍ଲାପାଳ ଦତ୍ତାତ୍ରୟ ଭାଉସାହେବ ଶିନ୍ଦେ ଛାତ୍ରଛାତ୍ରୀଙ୍କ ସଫଳତା ପଛରେ ଥିବା ପିତାମାତା, ଶିକ୍ଷକ ଓ ଶିକ୍ଷୟିତ୍ରୀମାନଙ୍କ ଅବଦାନକୁ ପ୍ରଶଂସା କରିବା ସହ ଶୁଭେଚ୍ଛା ଜଣାଇଥିଲେ। ଏହି ଅବସରରେ ଜିଲ୍ଲାର ୨୮୫ ଜଣ ଏ-୧ ଛାତ୍ରଛାତ୍ରୀଙ୍କୁ ସମ୍ବର୍ଦ୍ଧିତ କରାଯାଇଛି। ପ୍ରଥମଥର ଏ-୧ ପାଇଥିବା ୧୬ଟି ବିଦ୍ୟାଳୟକୁ ସମ୍ବର୍ଦ୍ଧିତ କରାଯାଇଛି। କାର୍ଯ୍ୟକ୍ରମରେ କଟକ ମହାନଗର ନିଗମ ଆୟୁକ୍ତ କିରଣଦୀପ କୌର ସହୋତା, ଜିଲ୍ଲା ଶିକ୍ଷାଧିକାରୀ ନିତ୍ୟାନନ୍ଦ ବାରିକ, ଅତିରିକ୍ତ ଜିଲ୍ଲା ଶିକ୍ଷାଧିକାରୀ ମନୋରଞ୍ଜନ ବାରିକ, ଅତିରିକ୍ତ ଜିଲ୍ଲା ଶିକ୍ଷାଧିକାରୀ ସନ୍ତୋଷ ସେଠୀ, ଅତିରିକ୍ତ ଜିଲ୍ଲା ଶିକ୍ଷାଧିକାରୀ ଅଭିଜିତା ଭାସ୍କରଙ୍କ ସମେତ ବିଭିନ୍ନ




ବିଦ୍ୟାଳୟର ଶିକ୍ଷକଶିକ୍ଷୟିତ୍ରୀ ଓ ଅଭିଭାବକ ଉପସ୍ଥିତ ଥିଲେ। ମିଶନ ମେରିଟ କାର୍ଯ୍ୟକ୍ରମ ଅନ୍ତର୍ଗତ ଏହି କାର୍ଯ୍ୟକ୍ରମରେ ଆଠଗଡ଼ ଓ ତିଗିରିଆ ବିଇଓ ସିଂଗୋ ହାଁସଦାଙ୍କ ନେତୃତ୍ୱରେ ଏ-୧ ପାଇଥବା ଆଠଗଡ଼ର ୧୭ ଜଣ ଏବଂ ତିଗିରିଆର ୭ ଜଣ ଯାଇ ଏହି ସମ୍ମାନ ଲାଭ କରିଛନ୍ତି।

## ବିପୁଳ ଗଞ୍ଜେଇ ଜବତ; ଜଣେ ଗିରଫ

ଆଠଗଡ଼, ୨୪।୬(ସମିସ): ଜିଲ୍ଲା ବାହାରୁ ଆସୁଥିଲା ଗଞ୍ଜେଇ। ଆଠଗଡ଼ରେ ଠୁଳ ହୋଇ ବାହାରକୁ ଚାଲାଣ ହେଉଥିଲା। ଖବର ପାଇ ମାଡି ବସିଲା ସ୍ୱତନ୍ତ୍ର ଟାସ୍କ ଫୋର୍ସ। ଆଠଗଡ଼ ଥାନା ଅନ୍ତର୍ଗତ କନ୍ଦରପୁର କୁଣ୍ଡ ମୁଣ୍ଡିଆ ନିକଟସ୍ଥ ଜଙ୍ଗଲ ଭିତରୁ ୧ କ୍ୱିଣ୍ଟାଲ ୯୨ କେଜି ୭୫୦ ଗ୍ରାମ ଗଞ୍ଜେଇ ଜବତ କରିଛି ସ୍ୱତନ୍ତ୍ର ଟାସ୍କ ଫୋର୍ସ। ୧୧ଟି ଜରି ବସ୍ତାରେ ଭର୍ତ୍ତି



ରହିଥିବା ଏହି ଗଞ୍ଜେଇକୁ ଜଗି ରହିଥିବା କନ୍ଧମାଳ ଜିଲ୍ଲା ଫିରିଙ୍ଗିଆ ଅଞ୍ଚଳର ଖଗେଶ୍ୱର କହଁରଙ୍କ ପୁଅ ନିଳାମ୍ବରକୁ ଗିରଫ କରିଥିବା ଜଣାପଡ଼ିଛି। ଘଟଣାସ୍ଥଳରୁ ମୁଖ୍ୟ ଅଭିଯୁକ୍ତ ଫେରାର ହୋଇଯାଇଥିବା ଜଣାପଡ଼ିଛି। ଆଠଗଡ଼ ଅତିରିକ୍ତ ତହସିଲଦାର ତଥା ମାଜିଷ୍ଟ୍ରେଟ ତପନ କୁମାର ପରିଡ଼ାଙ୍କ ଉପସ୍ଥିତିରେ ଜବତ ଗଞ୍ଜେଇ ବସ୍ତା ଗୁଡ଼ିକ ସିଲ୍ କରାଯାଇଛି। କିଛି ଦିନ ଧରି ଆଠଗଡ଼ ଅଞ୍ଚଳରେ ଚୋରା ମଦ, ଗଞ୍ଜେଇ ତଥା ବିଭିନ୍ନ ପ୍ରକାରର ନିଶାଦ୍ରବ୍ୟ କାରବାର ବୃଦ୍ଧି ପାଇଛି। ଅବକାରୀ ବିଭାଗ ସବୁ ଜାଣି ମଧ୍ୟ ନିରବତା ଅବଲମ୍ବନ ସାଧାରଣରେ ପ୍ରଶ୍ନବାଚୀ ସୃଷ୍ଟି କରିଛି। ଏପରିସ୍ଥଳେ କନ୍ଧମାଳ ଜିଲ୍ଲାରୁ ଚୋରା ଗଞ୍ଜେଇ ଆସି ଆଠଗଡ଼ରେ ଠୁଳ ହୋଇ ଏଠାରୁ ଜିଲ୍ଲା ବାହାରକୁ ଚୋରା ଚାଲାଣ ହେଉଥିବା ଘଟଣା ଅବକାରୀ ବିଭାଗ ଆଡ଼କୁ ଅଙ୍ଗୁଳି ନିର୍ଦ୍ଦେଶ କରୁଛି।

## ସ୍ୱପ୍ନେଶ୍ୱରଙ୍କ ବିଗ୍ରହ ପ୍ରତିଷ୍ଠା




ଟାଙ୍ଗୀ, ୨୪।୬(ସମିସ): ଟାଙ୍ଗୀ ଚୌଦ୍ୱାର ବ୍ଲକ ବ୍ରହ୍ମପୁର ଗ୍ରାମରେ ହୋଇଥିବା ନବନିର୍ମିତ ଶ୍ରୀସ୍ୱପ୍ନେଶ୍ୱର ମହାଦେବଙ୍କ ନୂତନ ମନ୍ଦିର ଓ ବିଗ୍ରହ ପ୍ରତିଷ୍ଠା ଉତ୍ସବ ନିମନ୍ତେ କମଙ୍ଗ ଗ୍ରାମସ୍ଥ ଗନ୍ଧନଦୀଠାରୁ ବ୍ରହ୍ମପୁର ପର୍ଯ୍ୟନ୍ତ ଶତାଧିକ ମହିଳାଙ୍କ ଦ୍ୱାରା କଳସଯାତ୍ରା ମଙ୍ଗଳବାର ଅନୁଷ୍ଠିତ ହୋଇଯାଇଛି। ଉକ୍ତ ଦିବସରେ ଯଜ୍ଞଶାଳା ପୂଜା ଓ ଅଗ୍ନି ସ୍ଥାପନ ପୂଜା ମାନ କରାଯାଇଥିଲା। ସନ୍ଧ୍ୟାରେ ମୁଖ୍ୟଅତିଥି ଭାବେ ଟେଟ୍ରାହେଡ୍ରନ ଗ୍ରୁପ ଅଫ ଇନଷ୍ଟିଚ୍ୟୁସନର ଅଧ୍ୟକ୍ଷ ତ୍ରିଦେବ ବେହେରା ଆଶୀର୍ବାଦ ନେଇଥିଲେ। ପରେ ବରିଷ୍ଠ ପ୍ରବଚକ ପଣ୍ଡିତ ଜିତୁ ଦାସ ଓ ସାଥୀଙ୍କ ଦ୍ୱାରା ପ୍ରବଚନ କରାଯାଇଥିଲା। କାର୍ଯ୍ୟକ୍ରମରେ ଗ୍ରାମବାସୀଙ୍କ ସମେତ ବିଭିନ୍ନ ଗ୍ରାମର ଜନସାଧାରଣ ଯୋଗଦେଇଥିଲେ। ଉକ୍ତ ଉତ୍ସବ ଗୁରୁବାର ଉଦଯାପିତ ହେବ ବୋଲି ଜଣାପଡ଼ିଛି। କାର୍ଯ୍ୟକ୍ରମକୁ ବ୍ରହ୍ମପୁର ଓ ଜେମାଦେଇପୁର ଗ୍ରାମବାସୀ ସହଯୋଗ କରୁଥିବା ଦେଖିବାକୁ ମିଳିଛି।

## ଜେଏସ୍ଏସ୍ ଟ୍ରଷ୍ଟର ଉଦ୍‌ଘାଟନୀ ଉତ୍ସବ ଓ ମେଧାବୀ ସମ୍ବର୍ଦ୍ଧନା

ନରସିଂହପୁର, ୨୪।୬(ସମିସ): ନରସିଂହପୁର ପର୍ଯ୍ୟଟନ ବ୍ୟାଖ୍ୟାନ କେନ୍ଦ୍ରରେ ନରସିଂହପୁର ଜେଏସ୍ଏସ୍ ଫାଉଣ୍ଡେସନ୍ ଟ୍ରଷ୍ଟର ଉଦ୍‌ଘାଟନୀ ଉତ୍ସବ ତଥା 'ଜ୍ଞାନଜ୍ୟୋତି ସମ୍ମାନ-୨୦୨୬' ପ୍ରଦାନ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି। ଚଳିତବର୍ଷ ଦଶମ ବୋର୍ଡ଼ ପରୀକ୍ଷାରେ ଏ-୧ ଓ ଏ-୨ ଗ୍ରେଡ୍ ପାଇଥିବା, ଯୁକ୍ତ ଦୁଇ ପରୀକ୍ଷାରେ ୮୦% ଏବଂ ୯୦%ରୁ ଅଧିକ ନମ୍ବର ରଖିଥିବା ଏବଂ +୩ ସ୍ନାତକ ଟପ୍ପରମାନଙ୍କୁ ସମ୍ବର୍ଦ୍ଧନା କରାଯାଇଥିଲା। ଟ୍ରଷ୍ଟର ଅଧ୍ୟକ୍ଷ ସାଗର ନାୟକଙ୍କ ସଭାପତିତ୍ୱରେ ଆୟୋଜିତ ଏହି କାର୍ଯ୍ୟକ୍ରମରେ ବିଶିଷ୍ଟ ଶିକ୍ଷାବିତ୍ ତଥା ସମାଜସେବୀ ପ୍ରଦୀପ ପଟ୍ଟନାୟକ ମୁଖ୍ୟଅତିଥି, ସମ୍ମାନିତ ଅତିଥି ଭାବେ ଭାରପ୍ରାପ୍ତ ମଣ୍ଡଳ ଶିକ୍ଷାଧିକାରୀ ତ୍ରିଲୋଚନ ଜେନା, ଆଲୋକ କୁମାର ବଳିଆରସିଂହ, ଆଇନଜୀବୀ ଜ୍ଞାନରଞ୍ଜନ ନାୟକ, ବିଜେପି କଟକ (ଗ୍ରାମୀଣ) ଜିଲ୍ଲା ସାଧାରଣ ସମ୍ପାଦକ ସୂର୍ଯ୍ୟମଣି ଜେନା ଏବଂ ଜିଲ୍ଲା ଏସସି ମୋର୍ଚ୍ଚା ସଭାପତି ମହେଶ୍ୱର ସେଠୀ ପ୍ରମୁଖ ଉପସ୍ଥିତ ଥିଲେ। ବିନାୟକ ମିଶ୍ର ମଞ୍ଚ ପରିଚାଳନା କରିଥିବା ବେଳେ ସଂଗଠନର ସମ୍ପାଦକ ଜ୍ୟୋତିରଞ୍ଜନ ସାମଲ ବାର୍ଷିକ ବିବରଣୀ ପାଠ ସହ ଧନ୍ୟବାଦ ଦେଇଥିଲେ। ସନତ ମହାନ୍ତି କାର୍ଯ୍ୟକ୍ରମ ସଂଯୋଜନା କରିଥିଲେ। ଉପାଧ୍ୟକ୍ଷ ସଂଗ୍ରାମ ବାରିକ, ସହସମ୍ପାଦକଙ୍କ ସହ ସଂଗଠନର ସମସ୍ତ ସଦସ୍ୟ ଉପସ୍ଥିତ ଥିଲେ।

# ଘରୋଇ ଅତିଥିଙ୍କ ସତ୍କାରରେ ଲାଗୁଛି ସରକାରୀ ଗାଡ଼ି

ବାରଙ୍ଗ, ୨୪।୬ (ସମିସ): ଗାଡ଼ି ସରକାରଙ୍କର, ତେଲ ରାଜକୋଷର ଏବଂ ଚାଳକ ମଧ୍ୟ ସରକାରୀ। କିନ୍ତୁ କାର୍ଯ୍ୟ ଚାଲିଛି ସମ୍ପୂର୍ଣ୍ଣ ବ୍ୟକ୍ତିଗତ। ସରକାରୀ ପଦପଦବୀର ଅପବ୍ୟବହାର ଓ ସାଧାରଣ ସମ୍ପତ୍ତିକୁ ନିଜର ମନେକରିବାର ଏଭଳି ଏକ ଅପ୍ରୀତିକର ଚିତ୍ର ଏବେ ନନ୍ଦନକାନନ ପ୍ରାଣୀଉଦ୍ୟାନ ଅଞ୍ଚଳରେ ଚର୍ଚ୍ଚାର ବିଷୟ ପାଲଟିଛି। ବନ ବିଭାଗର ଏକ ସରକାରୀ ବୋଲେରୋ ଗାଡ଼ିକୁ ସାହେବାଣୀଙ୍କ ପରିବାର ଓ ଅତିଥିଙ୍କ ପାଇଁ ବେଧଡ଼କ ଭାବେ ବ୍ୟବହାର କରୁଥିବା ନେଇ ଏକ ଭିଡିଓ ସୋସିଆଲ ମିଡିଆରେ



ଭାଇରାଲ୍ ହେଉଛି। ଗତ ମଙ୍ଗଳବାର ଅପରାହ୍ନ ପ୍ରାୟ ୪.୫୭ ମିନିଟ୍ ସମୟରେ ନନ୍ଦନକାନନ 'ଆମ ବସ୍' ଷ୍ଟପେଜ୍ ନିକଟରେ ଓଡ଼ି-୩୩-ଏମ୍-୨୯୫୬ ନମ୍ବର ବିଶିଷ୍ଟ ଏକ ଧଳା ରଙ୍ଗର ସରକାରୀ ବୋଲେରୋ ଆସି ଅଟକିଥିଲା। ଗାଡ଼ିରୁ କିଛି ମହିଳା ଓ ଶିଶୁ ସାଧାରଣ ଯାତ୍ରୀଙ୍କ ଭଳି ଓହ୍ଲାଉଥିବାର ଦୃଶ୍ୟ ସ୍ଥାନୀୟ ଲୋକଙ୍କ କ୍ୟାମେରାରେ କଏଦ ହୋଇଛି। ସରକାରୀ କାର୍ଯ୍ୟ ପାଇଁ ଉଦ୍ଦିଷ୍ଟ ଏହି ଗାଡ଼ିଟି କୌଣସି ବନ ସଂରକ୍ଷଣ କିମ୍ବା ବିଭାଗୀୟ ସେବାରେ ନୁହେଁ, ବରଂ ବ୍ୟକ୍ତିଗତ ଅତିଥିଙ୍କ ପରିବହନ ପାଇଁ ନିୟୋଜିତ ହୋଇଥିବା ଅଭିଯୋଗ ହୋଇଛି। ଅନୁସନ୍ଧାନରୁ ଜଣାପଡ଼ିଛି ଯେ ଗାଡ଼ିରୁ ଓହ୍ଲାଇଥିବା ବ୍ୟକ୍ତିମାନେ ଉଦ୍ଭିଦ ଉଦ୍ୟାନର ଏସିଏଫ୍ (ଇଉର) ମ୍ୟାଡମ୍‌ଙ୍କ ନିକଟ ସମ୍ପର୍କୀୟ ଥିଲେ। ନାମ ଗୋପନ ରଖି ଉଦ୍ଭିଦ ଉଦ୍ୟାନର ଜଣେ କର୍ମଚାରୀଙ୍କ କହିବାନୁଯାୟୀ, ଏହି ଅତିଥିମାନେ କୌଣସି ସରକାରୀ କାର୍ଯ୍ୟକ୍ରମରେ ଆସି ନଥିଲେ। ସରକାରୀ ତେଲରେ ଅତିଥିଙ୍କୁ ସେବା ଯୋଗାଇବା ପାଇଁ ଅନୁମତି ଦେଲା କିଏ ବୋଲି ଏବେ ସାଧାରଣରେ ପ୍ରଶ୍ନ ଉଠିଛି। ସମ୍ପୃକ୍ତ ଗାଡ଼ିର ଲଗବୁକ୍ ଓ ସିସିଟିଭି ଫୁଟେଜ୍ ଯାଞ୍ଚ କରି ଦୋଷୀଙ୍କ ବିରୋଧରେ ଦୃଢ଼ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିବାକୁ ଦାବି ହେଉଛି। ଏହି ସମ୍ବେଦନଶୀଳ ପ୍ରସଙ୍ଗରେ ନନ୍ଦନକାନନ ଉପନିର୍ଦ୍ଦେଶକ କୌଣସି ପ୍ରତିକ୍ରିୟା ନଦେଇ ନିରବତା ଅବଲମ୍ବନ କରିଥିବା ବେଳେ, ଉଦ୍ଭିଦ ଉଦ୍ୟାନ ଏସିଏଫ୍ କେ. ପ୍ରଧାନ କହିଛନ୍ତି, ଗାଡ଼ିଟି ସରକାରୀ ହେଲେ ମଧ୍ୟ ମୋର ଜଣେ ବାନ୍ଧବୀ। ତାଙ୍କ ପରିବାର ଲୋକେ ବୁଲିବାକୁ ଆସିଥିଲେ। ତାଙ୍କ ଗାଡ଼ି ନନ୍ଦନକାନନ ଛକ ନିକଟରେ ଥିବାରୁ, ଆମେ ଆମ ଗାଡ଼ିରେ ସେମାନଙ୍କୁ ସେଠାରେ ନେଇ ଛାଡ଼ିଥିଲୁ।

### ଅମାନିଆ ଗାଡ଼ି ଚାଳକଙ୍କ ଉପରେ ଲାଗୁନି ଲଗାମ୍

# ଉଚ୍ଚ ଶବ୍ଦରେ ପ୍ରଦୂଷଣ ବଢ଼ାଉଛନ୍ତି ରୋଡ୍‌ରୋମିଓ

ଚୌଦ୍ୱାର, ୨୪।୬(ସମିସ)

ରାସ୍ତାରେ ଯିବାବେଳେ ଅନେକ କିଛି ନିୟମ ପ୍ରତି ଧ୍ୟାନ ଦେବାର ଆବଶ୍ୟକତା ରହିଛି। ବିଶେଷ କରି ଯାନବାହନର ସମସ୍ତ ବୈଧ କାଗଜପତ୍ର ସହିତ ଚାଳକର ଲାଇସେନ୍ସ ରହିବା ଅତ୍ୟନ୍ତ ଜରୁରୀ। ସେହିଭଳି ଗାଡ଼ିର ପ୍ରଦୂଷଣ ଉପରେ ମଧ୍ୟ କଡାକଡି ନିୟମ ରହିଛି। ଯେଉଭଳିକି ବାୟୁ ପ୍ରଦୂଷଣ ଓ ଶବ୍ଦ ପ୍ରଦୂଷଣ ଉପରେ ପ୍ରଶାସନ ଓ ସରକାର ଯଥେଷ୍ଟ ଗୁରୁତ୍ୱ ଦେଉଛନ୍ତି। କିନ୍ତୁ ଏବେ ଅମାନିଆଙ୍କ ସଂଖ୍ୟା ବଢ଼ି ଚାଲୁଥିବାବେଳେ ସେମାନେ ଏକରକମର ଲଗାମଛଡ଼ା ହୋଇପଡ଼ିଥିବା ଦେଖିବାକୁ ମିଳିଛି। ଏହି ଅମାନିଆମାନଙ୍କୁ ସାବାଡ଼ କରିବା ପାଇଁ ଟ୍ରାଫିକ ପୁଲିସଠାରୁ ଆରମ୍ଭ କରି କମିସନରେଟ ପୁଲିସ ପର୍ଯ୍ୟନ୍ତ ସମସ୍ତେ ଜଗିଛନ୍ତି; ମାତ୍ର ସେମାନଙ୍କୁ ସାବାଡ଼ କରିବା ପୁଲିସ ପ୍ରଶାସନ ପାଇଁ ଚାଲେଞ୍ଜ ହୋଇପଡ଼ିଛି। କଟକ କମିଶନରେଟର ଚୌଦ୍ୱାର ଥାନାଞ୍ଚଳରେ ବିଭିନ୍ନ ପ୍ରକାର ଦୁଇଚକିଆ ଯାନର ସାଇଲେନ୍ସର ପରିବର୍ତ୍ତନ କରାଯାଇ ବିକଟାଳ ଶବ୍ଦ କରୁଥିବା ସାଇଲେନ୍ସର ଲଗାଇବା ସହ ବିକଟାଳ ରଡି କରୁଥିବା ହର୍ଣ୍ଣ ମଧ୍ୟ ବ୍ୟବହାର କରୁଛନ୍ତି। ଯାହାଫଳରେ ସେମାନଙ୍କ ରଡିରେ ଲୋକେ ଇତସ୍ତତ ହୋଇ ଦୁର୍ଘଟଣାର ସମ୍ମୁଖୀନ ହେଉଛନ୍ତି। ତେବେ ଏସବୁ ସରଞ୍ଜାମ ଗାଡିରେ ବ୍ୟବହାର କଲେ ଆଇନରେ ଜରିମାନା ବ୍ୟବସ୍ଥା ସହିତ ବିଭିନ୍ନ କାର୍ଯ୍ୟାନୁଷ୍ଠାନ ନେବାର ନିୟମ ଥିଲେ ମଧ୍ୟ ଏସବୁକୁ ଖାତିର କରୁନାହାନ୍ତି ଅମାନିଆ। ସୂଚନାଯୋଗ୍ୟ ଯେ ଏକ ବୁଲେଟ ବାଇକରେ ଲାଗିଥିବା ଏହି ସାଇଲେନ୍ସରୁ ବାଣ ଫୁଟିବା ଭଳି ଶବ୍ଦ ବାହାରିବା ଯୋଗୁଁ ସ୍ଥାନୀୟ ଗାନ୍ଧୀଛକ ନିକଟରେ ଜଣେ ବରିଷ୍ଠ ନାଗରିକ ନିଜ ସ୍କୁଟିରୁ ଛାନିଆରେ ଗଳିପଡ଼ିଥିଲେ। ଫଳରେ ତାଙ୍କର ଆଣ୍ଠୁ, ଅଣ୍ଟା ଓ କହୁଣୀରେ ଗଭୀର ଆଘାତ ଲାଗିଥିଲା। ସ୍ଥାନୀୟ କିଛି ଯୁବକ ତାଙ୍କୁ ଉଦ୍ଧାର କରି ଘରକୁ ପଠାଇଥିଲେ। ତେବେ ଯଦି ଏମାନଙ୍କୁ ପ୍ରଶାସନ ସାବାଡ଼ ନକରିବ ଆଗାମୀ ଦିନରେ ଅନେକ ସଡକ ଦୁର୍ଘଟଣା ବୃଦ୍ଧି ପାଇବ ବୋଲି ବୁଦ୍ଧିଜୀବୀ ମହଲରେ ଆଲୋଚନା ହେଉଛି। ସେହିଭଳି ଏହି ରାଜପଥ ଗୋଟିଏ ବ୍ୟସ୍ତବହୁଳ ରାସ୍ତା ହୋଇଥିବାବେଳେ କିଛି ଅମାନିଆ ଯୁବକ ରାସ୍ତାରେ ବାଇକ ସ୍ପିଡ ପ୍ରତିଯୋଗିତା କରୁଥିବା ଦେଖିବାକୁ ମିଳିଛି। ଏପରିକି ଝିଅମାନେ ରାସ୍ତାରେ ଯାଉଥିବାବେଳେ ଏମାନେ ସର୍ପିଳ ଗତିରେ ସେମାନଙ୍କୁ ଓଭରଟେକ କରିବା ଦେଖିବାକୁ ମିଳିଛି। ପୁନଶ୍ଚ ଗାଡିରୁ ଏଭଳି ଧୂଆଁ ଛାଡି ଯାଉଛନ୍ତି ଯେ କିଛି ସମୟ ପାଇଁ ସମ୍ପୂର୍ଣ୍ଣ ରାସ୍ତା ମଧ୍ୟ ଧୂଆଁମୟ ହୋଇପଡୁଛି। ସେମାନଙ୍କ ଉପରେ ପ୍ରଶାସନ କଡ଼ା ନଜର ରଖିବାକୁ ଦାବି ହେଉଛି।

**ମୁଦ୍ରା ବିନିମୟ ମୂଲ୍ୟ**
ମୁଦ୍ରା ବିନିମୟ ମୂଲ୍ୟ (ଟଙ୍କାରେ)
- ଡଲାର ୯୪.୭୪ ● ପାଉଣ୍ଡ ୧୨୫.୨୬
- ୟୁରୋ ୧୦୭.୮୮ ● ୟେନ୍ ୦.୫୮

**ସୁନା, ରୁପା ଦର (ଟଙ୍କାରେ)**
୧୦ ଗ୍ରାମ ପିଛା (୨୨ କ୍ୟାରେଟ୍)
- ସୁନା: ୧,୩୨,୩୦୦ (ଭୁବନେଶ୍ୱର)
- ରୁପା : ୨,୪୦,୦୦୦ (କେଜି)

**ଷ୍ଟକ୍ ମାର୍କେଟ୍**
ବଜାର କାରବାର (ପଏଣ୍ଟରେ)
- ସେନ୍‌ସେକ୍ସ ୭୬,୯୯୧.୦୦
- ନିଫ୍ଟି ୨୪,୦୨୧.୦୦

**ପେଟ୍ରୋଲ-ଡିଜେଲ୍**
ଲିଟର ପିଛା (ଟଙ୍କାରେ)
- ପେଟ୍ରୋଲ୍- ୧୦୯.୧୫ (ଭୁବନେଶ୍ୱର)
- ଡିଜେଲ୍ - ୧୦୦.୮୦

### ବୈଦେଶିକ ବ୍ୟାପାର ମନ୍ତ୍ରଣାଳୟର ସ୍ପଷ୍ଟୋକ୍ତି

# ପାସପୋର୍ଟ ନାଗରିକତ୍ୱର ପ୍ରମାଣ ନୁହେଁ

ନୂଆଦିଲ୍ଲୀ,୨୪।୬ (ଏଜେନ୍ସି): ପାସପୋର୍ଟ କେବଳ ଏକ ଯାତ୍ରା ଏବଂ ପରିଚୟ ଡକ୍ୟୁମେଣ୍ଟ, ଭାରତୀୟ ନାଗରିକତାର ଏକ ନିଶ୍ଚିତ ପ୍ରମାଣ ନୁହେଁ। କେନ୍ଦ୍ର ବୈଦେଶିକ ବ୍ୟାପାର ମନ୍ତ୍ରଣାଳୟ ପକ୍ଷରୁ ସ୍ପଷ୍ଟ କରାଯାଇଛି। ପାସପୋର୍ଟ ସେବା ଦିବସ ଅବସରରେ ମନ୍ତ୍ରଣାଳୟ କହିଛି ଯେ ପାସପୋର୍ଟ କେବଳ ଭାରତୀୟ ନାଗରିକଙ୍କୁ ପ୍ରଦାନ କରାଯାଏ, କିନ୍ତୁ ପ୍ରାସଙ୍ଗିକ ଆଇନ ଏବଂ ଅନ୍ୟାନ୍ୟ ବୈଧାନିକ ଦଲିଲ ଆଧାରରେ ନାଗରିକତା ନିର୍ଣ୍ଣୟ କରାଯାଏ।ଭାରତର ନାଗରିକତା ଉପରେ ମନ୍ତ୍ରଣାଳୟର ଉପରୋକ୍ତ ମତାମତ ଏପରି ଏକ ସମୟରେ ଆସିଛି ଯେତେବେଳେ ନାଗରିକତାର ପ୍ରମାଣ ଭାବରେ ପାସପୋର୍ଟ ସମ୍ପର୍କରେ ବିଭିନ୍ନ ପ୍ଲାଟଫର୍ମରେ ଦ୍ୱନ୍ଦ୍ୱ ସୃଷ୍ଟି ହୋଇଛି। ମନ୍ତ୍ରଣାଳୟ ସ୍ପଷ୍ଟ କରିଛି ଯେ




ପାସପୋର୍ଟ ହେଉଛି ଆନ୍ତର୍ଜାତୀୟ ଯାତ୍ରା ପାଇଁ ଜାରି କରାଯାଇଥିବା ଏକ ଡକ୍ୟୁମେଣ୍ଟ।

ମନ୍ତ୍ରଣାଳୟର ଅଧିକାରୀମାନେ ଅଧିକାରୀମାନେ କହିଛନ୍ତି ଯେ ୨୦୨୫ ସମୟରେ, ଆଞ୍ଚଳିକ ପାସ୍‌ପୋର୍ଟ କାର୍ଯ୍ୟାଳୟ (ଆର୍‌ପିଓ) ଏବଂ ବିଦେଶରେ ଭାରତୀୟ ମିଶନଗୁଡ଼ିକ ମିଳିତ ଭାବରେ ପ୍ରାୟ ୧୫ ନିୟୁତ ପାସପୋର୍ଟ ଏବଂ ସମ୍ପର୍କିତ ସେବା ପ୍ରଦାନ କରିଥିଲେ। ପାସପୋର୍ଟ ସେବାକୁ ସରଳ, ଦ୍ରୁତ ଏବଂ ଅଧିକ ସୁଲଭ କରିବା ପାଇଁ ସରକାର ନିରନ୍ତର କାର୍ଯ୍ୟ କରୁଛନ୍ତି। ସାରା ଦେଶରେ ପାସପୋର୍ଟ ସେବା କେନ୍ଦ୍ର (ପିଏସ୍‌କେ ) ଏବଂ ପୋଷ୍ଟ ଅଫିସ ପାସପୋର୍ଟ ସେବା କେନ୍ଦ୍ର (ପିଓପିଏସ୍‌କେ) ସଂଖ୍ୟା ୫୪୫ କୁ ବୃଦ୍ଧି ପାଇଛି। ଗତ ବର୍ଷ, ୧୦ ଟି ନୂତନ ପିଓପିଏସ୍‌କେ ଖୋଲାଯାଇଥିବାବେଳେ ଆଉ ୧୦ ଟି

**"କେବଳ ଏକ ଯାତ୍ରା ଡକ୍ୟୁମେଣ୍ଟ"**


ଖୋଲିବାକୁ ଯୋଜନା କରାଯାଇଛି।

ଅଧିକାରୀମାନେ କହିଛନ୍ତି ଯେ ପାସପୋର୍ଟ ସେବା ପ୍ରକ୍ରିୟାକୁ ତ୍ୱରାନ୍ୱିତ କରାଯାଇଛି। ଅନେକ କ୍ଷେତ୍ରରେ, ପାସପୋର୍ଟ ପ୍ରଦାନ ସମୟ ପାଞ୍ଚ କାର୍ଯ୍ୟ ଦିବସକୁ ହ୍ରାସ କରାଯାଇଛି। ପାସପୋର୍ଟ ସେବା କେନ୍ଦ୍ରରେ ଆବେଦନକାରୀମାନେ ଏବେ ୪୫ ମିନିଟରୁ କମ୍ ସମୟ ମଧ୍ୟରେ ପ୍ରକ୍ରିୟା ସମାପ୍ତ କରିପାରିବେ। ମନ୍ତ୍ରାଳୟ ଅନୁଯାୟୀ, ଭାରତୀୟ ନାଗରିକମାନେ ବର୍ତ୍ତମାନ ୨୭ ଟି ଦେଶରେ ଭିସା-ମୁକ୍ତ ପ୍ରବେଶ, ୪୭ ଟି ଦେଶରେ ଭିସା-ଅନ୍-ଆର୍ଭାଇଲ୍ ପ୍ରବେଶ ଏବଂ ୬୬ ଟି ଦେଶରେ ଇ-ଭିସା ପ୍ରବେଶ ପାଇପାରିବେ। ବୈଦେଶିକ ମନ୍ତ୍ରଣାଳୟର ଅଧିକାରୀମାନେ କହିଛନ୍ତି ଯେ ଦେଶର ମୋଟ ଜନସଂଖ୍ୟା ତୁଳନାରେ ବର୍ତ୍ତମାନ ପ୍ରାୟ ୧୦% ଭାରତୀୟଙ୍କ ପାଖରେ ପାସପୋର୍ଟ ଅଛି। ମନ୍ତ୍ରଣାଳୟ ଅନୁଯାୟୀ, ଏପର୍ଯ୍ୟନ୍ତ ୧୪.୭ ନିୟୁତ ଚିପ୍-ସକ୍ଷମ ଇ-ପାସପୋର୍ଟ ଜାରି କରାଯାଇଛି। ଏଗୁଡ଼ିକ ଇଲେକ୍ଟ୍ରୋନିକ୍ ଚିପ୍ସ ଏବଂ ଉନ୍ନତ ବାୟୋମେଟ୍ରିକ୍ ସୁରକ୍ଷା ପ୍ରଯୁକ୍ତିବିଦ୍ୟା ବ୍ୟବହାର କରେ, ଯାହା ଡକ୍ୟୁମେଣ୍ଟଗୁଡ଼ିକର ସୁରକ୍ଷା ଏବଂ ବିଶ୍ୱସନୀୟତାକୁ ବୃଦ୍ଧି କରେ।

# ବିକ୍ରି ହେବ ନବରତ୍ନ କମ୍ପାନୀ

### ଆଇଆର୍‌ଏଫ୍‌ସିର ୨% ଅଂଶଧନ ବିକିବେ ସରକାର

ନୂଆଦିଲ୍ଲୀ, ୨୪।୬ (ଏଜେନ୍ସି): କେନ୍ଦ୍ର ସରକାର ବିକ୍ରି କରିବାକୁ ଯାଉଛନ୍ତି ଦେଶର ଆଉ ଏକ ନବରତ୍ନ କମ୍ପାନୀ (ଇଣ୍ଡିଆନ୍ ରେଲୱେ ଫାଇନାନ୍ସ କର୍ପୋରେସନ୍)। ସରକାର ଆଇଆର୍‌ଏଫ୍‌ସିରେ ରହିଥିବା ପାଖାପାଖି ୨% ଅଂଶଧନ ବିକ୍ରି ପ୍ରସ୍ତାବ ୧%ଅଂଶଧନ ପାଇଁ 'ଗ୍ରୀନସୁ ବିକଳ୍ପ' ଅନ୍ତର୍ଭୁକ୍ତ। ବିକ୍ରୟ ପାଇଁ ଏହି ଅଫର ୨୪ ଏବଂ ୨୫ଜୁନ୍ ପର୍ଯ୍ୟନ୍ତ ଖୋଲା ରହିବ। ସରକାର ଏହି ଓଏଫ୍‌ଏସ୍ ପାଇଁ ପ୍ରତି ଅଂଶଧନର ମୂଲ୍ୟ ୯୧ ଟଙ୍କା ସ୍ଥିର କରିଛନ୍ତି। ନିବେଶ ଏବଂ ସାର୍ବଜନୀନ ସମ୍ପତ୍ତି ପରିଚାଳନା ବିଭାଗ (ଦୀପମ୍) ସଚିବ କହିଛନ୍ତି ଯେ, ବୁଧବାର ଦିନ ଅଣ-ଖୁଚୁରା ନିବେଶକଙ୍କ ପାଇଁ ଓଏଫ୍‌ଏସ୍ ଖୋଲାଯିବ, ଯେତେବେଳେ କି ଖୁଚୁରା ନିବେଶକମାନେ ଗୁରୁବାର ଦିନ ବିଡ୍ କରିପାରିବେ। କମ୍ପାନୀର ଏହି ପ୍ରସ୍ତାବ ସରକାରଙ୍କ ବ୍ୟାପକ ବିନିଯୋଗ ରଣନୀତିର ଏକ ଅଂଶ, ଯେଉଁଥିରେ ତାଲିକାଭୁକ୍ତ ସାର୍ବଜନୀନ କ୍ଷେତ୍ର କମ୍ପାନୀଗୁଡ଼ିକରେ ବଜାର-ଆଧାରିତ ପ୍ରସ୍ତାବ ମାଧ୍ୟମରେ ସମ୍ବଳ ସଂଗ୍ରହ ଲକ୍ଷ୍ୟ ରଖିଛି।




ରଖିଛନ୍ତି। ଏଥିଯୋଗୁ ଆଜି ପୁଞ୍ଜି ବଜାର କାରବାରରେ କମ୍ପାନୀର ସେୟାର ମୂଲ୍ୟରେ ଏକ ବୃହତ୍ ହ୍ରାସ ପରିଲକ୍ଷିତ ହୋଇଛି। ତେବେ ସରକାର ଓପନ୍ ଫର ସେଲ୍ (ଓଏଫ୍‌ଏସ୍) ଅଧୀନରେ କମ୍ପାନୀର ୨% ଅଂଶଧନ ବିକ୍ରି କରିବାର ନିଷ୍ପତ୍ତି ନେଇଛନ୍ତି, ଯେଉଁଥିରେ ଅତିରିକ୍ତ

# ଖିମଜୀ ଜୁଏଲର୍ସ ପକ୍ଷରୁ 'ମେଗା ପୁରୁଣା ସୁନା ଏକ୍ସଚେଞ୍ଜ ଉତ୍ସବ'

ଭୁବନେଶ୍ୱର,୨୪।୬(ସମିସ): ଖିମଜୀ ଜୁଏଲର୍ସ ଏହାର ସର୍ବଶ୍ରେଷ୍ଠ ଅଭିଯାନ "ମେଗା ପୁରୁଣା ସୁନା ଏକ୍ସଚେଞ୍ଜ ଉତ୍ସବ" ଉନ୍ମୋଚନ କରିଛି ଯାହା ଗ୍ରାହକମାନଙ୍କୁ ସେମାନଙ୍କର ପୁରୁଣା ସୁନା ବଦଳାଇ ଅତୁଳନୀୟ ଲାଭ ସହିତ ନୂତନ ଗହଣାକୁ ଅପଗ୍ରେଡ୍ କରିବାର ଏକ ଅସାଧାରଣ ସୁଯୋଗ ପ୍ରଦାନ କରୁଛି। ଏହି ସ୍ୱତନ୍ତ୍ର ଅଭିଯାନର ଏକ ଅଂଶ ଭାବରେ ଗ୍ରାହକମାନେ ସେମାନଙ୍କ ପୁରୁଣା ସୁନା ଉପରେ ୧୦୦% ମୂଲ୍ୟ ପାଇପାରିବେ। ଏହା ସହିତ ପୁରୁଣା ସୁନା ବଦଳ ଉପରେ ପ୍ରତି ଗ୍ରାମ ପିଛା ଅତିରିକ୍ତ ୩୫୦ ଟଙ୍କାର ଅଧିକ ଲାଭ ମଧ୍ୟ ପାଇପାରିବେ। ଏହି ଉତ୍ସବରେ ଆହୁରି ଚମକ ଯୋଡ଼ି ବ୍ରାଣ୍ଡ ପକ୍ଷରୁ ସୁନା ଗହଣା ଗଢା

ମଜୁରି ଉପରେ ଫ୍ଲାଟ୍ ୩୦% ରିହାତି ମଧ୍ୟ ପ୍ରଦାନ କରାଯାଇଛି ଯାହା ଏହାକୁ ଏହି ସିଜିନର ସବୁଠାରୁ ଫଳପ୍ରଦ ଗହଣା ବଦଳ ଅଫରଗୁଡ଼ିକ ମଧ୍ୟରୁ ଏକ ଅନ୍ୟତମ କରିପାରିଛି। ଏହି ଅଫର ୨୦୨୬ ଜୁନ୍ ୩୦ ପର୍ଯ୍ୟନ୍ତ ବୈଧ। ଗ୍ରାହକମାନଙ୍କ ପାଇଁ ଗହଣା କିଣିବାକୁ ଅଧିକ ସରଳ, ସ୍ମାର୍ଟ ଓ ଅଧିକ ମୂଲ୍ୟବାନ କରିବା ପାଇଁ ଏହି ଅଭିଯାନକୁ




ପ୍ରସ୍ତୁତ କରାଯାଇଛି। ସ୍ୱଚ୍ଛ ମୂଲ୍ୟାଙ୍କନ, ବିଶ୍ୱାସନୀୟ ଶୁଦ୍ଧତା ମାନଦଣ୍ଡ ଓ ଗ୍ରାହକ-ପ୍ରଥମ ନୀତି ସହିତ ଖିମଜୀ ଜୁଏଲର୍ସ ପରିବାରଗୁଡ଼ିକୁ ସେମାନଙ୍କ ଅବ୍ୟବହୃତ କିମ୍ବା ପୁରୁଣା ଗହଣାକୁ ମୂଲ୍ୟ ହ୍ରାସର ଚିନ୍ତା ନ କରି ଚମତ୍କାର ନୂତନ ଡିଜାଇନରେ ପରିଣତ କରିବାକୁ ପ୍ରୋତ୍ସାହିତ କରିବାକୁ ଲକ୍ଷ୍ୟ ରଖିଛି। ଏହି ଅଭିଯାନ ବିଷୟରେ ଖିମଜୀ ଜୁଏଲର୍ସର ପରିଚାଳନା ନିର୍ଦ୍ଦେଶକ ମିତେଶ ଖିମଜୀ କହିଛନ୍ତି ଯେ, ଖିମଜୀ ଜୁଏଲର୍ସରେ ବିଶ୍ୱାସ ସର୍ବଦା ପିଢ଼ି ପରେ ପିଢ଼ି ଗ୍ରାହକମାନଙ୍କ ସହିତ ଆମର ସମ୍ପର୍କର ମୂଳଦୁଆ ହୋଇ ରହିଆସିଛି। 'ମେଗା ପୁରୁଣା ସୁନା ଏକ୍ସଚେଞ୍ଜ ଉତ୍ସବ' ମାଧ୍ୟମରେ ଆମେ ଗ୍ରାହକମାନଙ୍କୁ ଏହି ଆତ୍ମବିଶ୍ୱାସ ଦେବାକୁ ଚାହୁଁ ଯେ

**ପୁରୁଣା ସୁନା ଉପରେ ୧୦୦% ମୂଲ୍ୟ**

**ସୁନା ଗହଣାର ଗଢା ମଜୁରି ଉପରେ ରିଆତି**

ସେମାନଙ୍କର ପୁରୁଣା ସୁନା ଅପାର ମୂଲ୍ୟ ବହନ କରୁଛି ଏବଂ ଏହା ନୂତନ ସ୍ମୃତିର ଏକ ଅଂଶ ହୋଇପାରିବ। ଏହି ଅଭିଯାନ ହେଉଛି ସ୍ୱଚ୍ଛତା, ମୂଲ୍ୟ ଓ ସୁନ୍ଦର କାରିଗରୀକୁ ଏକ ଫଳପ୍ରଦ ଉତ୍ସବର ଅନୁଭୂତିରେ ସମ୍ମିଶ୍ରଣ କରିବାର ଆମର ଏକ ପ୍ରୟାସ। ଏହି ଅଭିଯାନ ବ୍ରାଣ୍ଡର ୧୦୦% ଏକ୍ସଚେଞ୍ଜ ମୂଲ୍ୟ, ଆଜୀବନ ବାଏବ୍ୟାକ୍ ଗ୍ୟାରେଣ୍ଟି ଓ ବିଶ୍ୱାସନୀୟ ଗହଣା ମୂଲ୍ୟାଙ୍କନର ପ୍ରତିଶ୍ରୁତିକୁ ମଧ୍ୟ ଆଲୋକପାତ କରୁଛି।

# ଟ୍ରକ ମାଲିକଙ୍କ ସର୍ବନିମ୍ନ ଭଡ଼ା ବୃଦ୍ଧି ଦାବି

### ୧୯ ଦଫା ଦାବି ପୂରଣ ନ ହେଲେ ବନ୍ଦ ହେବ ଟ୍ରକ ଚଳାଚଳ

ଭୁବନେଶ୍ୱର,୨୪।୬(ସମିସ):ସମ୍ପ୍ରତି ତୈଳ ଦର ଆକାଶଛୁଆଁ ହୋଇଛି। ଡିଜେଲ ମୂଲ୍ୟରେ ରେକର୍ଡ ବୃଦ୍ଧି ଯୋଗୁ ଟ୍ରକ ମାଲିକମାନେ ଗାଡ଼ି ଚଳାଇବାରେ ବହୁ ସମସ୍ୟାର ସମ୍ମୁଖୀନ ହେଉଛନ୍ତି। ଅପରପକ୍ଷେ ତେଲ ଦର ଅନୁପାତରେ ଭଡ଼ା ବଢୁନାହିଁ। ଯାହାଫଳରେ ଗାଡ଼ି ଚଳାଇବା ସମ୍ଭବପର ହେଉନାହିଁ। ସେଥିପାଇଁ ଟ୍ରକ ମାଲିକମାନେ ସର୍ବନିମ୍ନ ଭଡ଼ା ବୃଦ୍ଧି ଦାବି କରିଛନ୍ତି। ସଂଘ ପକ୍ଷରୁ ଆହୁରି ୧୯ ଦଫା ଦାବି ପୂରଣ ନ ହେଲେ ଆଗକୁ ଟ୍ରକ ଚଳାଚଳ ବନ୍ଦ କରିବାକୁ ଓଡ଼ିଶା ରାଜ୍ୟ ଟ୍ରକ ମାଲିକ ସଂଘ ପକ୍ଷରୁ ଚେତାବନୀ ଦିଆଯାଇଛି। ଏକ ସାମ୍ବାଦିକ ସମ୍ମିଳନୀରେ ସଂଘର ସାଧାରଣ ସମ୍ପାଦକ ପ୍ରଣବ କୁମାର ପରିଜା କହିଛନ୍ତି, ଆମେ ନିକଟରେ




ରାଜ୍ୟ ପରିବହନ ସଚିନ ଓ କମିସନରଙ୍କ ସହ ଆମର ୧୯ ଦଫା ଦାବି ନେଇ ଆଲୋଚନା କରିଥିଲୁ। ଆମେ ସର୍ବନିମ୍ନ ଭଡ଼ାରେ ବୃଦ୍ଧି ବ୍ୟତୀତ ପୁଲିସ ଜୁଲୁମ୍ ବନ୍ଦ କରିବା, ଓଟିଏସ୍‌ର ପୁନଃ ପ୍ରଚଳନ, ଟୋଲ୍ ଫି ଗାଡ଼ି ମାଲିକ ଦେବେନି ଏବଂ ଅଧିକ ଟ୍ରକ ଟର୍ମିନାଲ ନିର୍ମାଣ ଆଦି ଦାବି ଉପରେ ଆଲୋଚନା କରିଥିଲୁ। ହେଲେ ସେସବୁ କିଛି ପୂରଣ ହୋଇନାହିଁ। ଏବେ ଆମେ ସରକାରଙ୍କୁ ମାସକର ମହଲତ ଦେଉଛୁ, ଯଦି ଦାବି ପୁରଣ ନ ହୁଏ ତେବେ ଆମେ ରାଜ ରାସ୍ତା ବନ୍ଦ କରିବୁ ବୋଲି ଶ୍ରୀ ପରିଜା କହିଛନ୍ତି। ଏହି ଅବସରରେ ସଂଘର ରାଜ୍ୟସ୍ତରୀୟ ପରିଚାଳନା କମିଟି ବୈଠକ ଅନୁଷ୍ଠିତ ହୋଇଯାଇଛି। ଏହି ସାମ୍ବାଦିକ ସମ୍ମିଳନୀରେ ସଂଘର ସଭାପତି ବିଭୂତି ପ୍ରସାଦ ଦାସ,କାର୍ଯ୍ୟକାରୀ ସଭାପତି ରମାକାନ୍ତ ନାୟକ, କୋଷାଧ୍ୟକ୍ଷ କୀର୍ତ୍ତିରାଜ ସ୍ୱାଇଁ ଏବଂ ଉପସଭାପତି ବିରଞ୍ଚି ନାରାୟଣ ପରିଡା ପ୍ରମୁଖ ଉପସ୍ଥିତ ଥିଲେ।

## ରାଜ୍ୟ ଖବର

# ଟାଇମ୍‌ସ ହାୟର ଏଜୁକେସନ ସଷ୍ଟେନେବିଲିଟି ଇମ୍ପାକ୍ଟ ରାଙ୍କିଙ୍ଗ୍‌ରେ କିଟ୍ ସ୍ଥାନିତ

ଭୁବନେଶ୍ୱର,୨୪।୬(ସମିସ): ଟାଇମ୍‌ସ ହାୟର ଏଜୁକେସନ୍ ସଷ୍ଟେନେବିଲିଟି ଇମ୍ପାକ୍ଟ ରାଙ୍କିଙ୍ଗ୍ସ ୨୦୨୬ରେ ଭାରତର ସମସ୍ତ ସରକାରୀ ଏବଂ ଘରୋଇ ଶିକ୍ଷାନୁଷ୍ଠାନ ମଧ୍ୟରେ କିଟ୍ ୪ର୍ଥ ସ୍ଥାନ ହାସଲ କରିଛି। ବିଶ୍ୱ ସ୍ତରରେ କିଟ୍ ୧୦୧-୨୦୧ କୋହୋର୍ଟରେ ରହିଛି।



ତେବେ ଗତବର୍ଷ କିଟ୍ ଏହି ରାଙ୍କିଙ୍ଗ୍‌ର ୫ମ ସ୍ଥାନରେ ଥିଲା। ଏଥିରେ ଜାତିସଂଘ ସ୍ଥାୟୀ ବିକାଶ ଲକ୍ଷ୍ୟ (ଏସ୍‌ଡିଜି)ର ସମସ୍ତ ୧୭ଟି ଲକ୍ଷ୍ୟ ପୂରଣ କରିଛି। ସୂଚନାଯୋଗ୍ୟ, ଟାଇମ୍‌ସ ହାଇୟର ଏଜୁକେସନ୍ ବିଶ୍ୱବିଦ୍ୟାଳୟଗୁଡିକର ଗ୍ଲୋବାଲ୍ ର୍‌ୟାଙ୍କିଙ୍ଗ୍ କରିବା ବ୍ୟତୀତ ଜାତିସଂଘ ସ୍ଥାୟୀ ବିକାଶ ଲକ୍ଷ୍ୟ ଆଧାରରେ କେଉଁ ସବୁ ବିଶ୍ୱବିଦ୍ୟାଳୟ କେତେ ପରିମାଣରେ ସାମାଜିକ ପ୍ରଭାବ ସୃଷ୍ଟି କରିଛନ୍ତି ତା ଉପରେ ମଧ୍ୟ ର୍‌ୟାଙ୍କିଙ୍ଗ କରିଥାଏ। ସେହି ଆଧାରରେ କିଟ୍‌ର ଭୂମିକା ଗୁରୁତ୍ୱପୂର୍ଣ୍ଣ ଥିବାରୁ କିଟ୍ ଭଲ ରାଙ୍କ ପ୍ରଦର୍ଶନ କରିଆସୁଛି। ଏଥିରେ ସନ୍ତୋଷ ବ୍ୟକ୍ତ କରି କିଟ୍ ଓ କିସ୍ ପ୍ରତିଷ୍ଠାତା ଅଚ୍ୟୁତ ସାମନ୍ତ କହିଛନ୍ତି ଗତବର୍ଷଠାରୁ ଚଳିତବର୍ଷ ଉଭୟ କିଟ୍ ଜାତୀୟ ଓ ଅନ୍ତର୍ଜାତୀୟସ୍ତରରେ ଇମ୍ପାକ୍ଟ ର୍‌ୟାଙ୍କିଙ୍ଗ୍‌ରେ ଚମତ୍କାର ପ୍ରଦର୍ଶନ କରିଛି। ଗତ କିଛିବର୍ଷ ଧରି ଏଥିରେ କିଟ୍ ଅଂଶଗ୍ରହଣ କରିବା ସହ ଉନ୍ନତ ପ୍ରଦର୍ଶନ କରିଆସୁଛି ବୋଲି ଶ୍ରୀ ସାମନ୍ତ ପ୍ରକାଶ କରିଛନ୍ତି।

# ସୁଭଦ୍ରା ଶକ୍ତି ଭିଜନ ସମ୍ମିଳନୀ ଆୟୋଜିତ

ଭୁବନେଶ୍ୱର,୨୪।୬(ସମିସ): ମିଶନ ଶକ୍ତି ବିଭାଗ ପକ୍ଷରୁ ଆଜି ଭୁବନେଶ୍ୱରସ୍ଥିତ ମିଶନ ଶକ୍ତି ଭବନରେ ରାଜ୍ୟସ୍ତରୀୟ 'ସୁଭଦ୍ରା ଶକ୍ତି ଭିଜନ ସମ୍ମିଳନୀ' ଅନୁଷ୍ଠିତ ହୋଇଯାଇଛି। ସମ୍ମିଳନୀରେ ରାଜ୍ୟର ୩୦ଟି ଜିଲ୍ଲାରୁ ପ୍ରାୟ ୩୩୦ ଜଣ ଜିଲ୍ଲାସ୍ତରୀୟ ମହାସଂଘର କାର୍ଯ୍ୟନିର୍ବାହୀ କମିଟିର ସଦସ୍ୟାମାନେ ଅଂଶଗ୍ରହଣ କରିଥିଲେ। ଏହି ଅବସରରେ ଉପମୁଖ୍ୟମନ୍ତ୍ରୀ ଶ୍ରୀମତୀ ପରିଡ଼ାଙ୍କ ଦ୍ୱାରା ୨,୮୮,୧୯୮ ଟି ସ୍ୱୟଂ ସହାୟକ ଗୋଷ୍ଠୀଙ୍କୁ ୧୪୭.୭୬ କୋଟି ଟଙ୍କାର ସୁଧ ଫେରସ୍ତ କରାଯାଇଛି। ଏହି ସ୍ୱତନ୍ତ୍ର ଉତ୍ସବ ଅବସରରେ ୨୬ଟି ଜିଲ୍ଲାର ୨୩,୫୩୬ଟି ସ୍ୱୟଂ ସହାୟକ ଗୋଷ୍ଠୀକୁ ୪୫.୭୧ କୋଟି ଟଙ୍କାର ଆବର୍ତ୍ତନ ପାଣ୍ଠି (ରିଭଲଭିଙ୍ଗ୍ ଫଣ୍ଡ) ପ୍ରଦାନ କରାଯାଇଛି। ଯେଉଁଥିରେ ଖୋର୍ଦ୍ଧାର ମା'ମଙ୍ଗଳା ଓ ଶ୍ରୀରାମ ସ୍ୱୟଂ ସହାୟକ ଗୋଷ୍ଠୀର ମା'ମାନେ୩୦ହଜାରଟଙ୍କାରଚେକ୍‌ଗ୍ରହଣ

**୨.୮୮ ଲକ୍ଷ ସ୍ୱୟଂ ସହାୟକ ଗୋଷ୍ଠୀଙ୍କୁ ୧୪୭ କୋଟି ଟଙ୍କା ସୁଧ ଫେରସ୍ତ**

କରିଛନ୍ତି। ଗ୍ରାମାଞ୍ଚଳର ମହିଳାମାନଙ୍କୁ ସଂଗଠିତ କରିବା ପାଇଁ ୨୭ଟି ଜିଲ୍ଲାର ୬୨୪ଟି ଗ୍ରାମପଞ୍ଚାୟତ ସ୍ତରୀୟ ମହାସଂଘ (ଜିପିଏଲଏଫ୍) କୁ ୧୮୯.୫୭ କୋଟି ଟଙ୍କାର ଗୋଷ୍ଠୀ ବିନିଯୋଗ ପାଣ୍ଠି (କମ୍ୟୁନିଟି ଇନଭେଷ୍ଟମେଣ୍ଟ ଫଣ୍ଡ) ପ୍ରଦାନ କରାଯାଇଛି। ଏହାସହ ୧୫ଟି ଜିଲ୍ଲାର ୬୫୬ଟି ଆଞ୍ଚଳିକ ମହାସଂଘ (ଏଏଲଏଫ୍) କୁ ୯.୬୪ କୋଟି ଟଙ୍କାର ନିରାପତ୍ତା ପାଣ୍ଠି (ଭଲନେବରଲିଟି ରିଡକସନ୍ ଫଣ୍ଡ) ମଧ୍ୟ ପ୍ରଦାନ କରାଯାଇଛି। ଓଡ଼ିଶା ଭିଜନ–୨୦୩୬ରେ ମହିଳାଙ୍କ ଭୂମିକା, ଲକ୍ଷପତି ଦିଦି, ମହାଲକ୍ଷପତି ଦିଦି ଓ କୋଟିପତି ଦିଦି ସୃଷ୍ଟି, ମହିଳା-ନେତୃତ୍ୱାଧୀନ ଉଦ୍ୟୋଗ, ପ୍ରଡ୍ୟୁସର ଗ୍ରୁପ୍ ଓ ପ୍ରଡ୍ୟୁସର କମ୍ପାନୀର ପ୍ରୋତ୍ସାହନ, ବଜାର ସଂଯୋଗ, ଆର୍ଥିକ ସହାୟତା ଏବଂ ବିଭିନ୍ନ ଜିଲ୍ଲାର ସଫଳ ଉଦ୍‌ଯୋଗର ଅନୁଭୂତି ବିନିମୟ ଉପରେ ବିସ୍ତୃତ ଆଲୋଚନା କରାଯାଇଥିଲା। ଏହାସହ ରାଜ୍ୟର ପ୍ରତ୍ୟେକ ଜିଲ୍ଲା ପାଇଁ ମହିଳା-ନେତୃତ୍ୱାଧୀନ ବିକାଶକୁ ତ୍ୱରାନ୍ୱିତ କରିବା ନିମନ୍ତେ ମିଶନ ଶକ୍ତି ବିଭାଗର ଆଗାମୀ କାର୍ଯ୍ୟଯୋଜନା ପ୍ରସ୍ତୁତି ଉପରେ ଗୁରୁତ୍ୱାରୋପ କରାଯାଇଥିଲା।

# ଅରଣ୍ୟ ଭବନରେ 'କେନ୍ଦୁପତ୍ର ଚିନ୍ତନ ଶିବିର'

ଭୁବନେଶ୍ୱର,୨୪।୬(ସମିସ): ରାଜ୍ୟରେ କେନ୍ଦୁପତ୍ର କାର୍ଯ୍ୟକଳାପର ସଫଳତା, କ୍ଷେତ୍ରସ୍ତରରେ ଗ୍ରହଣ କରାଯାଇଥିବା ପଦକ୍ଷେପ ଏବଂ ଭବିଷ୍ୟତ କାର୍ଯ୍ୟଯୋଜନା ସମ୍ପର୍କରେ ଆଲୋଚନା ଓ ସମୀକ୍ଷା କରିବା ଉଦ୍ଦେଶ୍ୟରେ ଆଜି ଭୁବନେଶ୍ୱରସ୍ଥିତ ଅରଣ୍ୟ ଭବନରେ 'କେନ୍ଦୁପତ୍ର ଚିନ୍ତନ ଶିବିର' ଆୟୋଜିତ ହୋଇଯାଇଛି। ଜଙ୍ଗଲ, ପରିବେଶ ଓ ଜଳବାୟୁ ପରିବର୍ତ୍ତନ ବିଭାଗର ପ୍ରମୁଖ ଶାସନ ସଚିବ ଭାସ୍କର ଜ୍ୟୋତି ଶର୍ମାଙ୍କ ଅଧ୍ୟକ୍ଷତା କରି ଅଧିକାରୀମାନଙ୍କୁ ସମ୍ବୋଧିତ କରି କହିଥିଲେ, ଆଗାମୀ ଦିନରେ ବିଭିନ୍ନ ପ୍ରକଳ୍ପକୁ ଆମନ୍ତ୍ରଣ କରି ରାଜ୍ୟରେ ନୂତନ ନିଯୁକ୍ତି ସୁଯୋଗ ସୃଷ୍ଟି କରାଯିବ। କେନ୍ଦୁପତ୍ର କାର୍ଯ୍ୟକଳାପକୁ ଅଧିକ ସୁଦୃଢ଼ ଓ ପ୍ରଭାବଶାଳୀ କରିବା ପାଇଁ ବ୍ୟାପକ ପ୍ରଶିକ୍ଷଣ ଏବଂ ଦକ୍ଷତା ବିକାଶ କାର୍ଯ୍ୟକ୍ରମ ହାତକୁ ନିଆଯିବ। ଏହି ଅବସରରେ ଓଡ଼ିଶାରେ କେନ୍ଦୁପତ୍ର କାର୍ଯ୍ୟକଳାପର ସଫଳତା ଓ ଏହାର ସାମାଜିକ-ଆର୍ଥିକ ପ୍ରଭାବ ଉପରେ ଆଧାରିତ ଏକ ଭିଡିଓ ପ୍ରଦର୍ଶିତ ହୋଇଥିଲା। ଏଥିରେ କେନ୍ଦୁପତ୍ର କାର୍ଯ୍ୟକଳାପ ମାଧ୍ୟମରେ ଜୀବିକା ସୃଷ୍ଟି, ଗ୍ରାମୀଣ ବିକାଶ ଏବଂ ହିତାଧିକାରୀଙ୍କ କଲ୍ୟାଣ କ୍ଷେତ୍ରରେ ହୋଇଥିବା ଉଲ୍ଲେଖନୀୟ ଅବଦାନକୁ ଉପସ୍ଥାପିତ କରାଯାଇଥିଲା। ଏହାସହ କେନ୍ଦୁପତ୍ର କାର୍ଯ୍ୟକଳାପର ଉଲ୍ଲେଖନୀୟ ଅବଦାନ ଓ ଉତ୍କୃଷ୍ଟ କାର୍ଯ୍ୟଦକ୍ଷତା ପାଇଁ ୧୮ ଜଣ କ୍ଷେତ୍ରସ୍ତରୀୟ କର୍ମଚାରୀଙ୍କୁ ସମ୍ମାନିତ କରାଯାଇଥିଲା। କାର୍ଯ୍ୟକ୍ରମରେ ପ୍ରଧାନ ମୁଖ୍ୟ ବନ ସଂରକ୍ଷକ ତଥା ବନ ବାହିନୀ ମୁଖ୍ୟ ଓଡ଼ିଶା, ଡ. କେ ମୁରୁଗେସନ, ପ୍ରଧାନ ମୁଖ୍ୟ ବନ ସଂରକ୍ଷକ (ବନ୍ୟପ୍ରାଣୀ) ଏବଂ ମୁଖ୍ୟ ବନ୍ୟପ୍ରାଣୀ ତତ୍ତ୍ୱାବଧାରକ ପ୍ରେମ କୁମାର ଝା, ପ୍ରଧାନ ମୁଖ୍ୟ ବନ ସଂରକ୍ଷକ (କେନ୍ଦୁପତ୍ର) ଉମା ନନ୍ଦୁରୀ ପ୍ରମୁଖ ଯୋଗଦେଇ ଥିଲେ।

# 'ଓଡ଼ିଶା କୃଷିରେ ମହିଳାଙ୍କ ସଶକ୍ତିକରଣ' କର୍ମଶାଳା

ଭୁବନେଶ୍ୱର,୨୪।୬(ସମିସ): ଓଡ଼ିଶାର କୃଷି କ୍ଷେତ୍ରରେ ମହିଳାମାନଙ୍କର ଭାଗିଦାରୀ ଓ ଅଧିକାରକୁ ଅଧିକ ମଜବୁତ କରିବା ପାଇଁ କୃଷି ବିଭାଗ ଏବଂ ଅନ୍ତର୍ଜାତୀୟ ଖାଦ୍ୟ ନୀତି ଓ ଗବେଷଣା ପ୍ରତିଷ୍ଠାନ ମିଳିତ ସହଯୋଗରେ ଦୁଇଦିନିଆ ସ୍ୱେଚ୍ଛାସେବୀ ଓ ପ୍ରଶିକ୍ଷଣ କର୍ମଶାଳା ଅନୁଷ୍ଠିତ ହୋଇଯାଇଛି। "ଲିଙ୍ଗଗତ-ସମ୍ବେଦନଶୀଳ କକ୍ଷ' (ଜେଣ୍ଡର ରେସପନସିଭ୍ ସେଲ୍-ଜିଆରସି) ମାଧ୍ୟମରେ କୃଷି ନୀତିରେ ମହିଳା ଚାଷୀମାନଙ୍କୁ ସମାନ ସୁଯୋଗ ଓ ଗୁରୁତ୍ୱ ପ୍ରଦାନ କରିବା ଲକ୍ଷ୍ୟରେ ଆୟୋଜିତ ଏହି କର୍ମଶାଳାକୁ କୃଷି ସଚିବ ସଚିନ ରାମଚନ୍ଦ୍ର ଯାଦବ ଉଦଘାଟନ କରି କହିଥିଲେ ଯେ, କୃଷି କ୍ଷେତ୍ରରେ ମହିଳାମାନଙ୍କର ଅବଦାନକୁ କେବଳ ସାଂସ୍କୃତିକ ଦୃଷ୍ଟିକୋଣରୁ ଦେଖିଲେ ହେବନାହିଁ। ଏଥିପାଇଁ ସରକାରୀ ନୀତି ଏବଂ ପ୍ରଶାସନିକ ସ୍ତରରେ ବଡ଼ ପରିବର୍ତ୍ତନ ଆଣିବାକୁ ହେବ। ମହିଳା ଚାଷୀଙ୍କ ସଠିକ୍ ତଥ୍ୟ ସଂଗ୍ରହ କରି ସେମାନଙ୍କ ପାଇଁ ସ୍ୱତନ୍ତ୍ର ଯୋଜନା ପ୍ରସ୍ତୁତ କରିବା

**ମହିଳା ଚାଷୀଙ୍କୁ ଡିଜିଟାଲ ଜ୍ଞାନକୌଶଳ ଓ ବ୍ୟାଙ୍କିଙ୍ଗ୍ ସେବା ସହ ଯୋଡ଼ିବା ଉପରେ ଗୁରୁତ୍ୱ**

ଜରୁରୀ। ଅତିରିକ୍ତ ଶାସନସଚିବ ଶୁଭ୍ରାଂଶୁ ମିଶ୍ର କହିଛନ୍ତି ଯେ କୃଷି କ୍ଷେତ୍ରରେ ମହିଳାଙ୍କ ଭୂମିକାକୁ ଆଗକୁ ବଢ଼ାଇବା ପାଇଁ ପ୍ରମାଣ-ଆଧାରିତ ଏବଂ ସମସ୍ତଙ୍କୁ ସାଥିରେ ନେଇ ଚାଲିବା ଭଳି ନୂଆ ନୀତିର ଆବଶ୍ୟକତା ରହିଛି। ଏହି ଦୁଇ ଦିନ ମଧ୍ୟରେ ଅଧିକାରୀମାନଙ୍କୁ କୃଷି ଯୋଜନାରେ ମହିଳାମାନଙ୍କ ପାଇଁ କେମିତି ସ୍ୱତନ୍ତ୍ର ବଜେଟ୍ ବ୍ୟବସ୍ଥା କରାଯିବ ସେ ନେଇ ଆଲୋଚନା ହୋଇଥିଲା। ମହିଳା ଚାଷୀମାନଙ୍କୁ କିପରି ଡିଜିଟାଲ ଜ୍ଞାନକୌଶଳ ଓ ବ୍ୟାଙ୍କିଙ୍ଗ୍ ସେବା ସହ ଯୋଡ଼ା ଯାଇପାରିବ, ସରକାରୀ ତଥ୍ୟ ଏବଂ କମ୍ପ୍ୟୁଟର ସଫ୍ଟୱେର୍ ବ୍ୟବହାର କରି ମହିଳା ଚାଷୀଙ୍କ ସମସ୍ୟା ଓ ପ୍ରଗତିର ଆକଳନ କରିବା ଆଦି ବିଭିନ୍ନ ଗୁରୁତ୍ୱପୂର୍ଣ୍ଣ ବିଷୟରେ ପ୍ରଶିକ୍ଷଣ ଦିଆଯାଇଥିଲା। କର୍ମଶାଳାରେ କୃଷି ବିଭାଗ, ମହିଳା ଓ ଶିଶୁ ବିକାଶ ବିଭାଗ, ମିଶନ ଶକ୍ତି, ମତ୍ସ୍ୟ ଓ ପ୍ରାଣୀସମ୍ପଦ ବିଭାଗର ବରିଷ୍ଠ ଅଧିକାରୀଙ୍କ ସହ ବିଭିନ୍ନ ଜାତୀୟ ଓ ଅନ୍ତର୍ଜାତୀୟ ସଂସ୍ଥାର ବିଶେଷଜ୍ଞମାନେ ସାମିଲ ହୋଇଥିଲେ।

# ୧୬୦ କୋଟିରେ ହେବ ମହାନଦୀ ରିଭରଫ୍ରଣ୍ଟ ପ୍ରକଳ୍ପ






ସମ୍ବଲପୁର, ୨୪।୬ (ସମିସ): ସମ୍ବଲପୁରଠାରେ ମହାନଦୀରେ ହେବାକୁ ଥିବା ରିଭରଫ୍ରଣ୍ଟ ପ୍ରକଳ୍ପର ରୂପରେଖ ଚୂଡ଼ାନ୍ତ ହୋଇଥିବା ସୂଚନା ମିଳିଛି। ଏଥିପାଇଁ ୧୬୦ କୋଟି ଟଙ୍କା ବ୍ୟୟଅଟକଳ ରହିଛି। ଆଧୁନିକତାର ସ୍ପର୍ଶସାଙ୍ଗକୁ ସମ୍ବଲପୁରୀ ସଂସ୍କୃତି ଓ ପରିଚୟ, ପରିବେଶ ତଥା ଆଧ୍ୟାତ୍ମିକତାକୁ ପ୍ରାଧାନ୍ୟ ଦେଇ ଏହି ଯୋଜନା ନିର୍ଦ୍ଧାରଣ କରାଯାଉଛି। ଉଲ୍ଲେଖଯୋଗ୍ୟ ଯେ, ମହାନଦୀର ଉଭୟ ପାଶ୍ୱର୍ ସମ୍ବଲପୁର ସହର ପାଶ୍ୱର୍ ତଥା ଅପରପାଶ୍ୱର୍ ଚାଉଁରପୁର ପଟେ ମଧ୍ୟ ଏହି ଯୋଜନା କାର୍ଯ୍ୟକାରୀ କରାଯିବ। ପାରମ୍ପରିକ ସମ୍ବଲପୁରୀ ବାଦ୍ୟ, ପଞ୍ଚବାଦ୍ୟ ବ୍ୟତିରେକ ଅନ୍ୟ ପାରମ୍ପରିକ ଆଦିବାସୀ ବାଦ୍ୟ, ସମ୍ବଲପୁରୀ ହସ୍ତତନ୍ତ ବସ୍ତ୍ରର ଡିଜାଇନ୍ ଦ୍ୱାରା ଘାଟ ଅଞ୍ଚଳର ସୁଶୋଭିତ ହେବ। ଏହାସହିତ ବୀର ସୁରେନ୍ଦ୍ର ସାଏ, ସ୍ୱଭାବକବି ଗଙ୍ଗାଧର ମେହେର ଏବଂ ସନ୍ଥକବି ଭୀମଭୋଇଙ୍କ ପ୍ରତିମୂର୍ତ୍ତି ରଖାଯାଇ ତିନି ମହାପୁରୁଷଙ୍କ ନାମରେ ସ୍ୱତନ୍ତ୍ର ପ୍ଲାଜା ରହିବ। ପ୍ରବେଶଦ୍ୱାର ସମ୍ମୁଖରେ ହୀରାଖଣ୍ଡ ପ୍ଲାଜା ଶୋଭା ପାଇବ। ସମଲେଶ୍ୱରୀ ମନ୍ଦିର ନିକଟରେ ଆଳତୀ ଘାଟ ପାଇଁ ସୁଦୃଶ୍ୟ ଗ୍ୟାଲେରୀ ରହିବ, ଯେଉଁଥିରେ ପ୍ରାୟ ୫ ଶହରୁ ଊର୍ଦ୍ଧ୍ୱ ଶ୍ରଦ୍ଧାଳୁ ଓ ପର୍ଯ୍ୟଟକଙ୍କ ବସିବା ସୁବିଧା ଉପଲବ୍ଧ କରାଯିବ। ଲାଇବ୍ରେରୀ, ଫୁଡ୍ ପ୍ଲାଜା, ଯୋଗ ଓ ପ୍ରାଣାୟାମ ପାଇଁ ସ୍ଥାନ, ପ୍ରାତଃଭ୍ରମଣ ଓ ସାନ୍ଧ୍ୟଭ୍ରମଣ ପାଇଁ ଚଲାପଥ ଆଦି ସୁବିଧା ରହିବ। ଏଠାରେ ଏକ ପ୍ରଜାପତି ପ୍ଲାଜା ମଧ୍ୟ ରହିବ। ପାର୍କିଂ ପାଇଁ ପୃଥକ ପ୍ରବେଶ ଓ ପ୍ରସ୍ଥାନ ମାର୍ଗ ରହିବ। ୪୫୦ଟି ଚାରିଚକିଆ ଓ ୩୫୦ଟି ଦୁଇଚକିଆ ଯାନ ସକାଶେ ଯୋଜନା କରାଯାଇଛି। ବୋଟିଂ ପାଇଁ ଘାଟ ଏବଂ ଭାସମାନ ଜେଟି (ପ୍ଲାଟଫର୍ମ) ରହିବ। ପାର୍କ, ରଙ୍ଗୀନ ଜଳ ଫୁଆରା, ଡ୍ୟାନ୍ସିଂ ଲାଇଟ୍, ଶିଶୁଙ୍କ ପାଇଁ ସ୍ୱତନ୍ତ୍ର ପାର୍କ ତଥା କ୍ରୀଡ଼ା ଉପକରଣ ସବୁବର୍ଗର ଜନସାଧାରଣଙ୍କ ମନୋରଞ୍ଜନ କରିବ। ଏହି ଯୋଜନାରେ ବ୍ୟାରେଜ ମଧ୍ୟ ନିର୍ମାଣ ହେଉଥିବାରୁ ରିଭରଫ୍ରଣ୍ଟ ଅଞ୍ଚଳରେ ସବୁବେଳେ ଗଭୀର ଜଳରାଶି ରହିବ। ପ୍ରତିସନ୍ଧ୍ୟାରେ ବନାରସ ଢାଞ୍ଚାରେ ମହାନଦୀ ଆଳତୀ, ଜଳକ୍ରୀଡ଼ା, ଶିଶୁମାନଙ୍କ ପାଇଁ ସ୍ୱତନ୍ତ୍ର ବ୍ୟବସ୍ଥା, ଆକର୍ଷଣୀୟ ରିଭର ଫ୍ରଣ୍ଟ ସହିତ ବିଭିନ୍ନ ପ୍ଲାଜା ରାଜ୍ୟ ତଥା ରାଜ୍ୟ ବାହାରୁ ପର୍ଯ୍ୟଟକମାନଙ୍କୁ ଆକୃଷ୍ଟ କରିବ ବୋଲି ପର୍ଯ୍ୟଟନ ବିଭାଗ ପକ୍ଷରୁ ଆଶାପ୍ରକାଶ କରାଯାଇଛି।

# ଅଭାବରେ ମହାପ୍ରଭୁ
# ବନ୍ଦ ହେବ ଦ୍ୱିତୀୟ ଶ୍ରୀକ୍ଷେତ୍ର ରଥଯାତ୍ରା !

ବାରିପଦା, ୨୪।୬ (ସମିସ): ଆଉ ତିନି ସପ୍ତାହ ପରେ ରଥଯାତ୍ରା। ଦ୍ୱିତୀୟ ଶ୍ରୀକ୍ଷେତ୍ର ବାରିପଦା ସମେତ ମୟୂରଭଞ୍ଜ ଜିଲ୍ଲାର ବିଭିନ୍ନ ଦେବତ୍ତୋର ବିଭାଗ ଅଧୀନ ମଠ ଓ ମନ୍ଦିରରେ ଚଳିତ ବର୍ଷ ରଥଯାତ୍ରା ପାଇଁ ପ୍ରସ୍ତୁତି ଜୋରସୋରରେ ଚାଲିଛି। ଦେବତ୍ତୋର ବିଭାଗ ଅଧୀନରେ ହେଉଥିବା ରଥଯାତ୍ରା ପାଇଁ ଏଥର ମୋଟ ୧ କୋଟି ୩୪ ଲକ୍ଷ ୭୦ ହଜାର ଟଙ୍କା ଖର୍ଚ୍ଚ ଅଟକଳ ଉପସ୍ଥାପିତ ହୋଇଛି। ମଙ୍ଗଳବାର ଜିଲ୍ଲାପାଳ ହେମକାନ୍ତ ସଏଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ଦ୍ୱିତୀୟ ପ୍ରସ୍ତୁତି ବୈଠକରେ ଏହି ଅଟକଳ ଉପସ୍ଥାପିତ ହୋଇଛି। ବାରିପଦା ଦ୍ୱିତୀୟ ଶ୍ରୀକ୍ଷେତ୍ର ଶ୍ରୀଶ୍ରୀ ହରିବଳଦେବଜୀଉ ମନ୍ଦିର ପାଇଁ ଏଥର ରଥଯାତ୍ରା ଖର୍ଚ୍ଚ ଅଟକଳ ୬୬ ଲକ୍ଷ ୧୦ ହଜାର ଟଙ୍କା ରହିଛି। ଏଥିରେ ଚାରିଟି ରଥ ନିର୍ମାଣ ଓ ଖୋଲା, ରଥ କାଠ ଓ ପରିବହନ, ରଥ ଦଉଡି, ଲୁହା ସାମଗ୍ରୀ, ଦେବତାଙ୍କ ସାଜସଜ୍ଜା, ଗହଣା ରଙ୍ଗ ଓ ମରାମତି, ଟାହିଆ, ଆଲୋକ ବ୍ୟବସ୍ଥା, ଟେଣ୍ଟ, ଜେନେରେଟର, ସିସି କ୍ୟାମେରା ଆଦି ସମସ୍ତ ଖର୍ଚ୍ଚ ଅନ୍ତର୍ଭୁକ୍ତ। ସେହିପରି ମାଣତ୍ରୀ ମନ୍ଦିର ପାଇଁ ୨.୬୦ ଲକ୍ଷ ଟଙ୍କା, ପ୍ରତାପପୁର ମନ୍ଦିର ଓ ରାସଗୋବିନ୍ଦପୁର ଖୁଣ୍ଟା ମଠ ପାଇଁ ୧.୬୦ ଲକ୍ଷ ଟଙ୍କା ଲେଖାଏଁ, କାନ୍ଠିଥ ମଠ ପାଇଁ ୧.୧୦ ଲକ୍ଷ ଟଙ୍କା, ଅମର୍ଦ୍ଦା ମଠ ପାଇଁ ୧ ଲକ୍ଷ ଟଙ୍କା ଓ ମଙ୍ଗଳପୁର ମଠ ପାଇଁ ୭୦ ହଜାର ଟଙ୍କାକୁ ମିଶାଇ ୮ ଲକ୍ଷ ୬୦ ହଜାର ଟଙ୍କା ଧାର୍ଯ୍ୟ କରାଯାଇଛି। ଏହା ମିଶି ଚଳିତବର୍ଷ ରଥଯାତ୍ରା ପାଇଁ ଦେବତ୍ତୋର ବିଭାଗ ପକ୍ଷରୁ ମୋଟ ୭୪ ଲକ୍ଷ ୭୦ ହଜାର ଟଙ୍କାର ଅଟକଳ ହୋଇଛି। ସର୍ବାଧିକ ଚିନ୍ତାର ବିଷୟ ହେଉଛି ଚଳିତ ବର୍ଷ ଜାନୁଆରୀ ମାସରୁ ଜୁନ୍ ପର୍ଯ୍ୟନ୍ତ ଦୈନନ୍ଦିନ ଖର୍ଚ୍ଚ ବାବଦ ୬୦ ଲକ୍ଷ ଟଙ୍କା ବକେୟା ରହିଛି। ଏଣୁ ବକେୟା ଟଙ୍କା ପ୍ରଦାନ ନ କରିବା ଯାଏଁ ଯୋଗାଣକାରୀ ଦୋକାନୀ ବା ବ୍ୟବସାୟୀ ରଥଯାତ୍ରା ପାଇଁ ସାମଗ୍ରୀ ଦେବା ଆଶା ଚିନ୍ତାର ବିଷୟ। ଏହି ବକେୟା ସହ ମୋଟ ଖର୍ଚ୍ଚ ଅଟକଳ ୧ କୋଟି ୩୪ ଲକ୍ଷ ୭୦ ହଜାର ଟଙ୍କା ପର୍ଯ୍ୟନ୍ତ ପହଞ୍ଚିଛି। ଦେବତ୍ତୋର ବିଭାଗ ଏହି ଅଟକଳ ଉପସ୍ଥାପନ କରିଥିବାବେଳେ ବକେୟା ଟଙ୍କା ସମୟରେ ମିଳିଲେ ହିଁ ସମୟମତେ ରଥଯାତ୍ରା ସମ୍ପନ୍ନ ହୋଇପାରିବ ବୋଲି ଉକ୍ତ ମହଲ ଆଶା କରୁଛି। ମହାପ୍ରଭୁ ଶ୍ରୀଜଗନ୍ନାଥଙ୍କ ରଥଯାତ୍ରା ଯେପରି କୌଣସି ଅସୁବିଧା ବିନା ସୁଚାରୁରୂପେ ସମ୍ପନ୍ନ ହୁଏ, ସେ ଦିଗରେ ପ୍ରଶାସନ ଓ ସମ୍ପୃକ୍ତ ବିଭାଗର ଦୃଷ୍ଟି ଆକର୍ଷଣ କରୁଛି ଏହି ଅଟକଳ।



**ଅଟକଳ ୭୪ ଲକ୍ଷ ୭୦ ହଜାର**
**ଜାନୁଆରୀରୁ ବାକିପଡ଼ିଛି ୬୦ ଲକ୍ଷ**

ବାରିପଦା ଦେବତ୍ତୋର ବିଭାଗ ଅଧୀନରେ ଶ୍ରୀଶ୍ରୀ ହରିବଳଦେବଜୀଉଙ୍କ ମନ୍ଦିର ସହ ୧୦ଟି ମଠ ଓ ମନ୍ଦିର ପରିଚାଳିତ ହେଉଛି। ଏଥିନିମନ୍ତେ ୪୪ ହଜାର ୭ ଶହ ଏକର ଜମି ଖଞ୍ଜାଯାଇଥିବାବେଳେ ପାଖାପାଖି ୪୦ ହଜାର ଜମି ବିଭିନ୍ନ ସରକାରୀ ସଂସ୍ଥା, ମୁଷ୍ଟିମେୟ ଲୋକ ଜବରଦଖଲ, କାଜୁ ନିଗମ ଓ ବାରିପଦା ପୌର ପରିଷଦ ଅଧୀନରେ ରହିଛି। ଫଳରେ ଉକ୍ତ ଜମିରୁ ଲକ୍ଷ ଲକ୍ଷ ଟଙ୍କା ରାଜସ୍ୱ ଆଦାୟ ହୋଇପାରୁନାହିଁ। ଉକ୍ତ ଜମିକୁ ଦେବତ୍ତୋର ବିଭାଗ ଅଧୀନକୁ ଆଣି ମଠ ମନ୍ଦିର ପରିଚାଳନରେ ସୁବ୍ୟବସ୍ଥା କରାଗଲେ ଉପରୋକ୍ତ ଅଭାବ ପରିଲକ୍ଷିତ ହୁଅନ୍ତା ନାହିଁ ବୋଲି ରାଜ୍ୟ ସେବାୟତ ସଂଘର ସଭାପତି କାମେଶ୍ୱର ତ୍ରିପାଠୀ କହିଛନ୍ତି।

## ‘ଡିଜିଟାଲ୍ ଆରେଷ୍ଟ’ ଠକେଇ
# ଅବସରପ୍ରାପ୍ତ ପ୍ରଫେସର ଫେରିପାଇଲେ ୧.୧୦ କୋଟି

କଟକ,୨୪।୬(ସମିସ): ‘ଡିଜିଟାଲ୍ ଆରେଷ୍ଟ’ ଠକେଇର ଶିକାର ହୋଇଥିବା ଭୁବନେଶ୍ୱରର ଜଣେ ଅବସରପ୍ରାପ୍ତ ପ୍ରଫେସରଙ୍କ ଆକାଉଣ୍ଟରୁ ଯାଇଥିବା ୨.୪୫ କୋଟି ଟଙ୍କା ମଧ୍ୟରୁ ୧କୋଟି ୧୦ ଲକ୍ଷ ଫେରସ୍ତ ଆଣିବାରେ ସଫଳ ହୋଇଛି କ୍ରାଇମବ୍ରାଞ୍ଚ। ‘୧୯୩୦’ ସାଇବର ହେଲ୍ପଲାଇନ୍ ମାଧ୍ୟମରେ ତୁରନ୍ତ ପଦକ୍ଷେପ ଗ୍ରହଣ କରାଯାଇ ଏହି ଅର୍ଥ ଉଦ୍ଧାର କରାଯାଇପାରିଛି ବୋଲି କ୍ରାଇମବ୍ରାଞ୍ଚ ପକ୍ଷରୁ କୁହାଯାଇଛି। ମିଳିଥିବା ସୂଚନା ଅନୁଯାୟୀ, ଭୁବନେଶ୍ୱରରେ ରହୁଥିବା ଏହି ଅବସରପ୍ରାପ୍ତ ପ୍ରଫେସର ଜଣକ ଗତ ଫେବୃଆରୀ ୨୦୨୬ରେ ଡିଜିଟାଲ୍ ଆରେଷ୍ଟର ଶିକାର ହୋଇ ପ୍ରାୟ ୨କୋଟି ୪୫ଲକ୍ଷ ଟଙ୍କା ହରାଇଥିଲେ। ଏନେଇ ସେ ଗତ ମେ ୧୫ରେ ସେ ଜାତୀୟ ସାଇବର ଅପରାଧ ରିପୋର୍ଟିଂ ପୋର୍ଟାଲ (ଏନସିଆରପି)ରେ ଅଭିଯୋଗ କରିଥିଲେ। ଏହାପୂର୍ବରୁ ତଥା ଗତ ମାର୍ଚ୍ଚ ୨ତାରିଖରେ ସେ କ୍ରାଇମବ୍ରାଞ୍ଚ ସାଇବର କ୍ରାଇମ ଥାନାରେ ଏକ ମାମଲା ମଧ୍ୟ ରୁଜୁ କରିଥିଲେ। ଏହି ପ୍ରକ୍ରିୟାରେ ଠକେଇ ସହ ଜଡ଼ିତ କେତେକ ବ୍ୟାଙ୍କ ଆକାଉଣ୍ଟ ଚିହ୍ନଟ କରାଯାଇଥିଲା ଏବଂ ସେଗୁଡ଼ିକୁ ତୁରନ୍ତ ଫ୍ରିଜ୍ ବା ଅଚଳ କରିବାକୁ ପଦକ୍ଷେପ ନିଆଯାଇଥିଲା। ବ୍ୟାଙ୍କ କର୍ତ୍ତୃପକ୍ଷଙ୍କ ସହ ସମନ୍ୱୟ ରକ୍ଷା କରି ‘ୟେସ୍ ବ୍ୟାଙ୍କ’ର ଏକ ଆକାଉଣ୍ଟରେ ଥିବା ୧କୋଟି ୧୦ଲକ୍ଷ ଟଙ୍କାକୁ ଅଟକାଇ ଦିଆଯାଇଥିଲା। ପରବର୍ତ୍ତୀ ସମୟରେ, କୋର୍ଟଙ୍କ ଆଦେଶ ଅନୁଯାୟୀ ସମସ୍ତ ଆଇନଗତ ପ୍ରକ୍ରିୟା ଶେଷ କରି ଏହି ସମ୍ପୂର୍ଣ୍ଣ ଅର୍ଥକୁ ଅଭିଯୋଗକାରୀ ପ୍ରଫେସରଙ୍କ ଆକାଉଣ୍ଟକୁ ସଫଳତାର ସହ ଫେରସ୍ତ ଅଣାଯାଇଛି।

**୪ ମାସରେ ୧୬୩୩୫ଟି ସାଇବର ଠକେଇ ଅଭିଯୋଗ**

କ୍ରାଇମବ୍ରାଞ୍ଚ ପକ୍ଷରୁ ଦିଆଯାଇଥିବା ତଥ୍ୟ ଅନୁଯାୟୀ ଗତ ୨୦୨୫ରେ ଏନସିଆରପିରେ ମୋଟ ୪୩୨.୨୮ କୋଟି ଟଙ୍କା ଠକେଇ ନେଇ ୪୯୪୨୬ଟି ଅଭିଯୋଗ ପଞ୍ଜିକୃତ ହୋଇଥିଲା। ଏହି ଅଭିଯୋଗ ଗୁଡିକ ଆଧାରରେ ୬୮.୭୧କୋଟି ଟଙ୍କାକୁ ବିଭିନ୍ନ ବ୍ୟାଙ୍କରେ ଫ୍ରିଜ କରାଯାଇଥିବା ବେଳେ ୫.୩୧କୋଟି ଟଙ୍କା ଅଭିଯୋଗକାରୀ ମାନଙ୍କୁ ଫେରସ୍ତ ଦିଆଯାଇପାରିଛି। ସେହିଭଳି ୨୦୨୬ ଏପ୍ରିଲ୩୦ ସୁଦ୍ଧା ୧୩୪.୨୪କୋଟି ଟଙ୍କା ଠକେଇ ନେଇ ୧୬୩୩୫ଟି ଅଭିଯୋଗ ହୋଇଥିବା ବେଳେ ୨୪.୨୭କୋଟି ଟଙ୍କା ବିଭିନ୍ନ ବ୍ୟାଙ୍କରେ ଫ୍ରିଜ କରାଯାଇ ରଖାଯାଇଛି। ଏଥିରୁ ୨.୯୭କୋଟି ଟଙ୍କା ଅଭିଯୋଗକାରୀ ମାନେ ଫେରସ୍ତ ପାଇଛନ୍ତି। ଏଭଳି କୌଣସି ସନ୍ଦିଗ୍ଧ ଫୋନ କଲ୍ ଆସିଲେ ନିଜର ବ୍ୟକ୍ତିଗତ ଓ ବ୍ୟାଙ୍କ ତଥ୍ୟ ସେୟାର ନକରିବାକୁ କୁହାଯାଇଛି। ଏଭଳି ଘଟଣା ଘଟିଲେ ତୁରନ୍ତ ଟୋଲ୍ ଫ୍ରି ସାଇବର କ୍ରାଇମ ହେଲ୍ପଲାଇନ୍ ନମ୍ବର ୧୯୩୦କୁ କଲ୍ କିମ୍ବା www.cybercrime.gov.inରେ ଅଭିଯୋଗ ଯେତେ ଶୀଘ୍ର କରାଯିବ ତେବେ ଟଙ୍କା ଫ୍ରିଜ୍ ହେବାର ଏବଂ ଫେରସ୍ତ ମିଳିବାର ସମ୍ଭାବନା ସେତେ ଅଧିକ ରହିବ ବୋଲି କ୍ରାଇମବ୍ରାଞ୍ଚ ପକ୍ଷରୁ କୁହାଯାଇଛି।

# ବ୍ରାହ୍ମଣୀରେ ବୁଡ଼ି ଯୁବକଙ୍କ ମୃତ୍ୟୁ

କଣିହାଁ,୨୪।୬(ସମିସ): କଣିହାଁ ବ୍ଲକ ରେଙ୍ଗାଲି ଡ୍ୟାମ ନିମ୍ନଭାଗ କଦଳିପାଳ ନିକଟରେ ବ୍ରାହ୍ମଣୀ ନଦୀରେ ବୁଡ଼ି ଜଣେ ଯୁବକଙ୍କ ମୃତ୍ୟୁ ଘଟିଛି। ଏହି ଘଟଣା ମଙ୍ଗଳବାର ଅପରାହ୍ନରେ ଘଟିଥିବା ଜଣାପଡ଼ିଛି। ସୂଚନା ଅନୁଯାୟୀ, ରେଙ୍ଗାଲି ଡ୍ୟାମ ତଳ ଅଞ୍ଚଳ କଦଳିପାଳ ନିକଟ ବ୍ରାହ୍ମଣୀ ନଦୀରେ ଜଣେ ଯୁବକ ଗାଧୋଇବା ବେଳେ ଅସାବଧାନତାବଶତଃ ବୁଡ଼ି ଯାଇଥିଲେ। ଘଟଣା ଦେଖି ସେଠାରେ ଥିବା କିଛି ସ୍ଥାନୀୟ ଲୋକେ ନଦୀରୁ ତାଙ୍କୁ ଉଦ୍ଧାର କରି ନିକଟସ୍ଥ ଡାକ୍ତରଙ୍କ ନିକଟକୁ ନେଇଥିଲେ। ପରବର୍ତ୍ତୀ ସମୟରେ ଆମ୍ବୁଲାନ୍ସ ଯୋଗେ ତାଙ୍କୁ କଣିହାଁ ଗୋଷ୍ଠୀ ସ୍ୱାସ୍ଥ୍ୟ କେନ୍ଦ୍ରକୁ ସ୍ଥାନାନ୍ତର କରାଯାଇଥିଲା। ତେବେ ସେଠାରେ ଡାକ୍ତର ତାଙ୍କୁ ମୃତ ଘୋଷଣା କରିଥିଲେ। ମୃତ ଯୁବକ ଜଣକ କଣିହାଁ ବ୍ଲକ ଖାମାର ଗ୍ରାମର ରାଜେଶ ଗୋଚ୍ଛାୟତ ବୋଲି ଜଣାପଡ଼ିଛି। ପୁଲିସ ଖବର ପାଇ ଘଟଣାର ତଦନ୍ତ ଆରମ୍ଭ କରିଛି।

# ଷ୍ଟ୍ରିଟ୍ ଲାଇଟ୍ କାମରେ ଦୁର୍ନୀତି ଅଭିଯୋଗ

ଭୁବନେଶ୍ୱର ୨୪।୬ (ସମିସ): ଗ୍ରାମାଞ୍ଚଳରେ ଷ୍ଟ୍ରିଟ୍ ଲାଇଟ୍ ସ୍ଥାପନ କାର୍ଯ୍ୟରେ ଦୁର୍ନୀତି ଅଭିଯୋଗର ତଦନ୍ତ ଆରମ୍ଭ କରିଛି ଭିଜିଲାନ୍ସ। ବୁଧବାର ଭିଜିଲାନ୍ସ ଟିମ୍ କେନ୍ଦୁଝର, ନୟାଗଡ଼ ଓ ଯାଜପୁର ଜିଲ୍ଲାର ବିଭିନ୍ନ ଗ୍ରାମ ପଞ୍ଚାୟତକୁ ଯାଇ ତଦନ୍ତ କରିଛି। ଭିଜିଲାନ୍ସ ପକ୍ଷରୁ ୮୧ ଜଣ ଅଧିକାରୀଙ୍କୁ ନେଇ ୨୪ଟି ଟିମ୍ ଗଠନ କରାଯାଇଛି। ପ୍ରତ୍ୟେକ ଜିଲ୍ଲାରେ ୨୭ ଜଣ ଅଧିକାରୀ ନିୟୋଜିତ ହୋଇ ତଦନ୍ତ କରୁଛନ୍ତି। ବିକଶିତ ଗାଁ ବିକଶିତ ଓଡ଼ିଶା ଯୋଜନା ଓ ୫ମ ରାଜ୍ୟ ଅର୍ଥ କମିଶନ ଅନୁଦାନରେ କାର୍ଯ୍ୟକାରୀ ହୋଇଥିବା ଏହି ପ୍ରକଳ୍ପରେ ଦୁର୍ନୀତିର ଗନ୍ଧ ବାରିଛି ଭିଜିଲାନ୍ସ। ଟେଣ୍ଡର ନିୟମ ଉଲ୍ଲଂଘନ ସହ ଏନର୍ଜି ମିଟର, କେବୁଲ, ଏମସିସିବି, ଫଟୋ ସ୍ୱିଚ୍ ଟାଇମର ଆଦି ସ୍ଥାପନ ନକରି ମଧ୍ୟ ବିଲ୍ ଉଠାଯାଇଥିବା ଅଭିଯୋଗ ହୋଇଛି। ଆଜି ଭିଜିଲାନ୍ସର ଟିମ୍ ୩ଟି ଜିଲ୍ଲାର ୫୦ଟି ସ୍ଥାନରେ ପ୍ରାୟୋଗିକ ଯାଞ୍ଚ ଓ ସ୍ଥଳ ପରିଦର୍ଶନ କରିଛନ୍ତି। ଏଥିରେ କେତେ ଦୁର୍ନୀତି ହୋଇଛି ଓ ସରକାରୀ କର୍ମଚାରୀ, କାର୍ଯ୍ୟନିର୍ବାହୀ ସଂସ୍ଥାମାନଙ୍କର ଭୂମିକା କ'ଣ ରହିଛି, ତା'ର ତଦନ୍ତ ଆରମ୍ଭ ହୋଇଛି ।

**୩ ଜିଲ୍ଲାରେ ଭିଜିଲାନ୍ସ ଯାଞ୍ଚ**

■ ଛତ୍ରପୁର ଅଞ୍ଚଳରେ ଗୁଣିଆ ସନ୍ଦେହରେ ହତ୍ୟା ମାମଲା
# ଅଭିଯୁକ୍ତ ୨୪ ବର୍ଷ ପରେ ହାଇକୋର୍ଟରୁ ଦୋଷମୁକ୍ତ

କଟକ,୨୪।୬(ସମିସ): ଏକ ହତ୍ୟା ଘଟଣାରେ ଜଣେ ଅଭିଯୁକ୍ତ ଦୀର୍ଘ ୨୪ବର୍ଷ ପରେ ହାଇକୋର୍ଟରୁ ଦୋଷମୁକ୍ତ ହୋଇଛନ୍ତି। ସାକ୍ଷୀଙ୍କ ବୟାନରେ ବିରୋଧାଭାସ ଏବଂ ଦୁର୍ବଳ ଅନୁସନ୍ଧାନ କାରଣରୁ ଏକ ଦୀର୍ଘ ଦିନର ହତ୍ୟା ମାମଲାରେ ଓଡ଼ିଶା ହାଇକୋର୍ଟ ଏକ ଗୁରୁତ୍ୱପୂର୍ଣ୍ଣ ରାୟ ଶୁଣାଇଛନ୍ତି। ୨୦୦୩ରୁ ଚାଲିଆସୁଥିବା ମାମଲାର ଶୁଣାଣି କରି ନିମ୍ନ ଅଦାଲତଙ୍କ ଆଜୀବନ କାରାଦଣ୍ଡାଦେଶକୁ ହାଇକୋର୍ଟ ରଦ୍ଦ କରିବା ସହ ଅଭିଯୁକ୍ତ ତଥା ଆବେଦନକାରୀ ବାବୁ ଦାସଙ୍କୁ ସମସ୍ତ ଦୋଷରୁ ମୁକ୍ତ କରିଛନ୍ତି। ଜଷ୍ଟିସ ମାନସ ରଞ୍ଜନ ପାଠକ ଓ ଜଷ୍ଟିସ ଶଶିକାନ୍ତ ମିଶ୍ରଙ୍କୁ ନେଇ ଗଠିତ ଖଣ୍ଡପୀଠ ଏପରି ନିର୍ଦ୍ଦେଶ ପ୍ରଦାନ କରିଛନ୍ତି। ନିମ୍ନ ଅଦାଲତ ପ୍ରମାଣରେ ଥିବା ବଡ଼ ଫାଙ୍କଗୁଡ଼ିକୁ ଅଣଦେଖା କରିଥିଲେ। ଆଇନ ଅନୁଯାୟୀ ପ୍ରସିକ୍ୟୁସନକୁ ନିଜ ମାମଲା ସନ୍ଦେହରୁ ଉର୍ଦ୍ଧ୍ୱରେ ପ୍ରମାଣ କରିବାକୁ ପଡ଼ିଥାଏ, କିନ୍ତୁ ଏଠାରେ ନିମ୍ନ ଅଦାଲତ ଓଲଟା ଅଭିଯୁକ୍ତ ଉପରେ ନିଜକୁ ନିର୍ଦ୍ଦୋଷ ପ୍ରମାଣ କରିବାର ଭାର ଲଦି ଦେଇଛନ୍ତି, ଯାହା ଆଇନଗତ ଭାବେ ଗ୍ରହଣୀୟ ନୁହେଁ ବୋଲି ହାଇକୋର୍ଟ କହିଛନ୍ତି।

**‘ନିର୍ଦ୍ଦୋଷ ପ୍ରମାଣ ପାଇଁ ଅଭିଯୁକ୍ତ ଉପରେ ବୋଝ ଲଦିବା ଗ୍ରହଣୀୟ ନୁହେଁ’**

ମାମଲାରୁ ପ୍ରକାଶ ଯେ ଗତ ୨୦୦୨ ମସିହା ମେ’ ୨୮ ତାରିଖରେ ଗଞ୍ଜାମ ଜିଲ୍ଲା ଛତ୍ରପୁର ଅଞ୍ଚଳର ସାରୁ ଗ୍ରାମର ଗୁଣିଆ ନଟବର ଗୌଡ଼ଙ୍କୁ ଲାଠିରେ ପିଟି ପିଟି ହତ୍ୟା କରାଯାଇଥିବା ଅଭିଯୋଗ ହୋଇଥିଲା। ଅଭିଯୁକ୍ତ ବାବୁ ଦାସ ନିଜ ପରିବାର ଉପରେ ଗୁଣି ଗାରେଡ଼ି ସନ୍ଦେହ କରି ଏହି ହତ୍ୟାକାଣ୍ଡ ଘଟାଇଥିବା ପ୍ରସିକ୍ୟୁସନ ଦାବି କରିଥିଲା। ୩୧ ଅକ୍ଟୋବର ୨୦୦୩ରେ ଛତ୍ରପୁର ଫାଷ୍ଟ ଟ୍ରାକ୍ କୋର୍ଟ ଅଭିଯୁକ୍ତକୁ ଦୋଷୀ ସାବ୍ୟସ୍ତ କରି ଆଜୀବନ କାରାଦଣ୍ଡାଦେଶ ଦେଇଥିଲେ, ଯାହାକୁ ଚ୍ୟାଲେଞ୍ଜ କରି ଅଭିଯୁକ୍ତ ତରଫରୁ ହାଇକୋର୍ଟରେ ଅପିଲ୍ କରାଯାଇଥିଲା। ପ୍ରସିକ୍ୟୁସନର ସମସ୍ତ ପ୍ରମାଣ ସନ୍ଦେହଘେରରେ ଥିବାରୁ, ଆଇନର ‘ବେନିଫିଟ୍ ଅଫ୍ ଡାଉଟ୍’ ବା ସନ୍ଦେହର ଲାଭ ଅଭିଯୁକ୍ତଙ୍କ ସପକ୍ଷରେ ଯିବା ଉଚିତ ବୋଲି ହାଇକୋର୍ଟ ପ୍ରକାଶ କରିଛନ୍ତି। ଏହି ଆଧାରରେ ଆବେଦନକାରୀଙ୍କୁ ନିର୍ଦ୍ଦୋଷରେ ଖଲାସ କରାଯାଇଛି।

■ ଜଷ୍ଟିସ ନାଇଡୁ କମିସନ ରିପୋର୍ଟ ଗାଏବ୍ ଘଟଣା
# ସିବିଆଇ ତଦନ୍ତ ପାଇଁ ହାଇକୋର୍ଟରେ ଆବେଦନ

କଟକ,୨୪।୬(ସମିସ): ସ୍ୱାମୀ ଲକ୍ଷ୍ମଣାନନ୍ଦ ସରସ୍ୱତୀଙ୍କ ହତ୍ୟା ଘଟଣାରେ ଜଷ୍ଟିସ ଏ.ଏସ.ନାଇଡୁ ତଦନ୍ତ କମିସନଙ୍କ ରିପୋର୍ଟ ମୁଖ୍ୟମନ୍ତ୍ରୀଙ୍କ କାର୍ଯ୍ୟାଳୟରୁ ଗାଏବ ଘଟଣାକୁ ନେଇ ମାମଲା ହାଇକୋର୍ଟରେ ପହଞ୍ଚିଛି। ପୂର୍ବରୁ ସ୍ୱାମୀ ଲକ୍ଷ୍ମଣାନନ୍ଦଙ୍କ ହତ୍ୟା ଘଟଣାର ସିବିଆଇ ତଦନ୍ତ ଦାବିରେ ହାଇକୋର୍ଟରେ ମାମଲା ଦାୟର ହୋଇଥିଲା। ତେବେ ଏହି ମାମଲାରେ ଜଷ୍ଟିସ ନାଇଡୁ କମିସନଙ୍କ ରିପୋର୍ଟ ଗାଏବ ପ୍ରସଂଗକୁ ନେଇ ଆଇନଜୀବୀ ତଥା ଆବେଦନକାରୀ ଇଂ ଦେବାଶିଷ ହୋତା ହାଇକୋର୍ଟରେ ଏକ ଅନ୍ତରୀଣ ଆବେଦନ ଦାଖଲ କରିଛନ୍ତି। ଆବେଦନକାରୀ ଦର୍ଶାଇଛନ୍ତି ଯେ କନ୍ଧମାଳର ଜଲେସପଟା ଆଶ୍ରମରେ ଭିଏଚପି ନେତା ସ୍ୱାମୀ ଲକ୍ଷ୍ମଣାନନ୍ଦ ସରସ୍ୱତୀ ଏବଂ ତାଙ୍କର ୪ଜଣ ଅନୁଗାମୀଙ୍କ ୨୦୦୮ ମସିହାରେ ହୋଇଥିବା ନିର୍ମମ ଓ ସୁଚିନ୍ତିତ ହତ୍ୟାକାଣ୍ଡର ତଦନ୍ତ ପାଇଁ ବିଶେଷ ଭାବେ ଜଷ୍ଟିସ ଏ.ଏସ.ନାଇଡୁ କମିସନ ଗଠନ କରାଯାଇଥିଲା। ଏହି ଗୁରୁତ୍ୱପୂର୍ଣ୍ଣ କମିସନର ତଦନ୍ତ ରିପୋର୍ଟ ସେପ୍ଟେମ୍ବର ୨୦୧୬ରେ ସିଏମଓକୁ ପଠାଯାଇଥିଲା। ଏବେ ସେହି ରିପୋର୍ଟ ମିଳୁ ନଥିବା ନେଇ କ୍ୟାପିଟାଲ ଥାନାରେ ଗତ ୨୦ ଜୁନ୍‌ରେ ଏକ ଅପରାଧିକ ମାମଲା ରୁଜୁ କରିଛି। ତେବେ କେନ୍ଦ୍ରୀୟ ତଦନ୍ତ ବ୍ୟୁରୋ (ସିବିଆଇ) ଭଳି ସଂସ୍ଥା ମାଧ୍ୟମରେ ଏହାର ତଦନ୍ତ ଆବଶ୍ୟକତା ରହିଥିବା ନେଇ ଆବେଦନକାରୀ ଦର୍ଶାଇଛନ୍ତି।

# ତାମିଲନାଡୁ ଗ୍ୟାସ୍ ଲିକ୍ ଦୁର୍ଘଟଣାରେ କେନ୍ଦୁଝର ଜିଲ୍ଲାର ଆଉ ଜଣେ ମୃତ

କେନ୍ଦୁଝର, ୨୪।୬(ସମିସ): ତାମିଲନାଡୁ ଗ୍ୟାସ ଲିକ ଦୁର୍ଘଟଣାରେ କେନ୍ଦୁଝର ଜିଲ୍ଲାର ଆଉ ଜଣଙ୍କର ମୃତ୍ୟୁ ହୋଇଥିବା ଜଣାପଡିଛି। ଏହି ମୃତ୍ୟୁ ସଂଖ୍ୟା ବର୍ତ୍ତମାନ ମୋଟ ୮ରେ ପହଞ୍ଚିଛି। ବୁଧବାର ପୁଣି ଚିକିତ୍ସାଧୀନ ଅବସ୍ଥାରେ ହରିଚନ୍ଦନପୁର ବ୍ଲକ କନ୍ତଲା ବାଲିସାହିର ସୁବାଶୀ ଯୁଆଙ୍ଗଙ୍କର ମୃତ୍ୟୁ ହୋଇଥିବା ଜଣାପଡିଛି। ଶ୍ରମିକମାନେ ତାମିଲନାଡୁ ରାଜ୍ୟର ତିରୁଭାଲୁର ଜିଲ୍ଲାରେ ଥିବା ସେଣ୍ଟ ପିଟର୍ସ ଆଣ୍ଡ ପଲ୍ ସି ଫୁଡ୍ ଏକ୍ସପୋର୍ଟସ ପ୍ରାଇଭେଟ ଲିମିଟେଡ କମ୍ପାନୀରେ କେନ୍ଦୁଝର ଜିଲ୍ଲାରୁ ଯାଇ କାମ କରୁଥିଲେ। କାରଖାନାର ଆମୋନିଆ ଗ୍ୟାସ୍ ଲିକ୍ ଦୁର୍ଘଟଣାରେ ସଦର ଥାନା ଅନ୍ତର୍ଗତ କୋଡିପଶା ଗ୍ରାମର ଫୁଲମଣୀ ଜୁଆଙ୍ଗ, କେନ୍ଦୁଝର ଜିଲ୍ଲା ତେଲକୋଇ ଥାନା ଅନ୍ତର୍ଗତ ଦୁବନାଳୀଟାଙ୍ଗିରୀ ଗ୍ରାମର ଶିବାନୀ ଜୁଆଙ୍ଗ, ତେଲକୋଇ ଥାନା ଦୁବନାଳୀ ଟାଙ୍ଗିରୀ ଗ୍ରାମର ଗୀତା ଜୁଆଙ୍ଗ, ତେଲକୋଇ ଥାନା ରଙ୍ଗାମାଟିଆ ଗ୍ରାମର ଗୁମନୀ ଜୁଆଙ୍ଗ ଓ ସଦର ଥାନା ଅନ୍ତର୍ଗତ ତଳଚମ୍ପେଇ ଗ୍ରାମର ଚମ୍ପାବତୀ ଜୁଆଙ୍ଗ ମୃତ୍ୟୁ ହୋଇଥିଲା। ଚିକିତ୍ସାଧୀନ ଅବସ୍ଥାରେ ପୁଣି କେନ୍ଦୁଝର ଟାଉନ ଥାନା କୋଡିପଶା ଗ୍ରାମର ସୃଜନୀ ଜୁଆଙ୍ଗ, ତେଲକୋଇ ଥାନା ରଙ୍ଗାମାଟିଆ ଗ୍ରାମର ଯାମିନୀ ଜୁଆଙ୍ଗଙ୍କ ମୃତ୍ୟୁ ସୂଚନା ମିଳିଥିଲା। ଏହି ଘଟଣାରେ ଆଉ ଜଣଙ୍କ ଅବସ୍ଥା ଏବେ ମଧ୍ୟ ଗୁରୁତର ରହିଥିବା ଜଣାପଡ଼ିଛି।

**KASTURBA GANDHI BALIKA VIDYALAYA, KOTANA**
Kotana, Block-Jharbandh, Dist-Bargarh, PIN-768042
Letter No.: 301, Date: 24.06.2026
**SHORT TENDER CALL NOTICE**
Sealed Tenders are invited from the registered/reputed firms and manufacturers having valid PAN and valid Goods and Service Tax (GST) Registration Certificate for supply of the following items like Grocery, Cosmetics, Dress Material, Course Books, Medicines, Non-Veg Items, Milk Products, Toilet Items, Vegetables and Fruits to Kasturba Gandhi Balika Vidyalaya, Kotana, Block-Jharbandh, Dist-Bargarh, PIN-768042 for the year 2026-27.
The last date for receipt of tender forms is **09.07.2026 at 4.00 PM.**
For further details, interested parties may contact the undersigned during office hours.
Sd/- Headmistress-cum-Convener
KGBV, Kotana, Bargarh.

**ZILLA SWASTHYA SAMITI, ANGUL**
O/o The Chief District Medical & Public Health Officer, Angul
**TENDER CALL NOTICE FOR SUPPLY OF CALIBRATED BLOOD COLLECTION DRAPES**
No: 1844Date: 22/06/2026
Sealed Tenders are invited from the interested firms / agencies / organization for SUPPLY OF CALIBRATED BLOOD COLLECTION DRAPES for Angul district and details of terms and conditions are available in Angul district website i.e. **https://angul.odisha.gov.in.** Interested firms/agencies/organization are requested to submit Tender (under two bid system) along with necessary documents (Technical & Financial Bid separately and outer envelope must contain the said two bids documents) to the office of the CDM & PHO, Angul, District Head Quarter Hospital, PIN – 759122 on or before **15.07.2026 (till 11:00 AM)** through Registered Post/Speed Post/Courier only.The authority reserves all the rights to cancel or reject partially or all tender without assigning any reason thereof.
Sd/-
CDM & PHO-cum-District Mission Director, Angul
OIPR-10001/10142/1/26-27/0009
10001/304/2627

## ପ୍ରଥମ ପୃଷ୍ଠାର ଅବଶିଷ୍ଟାଂଶ

### ନୂଆ ବିଏସ୍-୬...

ନିର୍ଗତ କରନ୍ତି। ଏହି କାରଣରୁ ସେଗୁଡିକ ପାଇଁ ନିୟମ କୋହଳ କରାଯାଇପାରେ। ତେବେ ନିୟମାବଳୀ ଅନୁଯାୟୀ ପିୟୁସିସି ନ ଥିଲେ ଜଣଙ୍କ ବିରୁଦ୍ଧରେ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯାଇପାରିବ। କେବଳ ୧୦,୦୦୦ ଟଙ୍କା ପର୍ଯ୍ୟନ୍ତ ଜରିମାନା ଏବଂ ୬ ମାସ ପର୍ଯ୍ୟନ୍ତ ଜେଲଦଣ୍ଡ ମଧ୍ୟ ହୋଇପାରେ।

### କୋଲକାତାରେ ନିର୍ମାଣାଧୀନ...

ନିଆଯାଉଛି। ବର୍ତ୍ତମାନ ସୁଦ୍ଧା ୨୧ ଜଣଙ୍କୁ ଉଦ୍ଧାର କରାଯାଇ ଏସଏସକେଏମ ଡାକ୍ତରଖାନାରେ ଭର୍ତ୍ତି କରାଯାଇଛି। ତେବେ ପ୍ରାୟ ୧୨ ରୁ ୧୫ ଜଣ ଏବେ ମଧ୍ୟ ଫସି ରହିଥିବା ଆଶଙ୍କା କରାଯାଉଛି।

ଉଦ୍ଧାରକାରୀ ଦଳ ଅନୁଯାୟୀ, ଭଗ୍ନସ୍ତୂପ ତଳୁ ଶ୍ରମିକମାନଙ୍କର ସାହାଯ୍ୟ ପାଇଁ ଆର୍ତ୍ତନାଦ ଶୁଣାଯାଉଛି। କିଛି ଶ୍ରମିକଙ୍କ ସହ ଯୋଗାଯୋଗ ସମ୍ଭବ ହୋଇଛି ଏବଂ ସେମାନଙ୍କୁ ପାଇପ୍ ଜରିଆରେ ଖାଦ୍ୟ ଓ ପାଣି ଯୋଗାଇ ଦିଆଯାଉଛି। ଗ୍ୟାସ କଟର ଏବଂ ଡ୍ରିଲିଂ ମେସିନ ସାହାଯ୍ୟରେ କଂକ୍ରିଟ ସ୍ଲାବ୍ କାଟି ସେମାନଙ୍କ ପାଖରେ ପହଞ୍ଚିବାକୁ ଚେଷ୍ଟା କରାଯାଉଛି। ମୁଖ୍ୟମନ୍ତ୍ରୀ ଶୁଭେନ୍ଦୁ ଅଧିକାରୀ ଘଟଣାସ୍ଥଳ ପରିଦର୍ଶନ କରି ସ୍ଥିତି ସମୀକ୍ଷା କରିଛନ୍ତି। ପ୍ରାଥମିକ ତଦନ୍ତରୁ ବିଲ୍ଡିଂ ପ୍ଲାନରେ ତ୍ରୁଟି ଏବଂ ନିର୍ମାଣ ସାମଗ୍ରୀର ନିମ୍ନମାନର ଗୁଣବତ୍ତା ଯୋଗୁଁ ଏହି ଦୁର୍ଘଟଣା ଘଟିଥାଇପାରେ ବୋଲି ସନ୍ଦେହ କରାଯାଉଛି। ମୁଖ୍ୟମନ୍ତ୍ରୀ କୋଲକାତା ମ୍ୟୁନିସିପାଲିଟି ଅଧୀନରେ ଥିବା ସମସ୍ତ ନିର୍ମାଣାଧୀନ କାର୍ଯ୍ୟକୁ ତୁରନ୍ତ ବନ୍ଦ କରିବାକୁ ନିର୍ଦ୍ଦେଶ ଦେଇଛନ୍ତି। ଏହାସହ ସମସ୍ତ ବ୍ୟବସାୟିକ ପ୍ରକଳ୍ପର ସୁରକ୍ଷା ଅଡିଟ୍ ପାଇଁ ନିର୍ଦ୍ଦେଶ ଦେଇଛନ୍ତି। ଅଗଷ୍ଟ ୧ ପର୍ଯ୍ୟନ୍ତ କୌଣସି ନୂତନ ନିର୍ମାଣ କାର୍ଯ୍ୟ ହୋଇପାରିବ ନାହିଁ ବୋଲି ଘୋଷଣା କରାଯାଇଛି। ଅନେକ ଶ୍ରମିକ ଅନ୍ୟ ରାଜ୍ୟରୁ ଆସିଥିବା ପ୍ରବାସୀ ଶ୍ରମିକ ବୋଲି ଜଣାପଡ଼ିଛି। ରାଜ୍ୟ ସରକାର ଏହି ଘଟଣାର ଏକ ଉଚ୍ଚସ୍ତରୀୟ ତଦନ୍ତ ନିର୍ଦ୍ଦେଶ ଦେଇଛନ୍ତି।

### ସରିଲା ତଦନ୍ତ...

ପଡ଼ିଛନ୍ତି। ସାରା ରାଜ୍ୟରେ ଏହାକୁ ନେଇ ତୀବ୍ର ଅସନ୍ତୋଷ ଦାନା ବାନ୍ଧିଥିବାବେଳେ ସରକାରଙ୍କ କାର୍ଯ୍ୟାନୁଷ୍ଠାନକୁ ସମସ୍ତେ ଅପେକ୍ଷା କରିଛନ୍ତି।

ବିଶେଷକରି ପୁସ୍ତକ ପାଠ୍ୟକ୍ରମ ପ୍ରସ୍ତୁତି ଓ ସମୀକ୍ଷା ପାଇଁ ଗଠିତ ୨୪ ଜଣିଆ କୋର୍ କମିଟି ସଦସ୍ୟଙ୍କ ଉପରେ କାର୍ଯ୍ୟାନୁଷ୍ଠାନ ଖଣ୍ଡା ଝୁଲୁଛି। ଏହାସହ ଓସେପା, ଏସ୍‌ସିଇଆର୍‌ଟି ଓ ମୁଦ୍ରଣ, ଲିଖନ ସାମଗ୍ରୀ ଓ ପ୍ରକାଶନ ନିର୍ଦ୍ଦେଶାଳୟର କିଛି ବରିଷ୍ଠ ଅଧିକାରୀଙ୍କ ବିରୋଧରେ ମଧ୍ୟ କାର୍ଯ୍ୟାନୁଷ୍ଠାନ ଆଶଙ୍କା ରହିଛି। ରାଜ୍ୟ ସମେତ ସାରା ଦେଶରେ ଆଲୋଡ଼ନ ସୃଷ୍ଟି କରିଥିବା ଏହି ପ୍ରସଙ୍ଗରେ ଏକ ବଡ଼ ଧରଣର କାର୍ଯ୍ୟାନୁଷ୍ଠାନ ନେବାକୁ ଚାରିଆଡୁ ଚାପ ମଧ୍ୟ ବଢ଼ିବାରେ ଲାଗିଥିବାରୁ ସରକାରଙ୍କ ପାଇଁ ଅଡୁଆ ପରିସ୍ଥିତି ସୃଷ୍ଟି ହୋଇଛି। ସବୁଠାରୁ ବଡ଼ ପ୍ରଶ୍ନବାଚୀ ହେଲା, ତଦନ୍ତ ସରିଥିଲେ ମଧ୍ୟ ରିପୋର୍ଟକୁ ସରକାର ସାର୍ବଜନୀନ କରିବେ ନା ବଡ଼ବଡ଼ିଆ ଅଧିକାରୀଙ୍କୁ ସୁରକ୍ଷା ଦେବାକୁ ପ୍ରୟାସ କରିବେ ବୋଲି ରାଜନୈତିକ ସମୀକ୍ଷକମାନେ ପ୍ରଶ୍ନ କରିଛନ୍ତି।

### ଇଂରାଜୀ ବହିକୁ...

ବି ଲୋକମାନେ କଟାକ୍ଷ କରିଛନ୍ତି।

ଗୁରୁବାର ଦିନ ତମାମ୍ ସାମାଜିକ ଗଣମାଧ୍ୟମରେ ଇଂରାଜୀ ବହିରେ ରଜଦୋଳି ଗୀତର ଭିଡିଓ ଭାଇରାଲ୍ ହୋଇଛି। ଜଣେ ଶିକ୍ଷୟିତ୍ରୀ ଭିଡିଓକୁ ପ୍ରସ୍ତୁତ କରିଥିବା କୁହାଯାଉଛି। ଇଂରାଜୀ ପୁସ୍ତକରେ ଓଡ଼ିଆ ଭାଷାରେ ରଜଦୋଳି ଗୀତ ସେ କିପରି ପଢ଼ାଇବେ ବୋଲି ପ୍ରଶ୍ନ କରିଛନ୍ତି। ପଞ୍ଚମ ଶ୍ରେଣୀର ଇଂରାଜୀ ପୁସ୍ତକ ‘ପଲ୍ଲଭୀ’ ର ମଧ୍ୟ ଭାଗରେ ଓଡ଼ିଆ ଭାଷାରେ ରଜଦୋଳି ଗୀତ ଲେଖା ହୋଇଥିବା ଲୋକଲୋଚନକୁ ଆସିବା ପରେ ଅନେକ ଅସମାହିତ ପ୍ରଶ୍ନ ଛିଡ଼ା ହୋଇଛି। ଇଂରାଜୀରେ ଲେଖାଯାଇଥିବା ଏନ୍‌ସିଇଆର୍‌ଟି ପୁସ୍ତକକୁ ଏଆଇ ଉପଯୋଗ କରି ଓଡ଼ିଆରେ ଅନୁବାଦ କରାଯାଇଥିବାରୁ ମାଳମାଳ ବନାନ୍ ଓ ବାକ୍ୟ ଭୁଲ୍ ହୋଇଥିବା ଅଭିଯୋଗ ହୋଇଥିଲା। ମାତ୍ର ଇଂରାଜୀ ବହିରେ ଓଡ଼ିଆ କିପରି ପ୍ରବେଶ କଲା? ଏହା ତ ଏଆଇ ର ଅବଦାନ ହୋଇ ନ ଥିବ! ଏପରି ଗୁରୁଚଣ୍ଡାଳ ତ୍ରୁଟି କେବଳ ପୁସ୍ତକ ପ୍ରସ୍ତୁତି ଦାୟିତ୍ୱରେ ଥିବା ଅଧିକାରୀଙ୍କ ମନମାନୀ ଓ ଖାମଖିଆଲ୍ ନୀତି ଦ୍ୱାରା ହିଁ ସମ୍ଭବ। ରାଜ୍ୟର ପ୍ରାୟ ୫୭ ଲକ୍ଷ କୋମଳମତି ଛାତ୍ରଛାତ୍ରୀଙ୍କ ଶୈକ୍ଷିକ ଜୀବନ ସହ ଖେଳିଥିବା ଏହି ଅଧିକାରୀଙ୍କ ବିରୋଧରେ କଠୋର କାର୍ଯ୍ୟାନୁଷ୍ଠାନ ପାଇଁ ଏବେ ଦାବି ଜୋର୍ ଧରିଛି। ଏପରିକି ତ୍ରୁଟିପୂର୍ଣ୍ଣ ପୁସ୍ତକ ପ୍ରସ୍ତୁତି କରିଥିବା ସମସ୍ତ ବରିଷ୍ଠ ଓ ଅଭିଜ୍ଞ (!) ଶିକ୍ଷାବିତ ଏବଂ ଅଧିକାରୀଙ୍କ ଠାରୁ ମୁଦ୍ରଣ ବାବଦକୁ ଖର୍ଚ୍ଚ ହୋଇଥିବା ସମସ୍ତ ଅର୍ଥ ଭରଣା କରିବାକୁ ଦାବି ତୀବ୍ର ହୋଇଛି। ସାମାଜିକ ଗଣମାଧ୍ୟମରେ ଆବାଳବୃଦ୍ଧବନିତା ସରକାରଙ୍କ ଏପରି ତ୍ରୁଟିକୁ ଅକ୍ଷମଣୀୟ କହିବା ସହ କଠୋର ସମାଲୋଚନା ଜାରି ରଖିଛନ୍ତି।

### ସାମୁଦ୍ରିକ ବାଣିଜ୍ୟ...

ଗଭୀର-ସମୁଦ୍ର ବନ୍ଦର ଏବଂ ପାରାଦୀପ ନିକଟରେ ଏକ ସିପ୍ ବିଲ୍ଡିଂ କ୍ଲଷ୍ଟର ନିର୍ମାଣ କରାଯାଉଛି। ଭାରତ ସରକାରଙ୍କ ‘ସାଗର’, ‘ଆକ୍ଟ ଇଷ୍ଟ ପଲିସି’, “ବିମଷ୍ଟେକ’ ଏବଂ ‘କୋଷ୍ଟାଲ ସିକ୍ୟୁରିଟି ସ୍କିମ ଫେଜ-୩’ ଭଳି ପ୍ରଗତିଶୀଳ ନୀତିକୁ ଓଡ଼ିଶା ସରକାର ସମ୍ପୂର୍ଣ୍ଣ ସମର୍ଥନ କରୁଛନ୍ତି । ସାମୁଦ୍ରିକ ସୁରକ୍ଷା କ୍ଷେତ୍ରରେ କୃତ୍ରିମ ବୁଦ୍ଧିମତ୍ତା, ଅନ୍‌ମ୍ୟାନ୍‌ଡ ସିଷ୍ଟମ ଏବଂ ଅତ୍ୟାଧୁନିକ ମନିଟରିଂ ନେଟୱାର୍କର ଉପଯୋଗ ଉପରେ ମୁଖ୍ୟମନ୍ତ୍ରୀ ଏହି ଅବସରରେ ଗୁରୁତ୍ୱାରୋପ କରିଛନ୍ତି। ଏହି ବୈଠକରେ ଜାତୀୟ ମାରିଟାଇମ୍ ସୁରକ୍ଷା ସମନ୍ୱୟକାରୀ ଅବସରପ୍ରାପ୍ତ ଭାଇସ୍ ଆଡମିରାଲ୍ ବିଶ୍ୱଜିତ୍ ଦାସଗୁପ୍ତା, ମୁଖ୍ୟ ଶାସନ ସଚିବ ଅନୁ ଗର୍ଗ ପ୍ରମୁଖ ବକ୍ତବ୍ୟ ରଖିଥିଲେ। ମୁଖ୍ୟମନ୍ତ୍ରୀଙ୍କ ପରାମର୍ଶଦାତା ପ୍ରକାଶ ମିଶ୍ର, ଗୃହ ବିଭାଗର ଅତିରିକ୍ତ ମୁଖ୍ୟ ଶାସନ ସଚିବ ହେମନ୍ତ ଶର୍ମା, ପୁଲିସ ମହାନିର୍ଦ୍ଦେଶକ ୱାଇ. ବି. ଖୁରାନିଆଙ୍କ ସମେତ ଉପକୂଳବର୍ତ୍ତୀ ରାଜ୍ୟର ସାମୁଦ୍ରିକ ସୁରକ୍ଷା ସମନ୍ୱୟକାରୀ, କେନ୍ଦ୍ର ଓ ରାଜ୍ୟ ସରକାରଙ୍କ ବରିଷ୍ଠ ପଦାଧିକାରୀ ଉପସ୍ଥିତ ଥିଲେ।

### ମୁଁ ମାନିବାକୁ...

ହୋଇଥିବା ସଂଘର୍ଷକୁ ନେଇ କଂଗ୍ରେସ ମଧ୍ୟରେ ଅସନ୍ତୋଷ ବୃଦ୍ଧି ପାଇବାରେ ଲାଗିଥିଲା। ଏପରିକି ଟ୍ରମ୍ପଙ୍କ ଦଳର କିଛି ସଦସ୍ୟ ମଧ୍ୟ ଏହି ଯୁଦ୍ଧକୁ ସମର୍ଥନ କରୁନଥିବା ଏହି ଭୋଟିଂରୁ ସ୍ପଷ୍ଟ ହୋଇଛି। ବର୍ତ୍ତମାନ ଟ୍ରମ୍ପ ପ୍ରଶାସନ ଇରାନ ସହିତ ଏକ ଶାନ୍ତି ଚୁକ୍ତି ପାଇଁ ଆଲୋଚନା ଚଳାଇଥିବା ବେଳେ ଏହି ନିଷ୍ପତ୍ତି ତାଙ୍କ ଉପରେ ଚାପ ସୃଷ୍ଟି କରିଛି। ସିନେଟର ଏହି ନିଷ୍ପତ୍ତିକୁ ହ୍ୱାଇଟ୍ ହାଉସ ଅସାମ୍ବିଧାନିକ ବୋଲି ଦର୍ଶାଯାଇଛି ଏବଂ ଏହା କାର୍ଯ୍ୟକାରୀ ହେବା ପାଇଁ ବାଧ୍ୟତାମୂଳକ ନୁହେଁ ବୋଲି ଦାବି କରାଯାଇଛି। ଆଇନ ବିଶେଷଜ୍ଞଙ୍କ ମତରେ, ଏହି ପ୍ରସଙ୍ଗଟି ଆଗକୁ ଏକ ଆଇନଗତ ଲଢେଇର ରୂପ ନେଇପାରେ। ଶେଷରେ ନ୍ୟାୟାଳୟ ଦ୍ୱାରା ହିଁ ଏହାର ସମାଧାନ ହେବର ସମ୍ଭାବନା ରହିଛି ବୋଲି କୁହାଯାଇଛି। ଅନ୍ୟପକ୍ଷରେ ରାଷ୍ଟ୍ରପତି ଟ୍ରମ୍ପ ଏଭଳି ପ୍ରସ୍ତାବ/ନିର୍ଦ୍ଦେଶକୁ ଅର୍ଥହୀନ ବୋଲି କହିଛନ୍ତି। ସେ ଏହାକୁ ମାନିବା ଲାଗି ବାଧ୍ୟ ନୁହନ୍ତି ବୋଲି କହିଛନ୍ତି।

### ହୋଟେଲ ମାଲିକଙ୍କୁ...

ଚନ୍ଦନ ସେହି ହୋଟେଲକୁ ନିଜ କବ୍‌ଜାକୁ ନେବାଲାଗି ଉଦ୍ୟମ କରୁଥିବାରୁ ମାଲିକ ପବିତ୍ରଙ୍କ ସହିତ କିଛିଦିନ ହେବ ବିବାଦ ଲାଗିରହିଥିଲା।

ପୁଲିସ ସୂତ୍ରରୁ ପ୍ରକାଶ ଯେ ମଙ୍ଗଳବାର ବିଳମ୍ବିତ ରାତିରେ ହୋଟେଲରେ ରହୁଥିବା କିଛି ଯାତ୍ରୀଙ୍କ ଫୋନ୍ ପରେ ପବିତ୍ର ହୋଟେଲକୁ ଯାଇଥିଲେ। ମ୍ୟାନେଜର ଏବଂ କିଛି କର୍ମଚାରୀ ଆବଶ୍ୟକ ସେବା ଦେଉ ନ ଥିବା ଅଭିଯୋଗ କରିଥିଲେ କିଛି ଯାତ୍ରୀ। ଫଳରେ ମାଲିକ ପବିତ୍ର ମ୍ୟାନେଜର ଚନ୍ଦନକୁ ତାଗିଦ କରିଥିଲେ। ଏହାକୁ ନେଇ ଉଭୟଙ୍କ ମଧ୍ୟରେ କଥା କଟାକଟି ପରେ ବିବାଦ ଉଗ୍ରରୂପ ଧାରଣ କରିଥିଲା। ଚନ୍ଦନ ନିଜ ପାଖରେ ରଖିଥିବା ଏକ ଛୁରୀରେ ପବିତ୍ରଙ୍କୁ ମରଣାନ୍ତକ ଆକ୍ରମଣ କରିଥିଲେ। ଘଟଣାସ୍ଥଳରେ ହିଁ ପବିତ୍ରଙ୍କର ମୃତ୍ୟୁ ଘଟିଥିଲା। ଖବର ପାଇ ଘଟଣାସ୍ଥଳରେ ପହଞ୍ଚିଥିଲା ବଳିଆପଣ୍ଡା ଥାନା ପୁଲିସ। ମୁଖ୍ୟ ଅଭିଯୁକ୍ତ ସେହି ହୋଟେଲର ମ୍ୟାନେଜର ଚନ୍ଦନ ଜାଣିବା ପରେ ପୁଲିସ ଧରିବା ପାଇଁ ବିଭିନ୍ନ ସ୍ଥାନରେ ଚଢ଼ଉ କରିଥିଲା।

ବିଶେଷ ସୂତ୍ରରୁ ପୁଲିସକୁ ଖବର ମିଳିଥିଲା ମାତା ମଠ ନିକଟ ଏକ କାଜୁ ଜଙ୍ଗଲରେ ଲୁଚି ରହିଛି ଚନ୍ଦନ। ସେଠାରେ ପୁଲିସ ପହଞ୍ଚିବା ପରେ ଚନ୍ଦନ ପୁଲିସ ଉପରକୁ ଗୁଳି ଚଳାଇ ଖସିଯିବାକୁ ଚେଷ୍ଟା କରିଥିଲା। ହେଲେ ପୁଲିସ ଗୁଳିରେ ଆହତ ହୋଇଥିଲା। ଚନ୍ଦନର ବାମପଟ ଗୋଡ଼ରେ ପୁଲିସର ଗୁଳି ବାଜିଥିବା ବେଳେ ତାକୁ ଚିକିତ୍ସା ପାଇଁ ପ୍ରଥମେ ପୁରୀ ହସ୍ପିଟାଲରେ ଭର୍ତ୍ତି କରାଯାଇଥିଲା। ମୃତକଙ୍କ ପରିବାର ଓ ସମ୍ପର୍କୀୟମାନେ ମେଡିକାଲରେ ପହଞ୍ଚିବା ପରେ ଉତ୍ତେଜନା ପ୍ରକାଶ ପାଇଥିଲା। ଏସ୍‌ପି ପ୍ରତୀକ୍ ସିଂ ଏବଂ ପୁଲିସ ଅଧିକାରୀ ସ୍ଥିତିକୁ ନିୟନ୍ତ୍ରଣ କରିବା ସହିତ ଚନ୍ଦନକୁ କଟକ ସ୍ଥାନାନ୍ତର କରାଯାଇଥିଲା। ଏହି ଘଟଣାରେ ସମ୍ପୃକ୍ତ ଥିବା ଅନ୍ୟ ଅଭିଯୁକ୍ତଙ୍କୁ ଧରିବା ପାଇଁ ପୋଲିସ ଉଦ୍ୟମ ଜାରି ରଖିଥିବା ଏସ୍‌ପି ଶ୍ରୀ ସିଂ ସୂଚନା ଦେଇଛନ୍ତି। ଏସ୍‌ପି କହିଛନ୍ତି, ଆଉ କିଛି ବ୍ୟକ୍ତି ଏହି ଅପରାଧରେ ସାମିଲ ଥିବା ଜଣାପଡ଼ିଛି। ସେମାନଙ୍କୁ ଧରିବା ପାଇଁ ଉଦ୍ୟମ ଜାରି ରହିଛି ବୋଲି ଏସ୍‌ପି କହିଛନ୍ତି।

### ଜେଲ୍‌ବାବୁଙ୍କୁ ବାନ୍ଧିବ...

ଆଉଟ୍ ରେଜିଷ୍ଟରରେ ଶ୍ରୀ ରାଉଳ କରିଥିବା ଦସ୍ତଖତର ସମୟ ମେଳ ଖାଉ ନାହିଁ ବୋଲି ତଦନ୍ତ ରିପୋର୍ଟରେ ଉଲ୍ଲେଖ ରହିଥିଲା। କାର୍ଯ୍ୟାନୁଷ୍ଠାନରୁ ବର୍ତ୍ତିବା ପାଇଁ ଶ୍ରୀ ରାଉଳ ରେଜିଷ୍ଟରରେ ଦସ୍ତଖତ ଜାଲିଆତି ଭଳି ସାଙ୍ଘାତିକ ଭୁଲ୍ କରିଥିଲେ ବୋଲି ସ୍ପଷ୍ଟ ହୋଇଥିଲା। ଘଟଣାରେ ମୁଖ୍ୟ ୱାର୍ଡର ଓ ଜଣେ ୱାର୍ଡରଙ୍କୁ ନିଲମ୍ବନ କରାଯାଇଥିଲେ ମଧ୍ୟ ବରିଷ୍ଠ ଅଧୀକ୍ଷକଙ୍କ ଦେହରେ ଧୂଳି ଲାଗିନଥିଲା।

ଇଏ କେବଳ ଦୁଇଟି ଘଟଣା ନୁହେଁ, ଏପରି ଅନେକ ଉଦାହରଣ ମଧ୍ୟ ରହିଛି। ବିପର୍ଯ୍ୟସ୍ତ ଆଇନଶୃଙ୍ଖଳାକୁ ନେଇ ରାଜ୍ୟ ପୁଲିସ ଅପବାଦ ମୁଣ୍ଡାଇଥିବା ବେଳେ ଅପାରଗ ଅଧିକାରୀଙ୍କ ଲାଗି ସୁରକ୍ଷା ତ୍ରୁଟି ଜେଲ୍ ବିଭାଗ ମଧ୍ୟ ବଦନାମ ହେଉଛି। ରାଜ୍ୟର ଗୋଟିଏ ପରେ ଗୋଟିଏ ଜେଲରେ ସୁରକ୍ଷା ଜନିତ ତ୍ରୁଟି ଠାରୁ ଆରମ୍ଭ କରି ବିଭିନ୍ନ ବିଶୃଙ୍ଖଳା ଲାଗି ରହିଛି। ତଳତଳିଆ କର୍ମଚାରୀଙ୍କୁ ବଳି ପକାଇ ବଡ଼ବଡ଼ିଆଙ୍କୁ ସୁରକ୍ଷା ଦିଆଯାଉଥିବାରୁ ଏହି ଧାରା ବଢ଼ିବାରେ ଲାଗିଛି।

## ଆଜିର ରାଶିଫଳ

**ମେଷ:** ଶିକ୍ଷା କ୍ଷେତ୍ରରେ ସଫଳତା ପ୍ରାପ୍ତ ହେବ। ଚାକିରିରେ ପରିବର୍ତ୍ତନ ହେବ। ରାଜନୀତିରେ ସଫଳ ହେବେ। ସ୍ୱାସ୍ଥ୍ୟ ସମସ୍ୟା ଦେଖା ଦେବ। ପରିବାର ସଦସ୍ୟଙ୍କ ସହଯୋଗ ମିଳିବ।

**ବୃଷ:** ବ୍ୟସ୍ତତା ଭିତରେ ଦିନଟି କଟିବ। ବ୍ୟବସାୟ ଆଗକୁ ବଢ଼ାଇବାକୁ ପ୍ରୟାସ କରିବେ। ପରିବାର ସଦସ୍ୟଙ୍କ ସହ ଧାର୍ମିକ ସ୍ଥାନକୁ ଯାତ୍ରା କରିବେ। ପ୍ରେମ ଜୀବନ ସୁଖମୟ ହେବ।

**ମିଥୁନ:** ଚାକିରିରେ ପଦୋନ୍ନତି ସମ୍ଭାବନା ଅଛି। ସ୍ୱାସ୍ଥ୍ୟରେ ସୁଧାର ଆସିବ। ପାରିବାରିକ ଜୀବନ ସୁଖମୟ ହେବ। ବାଦବିବାଦରୁ ଦୂରେଇ ରହିବେ। ଖର୍ଚ୍ଚରେ ନିୟନ୍ତ୍ରଣ ରକ୍ଷା କରିବେ।

**କର୍କଟ:** ଆର୍ଥିକ ସ୍ଥିତିରେ ଉନ୍ନତି ପରିଲକ୍ଷିତ ହେବ। ଉଧାର ଧନ ଫେରିପାଇବେ। ଚାକିରିରେ ନୂଆ ସୁଯୋଗ ଜୁଟିବ। ମାନସିକ ଶାନ୍ତି ପାଇଁ ଧାର୍ମିକ କାର୍ଯ୍ୟରେ ସମୟ ଅତିବାହିତ କରିବେ।

**ସିଂହ:** ନିବେଶରୁ ଲାଭ ପାଇବେ। କାର୍ଯ୍ୟରେ ସଫଳତା ମିଳିବ। ବ୍ୟବହାରରେ ସଂଯମତା ରକ୍ଷା କରିବେ। ତରବରିଆ ଭାବେ କୌଣସି ନିଷ୍ପତ୍ତି ନେବେ ନାହିଁ। ଶିକ୍ଷା କ୍ଷେତ୍ରରେ ସମ୍ମାନ ମିଳିବ।

**କନ୍ୟା:** ନୂଆ ରଣନୀତିରେ କାରବାରକୁ ଆଗକୁ ନେବେ। ଘର ସାଜସଜ୍ଜାରେ ଅଧିକ ଖର୍ଚ୍ଚ ହେବ। ଭାଇ, ଭଉଣୀଙ୍କ ସହ ସୁଖଦୁଃଖ ବାଣ୍ଟିବେ। ପଡ଼ୋଶୀଙ୍କ ସହ ମତାନ୍ତର ଦୂର ହେବ।

**ତୁଳା:** ସରକାରୀ କ୍ଷେତ୍ରରେ ଲାଭ ମିଳିବ। ଧାର କରଜ କରିବାରୁ ରକ୍ଷା ପାଇବେ। ଅଫିସରେ ପଦୋନ୍ନତି ସମ୍ଭାବନା ଅଛି। ଛାତ୍ରଛାତ୍ରୀ ଖେଳକୁଦରେ ସମୟ ଅତିବାହିତ କରିବେ।

**ବିଛା:** ଘରେ ମାଙ୍ଗଳିକ କାର୍ଯ୍ୟ ଆୟୋଜନ କରିବେ। ସମୟ ପୂର୍ବରୁ ସମସ୍ତ କାର୍ଯ୍ୟ ପୂରା କରିବେ। ଇଚ୍ଛା ପୂରଣ ହେବ। ଦାମ୍ପତ୍ୟ ଜୀବନ ଖୁସିରେ ବିତିବ। ବନ୍ଧୁଙ୍କ ସହ ବୁଲିବାକୁ ଯିବେ।

**ଧନୁ:** ଧାର୍ମିକ ସ୍ଥାନକୁ ଯାତ୍ରାଯୋଗ ଅଛି। ବ୍ୟବସାୟ ଜନିତ ସମସ୍ୟା ସମାଧାନ ହେବ। ସ୍ୱାସ୍ଥ୍ୟ ପ୍ରତି ଯତ୍ନବାନ ହେବେ। ଆର୍ଥିକ ଉନ୍ନତିକୁ ନେଇ ପ୍ରସନ୍ନ ରହିବେ। ନୂଆ ଲୋକଙ୍କ ସଂସ୍ପର୍ଶରେ ଆସିବେ।

**ମକର:** ନାଚ, ଗୀତରେ ସଫଳତା ମିଳିବ। ଛାତ୍ରଛାତ୍ରୀ ପଢ଼ା ପ୍ରତି ଆଗ୍ରହ ପ୍ରକାଶ କରିବେ। ଭଉଣୀଙ୍କ ସ୍ୱାସ୍ଥ୍ୟରେ ସୁଧାର ଆସିବ। ଦାମ୍ପତ୍ୟ ଜୀବନରେ ସମସ୍ୟା ଦେଖା ଦେବ।

**କୁମ୍ଭ:** ପ୍ରେମିକ ପ୍ରେମିକାଙ୍କ ଲାଗି ଦିନଟି ଭଲ। ଘର ପାଇଁ ନୂଆ ଜିନିଷ କିଣିବେ। ସନ୍ତାନଙ୍କ ସହ ସମୟ ଅତିବାହିତ କରିବେ। ଛାତ୍ରଛାତ୍ରୀ ପରୀକ୍ଷାରେ କୃତକାର୍ଯ୍ୟ ହେବେ।

**ମୀନ:** ବ୍ୟସ୍ତତା ଭିତରେ ନିଜ ପାଇଁ ସମୟ ବାହାର କରିବେ। ଧାର୍ମିକ କାର୍ଯ୍ୟରେ ନିୟୋଜିତ ହେବେ। ପୈତୃକ ସମ୍ପତ୍ତି ବିବାଦର ସମାଧାନ ହେବ। ବ୍ୟବସାୟରେ ପରିବର୍ତ୍ତନ ଆଣିବେ।


## ଆଜିର ଇତିହାସ

- ୧୭୮୮ - ଭର୍ଜିନିଆ ଆମେରିକୀୟ ସମ୍ବିଧାନକୁ ଆପଣାଇବାରେ ୧୦ମ ରାଜ୍ୟ ହେଲା।
- ୧୯୪୧- ଫିନଲ୍ୟାଣ୍ଡ ସୋଭିଏତ୍ ସଂଘ ଉପରେ ଆକ୍ରମଣ ପାଇଁ ଘୋଷଣା କଲା।
- ୧୯୫୦-ଉତ୍ତର କୋରିଆ ଓ ଦକ୍ଷିଣ କୋରିଆ ମଧ୍ୟରେ ଗୃହଯୁଦ୍ଧ ଆରମ୍ଭ ହେଲା।
- ୧୯୭୫- ଭାରତରେ ଜରୁରିକାଳିନ ପରିସ୍ଥିତି ଘୋଷଣା କରାଗଲା।



# ଛଅ ପ୍ରକାର ବାଦ୍ୟଯନ୍ତ୍ରରେ ନଦୀ ସୁରକ୍ଷା ବାର୍ତ୍ତା

ଆଜିକାଲି ସମସ୍ତେ ସୋସିଆଲ ମିଡିଆରେ ପ୍ରସିଦ୍ଧ ହେବା ପାଇଁ ଭିଡିଓ ବନାଉଥିବା ବେଳେ ଏମିତି ଜଣେ ବ୍ୟକ୍ତି ଅଛନ୍ତି ଯିଏ ସଙ୍ଗୀତକୁ ନଦୀମାନଙ୍କର ସ୍ୱରଭାବେ ଉପସ୍ଥାପିତ କରୁଛନ୍ତି। ତାଙ୍କର ଏହି ଶୈଳୀ ସୋସିଆଲ ମିଡିଆରେ ଖୁବ୍ ଭାଇରାଲ୍ ହେବାରେ ଲାଗିଛି। ପୁନେର ସୁପ୍ରିଲ ଠାକୁର ଏକାକାଳୀନ ୧୪ କିଲୋ ବାଦ୍ୟଯନ୍ତ୍ର ବଜାଇ ନଦୀ ସୁରକ୍ଷାର ବାର୍ତ୍ତା ପ୍ରଦାନ କରୁଛନ୍ତି। ତାଙ୍କର ଏହି କାର୍ଯ୍ୟ ସାମାଜିକ ଗଣମାଧ୍ୟମରେ ଭାଇରାଲ ହେବାରେ ଲାଗିଛି। ଆଇଟି ଇଞ୍ଜିନିୟରରୁ ପରିବେଶ ସଚେତନତା ଅଭିଯାନ ଚଳାଉଥିବା ସୁପ୍ରିଲ ଏବେ ଚର୍ଚ୍ଚାରେ ଅଛନ୍ତି। ସେହିପରି ଇନଷ୍ଟାରେ ସେ ସୁପ୍ରିଲ ନଦୀୱାଲା ନାଁରେ ଲୋକପ୍ରିୟ। ସେ ଏକାକାଳୀନ ୬ ଅଲଗା ଅଲଗା ବାଦ୍ୟଯନ୍ତ୍ର ବଜାନ୍ତି। ସେ ଏମିତି ଶୈଳୀରେ ବଜାନ୍ତି ଯେ, ଶୁଣିବା ଲୋକେ ପୁରା ଅର୍କେଷ୍ଟ୍ରା ବଜାଉଥିବା ଭଳି ଅନୁଭବ କରନ୍ତି। ସୁପ୍ରିଲ ଆଇଟି ଇଞ୍ଜିନିୟର ଭାବେ କାର୍ଯ୍ୟ କରୁଥିଲେ। ହେଲେ ଏକ ଗୁରୁତର ଦୁର୍ଘଟଣା ତାଙ୍କ ଜୀବନର ମୋଡ଼ ବଦଳାଇ ଦେଲା। ଏହି ଘଟଣା ପରେ ସେ ହାର୍ ମାନିବା ପରିବର୍ତ୍ତେ ଜୀବନକୁ ଏକ ନୂଆ ଉଦ୍ଦେଶ୍ୟ ଲାଗି ସମର୍ପଣ କଲେ। ଏବେ ସେ ପୁନେ ରାସ୍ତାଘାଟରେ ପ୍ରାୟ ୧୪ କେଜି ଓଜନର ବାଦ୍ୟଯନ୍ତ୍ର ସହିତ ଗୀତ ଗାଆନ୍ତି ଏବଂ ଲୋକଙ୍କୁ ନଦୀ ବଞ୍ଚାଇବାର ବାର୍ତ୍ତା ଦେଉଛନ୍ତି। ସେ ବିଶ୍ୱାସ କରନ୍ତି, ନଦୀ କେବଳ ଏକ ଜଳ ସ୍ରୋତ ନୁହେଁ, ବରଂ ଜୀବନର ଆଧାର। ସେ ତାଙ୍କ ସଙ୍ଗୀତ ମାଧ୍ୟମରେ ଲୋକଙ୍କୁ ପରିବେଶ ସଂରକ୍ଷଣ ଏବଂ ଜଳ ସ୍ରୋତର ଗୁରୁତ୍ୱ ବୁଝାଇବାକୁ ଚେଷ୍ଟା କରୁଛନ୍ତି। ତାଙ୍କର ଏହି ପ୍ରୟାସକୁ ଲୋକେ ଖୁବ୍ ପ୍ରଶଂସା କରୁଛନ୍ତି। ପିଠିରେ ୧୪ କିଲୋର ବୋଝ, ହାତରେ ଛଅଟି ବାଦ୍ୟଯନ୍ତ୍ର ଏବଂ ହୃଦୟରେ କେବଳ ଗୋଟିଏ ଉଦ୍ଦେଶ୍ୟ, ଲୋକମାନଙ୍କ ପାଖରେ ଏହି ସନ୍ଦେଶ ପହଞ୍ଚାଇବା ଯେ, ଆମ ନଦୀଗୁଡ଼ିକ ବିପଦରେ ଅଛି। ଏବେ ତାଙ୍କର ଏହି ନିଆରା ଶୈଳୀ ସୋସିଆଲ ମିଡିଆରେ ଲକ୍ଷ ଲକ୍ଷ ଲୋକଙ୍କ ଦୃଷ୍ଟି ଆକର୍ଷଣ କରୁଛି। ଲୋକମାନେ ତାଙ୍କର ଏହି ଆଗ୍ରହ ଓ ସାହସକୁ ମଧ୍ୟ ପ୍ରଶଂସା କରୁଛନ୍ତି।




# ରଜନୀକାନ୍ତଙ୍କୁ ପଛରେ ପକାଇଲେ ରଣବୀର



ବଲିଉଡ୍ ଅଭିନେତା ରଣବୀର ସିଂହ ଏବେ ବକ୍ସ ଅଫିସ୍‌ର ସବୁଠୁ ଦାମୀ ଅଭିନେତା। ନିକଟରେ ପ୍ରକାଶ ପାଇଥିବା ଏକ ରିପୋର୍ଟ ଅନୁଯାୟୀ, ରଣବୀର ଗୋଟିଏ ପ୍ରୋଜେକ୍ଟରୁ ପାଖାପାଖି ୩୨୫ କୋଟି ଟଙ୍କା ରୋଜଗାର କରିଛନ୍ତି। ଭାରତୀୟ ଚଳଚ୍ଚିତ୍ର ଜଗତରେ କୌଣସି ଅଭିନେତାଙ୍କୁ ଗୋଟିଏ ପ୍ରୋଜେକ୍ଟ ପାଇଁ ଏହା ମିଳିଥିବା ସର୍ବାଧିକ ଅର୍ଥରାଶି ବୋଲି କୁହାଯାଉଛି। ଏହା ମାଧ୍ୟମରେ ସେ ଆୟ ମାମଲାରେ ଏକ ନୂଆ ରେକର୍ଡ କରିଛନ୍ତି। ରଣବୀରଙ୍କୁ ଏହି ଅର୍ଥ ତାଙ୍କର ସୁପରହିଟ୍ ଫିଲ୍ମ 'ଧୁରନ୍ଧର' ସିରିଜ୍‌ରୁ ମିଳିଛି। ଏହି ସିରିଜ୍‌ର ଦୁଇଟି ଯାକ ଫିଲ୍ମକୁ ଦର୍ଶକେ ଖୁବ୍ ପସନ୍ଦ କରିଥିଲେ। ଏହି ଦୁଇଟି ଫିଲ୍ମ ମିଶି ସାରା ବିଶ୍ୱରେ ପାଖାପାଖି ୩୨୦୦ କୋଟି ଟଙ୍କାର ବ୍ୟବସାୟ କରିଥିବା ବେଳେ କେବଳ ଭାରତୀୟ ବଜାରରୁ ହିଁ ଏହା ୧୯୦୦ କୋଟିରୁ ଅଧିକ ଟଙ୍କା ଆୟ କରିଛି। ତେବେ ରଣବୀର ଏହି ପ୍ରୋଜେକ୍ଟ ପାଇଁ କୌଣସି ମୋଟା ଅଙ୍କର ଫିସ୍ ମଧ୍ୟ ନେଇ ନ ଥିଲେ। ପ୍ରତିବଦଳରେ ପ୍ରଫିଟ୍ ଶେୟାରିଂ ବିକଳ୍ପ ବାଛିଥିଲେ। ଏହା ସହିତ ଫିଲ୍ମର ବଜେଟ୍ ବଢ଼ିବା ଯୋଗୁଁ ସେ ନିଜ ଆଡ୍ରୁ ମଧ୍ୟ କିଛି ଅର୍ଥ ବିନିଯୋଗ କରିଥିଲେ, ଯାହାଫଳରେ ତାଙ୍କର ଫିଲ୍ମର ଲାଭରେ ଅଂଶୀଦାର ଆହୁରି ବଢ଼ିଯାଇଥିଲା। ଏଠାରେ ପ୍ରକାଶ ଥାଉ କି, ରଣବୀରଙ୍କ ପୂର୍ବରୁ ରଜନୀକାନ୍ତଙ୍କ ନାମ ସବୁଠାରୁ ଆଗରେ ଥିଲା। ରଜନୀକାନ୍ତ 'ଜେଲର୍' ଚଳଚ୍ଚିତ୍ରରୁ ୨୫୦ କୋଟିରୁ ଅଧିକ ଟଙ୍କା ରୋଜଗାର କରିଥିଲେ। ଏହା ସହିତ ଅଲ୍ଲୁ ଅର୍ଜୁନ ଏବଂ ପ୍ରଭାସ ମଧ୍ୟ ନିଜ ନିଜ ଚଳଚ୍ଚିତ୍ର ଦ୍ୱାରା ୨୦୦ କୋଟିରୁ ଅଧିକ ଟଙ୍କା ରୋଜଗାର କରିସାରିଛନ୍ତି। ଏବେ ବଲିଉଡ୍‌ର ଆଗଧାଡ଼ିର କଳାକାରମାନେ ବି ଫିସ୍ ନ ନେଇ ପ୍ରଫିଟ୍ ସେୟାରିଂରେ ଭାଗୀଦାର ହେଉଛନ୍ତି। ଏଥିରେ ଗୁରୁତ୍ୱପୂର୍ଣ୍ଣ କଥାଟି ହେଲା, ଯଦି ଫିଲ୍ମଟି ବକ୍ସ ଅଫିସ୍‌ରେ ଫ୍ଲପ୍ ସାବ୍ୟସ୍ତ ହେଲା, କଳାକାର ଜଣକ ତାଙ୍କର ପାରିଶ୍ରମିକ ହରାଇ ବସନ୍ତି।

# ଠିଆଠିଆରେ ବାରବର୍ଷ

ଭାରତରେ ସାଧୁସନ୍ଥମାନଙ୍କର ତପସ୍ୟା ଏବଂ ତ୍ୟାଗର କାହାଣୀ ଶତାବ୍ଦୀ ଶତାବ୍ଦୀ ଧରି ଲୋକଙ୍କୁ ଆକର୍ଷିତ କରିଆସିଛି। ଏହି କ୍ରମରେ ସୋସିଆଲ ମିଡିଆରେ ଏମିତି ଜଣେ ସାଧୁଙ୍କ କାହାଣୀ ଚର୍ଚ୍ଚାରେ ଅଛି, ଯିଏ ନିଜର ଅନନ୍ୟ ସାଧନା ଯୋଗୁଁ ଲୋକଙ୍କ ଦୃଷ୍ଟି ଆକର୍ଷଣ କରିଛନ୍ତି। ଦୁଲାଲ ଗିରି ଜୀ ମହାରାଜ ନାମକ ଜଣେ ସାଧୁ ଦୀର୍ଘଦିନ ଧରି ଠିଆ ହୋଇ ତପସ୍ୟା କରିବା ପାଇଁ ବିଶ୍ୱସ୍ତରରେ ଚର୍ଚ୍ଚାରେ ଅଛନ୍ତି। ସେ ବିଗତ ପ୍ରାୟ ୧୨ ବର୍ଷ ହେଲାଣି ଖଡ଼େଶ୍ୱରୀ ତପସ୍ୟା ମାଧ୍ୟମରେ ମହାଦେବଙ୍କ ଦିବ୍ୟ ଦର୍ଶନ ଓ ଆଧ୍ୟାତ୍ମିକ ଜ୍ଞାନ ପ୍ରାପ୍ତି କରିବାକୁ ଲକ୍ଷ୍ୟ ରଖିଛନ୍ତି। ସେ ନିଜର ବିଶ୍ୱବିଦ୍ୟାଳୟ ଶିକ୍ଷା ଅଧାରୁ ଛାଡ଼ି ଆଧ୍ୟାତ୍ମିକ ମାର୍ଗ ଆପଣେଇଥିଲେ। ଭଗବାନ ଶିବଙ୍କ ପ୍ରତି ଥିବା ଅଗାଧ ଭକ୍ତି ଯୋଗୁଁ ସେ ସଂସାର ତ୍ୟାଗ କରି ସନ୍ନ୍ୟାସୀ ଜୀବନ ଗ୍ରହଣ କରିଥିଲେ। ସେ ବିଗତ ପ୍ରାୟ ୧୨ ବର୍ଷ ହେବ ଲଗାତାର ଠିଆ ହୋଇ ରହିଛନ୍ତି। ଦିନ ହେଉ କି ରାତି, ଭୋଜନ ହେଉ କି ବିଶ୍ରାମ ସବୁକିଛି ସେ ଠିଆ ହୋଇ କରୁଛନ୍ତି। ଦୀର୍ଘ ସମୟ ଧରି ଏଭଳି ଜୀବନଯାପନ କରିବା ଫଳରେ ତାଙ୍କ ପାଦରେ ସମସ୍ୟା ଦେଖାଦେଇଥିଲେ ମଧ୍ୟ ତାଙ୍କ ସଂକଳ୍ପ କେବେ ଦୁର୍ବଳ ହୋଇନାହିଁ। ଶୋଇବା ସମୟରେ ମଧ୍ୟ ସେ ଏକ ସ୍ୱତନ୍ତ୍ର ଷ୍ଟାଣ୍ଡ ଦ୍ୱାରା ଠିଆ ହୋଇ ବିଶ୍ରାମ ନିଅନ୍ତି। ଏହି କାଠପଟା ଉପରେ ସେ ତାଙ୍କ ଶରୀରର ଅଧା ଅଂଶକୁ ଝୁଲାଇ ରଖି ବିଶ୍ରାମ ନିଅନ୍ତି। ଏତେ ବର୍ଷ ଧରି ଲଗାତାର ଭାବେ ଠିଆ ହୋଇ ରହିବା ଯୋଗୁଁ ତାଙ୍କ ଶରୀର ଉପରେ ମଧ୍ୟ ଏହାର ଗଭୀର ପ୍ରଭାବ ପଡ଼ିଛି। ତାଙ୍କର ଦୁଇଟି ଯାକ ଗୋଡ଼ ଫୁଲି କଳା ପଡ଼ି ଯାଇଛି।



# ମକାଉତ୍ପାଦରୁ ପରିବେଶ ସଚେତନତା ବାର୍ତ୍ତା





**ରାଜ୍ୟ ଗ୍ରାମୀଣ ଆଜିବୀକା ମିଶନ ଏବଂ ସ୍ୱୟଂ ସହାୟକ ଗୋଷ୍ଠୀ ସହ ଯୋଡ଼ି ହୋଇ ମହିଳାମାନଙ୍କୁ ସ୍ୱ-ରୋଜଗାରର ଅବସର ପ୍ରଦାନ କରାଯାଉଛି। ଏହି କ୍ରମରେ ଏବେ ଉତ୍ତରାଖଣ୍ଡର ମହିଳାମାନେ ସ୍ୱୟଂ ସହାୟକ ଗୋଷ୍ଠୀ ସହ ଯୋଡ଼ି ହୋଇ ପ୍ଲାଷ୍ଟିକ୍ ମୁକ୍ତ ହିମାଳୟ ଅଭିଯାନରେ ସାମିଲ ହୋଇ ମକା ଚୋପାରୁ ପରିବେଶ ଅନୁକୂଳ ବାଲ୍‌ଟି ଏବଂ ଅନ୍ୟାନ୍ୟ ସାମଗ୍ରୀ ତିଆରି କରି ହିମାଳୟ ପାହାଡ଼କୁ ସ୍ୱଚ୍ଛ ରଖିବା ସହ ନିଜେ ରୋଜଗାରକ୍ଷମ ହେଉଛନ୍ତି। ଏପରି କରି ସେମାନେ ପ୍ଲାଷ୍ଟିକ୍ ମୁକ୍ତ ପରିବେଶ ଗଠନର ବାର୍ତ୍ତା ଦେଉଛନ୍ତି।**

### ମକାଚୋପାରୁ ଉତ୍ପାଦ

ଉତ୍ତରାଖଣ୍ଡ ରାଜ୍ୟ ଗ୍ରାମୀଣ ଆଜିବୀକା ମିଶନରେ ଯୋଡ଼ି ହୋଇ ମହିଳାମାନେ ମକା ଚୋପାକୁ ବ୍ୟବହାର କରି ପରିବେଶ ଅନୁକୂଳ ବାଲ୍‌ଟି ସମେତ ଅନ୍ୟାନ୍ୟ ଜିନିଷ ତିଆରି କରନ୍ତି। ଏହାକୁ ତୀର୍ଥଯାତ୍ରୀମାନେ ପ୍ରସାଦ ରଖିବା ଏବଂ ଅନ୍ୟାନ୍ୟ ସାମଗ୍ରୀ ରଖିବା ପାଇଁ ବ୍ୟବହାର କରିଥାନ୍ତି। ଏଥିସହ ମହିଳାମାନେ ସୁନ୍ଦର ସୁନ୍ଦର ଥାଳି ମଧ୍ୟ ତିଆରି ଥାନ୍ତି। ଏଥିରେ ଭଳିକି ଭଳି ଡିଜାଇନ୍ କରିବା ସହ ଯମୁନା ନଦୀର କଳାକୃତି କରିଥାନ୍ତି। ଏହାଦ୍ୱାରା ସ୍ଥାନୀୟ କଳା ଏବଂ ସଂସ୍କୃତିକୁ ଏକ ନୂଆ ବଜାର ମିଳିଛି।

### ପ୍ଲାଷ୍ଟିକ୍ ମୁକ୍ତ ଅଭିଯାନ

ଏହି ଅଭିଯାନର ମୁଖ୍ୟ ଉଦ୍ଦେଶ୍ୟ ହେଉଛି, ତୀର୍ଥଯାତ୍ରୀଙ୍କ ଯୋଗୁ ସୃଷ୍ଟି ହେଉଥିବା ପ୍ଲାଷ୍ଟିକ୍ ପ୍ରଦୂଷଣକୁ ରୋକିବା। କାରଣ ଏଠାକୁ ଅଧିକ ସଂଖ୍ୟାର ତୀର୍ଥଯାତ୍ରୀ ଆସୁଥିବାରୁ ଏହି ସ୍ଥାନରେ ପଲିଥିନ୍ ସହ ଅନ୍ୟାନ୍ୟ ପ୍ଲାଷ୍ଟିକ୍ ଜିନିଷଗୁଡ଼ିକର ଆବର୍ଜନା ବୃଦ୍ଧି ପାଏ। ଏହା ମାଟିରେ ପଡ଼ି ରହି ମୃତ୍ତିକା ପ୍ରଦୂଷଣ କରିଥାଏ। ତେଣୁ ଏସବୁ ସମସ୍ୟାର ସମାଧାନ ପାଇଁ ସ୍ଥାନୀୟ ମହିଳାମାନେ ଏଭଳି ପରିବେଶ ଅନୁକୂଳ ଉତ୍ପାଦ ପ୍ରସ୍ତୁତ କରୁଛନ୍ତି।

### ବଢ଼ୁଛି ଲୋକପ୍ରିୟତା

ସ୍ୱୟଂ ସହାୟକ ଗୋଷ୍ଠୀର ପୁନମ୍ ବଧାନୀଙ୍କ କହିବାନୁଯାୟୀ, ପ୍ରଥମେ ରୋଜଗାର ପାଇଁ ସୀମିତ ସଂସାଧନ ଥିଲା। ହେଲେ ସମୟ କ୍ରମେ ମିଶନରେ ଯୋଡ଼ି ହେବା ପରେ ସେମାନଙ୍କୁ ରୋଜଗାରର ଅନେକ ପନ୍ଥା ମିଳିଛି। ମହିଳାମାନେ ଅନ୍‌ଲାଇନ୍‌ରେ ମଧ୍ୟ ଏହି ହାତ ତିଆରି ଜିନିଷ ବିକ୍ରି ପାଇଁ ପ୍ରସ୍ତୁତି ଆରମ୍ଭ କରୁଛନ୍ତି। ସ୍ୱୟଂ ସହାୟକ ଗୋଷ୍ଠୀରେ ଯୋଡ଼ି ହେବା ପରେ ମହିଳାଙ୍କ ଆତ୍ମବିଶ୍ୱାସ ବୃଦ୍ଧି ପାଇଛି।

### ବେକରୀ ଉତ୍ପାଦରୁ ମିଳିଛି ପରିଚୟ

ବିକାଶ ଖଣ୍ଡ ନୌଗାଁଆର ମହିଳାମାନେ ବେକରୀ ଉଦ୍ୟୋଗରୁ ମଧ୍ୟ ଭଲ ଆୟ କରୁଛନ୍ତି। ମହିଳାମାନେ ମାଣ୍ଡିଆରୁ ବିସ୍କୁଟ୍, ମଲ୍‌ଟିଗ୍ରେନ୍ ଅଟା କ୍ରିମ ରୋଲ୍ ସମେତ ଅନ୍ୟାନ୍ୟ ଜିନିଷ ତିଆରି କରୁଛନ୍ତି। ଗୋଷ୍ଠୀର ମହିଳା କୃଷ୍ଣାଦେବୀଙ୍କ କହିବାନୁଯାୟୀ ଏହାଦ୍ୱାରା ପରିବାରର ଆୟ ବଢ଼ିବା ସହ ନିଜେ ନିଷ୍ପତି ନେବା ସକ୍ଷମ ବୃଦ୍ଧି ପାଇଛି।

## ସୁଶ୍ରୀ

### ହଜିଯାଉଥିବା ସ୍ୱାଦ

# ମାଟିହାଣ୍ଡି ନଡ଼ିଆ ମାଛ



**ଆବଶ୍ୟକ ସାମଗ୍ରୀ**

ଭାକୁର ମାଛ– ୫୦୦ ଗ୍ରାମ୍, ନଡ଼ିଆ କୋରା – ଅଧା କପ୍, ପିଆଜ - ଦୁଇ କପ୍, ଅଦା,ରସୁଣ ବଟା – ଏକ ଚାମଚ, ଜିରାଗୁଣ୍ଡ – ଅଧା ଚାମଚ,ଲଙ୍କାଗୁଣ୍ଡ– ଅଧା ଚାମଚ,ଫୁଟଣ – ଅଧା ଚାମଚ, କଞ୍ଚାଲଙ୍କା – ଦୁଇଟି, ଧନିଆ ପତ୍ର – ଅଳ୍ପ, ତେଲ – ଆବଶ୍ୟକତା ଅନୁସାରେ, ଲୁଣ – ସ୍ୱାଦ ଅନୁସାରେ।

**ପ୍ରସ୍ତୁତି ପ୍ରଣାଳି**

ମାଛରେ ହଳଦୀ, ଲୁଣ ଗୋଳାଇ ଚୁଲାରେ କଡ଼େଇ ବସାଇ ଭାଜନ୍ତୁ। ଏହାପରେ ଗରମ ପାଣିରେ କୋରା ନଡ଼ିଆ ଦେଇ ଚିପୁଡ଼ି କ୍ଷୀର ବାହାର କରନ୍ତୁ। ଆଉ ଏକ ହାଣ୍ଡି ନେଇ ତେଲ, ଫୁଟଣ, ପିଆଜ ପକାଇ ଭାଜନ୍ତୁ। ପିଆଜ ନାଲି ହୋଇ ଆସିଲେ ଏଥିରେ ଅଦାରସୁଣ, ଲଙ୍କାଗୁଣ୍ଡ, ହଳଦୀଗୁଣ୍ଡ ଦେଇ କଷନ୍ତୁ। ପରେ ନଡ଼ିଆ କ୍ଷୀର ଦେଇ ଫୁଟାନ୍ତୁ। ଝୋଳ ଫୁଟିଆସିଲେ, ଭଜାମାଛ ଦେଇ ଗ୍ୟାସ୍ ବନ୍ଦ କରି ଦିଅନ୍ତୁ। ପ୍ରସ୍ତୁତ ହୋଇଗଲା ସ୍ୱାଦିଷ୍ଟ 'ମାଟିହାଣ୍ଡି ନଡ଼ିଆ ମାଛ'।

# ଲୋଫା ବ୍ୟବହାର କରୁଥିଲେ...

ଅଧିକାଂଶ ମହିଳା ଗାଧୋଇବାରେ ଲୋଫା ବ୍ୟବହାର କରିଥାନ୍ତି। ଏହା ଶରୀରରେ ଥିବା ମଇଳାକୁ ସଫା କରି ଏକ ସତେଜ ଅନୁଭୂତି ଦେଇଥାଏ। ହେଲେ ଏହାକୁ ବାରମ୍ବାର ବ୍ୟବହାର କରିବା ଦ୍ୱାରା ଏଥିରେ ମଇଳା ଜମିଯାଏ। ତେଣୁ ଏହାକୁ ମଝିରେ ମଝିରେ ସଫା କରିବା ଜରୁରି।

- ଗାଧୋଇବା ପରେ ଲୋଫାକୁ ଭଲରେ ଧୁଅନ୍ତୁ। ଏହାକୁ ଚିପୁଡ଼ି ଶୁଖାଇବା ଜରୁରି।
- ବାଥରୁମ୍ ବାହାରେ ଏହାକୁ ଖୋଲା ସ୍ଥାନରେ ଶୁଖାନ୍ତୁ।
- ସପ୍ତାହକୁ ଥରେ ଏହାକୁ ନଖ ଉଷୁମ ପାଣିରେ ଧୁଅନ୍ତୁ।
- ସେହିପରି ଚାହିଁଲେ ନଖ ଉଷୁମପାଣିରେ ବୁଡ଼ାଇ ଏଥିରେ ଥିବା ଜୀବାଣୁଙ୍କୁ କମ୍ କରାଯାଇପାରିବ।
- ସେହିପରି ଦୁଇ, ଚାରି ସପ୍ତାହରେ ନିଜର ଲୋଫା ବଦଳାନ୍ତୁ।
- ସମ୍ବେଦନଶୀଳ ତ୍ୱଚା, ଏକ୍‌ଜିମା,ବ୍ରଣ ଆଦି ଥିଲେ ଏହା ବ୍ୟବହାର ନ କରିବା ଭଲ।

# ସିମ୍ପଲ୍ ଆଉଟଫିଟ୍‌ରୁ ଆକର୍ଷଣୀୟ ଲୁକ୍



**ଅଧିକାଂଶ ମହିଳା ଦାମୀ ଏବଂ ବ୍ରାଣ୍ଡେଡ୍ ପୋଷାକ ପିନ୍ଧିବାକୁ ପସନ୍ଦ କରନ୍ତି। ଏହା ଷ୍ଟାଇଲିଶ୍ ଦିଶିବା ସହ ଏଥିରୁ ଏକ ରିଚ୍ ଲୁକ୍ ମିଳିଥାଏ ବୋଲି ଅନେକ ଭାବନ୍ତି। ହେଲେ, କିଛି ସହଜ ଉପାୟ ଆପଣାଇ ସାଧାରଣ ପୋଷାକରୁ ମଧ୍ୟ ରିଚ୍ ଲୁକ୍ ପାଇପାରିବେ।**

### ଫିଟିଙ୍ଗ୍‌ର ଧ୍ୟାନ

ଦାମୀ ହେଉ ବା ଶସ୍ତା ପୋଷାକର ଫିଟିଙ୍ଗ୍ ମୁଖ୍ୟ ହୋଇଥାଏ। ତେଣୁ ନୂଆ ପୋଷାକ କିଣିଲେ ପ୍ରଥମେ ଏହାକୁ ନିଜ ଶରୀରରେ ଅନୁସାରେ ଫିଟିଙ୍ଗ୍ କରିବା ଜରୁରି। ଏହାକୁ ଅଧିକ ଢିଲା କିମ୍ବା ଟାଇଟ୍ କରନ୍ତୁନି।

### ରଙ୍ଗଚୟନ

ଯେକୌଣସି ପୋଷାକ ଆକର୍ଷଣୀୟ ଦେଖାଯିବା ପାଇଁ ରଙ୍ଗ ମୁଖ୍ୟଭୂମିକା ନିଭାଇଥାଏ। ଏଥିପାଇଁ ପୋଷାକ ପିନ୍ଧିବା ପୂର୍ବରୁ କେଉଁ ରଙ୍ଗ ମାନିବ ତାକୁ ଧ୍ୟାନ ଦିଅନ୍ତୁ। ସାଧାରଣତଃ କଳାଧଳା କମ୍ବିନେସନ୍ ଖୁବ୍ ସୁନ୍ଦର ଦିଶିଥାଏ। ସେହିପରି ନୀଳ ଏବଂ ନାଲି ରଙ୍ଗ ମଧ୍ୟ ଖୁବ୍ ଆକର୍ଷଣୀୟ ଦିଶେ।

### ଆକର୍ଷଣୀୟ ଗହଣା ପିନ୍ଧନ୍ତୁ

ଓଜନିଆ ଅଳଙ୍କାର ପିନ୍ଧିବା ପରିବର୍ତ୍ତେ ମିନିମାଲିଷ୍ଟ ଅଳଙ୍କାର ପିନ୍ଧନ୍ତୁ। ଏହା ସୁନ୍ଦର ଦିଶିବା ସହ ଏଥିରୁ ଏକ ଆକର୍ଷଣୀୟ ଲୁକ୍ ମିଳିଥାଏ। ଏଥିପାଇଁ ପତଳା ଚେନ୍, ବ୍ରେସ୍‌ଲେଟ୍ ଏବଂ ରିଙ୍ଗ କାନଫୁଲ ପିନ୍ଧିପାରିବେ। ଅବଶ୍ୟ ଚାହିଁଲେ, ହାଲୁକା ମୁଦି ମଧ୍ୟ ପିନ୍ଧିପାରିବେ। ଏଥିରୁ ଏକ ଭିନ୍ନ ଲୁକ୍ ମିଳିଥାଏ।

# କେଶମୂଳର ଯତ୍ନ

**ଧୂଳି, ମାଟି ଏବଂ ରାସାୟନିକ ପ୍ରସାଧନ ବ୍ୟବହାର ଦ୍ୱାରା କେଶମୂଳରେ ମଇଳା ଜମି ରହେ। ଏପରି ସ୍ଥଳେ ସ୍କାଲ୍‌ପ ଡିଟକ୍ସ ଆବଶ୍ୟକ। ଏହା କେଶମୂଳକୁ ଗଭୀରରୁ ସଫା କରିବା ସହ କେଶ ମଜବୁତ୍ ଏବଂ ବୃଦ୍ଧିରେ ସାହାଯ୍ୟ କରିଥାଏ। ଏଥିସହ କେଶରେ ରକ୍ତ ସଞ୍ଚାଳନ ଉନ୍ନତ କରିଥାଏ। ତେବେ ଘରେ କିପରି ସ୍କାଲ୍‌ପ ଡିଟକ୍ସ କରିବେ ଜାଣନ୍ତୁ।**

### ଆପଲ୍ ସାଇଡ୍ ଭିନେଗାର୍

ଏହା ଏକ ପ୍ରାକୃତିକ କ୍ଲିନ୍‌ଜର୍ ଭଳି କାର୍ଯ୍ୟ କରିଥାଏ। ଏକ କପ୍ ପାଣିରେ ଦୁଇଚାମଚ ଆପଲ୍ ସାଇଡ୍ ଭିନେଗାର ନେଇ କେଶରେ ଲଗାଇ କିଛି ସମୟ ରଖି ସଫା କରନ୍ତୁ। ଏହା କେଶମୂଳରେ ଜମିଥିବା ମୃତକୋଷ, ଅପରିଷ୍କାର କାଢ଼ିବାରେ ସହାୟକ ହୋଇଥାଏ।


### ନିମ୍ବ ତୁଳସୀ ମାସ୍କ

ନିମ୍ବ ଏବଂ ତୁଳସୀ କେଶମୂଳ ପାଇଁ ଅତ୍ୟନ୍ତ ଉପକାରୀ ହୋଇଥାଏ। ଏଥିରେ ଆଣ୍ଟି ବ୍ୟାକ୍ଟେରିଆ ଏବଂ ଆଣ୍ଟି ଫଙ୍ଗଲ୍ ଗୁଣ ଥାଏ। ଯାହା କେଶମୂଳକୁ ସଂକ୍ରମଣରୁ ସୁରକ୍ଷା ଦେଇଥାଏ। ଏଥିପାଇଁ ତୁଳସୀ, ନିମ୍ବପତ୍ର ଗ୍ରାଇଣ୍ଡ କରି କେଶରେ ଲଗାନ୍ତୁ। ଲଗାଇବାର ୩୦ ମିନିଟ୍ ପରେ ଧୋଇ ଦିଅନ୍ତୁ।



### ଟି –ଟ୍ରି ଅଏଲ୍ ମସାଜ୍

ଟି ଟ୍ରି ଅଏଲ୍ କେଶମୂଳକୁ ସଫା ରଖିବାରେ ସହାୟକ ହୋଇଥାଏ। ଏହାକୁ ନଡ଼ିଆ କିମ୍ବା ବାଦାମ ତେଲରେ ମିଶାଇ ଲଗାଇପାରିବେ।






# ଇଂଲଣ୍ଡ ସହ ମ୍ୟାଚ୍ ଡ୍ର ରଖିଲା ଘାନା

ଫକ୍ସବରୋ,୨୪।୬(ଏଜେନ୍ସି)



ଶକ୍ତିଶାଳୀ ତଥା ଟାଇଟଲର ଅନ୍ୟତମ ଆଶାୟୀ ଇଂଲଣ୍ଡ ସହ ମ୍ୟାଚ୍ ଡ୍ର ରଖିଛି ଘାନା। ବୋଷ୍ଟନ ଷ୍ଟାଡିୟମ୍‌ରେ ମଙ୍ଗଳବାର ରାତିରେ ଖେଳାଯାଇଥିବା ଫିଫା ବିଶ୍ୱକପ୍ ୨୦୨୬ ଗ୍ରୁପ୍-ଏ'ର ଏକ ଲିଗ୍ ମୁକାବିଲାରେ ଏହା ଦେଖିବାକୁ ମିଳିଛି। ଦୁଇ ଦେଶ ମଧ୍ୟରେ ଏହି ମ୍ୟାଚ୍‌ଟି ବେଶ ପ୍ରତିଦ୍ୱନ୍ଦ୍ୱିତାମୂଳକ ଓ ଉପଭୋଗ୍ୟ ହୋଇଥିଲା। ଉଭୟ ଦଳର ରକ୍ଷଣଭାଗ ଏତେ ଶକ୍ତିଶାଳୀ ଥିଲେ, ଯେ ଗୋଲ ଦେବା ତ ଦୂରର କଥା, ଗୋଲ ପୋଷ୍ଟ ଉପରେ କେହି ଠିକ୍‌ରେ ଆକ୍ରମଣ କରିବାରେ ସମର୍ଥ ହୋଇ ନ ଥିଲେ। ଉଭୟ ଦଳର ରଣକୌଶଳ ଏହି ମ୍ୟାଚ୍‌ରେ ଖୁବ୍ ଉଚ୍ଚକୋଟୀର ହୋଇଥିଲା। ବିଶେଷକରି ଘାନା ଗୋଲ ରକ୍ଷକ ବେଞ୍ଜାମିନ ଆସାରେଙ୍କ ପ୍ରଦର୍ଶନ ସବୁଠାରୁ ଆକର୍ଷୀୟ ହୋଇଥିଲା। ସେ ବିଶ୍ୱର ଦୁଇ ପ୍ରସିଦ୍ଧ ଫରୱାର୍ଡ ଖେଳାଳି ଇଂଲଣ୍ଡର ହ୍ୟାରୀ କେନ୍ ଓ ଜୁଡ୍ ବେଲିଂହାମ୍‌ଙ୍କ ଗୋଟିଏ ହେଲେ ସଟ୍‌କୁ ପୋଷ୍ଟ ମଧ୍ୟକୁ ଛାଡ଼ି ନ ଥିଲେ। ଏହି ଗ୍ରୁପ୍‌ରେ ଖେଳାଯାଇଥିବା ଅନ୍ୟ ଏକ ମୁକାବିଲାରେ କ୍ରୋଏସିଆ ୧-୦ ଗୋଲରେ ପାନାମାକୁ ପରାସ୍ତ କରିଛି। ଦ୍ୱିତୀୟ ରାଉଣ୍ଡ ମୁକାବିଲା ଶେଷରେ ଉଭୟ ଇଂଲଣ୍ଡ ଓ ଘାନା ସମାନ ୪ ପଏଣ୍ଟ ଲେଖାଏଁ ସଂଗ୍ରହ କରିଛନ୍ତି। କିନ୍ତୁ ଗୋଲ ବ୍ୟବଧାନରେ ଇଂଲଣ୍ଡ ନଂ-୧ ଓ ଘାନା ନଂ-୨ ସ୍ଥାନରେ ରହିଛନ୍ତି। ଶେଷରାଉଣ୍ଡ ମୁକାବିଲାରେ ଇଂଲଣ୍ଡ ସହ ପାନାମାର ଓ କ୍ରୋଏସିଆ ସହ ଘାନାର ମୁକାବିଲା ହେବ। ଏହି ଗ୍ରୁପ୍‌ରୁ ୩ଟି ଦଳ ନକ୍‌ଆଉଟ ବା ରାଉଣ୍ଡ ଅଫ୍ ୩୨ରେ ପ୍ରବେଶ କରିବା ଏକପ୍ରକାର ନିଶ୍ଚିତ ହୋଇଛି।

ଏହି ମୁକାବିଲା ଆରମ୍ଭରୁ ଇଂଲଣ୍ଡ ଆକ୍ରମଣ କରିଥିଲା। ଘାନା ୫-୪-୧ରେ ଖେଳିଥିଲା। ଫଳରେ ଇଂଲଣ୍ଡର ଫରୱାର୍ଡ ବାହିନୀ ଘାନାର ରକ୍ଷଣଭାଗକୁ ଭେଦ କରିପାରି ନ ଥିଲେ। ବିଶେଷକରି ହ୍ୟାରୀ କେନ୍ ଓ ଜୁଡ୍ ବେଲିଂହାମ୍‌ଙ୍କ ଭଳି ଟାଣୁଆ ଫରୱାର୍ଡ ଖେଳାଳିଙ୍କୁ ଘାନା ରକ୍ଷଣଭାଗରେ ପ୍ରବେଶ କରିବା କଷ୍ଟକର ହୋଇପଡ଼ିଥିଲା। ଇଂଲଣ୍ଡ ଦଳ ନିକଟରେ ବଲ ନିୟନ୍ତ୍ରଣ ୭୮.୮ ଶତକଡ଼ା ରହିଥିଲା। ତଥାପି ଦଳ ଗୋଲ କରି ପାରି ନ ଥିଲା। ବିଶ୍ୱକପ୍‌ରେ ଏତେ ଅଧିକ ସମୟ ବଲ ନିୟନ୍ତ୍ରଣରେ ରଖି ଗୋଲ କରି ନ ପାରିବାରେ ଇଂଲଣ୍ଡ ଏକ ନକରାତ୍ମକ ରେକର୍ଡ କରିଛି। ଅନ୍ୟ ପକ୍ଷରେ ଇଂଲଣ୍ଡ ଉପରେ ଘାନାର ଆକମ୍ରଣ ଅତି ନଗଣ୍ୟ ରହିଥିଲା। ଦଳ ମାତ୍ର ଜଣେ ଫରୱାର୍ଡ ଖେଳାଳିଙ୍କୁ ନେଇ ସମଗ୍ର ମ୍ୟାଚ୍‌ରେ ଖେଳିଥିଲା। ଦଳର କୋଚ୍ କାର୍ଲୋସ କ୍ୱିରୋଜ୍‌ଙ୍କ ରଣ କୌଶଳ ଆଗରେ ଗୋଲ ଦେବାରେ ଫେଲ ମାରିଥିଲା ତାରକା ଖଚିତ ଇଂଲଣ୍ଡ ଦଳ। କ୍ରୋଏସିଆକୁ ୪-୨ ଗୋଲରେ ହରାଇବା ପରେ ଇଂଲଣ୍ଡ ଏହି ମୁକାବିଲାକୁ ଜିତି ଆଗୁଆ ରାଉଣ୍ଡ ଅଫ୍ ୩୨ରେ ପହଞ୍ଚିବାକୁ ଯେଉଁ ଲକ୍ଷ୍ୟ ରଖିଥିଲା ତାହା ଘାନାର ଡିଫେନ୍ସ କରିବାକୁ ଦେଇ ନ ଥିଲା। ଦଳର ଗୋଲରକ୍ଷକ ବେଞ୍ଜାମିନ ଆସାରେ ବେଶ ଚମତ୍କାର ଖେଳ ପ୍ରଦର୍ଶନ କରି କେନ୍-ବେଲିଂହାମ-ଗର୍ଡନ-ରାଶଫୋର୍ଡଙ୍କ ଆକ୍ରମଣକୁ ଅଟକାଇବାରେ ସଫଳ ହୋଇଥିଲେ।

## ୬ଟି ବିଶ୍ୱକପ୍‌ରେ ଗୋଲ ଦେବାରେ ରୋନାଲ୍ଡୋ ପ୍ରଥମ

ହଷ୍ଟନ, ୨୪।୬ (ଏଜେନ୍ସି): ଫିଫା ବିଶ୍ୱକପ୍‌ର ୬ଟି ସଂସ୍କରଣରେ ଗୋଲ ଦେବାରେ ପର୍ତ୍ତୁଗାଲର ସୁପରଷ୍ଟାର କ୍ରିଷ୍ଟିଆନୋ ରୋନାଲ୍ଡୋ ବିଶ୍ୱର ପ୍ରଥମ ଖେଳାଳି ହୋଇଛନ୍ତି। ଆର୍ଜେଣ୍ଟିନାର ଲିଓନେଲ ମେସି ୬ଟି ବିଶ୍ୱକପ୍ ଖେଳିଥିଲେ ମଧ୍ୟ ଏଭଳି ରେକର୍ଡ କରିପାରି ନାହାନ୍ତି। ଏଠାରେ ମଙ୍ଗଳବାର ଖେଳାଯାଇଥିବା ଗ୍ରୁପ୍-କେ'ର ଦ୍ୱିତୀୟ ରାଉଣ୍ଡ ମ୍ୟାଚ୍‌ରେ ପର୍ତ୍ତୁଗାଲ ୫-୦ ଗୋଲରେ ଉଜ୍‌ବେକିସ୍ତାନକୁ ପରାସ୍ତ କରିଥିଲା। ଏହି ମ୍ୟାଚ୍‌ରେ ରୋନାଲ୍ଡୋ ୨ଟି ଗୋଲ ଦେବା ଫଳରେ ଏହି ବିରଳ ରେକର୍ଡର ଅଧିକାରୀ ହୋଇଛନ୍ତି। ଏହି ଗୋଲ ବଳରେ ଫିଫା ବିଶ୍ୱକପ୍‌ରେ ତାଙ୍କ ଗୋଲ ସଂଖ୍ୟା ୧୦ରେ ପହଞ୍ଚିଛି ଓ ସେ ନିଜ ଦେଶର କିଂବଦନ୍ତୀ ଖେଳାଳି ୟୁସେବିଓଙ୍କ ୯ଟି ଗୋଲର ରେକର୍ଡକୁ ଅତିକ୍ରମ କରିଥିଲେ। ୪୧ ବର୍ଷ ୧୩୮ ଦିନରେ ରୋନାଲ୍ଡୋ ବିଶ୍ୱକପ୍‌ରେ ଗୋଲ ଦେବାରେ ଦ୍ୱିତୀୟ ବୟୋଜ୍ୟେଷ୍ଠ ଖେଳାଳି ହୋଇଛନ୍ତି। ୪୨ବର୍ଷ ୩୯ ଦିନରେ ଗୋଲ ଦେଇଥିବା ଇଜିପ୍ଟର ରୋଜର ମିଲାଙ୍କ ନାମରେ ଏହି ରେକର୍ଡ ରହିଛି। ରୋନାଲ୍ଡୋ ୨୦୦୬, ୨୦୧୦ ଓ ୨୦୧୪ ବିଶ୍ୱକପ୍‌ରେ ଗୋଟିଏ ଲେଖାଏଁ, ୨୦୧୮ରେ ୪ଟି, ୨୦୨୨ରେ ଗୋଟିଏ ଓ ଏବେ ଚାଲିଥିବା ୨୦୨୬ରେ ୨ଟି ଗୋଲ ସ୍କୋର କରିଛନ୍ତି।

## ଲୋକପ୍ରିୟତା ଶୀର୍ଷରେ କେପ୍ ଭର୍ଡର ଭୋଜିନା

ଡଲାସ,୨୪।୬(ଏଜେନ୍ସି): ଫୁଟବଲରେ ନିଜର ପ୍ରତିଭା ପ୍ରଦର୍ଶନ କରିବାର ସର୍ବଶ୍ରେଷ୍ଠ ପ୍ଲାଟଫର୍ମ ହେଉଛି ଫିଫା ବିଶ୍ୱକପ୍। ଫିଫା ପକ୍ଷରୁ ଏଥର ଟିମ୍ ସଂଖ୍ୟା ୪୮କୁ ବୃଦ୍ଧି କରିବା ଫଳରେ ଆଫ୍ରିକୀୟ ରାଷ୍ଟ୍ର କେପ୍ ଭର୍ଡକୁ ଅଂଶଗ୍ରହଣ କରିବାର ସୁଯୋଗ ମିଳିଛି। ଏହି ଦେଶ ପୂରା ଫାଇଦା ଉଠାଇ ପ୍ରଥମ ୨ଟି ମ୍ୟାଚ୍‌ରେ ଅପରାଜିତ ରହିଛି। ଏହି ଦଳକୁ ଅପରାଜିତ ରଖିବାରେ ସବୁଠାରୁ ଗୁରୁତ୍ୱପୂର୍ଣ୍ଣ ଭୂମିକା ନେଇଛନ୍ତି ଗୋଲରକ୍ଷକ ୪୦ ବର୍ଷୀୟ ଭୋଜିନା। ଭୋଜିନାଙ୍କ ବୀରତ୍ୱପୂର୍ଣ୍ଣ ପ୍ରଦର୍ଶନ ଯୋଗୁଁ ଦଳ ତ ଅପରାଜିତ ରହିଛି, ସେ ମଧ୍ୟ ଲୋକପ୍ରିୟତାର ଶୀର୍ଷରେ ପହଞ୍ଚିଛନ୍ତି। ତାଙ୍କର ଏହି ପ୍ରଦର୍ଶନ ସାମାଜିକ ଗଣମାଧ୍ୟମ ଇନଷ୍ଟାଗ୍ରାମ୍‌ରେ ଫଲୋଅର୍ସଙ୍କ ସଂଖ୍ୟା ୧୫.୬ ମିଲିଅନ୍‌ରେ ପହଞ୍ଚିଛି। ଫଳରେ ଚଳିତ ଫିଫା ବିଶ୍ୱକପ୍‌ରେ ସେ ସବୁଠାରୁ ଲୋକପ୍ରିୟ ତଥା ଅଧିକ ଫଲୋଅର୍ସ ଗୋଲକିପର ହୋଇଛନ୍ତି। ଜର୍ମାନୀର ଗୋଲରକ୍ଷକ ମାନୁଏଲ ନୁଏର ଏବଂ ଆମେରିକାର କିଂବଦନ୍ତୀ ଏନ୍‌ଏଫଏଲ୍ ଖେଳାଳି ଟମ୍ ବ୍ରାଡିଙ୍କୁ ପଛରେ ପକାଇଦେଇଛନ୍ତି। ତାଙ୍କ ଚମତ୍କାରିତା ଯୋଗୁଁ କେପ୍ ଭର୍ଡ ପ୍ରଥମ ମ୍ୟାଚ୍‌ରେ ସ୍ପେନ୍ ସହ ଗୋଲଶୂନ୍ୟ ଓ ଦ୍ୱିତୀୟ ମ୍ୟାଚ୍‌ରେ ଉରୁଗୁଏ ସହ ୨-୨ ଗୋଲରେ ମ୍ୟାଚ୍ ଡ୍ର ରଖିଥିଲା।



## କ୍ରୋଏସିଆ ଆଶା ଉଜ୍ଜୀବିତ

ଟରଣ୍ଟୋ,୨୪ ।୬(ଏଜେନ୍ସି): ପାନାମାକୁ ୧-୦ ଗୋଲରେ ପରାସ୍ତ କରି କ୍ରୋଏସିଆର ଚଳିତ ଫିଫା ବିଶ୍ୱକପ୍‌ରେ ନକ୍‌ଆଉଟ ଖେଳିବା ଆଶା ଉଜ୍ଜୀବିତ ରହିଛି। ଏହି ମ୍ୟାଚ୍ ପରେ ୨ଟି ମୁକାବିଲାରୁ କ୍ରୋଏସିଆ ଗୋଟିଏ ପଏଣ୍ଟ ପାଇ ଗ୍ରୁପ୍-ଏଲ'ରେ ତୃତୀୟ ସ୍ଥାନରେ ରହିଛି। ଦଳ ଶେଷ ଲିଗ୍ ମ୍ୟାଚ୍‌ରେ ଘାନା ସହ ଖେଳିବ। ଦଳ ଏହି ମ୍ୟାଚ୍‌କୁ




ଡ୍ର ରଖିପାରିରେ ନିଶ୍ଚିତ ନକ୍‌ଆଉଟରେ ପ୍ରବେଶ କରିଛ। ପ୍ରଥମ ଦୁଇଟି ସ୍ଥାନ ହାସଲ ନ କଲେ ମଧ୍ୟ ଶ୍ରେଷ୍ଠ ତୃତୀୟ ସ୍ଥାନିତ ୮ ଟି ଦଳ ମଧ୍ୟରେ ରହିବ। ବିଜୟୀ କ୍ରୋଏସିଆ ପକ୍ଷରୁ ଦ୍ୱିତୀୟାର୍ଦ୍ଧରେ ଆଣ୍ଟେ ବୁଦିମିର ଏକମାତ୍ର ଗୋଲଟି ସ୍କୋର କରିଥିଲେ। ପୂର୍ବରୁ ଦଳ ପ୍ରଥମ ମୁକାବିଲାରେ ଇଂଲଣ୍ଡ ନିକଟରୁ ୨-୪ ଗୋଲରେ ପରାଜିତ ହୋଇଥିଲା।

## କଙ୍ଗୋକୁ ହରାଇ ନକ୍‌ଆଉଟ୍‌ରେ କଲମ୍ବିଆ

ଫକ୍ସବରୋ,୨୪।୬(ଏଜେନ୍ସି): ଡାନିଏଲ୍ ମୁନୋଜଙ୍କ ଏକମାତ୍ର ଗୋଲ ବଳରେ ଏଠାରେ ଅନୁଷ୍ଠିତ ବିଶ୍ୱକପ୍ ଗ୍ରୁପ୍-କେ'ର ଏକ ଲିଗ୍ ମ୍ୟାଚ୍‌ରେ କଲମ୍ବିଆ ୧-୦ ଗୋଲରେ କଙ୍ଗୋକୁ ପରାସ୍ତ କରିଛି। ଏହା ଫଳରେ କ୍ରମାଗତ ବିଜୟ ସହ କଲମ୍ବିଆ ଗୋଟିଏ ମ୍ୟାଚ୍ ଖେଳିବାକୁ ବାକିଥାଇ ପ୍ରଥମେ ନକ୍‌ଆଉଟ ବା ରାଉଣ୍ଡ ଅଫ୍ ୩୨ରେ ପ୍ରବେଶ କରିଛି। ଦଳ ତାହାର ଶେଷ ମ୍ୟାଚ୍‌ରେ ଶକ୍ତିଶାଳୀ ପର୍ତ୍ତୁଗାଲ୍‌କୁ ଭେଟିବ। ଏହି ଗ୍ରୁପ୍‌ରେ ଗତକାଲି ଖେଳାଯାଇଥିବା ଅନ୍ୟ ଏକ ମୁକାବିଲାରେ ପର୍ତ୍ତୁଗାଲ ୫-୦ ଗୋଲରେ ଡେବ୍ୟୁଟାଣ୍ଟ ଉଜ୍‌ବେକିସ୍ତାନକୁ ପରାସ୍ତ କରିଛି। ଏହା ଫଳରେ ଦଳ ୪ ପଏଣ୍ଟ ପାଇ ନକ୍‌ଆଉଟ ଖେଳିବା ଆଶା ଉଜ୍ଜୀବିତ କରିଛି। ପର୍ତ୍ତୁଗାଲ ସହ ପ୍ରଥମ ମ୍ୟାଚ୍ ଡ୍ର ରଖିଥିବା କଙ୍ଗୋ ଶେଷ ଲିଗ୍ ମ୍ୟାଚ୍‌ରେ ଉଜ୍‌ବେକିସ୍ତାନକୁ ହରାଇପାରିଲେ ନକ୍‌ଆଉଟ ଖେଳିବା ଦୌଡ଼ରେ ତିଷ୍ଠି ରହିବ।



କଙ୍ଗୋ ବିପକ୍ଷରେ ଗୋଲ ଦେବାକୁ କଲମ୍ବିଆକୁ ପ୍ରଥମାର୍ଦ୍ଧରେ ସଂଘର୍ଷ କରିବାକୁ ପଡ଼ିଥିଲା। କଙ୍ଗୋର ରକ୍ଷଣଭାଗ ବେଶ ସ୍ମାର୍ଟ ଥିଲା ଓ କଲମ୍ବିଆର ଆକ୍ରମଣକୁ ପ୍ରତିହତ କରିବାରେ ସଫଳ ହୋଇଥିଲା। କଲମ୍ବିଆ ନିକଟରେ ୬୬ ଶତକଡ଼ା ବଲ ନିୟନ୍ତ୍ରଣ ୮୮ ଶତକଡ଼ା ସଠିକ୍ ପାସ୍ ଓ ଟାର୍ଗେଟରେ ୯ଟି ସଟ୍ ମାରିଥିଲେ ମଧ୍ୟ କେବଳ ଗୋଟିଏ ଗୋଲ କରିବାକୁ ସଫଳ ହୋଇଥିଲା। ଦ୍ୱିତୀୟାର୍ଦ୍ଧ ଖେଳର ୭୬ତମ ମିନିଟ୍‌ରେ ଡାନିଏଲ ମୁନୋଜ ଗୋଲ ସ୍କୋର କରି ସଂଘର୍ଷ କରୁଥିବା କଲମ୍ବିଆର ଖେଳାଳି ଓ ସମର୍ଥକମାନଙ୍କୁ ଆଶ୍ୱସ୍ତ କରିଥିଲେ। କିନ୍ତୁ ଟୁର୍ଣ୍ଣାମେଣ୍ଟରେ ଏବେଠାରୁ ଭଲ ଦଳ ବିପକ୍ଷରେ ଖେଳିବାକୁ ହେବ। ଇଂଲଣ୍ଡ ଓ ପର୍ତ୍ତୁଗାଲ ଭଳି ପରବର୍ତ୍ତୀ ମ୍ୟାଚ୍ ଗୁଡିକରେ ଖେଳରେ ଉନ୍ନତି ନ ଆଣିଲେ ଦଳକୁ ମ୍ୟାଚ୍ ଜିତିବା କଷ୍ଟକର ହୋଇପଡ଼ିବ।




**ଫିଫା ବିଶ୍ୱକପ୍ ମୁକାବିଲା**

**ଜୁନ୍-୨୫, ଗୁରୁବାର ରାତି**

ଆଇଭରୀ କୋଷ୍ଟ-କ୍ୟୁରାସାଓ
ଫିଲାଡେଲ୍‌ଫିଆ, ରାତି ୧.୩୦

ଜର୍ମାନୀ-ଇକ୍ୱେଡର
ନ୍ୟୁ ଜର୍ସି, ରାତି ୧.୩୦

ନେଦରଲାଣ୍ଡସ-ଟ୍ୟୁନିସିଆ
କାନସାସ୍ ସିଟି, ରାତି ୪ଟା ୩୦ (୨୬ ତାରିଖ ଭୋର)

ସ୍ୱିଡେନ-ଜାପାନ
ଆରଲିଙ୍ଗଟନ, ରାତି ୪ଟା ୩୦ (୨୬ ତାରିଖ ଭୋର)

**ଜୁନ୍-୨୬ ଶୁକ୍ରବାର ସକାଳ**

ଆମେରିକା-ତୁର୍କୀ
ଲସ୍ ଏଞ୍ଜେଲ୍ସ, ସକାଳ ୭.୩୦

ଅଷ୍ଟ୍ରେଲିଆ-ପାରାଗୁଏ
ସାଣ୍ଟା କ୍ଲାରା, ସକାଳ ୭.୩୦

ପ୍ରସାରଣ: ଜୀ ଟିଭି ନେଟ୍‌ୱର୍କ, ଜୀ-୫

## ୪୮ ମ୍ୟାଚ୍ ପରେ ୫ ଟିମ୍ ବିଦା

ଡଲାସ,୨୪।୬ (ଏଜେନ୍ସି): ଉତ୍ତରଆମେରିକାରେ ଚାଲିଥିବା ୨୩ତମ ଫିଫା ବିଶ୍ୱକପ୍‌ରେ ଏଥର ୪୮ଟି ଟିମ୍ ଅଂଶଗ୍ରହଣ କରିଛନ୍ତି। ଏହା ମଧ୍ୟରୁ ଲିଗ୍ ପର୍ଯ୍ୟାୟ ଶେଷରେ ୧୬ଟି ଟିମ୍ ସ୍ୱଦେଶ ଫେରିବେ ଓ ୩୨ଟି ଟିମ୍ ନକ୍‌ଆଉଟକୁ ଉନ୍ନୀତ ହେବେ। ଏଥର ୧୦୪ଟି ମ୍ୟାଚ୍ ଖେଳାଯିବାକୁ ଥିଲାବେଳେ ଲିଗ୍ ପର୍ଯ୍ୟାୟରେ ୭୨ଟି ମ୍ୟାଚ୍ ଅନୁଷ୍ଠିତ ହେବ। ଟୁର୍ଣ୍ଣାମେଣ୍ଟ ନିୟମ ଅନୁଯାୟୀ ଏଥର ଭାଗ ନେଇଥିବା ୪୮ଟି ଦଳକୁ ୧୨ଟି ଗ୍ରୁପ୍‌ରେ ଭାଗ କରାଯାଇଛି। ଗୋଟିଏ ଗ୍ରୁପ୍‌ରେ ୪ଟି ଲେଖାଏଁ ଦଳ ସ୍ଥାନ ପାଇଥିଲାବେଳେ ଦୁଇ ଶ୍ରେଷ୍ଠ ଦଳ ଅର୍ଥାତ୍ ୨୪ଟି ଟିମ୍ ସିଧାସଳଖ ରାଉଣ୍ଡ ଅଫ୍ ୩୨ରେ ପ୍ରବେଶ କରିବେ। ବାକି ୮ଟି ଦଳ କିପରି ଆସିବେ। ନିୟମ ଅନୁଯାୟୀ ଗ୍ରୁପ୍‌ରେ ତୃତୀୟ ସ୍ଥାନ ଅଧିକାର କରିଥିବା ୧୨ଟି ଦଳ ମଧ୍ୟରୁ ଶ୍ରେଷ୍ଠ ୮ଟି ଦଳ ରାଉଣ୍ଡ ଅଫ୍ ୩୨ର ସ୍ଥାନ ପୂରଣ କରିବେ। ପ୍ରଥମ ୪୮ଟି ମ୍ୟାଚ୍ ପରେ ୭ଟି ଦଳ ଯଥା ଯୁଗ୍ମ ଆୟୋଜକ ମେକ୍ସିକୋ ଓ ଆମେରିକା, କଲମ୍ବିଆ, ୪ଥରର ଚାମ୍ପିଅନ ଜର୍ମାନୀ, ୩ଥରର ଚାମ୍ପିଅନ ଆର୍ଜେଣ୍ଟିନା, ୨ଥରର ଚାମ୍ପିଅନ ଫ୍ରାନ୍ସ ଓ ନରୱେ ଟିମ୍ ରାଉଣ୍ଡ ଅଫ୍ ୩୨ରେ ସ୍ଥାନ ସୁରକ୍ଷିତ କରିଛନ୍ତି। ତୃତୀୟ ରାଉଣ୍ଡ ଖେଳ ହେବା ପୂର୍ବରୁ ଯେଉଁ ଦଳଗୁଡିକ ନିଜ ଗ୍ରୁପ୍‌ରେ ଦୁଇଟି ଲେଖାଏଁ ମ୍ୟାଚ୍ ହାରିବା ପରେ ତୃତୀୟ ସ୍ଥାନ ହାସଲ କରିବାର ସମ୍ଭାବନା ନାହିଁ ସେହି ଦଳଗୁଡିକ ବାଦ୍ ପଡ଼ିଛନ୍ତି। ଏହି ୫ଟି ଟିମ୍ ହେଲେ ଗ୍ରୁପ୍-ସି'ରେ ହାଇତି, ଗ୍ରୁପ୍-ଡି'ରେ ତୁର୍କୀ, ଗ୍ରୁପ୍-ଏଫ୍'ରେ ଟ୍ୟୁନିସିଆ, ଗ୍ରୁପ୍-ଏଲ୍'ରେ ପାନାମା ଓ ଗ୍ରୁପ୍-ଜେ'ରେ ଜୋର୍ଡାନ। ଗ୍ରୁପ୍-ଆଇ'ରେ ୨ଟି ଦଳ ପ୍ରଥମ ୨ଟି ମ୍ୟାଚ୍ ହାରିଛନ୍ତି, ଗ୍ରୁପ୍-କେ'ରେ ଉଜ୍‌ବେକିସ୍ତାନ ୨ଟି ହାରିଥିଲାବେଳେ କଙ୍ଗୋ ଗୋଟିଏ ମ୍ୟାଚ୍ ଡ୍ର ରଖିଥିବାରୁ କେଉଁ ଦଳ ବିଦା ହେବ ତାହା ସ୍ପଷ୍ଟ ହୋଇନାହିଁ।

## ଭୁବନେଶ୍ୱର ଆନ୍ତଃସ୍କୁଲ ଫୁଟବଲ

ଭୁବନେଶ୍ୱର,୨୪।୬(ସମିସ): ୟୁନିଟ୍-୬ ଆଥ୍‌ଲେଟିକ୍ ଆସୋସିଏସନ ଆନୁକୂଲ୍ୟରେ ଜୟନ୍ତ ମେମୋରିଆଲ ଭୁବନେଶ୍ୱର ଆନ୍ତଃସ୍କୁଲ ଫୁଟବଲ ପ୍ରତିଯୋଗିତା ଅଗଷ୍ଟ ୮ରୁ ୨୮ ତାରିଖଯାଏ ଖେଳାଯିବ। ଏଥର ଚାମ୍ପିଅନ ଦଳକୁ ୧ଲକ୍ଷ ଓ ରନର୍ସ ଅପ୍ ଦଳକୁ ୫୦,୦୦୦ ଟଙ୍କାର ପୁରସ୍କାର ଦିଆଯିବ। ଟୁର୍ଣ୍ଣାମେଣ୍ଟରେ ଅଂଶଗ୍ରହଣ କରିବାକୁ ଆଗ୍ରହୀ ସ୍କୁଲ ଗୁଡିକ ଆସୋସିଏସନର ସମ୍ପାଦକ ଦିଲୀପ ଦାସଙ୍କୁ ମୋ-୬୩୭୨୮୮୭୦୬୯ କିମ୍ବା କୋଷାଧ୍ୟକ୍ଷ ଚିତ୍ତରଞ୍ଜନ ପାତ୍ରଙ୍କୁ ମୋ-୯୯୩୭୧୪୧୮୬୧ରେ ଯୋଗାଯୋଗ କରିବାକୁ ସଭାପତି ତପନ ମହାନ୍ତି ଅନୁରୋଧ କରିଛନ୍ତି।

## ଛତିଶଗଡ଼ରେ ନ୍ୟାସନାଲ୍ ମିନି ଗଲ୍ଫ

ଭୁବନେଶ୍ୱର,୨୪।୬(ସମିସ): ଛତିଶଗଡ଼ର ରାୟପୁରସ୍ଥିତ ଦେବରା ବିଶ୍ୱବିଦ୍ୟାଳୟଠାରେ ଆସନ୍ତାକାଲିଠାରୁ ନ୍ୟାସନାଲ ମିନି ଗଲ୍ଫ ଚାମ୍ପିଅନସିପ୍ ଆରମ୍ଭ ହେବ। ଏହି ପ୍ରତିଯୋଗିତାରେ ବିକାଶ ଚନ୍ଦ୍ର ପଟ୍ଟନାୟକ ଓ ସ୍ମୃତିରେଖା ପଟ୍ଟନାୟକଙ୍କ ନେତୃତ୍ୱରେ ୨୪ଜଣିଆ ଓଡ଼ିଶା ଦଳ ଅଂଶଗ୍ରହଣ କରୁଛି। ଏହି ନ୍ୟାସନାଲ ପ୍ରତିଯୋଗିତାରେ ୨୧ଟି ରାଜ୍ୟର ପ୍ରତିନିଧିକ ଅଂଶଗ୍ରହଣ କରୁଛନ୍ତି। ଓଡ଼ିଶା ଏଥର ଭଲ ସଫଳତା ପାଇବ ବୋଲି ଓଡ଼ିଶା ମିନି ଗଲ୍ଫ ସଂଘର ସଭାପତି ସତ୍ୟବ୍ରତ ମୀନକେତନ ଆଶା ପ୍ରକାଶ କରିଛନ୍ତି।



■ ଆଇସିସି ଦିନିକିଆ ର୍ୟାଙ୍କିଙ୍ଗ୍

## କୋହଲିଙ୍କ ଟପିଲେ ଗିଲ୍

ଦୁବାଇ,୨୪।୬(ଏଜେନ୍ସି): ଆଫଗାନିସ୍ତାନ ବିପକ୍ଷ ଶୃଙ୍ଖଳାରେ ୮୪ ଓ ୧୫୪ ରନ୍ କରିଥିବା ଭାରତର ଅଧିନାୟକ ଶୁବମନ ଗିଲ୍ ସର୍ବଶେଷ ଦିନିକିଆ ମାନ୍ୟତାରେ ବିରାଟ କୋହଲିଙ୍କୁ ହଟାଇ ଦ୍ୱିତୀୟ ସ୍ଥାନକୁ ଉନ୍ନୀତ ହୋଇଛନ୍ତି। ନ୍ୟୁଜିଲାଣ୍ଡର ଡାରିଲ ମିଚେଲ ନଂ-୧ସ୍ଥାନରେ ଥିଲାବେଳେ କୋହଲି ତୃତୀୟ ସ୍ଥାନକୁ ଖସିଆସିଛନ୍ତି। ଭାରତର ରୋହିତ ଶର୍ମା ଚତୁର୍ଥ ସ୍ଥାନରେ ରହିଛନ୍ତି। ସେ ଆଫଗାନିସ୍ତାନ ବିପକ୍ଷ ସିରିଜ୍‌ରେ ୧୬, ୪୮ ଓ ୭୯ ରନ୍ କରିଥିଲେ। ନିକଟରେ ଇଂଲଣ୍ଡ ବିପକ୍ଷରେ ୩ ମ୍ୟାଚ୍ ବିଶିଷ୍ଟ ଦିନିକିଆ ସିରିଜ୍ ଖେଳାଯିବ। ଏଥିରେ ପୁଣିଥରେ ମାନ୍ୟତାରେ ପରିବର୍ତ୍ତନ ହେବାର ସମ୍ଭାବନା ରହିବ।

## ଇଂଲଣ୍ଡ ଗସ୍ତରେ ସୂର୍ଯ୍ୟବଂଶୀଙ୍କୁ ଅଲଗା ଡ୍ରେସିଂ ରୁମ୍



ଲଣ୍ଡନ, ୨୪।୬(ଏଜେନ୍ସି): ଇଂଲଣ୍ଡ ବିପକ୍ଷ ୫ ମ୍ୟାଚ୍ ବିଶିଷ୍ଟ ଟି-୨୦ ସିରିଜ୍ ଲାଗି ଭାରତୀୟ ଦଳରେ ସ୍ଥାନ ପାଇଥିବା ୧୫ ବର୍ଷୀୟ ବିସ୍ମୟ ବାଳକ ବୈଭବ ସୂର୍ଯ୍ୟବଂଶୀଙ୍କ ଲାଗି ଅଲଗା ଡ୍ରେସିଂ ରୁମ୍‌ର ବ୍ୟବସ୍ଥା କରାଯାଇଛି। ଆଇସିସି ନିୟମ ଅନୁଯାୟୀ ମ୍ୟାଚ୍ ଖେଳାଯିବାକୁ ଥିବା ୫ଟି ଯାକ ଷ୍ଟାଡିୟମ୍‌ରେ ଏହି ବ୍ୟବସ୍ଥା ଲାଗୁ ହେବ, ବୈଭବ କେବଳ ଟିମ୍ ମିଟିଂ ଓ ଖେଳବେଳେ ସେ ଟିମ୍ ଡ୍ରେସିଂରୁମ୍‌କୁ ଯାଇପାରିବେ। ସେହିପରି ଜଣେ ପ୍ରାପ୍ତବୟସ୍କ ହୋଇ ନ ଥିବାରୁ ସେ ତାଙ୍କ ମାତାପିତାଙ୍କ ସହ ରହିବ। ଏଥିଲାଗି ମା' ଆରତୀ ଓ ପିତା ଅଜିତ ସୂର୍ଯ୍ୟବଂଶୀଙ୍କୁ ଇଂଲଣ୍ଡ ପଠାଇବାକୁ ବିସିସିଆଇ ନିଷ୍ପତ୍ତି ନେଇଛି। ବୈଭବ ଯେପରି ଏକୁଟିଆ ଅନୁଭବ ନ କରିବେ ସେଥିଲାଗି ଏହି ପଦକ୍ଷେପ ନିଆଯାଇଛି। ପୂର୍ବରୁ ଫୁଟବଲ୍ ଖେଳରେ ଏଭଳି ଘଟଣା ଦେଖିବାକୁ ମିଳିଛି।

## ପ୍ରଜ୍ଞାଙ୍କୁ କାଂସ୍ୟ, ଜ୍ୟୋତିଙ୍କୁ ସ୍ୱର୍ଣ୍ଣ

ଭୁବନେଶ୍ୱର,୨୪।୬(ସମିସ)

ସ୍ଥାନୀୟ କଳିଙ୍ଗ ଷ୍ଟାଡିୟମ୍‌ରେ ଆଜିଠାରୁ ଆରମ୍ଭ ହୋଇଛି ୬୫ତମ ଜାତୀୟ ଆନ୍ତଃରାଜ୍ୟ ଦୌଡ଼କୁଦ ପ୍ରତିଯୋଗିତା। ୫ ଦିନ ଧରି ଆୟୋଜିତ ହେବାକୁ ଥିବା ଏହି ପ୍ରତିଯୋଗିତାକୁ କ୍ରୀଡ଼ା ଓ ଯୁବସେବା ମନ୍ତ୍ରୀ ସୂର୍ଯ୍ୟବଂଶୀ ସୂରଜ ଆନୁଷ୍ଠାନିକ ଉଦ୍‌ଘାଟନ କରିଛନ୍ତି। ପ୍ରତିଯୋଗିତାର ପ୍ରଥମ ଦିନରେ ଓଡ଼ିଆ ଧାବିକା ପ୍ରଜ୍ଞାପ୍ରଶାନ୍ତ ସାହୁ ୧୦୦ମିଟର ହର୍ଡଲ୍ସରେ କାଂସ୍ୟ ପଦକ ବିଜୟୀ ହୋଇଛନ୍ତି। ପ୍ରଜ୍ଞା ୧୩.୪୮ ସେକେଣ୍ଡ ସମୟ ନେଇ ତୃତୀୟ ଓ ସବିତା ଟପ୍ପୋ ୧୩.୭୮ ସେକେଣ୍ଡ ସମୟ ନେଇ ଚତୁର୍ଥ ସ୍ଥାନରେ ରହିଛନ୍ତି। କିନ୍ତୁ ଏହି ବିଭାଗରେ ସ୍ୱର୍ଣ୍ଣପଦକ ଜିତିଛନ୍ତି ରିଲାଏନ୍ସ ଆଥଲେଟିକ୍ ଫାଉଣ୍ଡେସନର ଜ୍ୟୋତି ୟାରାଜୀ। କଳିଙ୍ଗ ଷ୍ଟାଡିୟମ୍‌ରେ ପ୍ରଶିକ୍ଷଣ ନେଉଥିବା ଜ୍ୟୋତି ଆଘାତ ସମସ୍ୟାରୁ ଫେରିବା ପରେ ୧୨.୯୯ ସେକେଣ୍ଡ ସମୟ ନେଇ ସ୍ୱର୍ଣ୍ଣପଦକ ଜିତି ସଫଳ ପ୍ରତ୍ୟାବର୍ତ୍ତନ କରିଛନ୍ତି। ଏହା ସହ ସେ ମଧ୍ୟ ଜାପାନ ଏସିଆନ୍ ଗେମ୍ସ ଲାଗି ଯୋଗ୍ୟତା ଅର୍ଜନ କରିଛନ୍ତି। ପୁରୁଷ ପୋଲ ଭଲ୍ଟରେ ଏମ୍‌ପିର ଦେବ ମୀନା ୫.୪୫ ମିଟରକୁ ଡେଇଁ ସ୍ୱର୍ଣ୍ଣ ବିଜୟ ସହ ଏସିଆନ ଗେମ୍ସକୁ ଯୋଗ୍ୟତା ଅର୍ଜନ କରିଛନ୍ତି। ମହିଳା ହାମର ଥ୍ରୋ'ରେ ୟୁପିର ଅନୁଷ୍କା ଯାଦବ ୬୭.୦୨ ମିଟର ଦୂରତାକୁ ଫିଙ୍ଗି ଏହି ରେକର୍ଡ କରିଛନ୍ତି। ସେ ମଧ୍ୟ ଜାପାନ ଏସିଆନ ଗେମ୍ସକୁ ଯୋଗ୍ୟତା ଅର୍ଜନ କରିଛନ୍ତି। ଓଡ଼ିଆଙ୍କ ମଧ୍ୟରେ ମହିଳା ଟ୍ରିପଲ ଜମ୍ପରେ ମେରୀମୁକ୍ତା ସୋରେଙ୍ଗ ୬ଷ୍ଠ, ମହିଳା ହାମର ଥ୍ରୋରେ ସନ୍ଧ୍ୟା ସାଣ୍ଡିଲ୍ୟ ୬ଷ୍ଠ ଓ ମହିଳା ୮୦୦ ମିଟର ଦୌଡ଼ର ହିଟ୍ସ-୨ରେ ଦୀପ୍ତିରାଣୀ ସାହୁ ୬ଷ୍ଠରେ ରହିଛନ୍ତି।




## ଟେଷ୍ଟ ବୋଲିଂ ଶୀର୍ଷରେ ବୁମ୍‌ରା ଓ ହେନ୍‌ରୀ

ଦୁବାଇ, ୨୪।୬(ଏଜେନ୍ସି): ଆଇସିସିର ସଦ୍ୟତମ ଟେଷ୍ଟ ବୋଲିଂ ମାନ୍ୟତାରେ ଫାଷ୍ଟବୋଲର ମ୍ୟାଟ୍ ହେନ୍‌ରୀ ୩୬ ବର୍ଷ ପରେ ନ୍ୟୁଜିଲାଣ୍ଡର ପ୍ରଥମ ବୋଲର ଭାବେ ଟେଷ୍ଟ ବୋଲିଂ ମାନ୍ୟତାର ଶୀର୍ଷରେ ପହଞ୍ଚିଛନ୍ତି। ୩୪ ବର୍ଷ ବୟସ୍କ ହେନ୍‌ରୀ ଭାରତୀୟ ତାରକା ଫାଷ୍ଟବୋଲର ଯଶପ୍ରୀତ ବୁମ୍‌ରାଙ୍କ ସହ ଯୁଗ୍ମ ଶୀର୍ଷ ସ୍ଥାନରେ ରହିଛି। ଉଭୟ ବୁମ୍‌ରା ଓ ହେନ୍‌ରୀ ସମାନ ୮୭୦ ପଏଣ୍ଟ ପାଇଛନ୍ତି। ବିଶ୍ୱର ୧ନଂ ଟେଷ୍ଟ ବୋଲର ହେବାରେ ମ୍ୟାଟ୍ ହେନ୍‌ରୀ ନ୍ୟୁଜିଲାଣ୍ଡର ତୃତୀୟ ବୋଲର। ୧୯୪୭ରେ ନ୍ୟୁଜିଲାଣ୍ଡର ଜ୍ୟାକ୍ କୋୱି ଓ ୧୯୮୪ରୁ ୧୯୯୦ ମଧ୍ୟରେ ରିଚାର୍ଡ ହାଡ୍‌ଲି ବିଶ୍ୱର ୧ନଂ ଟେଷ୍ଟ ବୋଲର ହୋଇଥିଲେ।

■ ମହିଳା ଟି-୨୦ ବିଶ୍ୱକପ୍

## ଭାରତ-ବାଂଲାଦେଶ ଲଢ଼େଇ ଆଜି

ମାଞ୍ଚେଷ୍ଟର,୨୪।୬(ଏଜେନ୍ସି): ଭାରତ ଓ ବାଂଲାଦେଶ ମଧ୍ୟରେ ଏଠାରେ ଚାଲିଥିବା ମହିଳା ଟି-୨୦ ବିଶ୍ୱକପ୍ କ୍ରିକେଟ ପ୍ରତିଯୋଗିତାର ଏକ ଗୁରୁତ୍ୱପୂର୍ଣ୍ଣ ମୁକାବିଲା ଆସନ୍ତାକାଲି ଖେଳାଯିବ। ଉଭୟ ଦେଶ ୪ ପଏଣ୍ଟ ଲେଖାଏଁ ସଂଗ୍ରହ କରିଥିଲାବେଳେ ଏହି ମ୍ୟାଚ୍‌ରେ ପରାଜିତ ଦଳ ସେମିଫାଇନାଲ ଦୌଡ଼ରୁ ବାଦ୍ ପଡ଼ିବ। ଆଜି ଅଷ୍ଟ୍ରେଲିଆ ଦଳ କ୍ରମାଗତ ଚତୁର୍ଥ ବିଜୟ ପରେ ସେମିଫାଇନାଲ ଖେଳିବା ସ୍ପଷ୍ଟ କରିଛି। ଭାରତ ବାଂଲାଦେଶକୁ ହରାଇଲେ ମଧ୍ୟ ସେମିଫାଇନାଲ ଖେଳିବାକୁ ହେଲେ ରବିବାର ଖେଳାଯିବାକୁ ଥିବା ଶେଷ ଲିଗ୍ ମ୍ୟାଚ୍‌ରେ ଅଷ୍ଟ୍ରେଲିଆକୁ ହରାଇବାକୁ ପଡ଼ିବ। ଏଣୁ ଆସନ୍ତାକାଲି ମ୍ୟାଚ୍‌ରେ ଭାରତ ତାହାର ଫର୍ମ ପ୍ରଦର୍ଶନ କରିବାକୁ ହେବ।

● ଇଂଲଣ୍ଡ ଗସ୍ତ ଲାଗି ଭାରତୀୟ

## କନିଷ୍ଠ ମହିଳା ହକି ଦଳ ଘୋଷିତ

ନୂଆଦିଲ୍ଲୀ,୨୪।୬(ଏଜେନ୍ସି): ଭାରତର ୨୪ ଜଣିଆ କନିଷ୍ଠ ମହିଳା ହକି ଦଳ ଗ୍ରେଟବ୍ରିଟେନ୍ ଗସ୍ତରେ ଯିବ। ଏହି ଗସ୍ତ ଲାଗି ସେଇଲିମା ଚାନୁଙ୍କ ନେତୃତ୍ୱରେ ଘୋଷିତ ଦଳରେ ଓଡ଼ିଶାରୁ ଗୋଲରକ୍ଷକ ଏଞ୍ଜିଲ ହର୍ଷାରାଣୀ ମିଞ୍ଜ୍, ଡିଫେଣ୍ଡର ପୂଜା ସାହୁ, ମିଡ୍‌ଫିଲ୍ଡର ତନୁଜା ଟପ୍ପୋ ଓ ସୁପ୍ରିୟା କୁଜୁରଙ୍କୁ ସ୍ଥାନ ମିଳିଛି। ଜୁଲାଇ ୫ରୁ ୧୪ ତାରିଖଯାଏ ହେବାକୁ ଥିବା ଏହି ଗସ୍ତରେ ସ୍କଟଲାଣ୍ଡ ଓ ଇଂଲଣ୍ଡ ସହ ଭାରତ ଖେଳିବ। ଏସିଆ କପ୍ ପୂର୍ବରୁ ଏହା ଦଳର ଭଲ ପ୍ରସ୍ତୁତି ହେବ ବୋଲି ନୂଆ ହେଡ୍ କୋଚ୍ ଟିମ୍ ହ୍ୱାଇଟ୍ କହିଛନ୍ତି।

PRINTED & PUBLISHED BY AMIT KUMAR MALLICK FOR 'THE SAKALA' A UNIT OF NANDIGHOSHA NETWORK PRIVATE LIMITED IN ITS PRESS AT IDCO PLOT NO.90 & 91, BHAGABANPUR INDUSTRIAL ESTATE, BHUBANESWAR-751019, DIST: KHORDHA, ODISHA
କାର୍ଯ୍ୟନିର୍ବାହୀ ସମ୍ପାଦକ : ସମରେନ୍ଦୁ ଦାସ
EXECUTIVE EDITOR: SAMARENDU DAS